

রাজ্‌ଙ্ক ସହ ସାମନ୍ଥାଙ୍କ ଫଟୋ ଭାଇରାଲ

▶ପୃଷ୍ଠା ୧୦ ଦେଖନ୍ତୁ...

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-321 ◆BHUBANESWAR ◆TUESDAY ◆20 MAY 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୨ ◆ସଂଖ୍ୟା-୩୨୧ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୦ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଏସିଆରେ ଦ୍ରୁତଗତିରେ ବ୍ୟାପୁଛି କରୋନାର ଜେଏନ୧ ପ୍ରଜାତି | ସିଙ୍ଗାପୁରରୁ ୧୪ ହଜାର ନୂଆ ରୋଗୀ ଚିହ୍ନଟ

■ **ସିଙ୍ଗାପୁର, ୧୯।୫ (ଏଜେନ୍ସି):** କରୋନା ଭୂତାଣୁ ପୁଣି କାୟା ବିସ୍ତାର କରିବାରେ ଲାଗିଛି। ଏସିଆର ଅନେକ ଦେଶରେ ଏହି ସଂକ୍ରମଣ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ସିଙ୍ଗାପୁର, ହଂକଂ, ଚୀନ୍ ଏବଂ ଥାଇଲାଣ୍ଡ ଭଳି ଦେଶରେ ଏହା ମୁଣ୍ଡବିନ୍ଧା ସୃଷ୍ଟି କରିଛି। ଏବେ ଓମିକ୍ରନର ନୂଆ ପ୍ରଜାତି ଜେଏନ୍୧ ଏବଂ ଏହାର ଉପ-ପ୍ରଜାତି ଏଲଏଫ୭, ଏନବି୧.୮ ଯୋଗୁଁ ସଂକ୍ରମଣ ବୃଦ୍ଧି ପାଉଥିବା କୁହାଯାଉଛି। ଏହି ଭୂତାଣୁ ସିଙ୍ଗାପୁରରେ ଅଣାୟତ ସ୍ଥିତି ସୃଷ୍ଟି କରିଛି। କେବଳ ମେ' ମାସ ପ୍ରାରମ୍ଭରେ ୧୪ ହଜାରରୁ ଅଧିକ ମାମଲା ସାମ୍ନାକୁ ଆସିଛି।



ଏପ୍ରିଲ ଶେଷରେ ଏହି ସଂଖ୍ୟା ୧୧,୧୦୦ ଥିଲା। ଏବେ ମାମଲା ୨୮ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ହସ୍ପିଟାଲରେ ଭର୍ତ୍ତି ହେବା ସଂଖ୍ୟା ୩୦ ପ୍ରତିଶତ ବୃଦ୍ଧି ପାଇଛି। କିନ୍ତୁ ଆଇସିୟୁ ରୋଗୀସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ତେବେ ଏହି ପ୍ରଜାତି ପୂର୍ବାପେକ୍ଷା ଅଧିକ ବିପଜ୍ଜନକ ବୋଲି ଏ ପର୍ଯ୍ୟନ୍ତ କୌଣସି ପ୍ରମାଣ ନାହିଁ। କିନ୍ତୁ ଏହି ଲହରରେ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଥିବା ଲୋକ ବେଶୀ ଆକ୍ରାନ୍ତ ହେଉଛନ୍ତି ବୋଲି ଅଧିକାରୀ କହିଛନ୍ତି। ସିଙ୍ଗାପୁରକୁ ଦେଖି ଚୀନ୍ ଏବଂ ଥାଇଲାଣ୍ଡ ସତର୍କ ହୋଇଯାଇଛନ୍ତି। ଚୀନ୍‌ରେ ରୋଗୀସଂଖ୍ୟା ଦ୍ୱିଗୁଣିତ ହୋଇଯାଇଛି। ଲୋକଙ୍କୁ ବୁଷ୍ଟର ଡୋଜ ନେବାକୁ ପରାମର୍ଶ ଦିଆଯାଇଛି। କରୋନା ଲହର ଦ୍ରୁତଗତିରେ ବ୍ୟାପିପାରେ ବୋଲି ଚୀନ୍ ପକ୍ଷରୁ କୁହାଯାଇଛି। ଥାଇଲାଣ୍ଡରେ ଦୁଇଟି ଅଲଗା ଅଲଗା ପ୍ରଜାତିର ମାମଲା ବୃଦ୍ଧି ପାଉଛି। ଭାରତରେ ୧୬୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ୬୨୦୦ କୋଟିର ଠକେଇ | ଇଡି ପଞ୍ଝାରେ ୟୁକୋ ବ୍ୟାଙ୍କ ପୂର୍ବତନ ଅଧ୍ୟକ୍ଷ

■ **ନୂଆଦିଲ୍ଲୀ,୧୯।୫(ଏଜେନ୍ସି):** ୟୁକୋ ବ୍ୟାଙ୍କର ପୂର୍ବତନ ସିଏମ୍‌ଡି ସୁବୋଧ କୁମାର ଗୋଏଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି। କୋଲକାତାର ଏକ କମ୍ପାନୀ ସହିତ ଜଡିତ ୬୨୦୦ କୋଟିରୁ ଅଧିକ ଟଙ୍କାର ଏକ ବ୍ୟାଙ୍କ ଋଣ ଠକେଇ ମାମଲାରେ ମନି ଲଣ୍ଡରିଂ ଅଭିଯୋଗରେ ତାଙ୍କ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କନକାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ସିଏସ୍‌ପିଏଲ୍) ଏବଂ ଅନ୍ୟମାନଙ୍କ ବିରୁଦ୍ଧରେ ତଦନ୍ତ ସହ ଜଡିତ ଗୋୟଲଙ୍କୁ ମେ ୧୬ରେ ତାଙ୍କ ବାସଭବନରୁ ଗିରଫ କରାଯାଇଥିଲା। ତାଙ୍କୁ ଚଳିତମାସ ୧୭ରେ କଲକାତାର ଏକ ସ୍ୱତନ୍ତ୍ର ମନି



ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) କୋର୍ଟରେ ହାଜର କରାଯାଇଥିଲା। ଏହାପରେ ତାଙ୍କୁ ମେ' ୨୧ ପର୍ଯ୍ୟନ୍ତ ଇଡି ହେପାଜତକୁ ପଠାଇ ଦେଇଥିବା ଇଡି ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି। ଏହି ତଦନ୍ତର ଅଂଶ ସ୍ୱରୂପ, ଇଡି ଏପ୍ରିଲ ମାସରେ ଗୋଏଲ ଏବଂ ଅନ୍ୟ କିଛି ଲୋକଙ୍କ ଘର ଉପରେ ଚଢାଉ କରିଥିଲା। ସିଏସ୍‌ପିଏଲ୍‌କୁ ଋଣ ସୁବିଧା ମଞ୍ଜୁର କରିବା ଏବଂ ପରବର୍ତ୍ତୀ ସମୟରେ ୬୨୧୦.୭୨ କୋଟି ଟଙ୍କା (ସୁଧ ବିନା ମୂଳ ପରିମାଣ) ଋଣର ବଡ଼ ଧରଣର ଅର୍ଥ ହେରାଫେରୁ ସିବିଆଇ ଏଥିରେ ମନି ଲଣ୍ଡରିଂ ହୋଇଥିବା ଜଣିବାକୁ ପାଇଥିଲା। ଇଡି ଦାବି କରିଛି ଯେ ୟୁକୋ ବ୍ୟାଙ୍କର ସିଏମଡି ଭାବରେ ଗୋୟଲଙ୍କ କାର୍ଯ୍ୟକାଳ ସମୟରେ, ସିଏସପିଏଲକୁ ବିପୁଳ ଋଣ ସୁବିଧା ମଞ୍ଜୁର କରାଯାଇଥିଲା।

# କେନ୍ଦ୍ରୀୟ ଅନୁଦାନ କମିଲା ୧୮ %

## ରାଜ୍ୟର ନିଜସ୍ୱ ଟିକସ, ଅଣଟିକସ ଆଦାୟ ନୈରାଶ୍ୟଜନକ

■ **ଭୁବନେଶ୍ୱର,୧୯।୫(ସମିସ):** ତିନି ସପ୍ତାହ ପରେ କ୍ଷମତା ଦଖଲର ବର୍ଷପୂର୍ତ୍ତି ପାଳନ କରିବ ଡ଼ବଲ ଇଞ୍ଜିନ୍ ସରକାର। ଏହାକୁ ସ୍ମରଣୀୟ କରିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି । ଏହି ସମୟରେ ରାଜ୍ୟରେ ଆର୍ଥିକ ପରିଚାଳନା, କେନ୍ଦ୍ରୀୟ ଅନୁଦାନ ସର୍ବୋପରି ଟିକସ ସଂଗ୍ରହକୁ ନେଇ ଯେଉଁ ଚିତ୍ର ଆସିଛି, ତାହା ଅର୍ଥନୈତିକ ବିଶେଷଜ୍ଞଙ୍କ ନିଦ ହଜାଇ ଦେଇଛି। ମାତ୍ର ବର୍ଷଟିଏ ମଧ୍ୟରେ ରାଜ୍ୟର ବିତ୍ତୀୟ ପରିଚାଳନା ଲଗାମହୀନ ହୋଇ ପଡ଼ିଛି। ନିଜସ୍ୱ ରାଜ୍ୟ, ଅଣ ରାଜସ୍ୱ, କେନ୍ଦ୍ରୀୟ ଅନୁଦାନ ସବୁ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଆୟ କମିଛି। ଏପରିକି ରାଜ୍ୟ ସରକାର କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ କରିବାରେ ଅସମର୍ଥ ହେବାରୁ କେନ୍ଦ୍ର ସରକାର ଅନୁଦାନ ହ୍ରାସ କରିଥିବା ମଧ୍ୟ କୁହାଯାଉଛି। ବିଡ଼ମ୍ବନା ହେଉଛି ୨୦୨୩-୨୪ ଆର୍ଥିକ ବର୍ଷର ଅନ୍ତିମ ମାସ ଅର୍ଥାତ୍ ମାର୍ଚ୍ଚ ୨୦୨୪ରେ ରାଜ୍ୟ ସରକାର କେନ୍ଦ୍ରଠାରୁ ଯେତିକି ଅନୁଦାନ ପାଇଥିଲେ, ୨୦୨୪-୨୫ ଆର୍ଥିକ ବର୍ଷର ଅନ୍ତିମ ମାସ ଅର୍ଥାତ୍ ମାର୍ଚ୍ଚ ୨୦୨୫ରେ ପୂର୍ବବର୍ଷଠାରୁ କମ୍ ଅନୁଦାନ ପାଇଛନ୍ତି। ଅନ୍ୟପକ୍ଷରେ ଋଣ ବାବଦରେ କେନ୍ଦ୍ର ସରକାରଙ୍କଠାରୁ ଅଧିକ ଅର୍ଥ ଆହରଣ କରିଛନ୍ତି। ବିତ୍ତୀୟ ପରିଚାଳନାରେ ଏପରି ବିଲକ୍ଷଣ ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟକୁ ରୁଗ୍‌ଣ କରିଥିଲେ ହେଁ ସରକାର ଏହାକୁ ନଜରଅନ୍ଦାଜ କରି ଚାଲିଛନ୍ତି।

### ଉତ୍ସବମନସ୍କ ସରକାର; ଆର୍ଥିକ ସ୍ୱାସ୍ଥ୍ୟକୁ ନିଘା ନାହିଁ

### ଅର୍ଥନୀତି ବିଶେଷଜ୍ଞଙ୍କ ମତ, ବର୍ଷ ପୂରାଣିରେ ସରକାର କରନ୍ତୁ ଆତ୍ମସମୀକ୍ଷା



ସୂଚନା ଅନୁଯାୟୀ ୨୦୨୩-୨୪ ଆର୍ଥିକ ବର୍ଷ ଅର୍ଥାତ୍ ବିଜେଡି ଶାସନର ଶେଷ ସମୟରେ କେନ୍ଦ୍ରୀୟ ଅନୁଦାନ ବାବଦରେ ଓଡ଼ିଶା ପାଇଥିଲା ୨୧୦୧୧ କୋଟି ଟଙ୍କା। ଯାହା ପୂର୍ବବର୍ଷର ୨୦୨୨-୨୩ର ଅନୁଦାନ ତୁଳନାରେ ୧୫.୪୫ ପ୍ରତିଶତ ଅଧିକ ରହିଥିଲା। ମାତ୍ର ୨୦୨୪ରେ ରାଜ୍ୟରେ ବିଜେପିର ଡ଼ବଲ ଇଞ୍ଜିନ୍ ସରକାର ଓଡ଼ିଶାରେ କ୍ଷମତାସୀନ ହେବା ପରେ କେନ୍ଦ୍ରୀୟ ଅନୁଦାନ ଦ୍ୱିଗୁଣିତ ହେବା ଆଶା କରାଯାଉଥିଲା। ମାତ୍ର ବିଡ଼ମ୍ବନା ହେଉଛି ଡ଼ବଲ ଇଞ୍ଜିନ୍ ସରକାର କେନ୍ଦ୍ରରୁ ଅଧିକ ଋଣ ଆଣିବାରେ ତ ସଫଳ ହେଲା, ମାତ୍ର ଅଧିକ ଅନୁଦାନ ଆଣିବାରେ ସଫଳ ହୋଇ ପାରିଲା ନାହିଁ । ୨୦୨୪-୨୫ ଅର୍ଥାତ୍ ବିଜେପି ଶାସନର ପ୍ରଥମ ବର୍ଷରେ ଓଡ଼ିଶାକୁ ମାତ୍ର ୧୭୧୮୯ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ମିଳିଛି। ଯାହା ବିଜେଡିର ଶେଷ ବର୍ଷର ଶାସନ ସମୟରେ ମିଳିଥିବା କେନ୍ଦ୍ରୀୟ ଅନୁଦାନରୁ ୧୮.୧୯ ପ୍ରତିଶତ କମ୍ ।

ତେବେ ଅନୁଦାନ ହ୍ରାସକୁ ନେଇ ଅର୍ଥନୈତିକ ବିଶେଷଜ୍ଞମାନେ ଯେଉଁ କାରଣଟି ଦର୍ଶାଇଛନ୍ତି ତାହା ଅତ୍ୟନ୍ତ ସାଂଘାତିକ। କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ କରିବାରେ ରାଜ୍ୟ ସରକାରଙ୍କ ବିଫଳତା ଯୋଗୁଁ ଓଡ଼ିଶାକୁ ଅନୁଦାନ ହ୍ରାସ ପାଇଥିବା କୁହାଯାଉଛି। ସାଧାରଣତଃ କେନ୍ଦ୍ର ସରକାର ବିଭିନ୍ନ ▶ପୃଷ୍ଠା-୭

## ଭାରତ ଧର୍ମଶାଳା ନୁହେଁ: ସୁପ୍ରିମକୋର୍ଟ

■ **ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି):** ଭାରତ ଧର୍ମଶାଳା ନୁହେଁ। ସବୁଆଡୁ ଆସୁଥିବା ଶରଣାର୍ଥୀଙ୍କୁ ଦେଶରେ କାହିଁକି ଶରଣ ଦିଆଯିବ? ଆମେ ୧୪୦ କୋଟି ଲୋକଙ୍କ କଥା ବୁଝିବା ଲାଗି ସଂଘର୍ଷ କରୁଛୁ। ଚାରିଆଡୁ ଆସିଥିବା ଶରଣାର୍ଥୀଙ୍କୁ ଦେଶରେ ଶରଣ ଦେଇହେବ ନାହିଁ। ଦେଶାନ୍ତର ଉପରେ ରୋକ୍ ଲଗାଇବା ଲାଗି ଶ୍ରୀଲଙ୍କା ନାଗରିକ (ତାମିଲ)ଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ସୋମବାର ଏହି ଟିପ୍ପଣୀ ଦେଇଛନ୍ତି। ଶରଣ ଦେବା ପାଇଁ ସେ କରିଥିବା ଆବେଦନକୁ ଜଷ୍ଟିସ ଦୀପାଙ୍କର ଦତ୍ତା ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି।

### ସବୁଆଡୁ ଆସୁଥିବା ଶରଣାର୍ଥୀଙ୍କୁ ଦେଶରେ ଆଶ୍ରୟ ଦେଇହେବନି

### ଶ୍ରୀଲଙ୍କା ନାଗରିକଙ୍କ ଆବେଦନ ଖାରଜ କଲେ ଅଦାଲତ



ଏଲ୍‌ଟିଟିଇରେ ସାମିଲ ଥିବା ସନ୍ଦେହରେ ଏହି ଶ୍ରୀଲଙ୍କା ନାଗରିକଙ୍କୁ ୨୦୧୫ରେ ଗିରଫ କରାଯାଇଥିଲା। ୟୁଏପିଏ ମାମଲାରେ ୭ ବର୍ଷର ଦଣ୍ଡାଦେଶ ଭୋଗିସାରିବା ପରେ ତାଙ୍କୁ ତୁରନ୍ତ ଭାରତ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ବିରୋଧରେ ସେ ସୁପ୍ରିମକୋର୍ଟ ଯାଇଥିଲେ। ମାମଲାରେ ଦଖଲ ଦେବାକୁ ଅନୁରୋଧ କରିଥିଲେ। ସେ ଭିସା ନେଇ ପତ୍ନୀଙ୍କ ସହ ଭାରତ ଆସିଥିବା କହିଥିଲେ। କାରଣ ଶ୍ରୀଲଙ୍କାରେ ପତ୍ନୀଙ୍କ ଜୀବନ ପ୍ରତି ବିପଦ ଥିଲା ବୋଲି ସେ ଦର୍ଶାଇଥିଲେ। ଏବେ ପତ୍ନୀ ଏବଂ ପିଲାଛୁଆ ଭାରତରେ ରହୁଛନ୍ତି। କିନ୍ତୁ ତାଙ୍କୁ ▶ପୃଷ୍ଠା-୭

### କାଳ ହେଲା ଖେଳ

## କାର୍ ଭିତରେ ଶ୍ୱାସରୁଦ୍ଧ ହୋଇ ୪ ଶିଶୁ ମୃତ

■ **ମାଲକାନଗିରି, ୧୯।୫(ସମିସ):** ଖେଳ ଖେଳରେ କାର୍ ମଧ୍ୟରେ ପଶି ଡୋର୍ ଦେଇଦେଲେ। କିନ୍ତୁ ଏହି ଖେଳ ଯେ ସେମାନଙ୍କ ପାଇଁ କାଳ ପାଲଟିଯିବ, ଭାବି ନଥିଲେ। ଡୋର୍ ଖୋଲି ନ ପାରିବାରୁ କିଛି ସମୟ ମଧ୍ୟରେ ଜଣଙ୍କ ପରେ ଜଣେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଲେ। ପଡ଼ୋଶୀ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଜିଲ୍ଲା ଦ୍ୱାରପୁଡି ଗାଁରେ ଏପରି ଏକ ହୃଦୟବିଦାରକ ଘଟଣା ଘଟିଛି। ମୃତକମାନେ ହେଲେ, ବି. ଉଦୟ (୮), ସି. ଚାରୁମତି (୮), କରିସ୍ମା (୬) ଏବଂ ମନସ୍ୱିନୀ (୭)। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

ସୂଚନାନୁଯାୟୀ, ଏହି ୪ ଶିଶୁ ଆଜି ଘର ନିକଟରେ ଖେଳୁଥିଲେ। ସେଠାରେ ପାର୍କିଂ ହୋଇଥିବା ଏକ କାର୍‌ର ଡୋର୍ ଖୋଲାଥିବା ଦେଖି ତା' ଭିତରେ ପଶି ଯାଇଥିଲେ ଏବଂ ଡୋର୍‌ଟିକୁ ଭିତରୁ ବନ୍ଦ କରିଦେଇଥିଲେ। କାର୍‌ର ସବୁତକ ଡୋର୍ ବନ୍ଦ ହୋଇଯିବା ପରେ ଧୀରେଧୀରେ ଭିତରେ ଥିବା ଅମ୍ଳଜାନ ସରିଯାଇଥିଲା। ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧା ହେବାରୁ ସମସ୍ତେ ଛଟପଟ ହୋଇଥିଲେ ଏବଂ କାର୍ ଭିତରୁ ବାହାରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଡୋର୍ ଖୋଲିବା କୌଶଳ ସେମାନଙ୍କୁ ଜଣାନଥିଲା। ପାଖରେ ମଧ୍ୟ କେହି ନଥିବାରୁ ସେମାନଙ୍କୁ ଉଦ୍ଧାର କରାଯାଇପାରିନଥିଲା। ଫଳରେ କିଛି ସମୟ ମଧ୍ୟରେ ଜଣଙ୍କ ପରେ ଜଣେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିଲେ। ଅପରପକ୍ଷେ, ପରିବାରଲୋକ ବହୁ ଖୋଜାଖୋଜି କରି ସେମାନଙ୍କୁ କାର୍ ଭିତରୁ ନିଶ୍ଚଳ ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେତେବେଳକୁ ଆଉ ସେମାନଙ୍କ ଦେହରେ ଜୀବନ ନଥିଲା। ଡାକ୍ତର ସେଠାରେ ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏନେଇ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରାଖିଛି।

## ୨୮ ରେ ପ୍ରଧାନମନ୍ତ୍ରୀଙ୍କ ପୋଲାଭରମ୍ ବୈଠକ

### ଯୋଗଦେବେ ଓଡ଼ିଶା, ଆନ୍ଧ୍ର, ତେଲଙ୍ଗାନା, ଛତିଶଗଡ଼ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର,୧୯।୫(ସମିସ):** ପୋଲାଭରମ ପ୍ରକଳ୍ପରେ ଓଡ଼ିଶାର ସ୍ୱାର୍ଥ ଏବଂ ଦାବି ଦିନକୁ ଦିନ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଉଛି। ଓଡ଼ିଶାର ସବୁ ପ୍ରକାରର ବିରୋଧ, ଉଦ୍‌ବେଗ



ପ୍ରକଳ୍ପକୁ ଶୀଘ୍ର ସାରିବାକୁ ଆନ୍ଧ୍ରକୁ କେନ୍ଦ୍ର ସରକାର ସବୁ ପ୍ରକାର ସହାୟତା ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ଏହି ପ୍ରସଙ୍ଗରେ ରହସ୍ୟମୟ ନିରବତା ଅବଲମ୍ବନ କରିବା ରାଜ୍ୟବାସୀଙ୍କୁ ନିରାଶ କରିଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୮ ତାରିଖରେ ପ୍ରଧାନମନ୍ତ୍ରୀ ପୋଲାଭରମ୍ ପ୍ରକଳ୍ପ ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆହ୍ୱାନ କରିବା ଓଡ଼ିଶାବାସୀଙ୍କ ପାଇଁ ଆଶା ସଞ୍ଚାର କରିଛି। ଏହି ବୈଠକରେ ଓଡ଼ିଶା ସହ ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ ଓ ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ ଉପସ୍ଥିତି ରହିବେ। ପ୍ରକଳ୍ପ ସମ୍ପର୍କରେ ବୈଠକରେ ସବିଶେଷ ଆଲୋଚନା ହେବାକୁ ଥିବାବେଳେ ଓଡ଼ିଶା ସରକାର ମଧ୍ୟ ନିଜ ପକ୍ଷ ବୈଠକରେ ରଖିବେ ବୋଲି ସୂଚନା ମିଳିଛି।

## ବାଟବଣା ସ୍ୱାସ୍ଥ୍ୟସେବା | ଟ୍ୟୁମର୍ ରୋଗୀଙ୍କୁ ଗର୍ଭବତୀ ଚିକିତ୍ସା

■ **କୋରାପୁଟ, ୧୯।୫ (ସମିସ):** ପେଟରେ ବଢୁଛି ଟ୍ୟୁମର୍; କିନ୍ତୁ ତାଙ୍କୁ ଗର୍ଭବତୀ ଦର୍ଶାଇ ଚାଲିଛି ଚିକିତ୍ସା। ଦିନେ କି ଦୁଇ ଦିନ ନୁହେଁ, ମାସ ମାସ ଧରି ଦିଆଯାଉଛି ଆଇରନ୍, କ୍ୟାଲସିୟମ୍, ଭିଟାମିନ୍ ବଟିକା ସାଙ୍ଗକୁ ଟିକା। ଆଉ ଏପଟେ ପେଟରେ ବଢୁଥିବା ଟ୍ୟୁମର୍ ତା'ର କାୟା ବିସ୍ତାର କରିଚାଲିଛି। ଦିନକୁ ଦିନ ତାହା ଅଧିକରୁ ଅଧିକ ମାରାତ୍ମକ, ପ୍ରାଣଘାତୀ ହେବାରେ ଲାଗିଛି। ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଅଞ୍ଚଳରେ ଜଣେ ମହିଳାଙ୍କ ଜୀବନ ସହ ସ୍ୱାସ୍ଥ୍ୟ ବିଭାଗର ଏପରି ଖେଳ ଏବେ ତାଙ୍କ ପାଇଁ କାଳ ସାଜିଛି। ମହିଳାଜଣଙ୍କ ହେଲେ, ଖୁରାଗାଁ ଗ୍ରାମର କବିଚନ୍ଦ୍ର ଝୋଡ଼ିଆ ପରଜାଙ୍କ ସ୍ତ୍ରୀ ରୁନି ଝୋଡ଼ିଆ ପରଜା। ଏହି ଘଟଣା ପଦାକୁ ଆସିବା ପରେ ଏବେ ତାଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ଉଦ୍‌ବେଗଜନକ ରହିଛି। ଅପରପକ୍ଷେ, ଏହି ଘଟଣା ଯୋଗୁଁ ରୁନିଙ୍କ ପରିବାରଲୋକ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି।

ସୂଚନାନୁଯାୟୀ, ୬ ମାସ ତଳେ ରୁନିଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ସେ ସ୍ଥାନୀୟ ଆଶାଦିଦିଙ୍କ ସହ ଯୋଗାଯୋଗ କରିଥିଲେ। ଆଶାଦିଦି ତାଙ୍କୁ ପଚରାଉଚରା କରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ଗର୍ଭ

### ମାନସିକ ଯନ୍ତ୍ରଣାରେ ଦମ୍ପତି

ପରୀକ୍ଷା କିଟ୍ ସହାୟତାରେ ତାଙ୍କର ପରୀକ୍ଷା କରାଇଥିଲେ। ସେଥିରେ ରୁନି ଗର୍ଭବତୀ ଥିବା ଜଣାପଡ଼ିଥିଲା। ତେଣୁ ଗତ ୨୦୨୪ ଡିସେମ୍ବର ୨୭ ତାରିଖରେ ଆଶାଦିଦିଜଣଙ୍କ ରୁନିଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ତାଙ୍କ ନାମରେ ମମତା କାର୍ଡ, ସ୍ୱାସ୍ଥ୍ୟକାର୍ଡ କରାଇ ଦେଇଥିଲେ। ଏପରିକି, ଗର୍ଭବତୀଙ୍କୁ ଦିଆଯାଉଥିବା ଇଞ୍ଜେକସନ୍, ଟିକା ଓ ଅନ୍ୟାନ୍ୟ ଔଷଧ ଦେବାର ବ୍ୟବସ୍ଥା କରିଥିଲେ। ଏହା ପରଠାରୁ ତାଙ୍କୁ ଗର୍ଭବତୀ ମହିଳାଙ୍କ ଭଳି ନିୟମିତ ସମସ୍ତ ଚିକିତ୍ସା କରାଯାଉଥିଲା। ନିୟମିତ ବ୍ୟବଧାନରେ ଆଶା ଓ ଅଙ୍ଗନବାଡ଼ି ଦିଦିଙ୍କ ସହଯୋଗରେ ରୁନିଙ୍କୁ ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟକର୍ମୀ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବିଭିନ୍ନ ସହାୟତା ଯୋଗାଇ ଦେଉଥିଲେ। ତାଙ୍କୁ ଦିଆଯାଇଥିବା ଚିକିତ୍ସାର ବିସ୍ତୃତ ବିବରଣୀ ତାଙ୍କ ପାଖରେ ଥିବା କାର୍ଡରେ ମଧ୍ୟ ଉଲ୍ଲେଖ ରହିଛି। ଚଳିତ ବର୍ଷ ଜାନୁଆରୀ, ଫେବୃଆରୀ ଓ ମାର୍ଚ୍ଚରେ ମଧ୍ୟ ରୁନି ସ୍ୱାସ୍ଥ୍ୟକେନ୍ଦ୍ରରେ ଯାଇ ସ୍ୱାସ୍ଥ୍ୟ ଯାଞ୍ଚ କରିଥିବା ସେଥିରେ ଉଲ୍ଲେଖ ରହିଛି।

ତେବେ, ପରବର୍ତ୍ତୀ ସମୟରେ ରୁନିଙ୍କ ପେଟ ଯନ୍ତ୍ରଣା ସହ ଅନ୍ୟାନ୍ୟ ସମସ୍ୟା ବାହାରିଥିଲା। ଯନ୍ତ୍ରଣା ଅସହ୍ୟ ହେବାରୁ ଗତ ୩ ତାରିଖ ଦିନ ସେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଡାକ୍ତରଙ୍କୁ ଦେଖାଇଥିଲେ। ସେଠାରେ ସମସ୍ତ ପରୀକ୍ଷାନିରୀକ୍ଷା ପରେ ଜଣାଯାଇଥିଲା ଯେ ସେ ▶ପୃଷ୍ଠା-୭

### ୟୁଟ୍ୟୁବର୍ ଜ୍ୟୋତି ମାଲହୋତ୍ରାଙ୍କ ଓଡ଼ିଶା ଲିଙ୍କ୍

## ପ୍ରିୟଙ୍କାଙ୍କୁ ଜେରା କରିବ ଏନ୍‌ଆଇଏ

■ **ଭୁବନେଶ୍ୱର, ୧୯ ।୫ (ସମିସ):** ପାକିସ୍ତାନ ପାଇଁ ଗୁଇନ୍ଦାଗିରି ଅଭିଯୋଗରେ ଗିରଫ ହରିୟାଣା ହିସାର୍‌ର ୟୁଟ୍ୟୁବର୍ ଜ୍ୟୋତି ମଲହୋତ୍ରାଙ୍କ ଓଡ଼ିଶା ଲିଙ୍କ୍‌ର ଖୋଳତାଡ଼ ଆରମ୍ଭ କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)। ଜ୍ୟୋତିଙ୍କ ସହ ପୁରୀର ପ୍ରିୟଙ୍କା ସେନାପତିଙ୍କ ସଂପର୍କ ଥିବା ଓ ଉଭୟ ପାକିସ୍ତାନ କରତାରପୁର ଯାଇଥିବାରୁ ଏନ୍‌ଆଇଏ ପୁରୀ ଏବଂ ହରିୟାଣା ପୁଲିସ୍‌ଠାରୁ ଦୁହିଁଙ୍କ ବାବଦରେ ବିଭିନ୍ନ ତଥ୍ୟ ସଂଗ୍ରହ କରିଛି। ଅପରପକ୍ଷେ, ଏନ୍‌ଆଇଏର ଏକ ଟିମ୍ ଖବ୍‌ଶୀଘ୍ର ପ୍ରିୟଙ୍କାଙ୍କୁ ପଚରାଉଚରା କରିବ। ଆବଶ୍ୟକ ପଡ଼ିଲେ, ତାଙ୍କୁ ହେପାଜତକୁ ▶ପୃଷ୍ଠା-୭

### ପୁରୀ ପୁଲିସ୍‌ଠାରୁ ତଥ୍ୟ ନେଲା ଏନ୍‌ଆଇଏ



### ୯ ଜଣଙ୍କୁ 'ଅନ୍‌ଫଲୋ' କଲେ ପ୍ରିୟଙ୍କା

■ **ପୁରୀ,୧୯।୫(ସମିସ):** ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରି ଗିରଫ ହୋଇଥିବା ହରିଆଣାର ଜଣାଶୁଣା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ଓଡ଼ିଶା ଲିଙ୍କ୍‌ରେ ଆସିଛନ୍ତି ପୁରୀର ପ୍ରିୟଙ୍କା ସେନାପତି। ଜ୍ୟୋତିଙ୍କ ସହିତ ପ୍ରିୟଙ୍କାଙ୍କ ସମ୍ପର୍କକୁ ନେଇ ଦୁଇଦିନ ହେବ ଖୋଳତାଡ଼ ଚାଲିଛି। ଯଦିଓ ପ୍ରିୟଙ୍କାଙ୍କ ଭୂମିକା କ'ଣ ରହିଛି, ତାହା ସ୍ପଷ୍ଟ ହୋଇନାହିଁ କିନ୍ତୁ ଅଡୁଆ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷରେ ଦୁଇ ଦିନ ଭିତରେ ୯ ଜଣଙ୍କୁ ଅନ୍‌ଫଲୋ କରିସାରିଲେଣି ପ୍ରିୟଙ୍କା। ପୂର୍ବରୁ ତାଙ୍କ ଇନ୍‌ଷ୍ଟା ଆଇଡିରେ ୨୨୫ ଜଣଙ୍କୁ ଫଲୋ କରୁଥିଲେ। ହେଲେ ଦୁଇଦିନ ଧରି ଚର୍ଚ୍ଚାରେ ଥିବା ପ୍ରିୟଙ୍କାଙ୍କୁ ଫଲୋ ▶ପୃଷ୍ଠା-୭

## ଭଡ଼ାଘରେ ୬ ଦିନ ଯୁବତୀଙ୍କୁ ଗଣଦୁଷ୍କର୍ମ

■ **ବାଲିଗୁଡ଼ା, ୧୯।୫ (ସମିସ):** ଔଷଧ ପାଇଁ ବଜାରକୁ ଆସିଥିବା ବାପା-ମା' ଛେଉଣ୍ଡ ଜଣେ ଯୁବତୀଙ୍କୁ ସହାୟତା ଆଳରେ ଅପହରଣ କରିବା ଏବଂ ଏକ ଭଡ଼ାଘରେ ଅଟକ ରଖି ୬ ଦିନ ଧରି ଗଣଦୁଷ୍କର୍ମ କରିବା ଘଟଣା କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ପୁଲିସ୍ ଜଣେ ଅଟୋ ଚାଳକ ସମେତ ତା'ର ୨ ସହଯୋଗୀଙ୍କୁ ଆଜି ଗିରଫ କରିଛି। ତେବେ ତଦନ୍ତରେ ବାଧା ଉପୁଜିବା ଏବଂ ଟିଆଇ ପରେଡ୍ ହୋଇନଥିବାରୁ ଅଭିଯୁକ୍ତଙ୍କ ପରିଚୟ ଗଣମାଧ୍ୟମକୁ ଦେବାକୁ ମନା କରିଦେଇଛି। ଏହାସହ ଅଭିଯୁକ୍ତମାନଙ୍କଠାରୁ ଏକ ଅଟୋକୁ ପୁଲିସ୍ ଜବତ କରିଛି। ବାଲିଗୁଡ଼ା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଘରେ ଛାଡିଦେବେ କହି ଉଠାଇ ନେଇଥିଲେ ଅଟୋ ଚାଳକ

ଭଡ଼ା ଘରେ ରଖି ୨ ସାଙ୍ଗଙ୍କ ସହ ଗଣଦୁଷ୍କର୍ମ

ଅଟୋଚାଳକ ସମେତ ୩ ଗିରଫ; ହେବ ଟିଆଇ ପରେଡ୍



ସୂଚନାନୁଯାୟୀ, ଗତ ୧୧ ତାରିଖରେ ପୀଡ଼ିତା କିଛି ଔଷଧ କିଣିବାକୁ ମୁଖ୍ୟ ବଜାରକୁ ଆସିଥିଲେ। ବାଲିଗୁଡ଼ା ତ୍ରିଦେବୀ ପାର୍କ ନିକଟରେ ବସିଥିବା ସମୟରେ ଏକ ଅଟୋ ଆସି ତାଙ୍କ ପାଖରେ ଲାଗିଥିଲା। ଚାଳକ ତାଙ୍କୁ ତାଙ୍କ ଘରେ ଛାଡ଼ିଦେବାକୁ କହି ଅଟୋରେ ବସାଇ ନେଇଯାଇଥିଲା। କିନ୍ତୁ ତାଙ୍କୁ ତାଙ୍କ ଘରେ ଛାଡ଼ିବା ପରିବର୍ତ୍ତେ ଜୋର୍‌ଜବରଦସ୍ତ ବାଲିଗୁଡ଼ାସ୍ଥିତ ଏକ ଭଡ଼ା ଘରକୁ ନେଇ ବନ୍ଦୀ କରି ରଖିଥିଲା। ଅଟୋ ଚାଳକ ଓ ତା'ର ୨ ସହଯୋଗୀ ୬ଦିନ କାଳ ସେଠାରେ ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିଲେ।

ଅପରପକ୍ଷେ, ପୀଡ଼ିତାଙ୍କ ବାପା-ମା'ଙ୍କ ମୃତ୍ୟୁ ହୋଇଥିବା ବେଳେ ସେ ତାଙ୍କ ସମ୍ପର୍କୀୟଙ୍କ ପାଖରେ ରହୁଥିଲେ। ସେ ମଝିରେ ମଝିରେ ଗୀତ ଶିଖିବାକୁ ଆସି ବାଲିଗୁଡ଼ାରେ ଏପରି କିଛି ଦିନ ରହି ଫେରୁଥିବାରୁ ସମ୍ପର୍କୀୟ ଆଉ ଖୋଜଖବର କରିନଥିଲେ। ତେବେ ବାଲିଗୁଡ଼ା ପୁଲିସ କୌଣସି ସୂତ୍ରରୁ ଏହି ଖବର ପାଇବା ପରେ ସେହି ଭଡ଼ା ଘରେ ପହଞ୍ଚି ▶ପୃଷ୍ଠା-୭

# ଗୁଇନ୍ଦା ତାଲିକାରେ ଆଉ ଜଣେ ସୁନ୍ଦରୀ



ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ଯୁଦ୍ଧ ବେଳେ ମଧ୍ୟ ଭାରତ ସଂପର୍କରେ ପାକିସ୍ତାନକୁ ଗୁପ୍ତ ତଥ୍ୟ ଯୋଗାଉଥିଲେ ଜ୍ୟୋତି ମଲହୋତ୍ରା। ପାକିସ୍ତାନ ପାଇଁ ଗୁଇନ୍ଦାଗିରି ଅଭିଯୋଗରେ ଗିରଫ ହୋଇଥିବା ଜ୍ୟୋତି ସଂପର୍କରେ ହରିଆଣା ପୁଲିସ ଅନେକ ବିସ୍ଫୋରକ ତଥ୍ୟ ଦେଇଛି। ସେ କେବଳ ଯେ ପାକିସ୍ତାନ ଓ ଚୀନ ଯାଇ ତାଙ୍କ 'ଗୁଇନ୍ଦା' ବନ୍ଧୁତା ବଢ଼ାଇଥିଲେ ତାହା ନୁହେଁ, ଅର୍ଥ ଲୋଭରେ ଦେଶର ନିରାପତ୍ତାକୁ ବିପଦରେ ପକାଇବାକୁ ବି ସେ ଭୁଲୁନଥିଲେ। ପୁଲିସ ତଥ୍ୟ ଅନୁଯାୟୀ ପାକିସ୍ତାନ ବିରୋଧରେ ଭାରତର ଅପରେସନ ସିନ୍ଦୂର ପୂର୍ବଦିନ ଜ୍ୟୋତି ନୂଆଦିଲ୍ଲୀ ଯାଇ ପାକିସ୍ତାନର ହାଇକମିସନ କର୍ମଚାରୀଙ୍କ ସହିତ ସଂପର୍କ ସ୍ଥାପନ କରିଥିଲେ। ଭାରତ ପକ୍ଷରୁ ଅବାଞ୍ଛିତ ଘୋଷିତ ପାକ୍ ହାଇକମିସନ କର୍ମଚାରୀ ଦାନିସ ସହିତ କଥାବାର୍ତ୍ତା ହୋଇଥିଲେ ଜ୍ୟୋତି। ଅନେକ ଦିନ ଧରି ତାଙ୍କ ସଂପର୍କରେ ଥିଲେ ଜ୍ୟୋତି। ପାକ୍ ଡ୍ରୋନ ଆକ୍ରମଣ ଆଶଙ୍କାରେ ଯେତେବେଳେ ଅନେକ ଅଞ୍ଚଳକୁ ଅନ୍ଧାର କରାଯାଉଥିଲା, ସେତେବେଳେ ମଧ୍ୟ ସେ କିଛି ତଥ୍ୟ ପାକିସ୍ତାନକୁ ଦେଇଛନ୍ତି। କେବଳ ଜ୍ୟୋତି ନୁହନ୍ତି, ସମାନ ଅଭିଯୋଗରେ ଧରାପଡ଼ିଥିବା ଅନ୍ୟ ୪ ଜଣ ମଧ୍ୟ ପାକିସ୍ତାନକୁ ଗୁଇନ୍ଦା ତଥ୍ୟ ଯୋଗାଉଥିଲେ।

ହରିଆଣା ପୁଲିସର ଜଣେ ଅଧିକାରୀ କହିଛନ୍ତି ଯେ ଯୁଦ୍ଧ ସମୟରେ ନିଜ ପାଇଁ ପ୍ରଚାର ଲାଗି ପାକିସ୍ତାନ ଜ୍ୟୋତିଙ୍କୁ ନିୟୋଜିତ କରିଥିଲେ। ସେ ତାଙ୍କର ୟୁଟ୍ୟୁବ୍ ଚାନେଲ ମାଧ୍ୟମରେ ପାକିସ୍ତାନର ଭାବମୂର୍ତ୍ତିକୁ ସ୍ୱଚ୍ଛ ଦେଖାଇବା ଲାଗି ଉଦ୍ୟମ କରିଥିଲେ। ଏଥିପାଇଁ ପାକିସ୍ତାନ ତାଙ୍କୁ ବିପୁଳ ଅର୍ଥ ଦେଇଛି। ଜ୍ୟୋତିଙ୍କର ଯାହା ଆୟ ଥିଲା, ତା ଠାରୁ ଅଧିକ ଖର୍ଚ୍ଚ କରୁଥିଲେ। ଏପରିକି ତାଙ୍କର ବିଦେଶ ଗସ୍ତ ଖର୍ଚ୍ଚ ମଧ୍ୟ ଅନ୍ୟମାନେ ଉଠାଇଛନ୍ତି। ସେ ରାଜକୀୟ ଜୀବନ ବିତାଉଥିଲେ। ପାକିସ୍ତାନ ଓ ଚୀନ ଗସ୍ତ ବେଳେ ବେଳେ ସେ ନାମୀଦାମୀ ହୋଟେଲରେ ରହିବା ସହିତ ବିଳାଶପୂର୍ଣ୍ଣ କାରରେ ଯାତ୍ରା କରୁଥିଲେ। ତାଙ୍କର ବ୍ୟାଙ୍କ ଖାତା ଯାଞ୍ଚ ବେଳେ ଏଭଳି ଅନେକ ତଥ୍ୟ ପୁଲିସ ହାତରେ ଲାଗିଛି। ଏତେ ଅର୍ଥ ତାଙ୍କୁ କିଏ ଦେଉଥିଲା ଏବଂ ତାଙ୍କର ବିଦେଶ ଗସ୍ତ ଖର୍ଚ୍ଚ କିଏ ବହନ କରୁଥିଲା ? ଏ ସମ୍ପର୍କରେ ଜ୍ୟୋତିଙ୍କୁ

**■ ଅର୍ଥ ଲୋଭରେ ପାକିସ୍ତାନୀ ଜାଲରେ ଫସୁଥିଲେ**

**■ ବ୍ଲାକ୍‌ଆଉଟ୍ ବେଳେ ବି ପାକିସ୍ତାନକୁ ସୂଚନା ଦେଉଥିଲେ ୟୁଟ୍ୟୁବର ଜ୍ୟୋତି**

**■ ବିଦେଶ ଗସ୍ତ ଖର୍ଚ୍ଚ ବହନ କରୁଥିଲା କିଏ ?**

ପଚରାଉଚରା କରଯାଉଛି। ସେ ୮ଟି ଦେଶ ଗସ୍ତ କରିଥିବା ଜଣାପଡ଼ିଛି। ଗତ କିଛି ମାସ ଧରି ତାଙ୍କର ଗତିବିଧି ଉପରେ ନଜର ରଖାଯାଇଥିଲା। ତାଙ୍କ ସହିତ ବାନ୍ଧବୀ ଓଡ଼ିଶାର ପ୍ରିୟଙ୍କା ମଧ୍ୟ କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥାର ନଜରରେ ରହିଆସିଛନ୍ତି।

ଇତିମଧ୍ୟରେ ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ଅଭିଯୋଗରେ ବିଭିନ୍ନ ରାଜ୍ୟରୁ ୧୧ ଜଣଙ୍କୁ ଗିରଫ କରାଗଲାଣି। ସେମାନଙ୍କ ମଧ୍ୟରେ ଅଛନ୍ତି ୟୁଟ୍ୟୁବର, ଛାତ୍ର, ସିକ୍ୟୁରିଟି ଗାର୍ଡ, ସାଧାରଣ ବ୍ୟକ୍ତି ଓ ସଫ୍ଟୱେୟର ଇଞ୍ଜିନିୟର। ସେମାନଙ୍କର ଘର ହେଉଛି ପଞ୍ଜାବ, ହରିଆଣା ଓ ଉତ୍ତର ପ୍ରଦେଶରେ। ସେମାନଙ୍କର ବୟସ ୨୦ରୁ ୩୦ ମଧ୍ୟରେ ହେବ। ଅର୍ଥଲୋଭ, ପାକିସ୍ତାନକୁ ମାଗଣା ଗସ୍ତ ଓ ଅନ୍ୟ ମିଛ ପ୍ରତିଶ୍ରୁତି ଦେଇ ସାମାଜିକ ଗଣମାଧ୍ୟମ ଜରିଆରେ ପାକିସ୍ତାନ ସେମାନଙ୍କୁ ପ୍ରଭାବିତ କରୁଥିଲା। ଏହି ନେଟୱର୍କରେ ଅଛନ୍ତି ଆଉ ଜଣେ ମହିଳା। ସେ ହେଉଛନ୍ତି ପଞ୍ଜାବର ୩୨ ବର୍ଷୀୟ ଗଜାଲା। ଅର୍ଥ ବଦଳରେ ସେ ପାକିସ୍ତାନୀ ଏଜେଣ୍ଟଙ୍କୁ ସୂଚନା ଯୋଗାଉଥିଲେ। ଅର୍ଥ କାରବାର ଏବଂ ଭିସା କାରବାର ନେଇ ପାକିସ୍ତାନ ହାଇକମିସନର ବିତାଡ଼ିତ କର୍ମଚାରୀ ଦାନିସ ସହିତ ସଂପର୍କରେ ଥିଲେ। ଗଜାଲା ଓ ଅନ୍ୟ ଗୁପ୍ତଚର ଭିସା ପାଇଁ ଦାନିସ ସହିତ କଥାବାର୍ତ୍ତା କରୁଥିଲେ। ଅନଲାଇନରେ ଦାନିସ ସେମାନଙ୍କୁ ଟଙ୍କା ପଠାଉଥିଲା।


ଏହି ଗୁପ୍ତଚର ତାଲିକାରେ ଯୋଡ଼ି ହୋଇଛନ୍ତି ପଞ୍ଜାବର ଜଣେ ଛାତ୍ର। ସେ ହେଲେ ଦେବେନ୍ଦର ସିଂହ। ପଟିଆଲା ଖାଲସା କଲେଜ ଛାତ୍ର ଦେବେନ୍ଦରଙ୍କୁ ହରିଆଣାରୁ ଗିରଫ କରାଯାଇଛି। ସେ ଭାରତୀୟ ସେନା ସଂପର୍କରେ ଅନେକ ସମ୍ବେଦନଶୀଳ ତଥ୍ୟ ପାକିସ୍ତାନକୁ ଯୋଗାଉଥିବା ଅଭିଯୋଗ ହୋଇଛି। ପଟିଆଲା ମିଲିଟାରି କ୍ୟାଣ୍ଟନମେଣ୍ଟର ଚିତ୍ର ଉତ୍ତୋଳନ କରି ସେ ପାକିସ୍ତାନକୁ ପଠାଇଥିବା କୁହାଯାଉଛି। ଗତ ନଭେମ୍ବରରେ ସେ ପାକିସ୍ତାନ ଗସ୍ତରେ ଯାଇଥିବା ଜଣାପଡ଼ିଛି।

**■ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

## ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କୁ ସମାନ ପେନ୍‌ସନ୍ ଦିଅ

ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ହାଇକୋର୍ଟର ସମସ୍ତ ଅବସରପ୍ରାପ୍ତ ବିଚାରପତିଙ୍କୁ ସମ୍ପୂର୍ଣ୍ଣ ଏବଂ ସମାନ ପେନ୍‌ସନ ଦେବାକୁ ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବିଚାରପତିଙ୍କ ନିଯୁକ୍ତି ତାରିଖ, ଜିଲ୍ଲା କୋର୍ଟ ହେଉ କି ବାର୍‌ରୁ ପଦୋନ୍ନତି ପାଇଥିଲେ କିମ୍ବା ସ୍ଥାୟୀ ଏବଂ ଅସ୍ଥାୟୀ ବିଚାରପତି ହୋଇଥିଲେ ମଧ୍ୟ କୌଣସି ଭେଦଭାବ କରାଯିବ ନାହିଁ। ସେହିପରି ସମସ୍ତ ଜିଲ୍ଲା ଜଜ୍‌ଙ୍କ ସହିତ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି)ର ବିଚାରପତିଙ୍କୁ ଅବସରପରେ ସମାନ ସୁବିଧାସୁଯୋଗ ପ୍ରଦାନ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ୱାନ ର୍ୟାଙ୍କ, ୱାନ ପେନ୍‌ସନ (ଓଆରଓପି) ନୀତିକୁ ସମର୍ଥନ ଦେଇ ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି ବିଆର ଗଭାଇ କହିଛନ୍ତି ଯେ ନ୍ୟାୟିକ ସ୍ୱାଧୀନତାର ସୁରକ୍ଷା ପାଇଁ ଦରମା, ଅବସର ପରବର୍ତ୍ତୀ ସୁବିଧାସୁଯୋଗ ସମାନ ହେବା ଜରୁରୀ। ନ୍ୟାୟିକ କାର୍ଯ୍ୟାଳୟର ଗରିମା ରକ୍ଷା ପାଇଁ ମଧ୍ୟ ଏହା ଆବଶ୍ୟକ। ଗ୍ରାଚୁଇଟି, ପାରିବାରିକ, ବିଧବା କିମ୍ବା ଅନ୍ୟ ନିର୍ଭରଶୀଳଙ୍କୁ ମିଳୁଥିବା ଭତ୍ତା ମଧ୍ୟ ସମସ୍ତଙ୍କ ପାଇଁ ସମାନ ରହିବ। ଏ ସବୁ ସୁବିଧା ପ୍ରଦାନରେ ଭେଦଭାବ କରାଗଲେ ଧାରା ୧୪ର ଉଲ୍ଲଙ୍ଘନ ହେବ। ହାଇକୋର୍ଟ ଅବସରପ୍ରାପ୍ତ ମୁଖ୍ୟ ବିଚାରପତିଙ୍କୁ ବର୍ଷକୁ ୧୫ ଲକ୍ଷ ଏବଂ ବିଚାରପତିଙ୍କୁ ୧୩.୫ ଲକ୍ଷ ଟଙ୍କା ଦେବାକୁ ପ୍ରଧାନ ବିଚାରପତି ବିଆର ଗଭାଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ପାକିସ୍ତାନ ଟାର୍ଗେଟ୍‌ରେ ଥିଲା ସ୍ୱର୍ଣ୍ଣ ମନ୍ଦିର



ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ଅପରେସନ ସିନ୍ଦୂର ପରେ ପାକିସ୍ତାନ ଭାରତର ବିଭିନ୍ନ ଧାର୍ମିକ ସ୍ଥଳ ଏବଂ ସେନା ଘାଟୀକୁ ନିଶାଣ କରି କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ କରିଥିଲା। ଏହି ଧାର୍ମିକ ସ୍ଥଳ ମଧ୍ୟରେ ସ୍ୱର୍ଣ୍ଣ ମନ୍ଦିର ସାମିଲ ଥିଲା। ତେବେ ସ୍ୱର୍ଣ୍ଣ ମନ୍ଦିର ଅଭିମୁଖେ ଆସିଥିବା ସମସ୍ତ ଡ୍ରୋନ ଏବଂ କ୍ଷେପଣାସ୍ତ୍ରକୁ ଭାରତର ଏୟାର ଡିଫେନ୍ସ ସିଷ୍ଟମ ବିଫଳ କରିଦେଇଥିଲା। ୧୫ତମ ଇନଫ୍ୟାଣ୍ଟ୍ରି ଡିଭିଜନର ଜେନେରାଲ ଅଫିସର କମାଣ୍ଡିଂ (ଜିଓସି) ମେଜର ଜେନେରାଲ କାର୍ତ୍ତିକ ସି ଶେଷାଦ୍ରି ସୋମବାର ଏହି ସୂଚନା ଦେଇଛନ୍ତି। ପଞ୍ଜାବରେ ଧ୍ୱଂସ କରାଯାଇଥିବା ଡ୍ରୋନ ଏବଂ କ୍ଷେପଣାସ୍ତ୍ରର ଚିତ୍ରକୁ ସେନା ପକ୍ଷରୁ ଜାରି କରାଯାଇଛି। ମେଜର ଜେନେରାଲ କହିଛନ୍ତି ଯେ ପାକିସ୍ତାନ ଆର୍ମୀର କୌଣସି ନିର୍ଦ୍ଦିଷ୍ଟ ସ୍ଥାନକୁ ନିଶାଣ କରି ଆକ୍ରମଣ କରି ନ ଥିଲା। ସେମାନେ ସାମରିକ ପ୍ରତିଷ୍ଠାନ, ନାଗରିକ ଏବଂ ଧାର୍ମିକ ସ୍ଥଳକୁ ନିଶାଣ କରିବେ ବୋଲି ପୂର୍ବରୁ ଜଣା ଥିଲା। ଏଥିରେ ସ୍ୱର୍ଣ୍ଣ ମନ୍ଦିର ସବୁଠୁ ଆଗରେ ଥିଲା। ତେଣୁ ସ୍ଥିତିକୁ ଦେଖି ଅତିରିକ୍ତ ଭାବେ ଅତ୍ୟାଧୁନିକ ଏୟାର ଡିଫେନ୍ସ ସିଷ୍ଟମ ମୁତୟନ କରାଯାଇଥିଲା। ପାକିସ୍ତାନ ଗତ ୮ ତାରିଖ ବିଳମ୍ବିତ ରାତିରେ ୟୁଏଭି ଏବଂ ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥିଲା। କିନ୍ତୁ ଭାରତୀୟ ସେନାର ସତର୍କ ପ୍ରହରୀ ଏହାକୁ ଆକାଶରେ ଉଡାଇ ଦେଇଥିଲେ। ସ୍ୱର୍ଣ୍ଣ ମନ୍ଦିରରେ ଟିକେ ବି ଆଞ୍ଚ ଆସିବାକୁ ଦେଇ ନ ଥିଲେ।

ପଞ୍ଜାବର ଅନ୍ତର୍ଜାତୀୟ ସୀମାରେ ନିୟୋଜିତ ଜଣେ ସୈନିକ କହିଛନ୍ତି ଯେ ଗତ ୮ ତାରିଖ ରାତିରେ ପାକିସ୍ତାନ ହଠାତ୍ ଗୁଳି ଚଳାଇ ଅନୁପ୍ରବେଶ ଉଦ୍ୟମ କରିଥିଲା। କିନ୍ତୁ ଭାରତୀୟ ଯବାନ ଏହାକୁ ବିଫଳ କରିଦେଇଥିଲେ। ସେନାର ଜବାବୀ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନୀ ଆଣ୍ଠୁ ମାଡ଼ି ପଡ଼ିଥିଲେ। ସକାଳେ ଅସ୍ତ୍ରବିରତି ପାଇଁ ଧଳା ପତାକା ଦେଖାଇ ଥିଲେ। ସେହିପରି ଅପରେସନ ସିନ୍ଦୂରକୁ ନେଇ ସେନାର ପଶ୍ଚିମ କମାଣ୍ଡ ଏକ ନୂଆ ଭିଡିଓ ଜାରି କରିଛି। ଏଥିରେ ପାକିସ୍ତାନ ଡ୍ରୋନକୁ କିପରି ଖସା ଯାଇଥିଲା ତାହା ଦର୍ଶାଯାଇଛି। ଆମେ ଭୂପୃଷ୍ଠରୁ ଆକାଶକୁ ସୁରକ୍ଷିତ ରଖିଲୁ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଜମ୍ମୁ-କଶ୍ମୀର ସୋପିଆନର ଡିକେ ପୋରା ଅଞ୍ଚଳରୁ ଆତଙ୍କବାଦୀଙ୍କ ଦୁଇ ସହଯୋଗୀଙ୍କୁ ଗିରଫ କରାଯାଇଛି। ଏମାନଙ୍କଠାରୁ ଦୁଇଟି ପିସ୍ତଲ, ଚାରୋଟି ଗ୍ରେନେଡ ଏବଂ ୪୩ କାର୍ଟ୍ରିଜ୍ ଜବତ କରାଯାଇଛି।


## ପାକିସ୍ତାନକୁ ଗୁଇନ୍ଦା ସୂଚନା ଦେଇଥିଲା ଚୀନ୍, ପ୍ରଦାନ କରିଥିଲା ଉପଗ୍ରହ ଚିତ୍ର

ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ-ପାକିସ୍ତାନ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହା ପଛରେ ଚୀନ୍‌ର ବଡ଼ ଭୂମିକା ଥିଲା। ଏହି ଦେଶ ଘନିଷ୍ଠ ସହଯୋଗୀ ପାକିସ୍ତାନକୁ ଗୁଇନ୍ଦା ସୂଚନା ପ୍ରଦାନ କରିଥିଲା। ଏୟାର ଡିଫେନ୍ସ ସହିତ ଉପଗ୍ରହ ଚିତ୍ର ମଧ୍ୟ ଦେଇଥିଲା। ଭାରତର ଏକ ପ୍ରତିରକ୍ଷା ଗୋଷ୍ଠୀ ଏହି ଦାବି କରିଛି। ଏହି ସଂଘର୍ଷରେ ଚୀନ୍ ପ୍ରତ୍ୟକ୍ଷ ଭାବେ ସାମିଲ ଥିଲା ବୋଲି କୁହାଯାଇଛି। ବ୍ଲୁମବର୍ଗ ରିପୋର୍ଟ ଅନୁଯାୟୀ ନୂଆଦିଲ୍ଲୀ ସ୍ଥିତ ସେଣ୍ଟର ଫର୍ ଜଏଣ୍ଟ ୱାରଫେୟାର ଷ୍ଟଡିଜର ମହାନିର୍ଦ୍ଦେଶକ ଅଶୋକ କୁମାର ଏକ ସାକ୍ଷାତକାରରେ କହିଥିଲେ ଯେ ପାକିସ୍ତାନକୁ ଚୀନ୍ ନିଜ ରାଡାର ଏବଂ ଏୟାର ଡିଫେନ୍ସ ସିଷ୍ଟମକୁ ପୁନର୍ଗଠନ କରିବାରେ ସହାୟତା କରିଥିଲା। ଭାରତର ସୈନିକ ଏବଂ ଅସ୍ତ୍ରଶସ୍ତ୍ର ବିଷୟରେ ଜାଣିବା ପାଇଁ ଚୀନ୍ ସହଯୋଗ କରିଥିଲା। ଏହା ବ୍ୟତୀତ ପହଲଗାମର ୧୫ ଦିନ ପରେ ବେଜିଂ ନିଜ ଉପଗ୍ରହକୁ ପାକିସ୍ତାନ ସହ ସଂଯୋଗ କରିବାରେ ମଧ୍ୟ ସହାୟତା କରିଥିଲା।

ଏହି ପଦକ୍ଷେପ ଦ୍ୱାରା ନିଜ ଏୟାର ଡିଫେନ୍ସ ରାଡାରକୁ ପୁଣିଥରେ ମୁତୟନ କରିବା ପାଇଁ ଚୀନ୍‌କୁ ସହାୟତା ମିଳିଥିଲା। ଭାରତ ଆକାଶ ମାର୍ଗରୁ କେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ମଧ୍ୟ ଚୀନ୍ ଜାଣିବାକୁ ଚାହୁଁଥିଲା। ତେବେ ଭାରତ ପକ୍ଷରୁ ଚୀନ୍ ସହ ସହଯୋଗିତାକୁ ନେଇ ସାର୍ବଜନୀନ ଭାବେ କୌଣସି ମନ୍ତବ୍ୟ ଦିଆଯାଇ ନାହିଁ। କିନ୍ତୁ ପାକିସ୍ତାନ ଏହା ସ୍ୱୀକାର କରିଛି। ଭାରତ ବିରୋଧରେ ଚୀନ୍ ଅସ୍ତ୍ରଶସ୍ତ୍ର ବ୍ୟବହାର କରିଥିବା ମାନିଛି। ଭାରତ ବିରୋଧୀ ସଂଘର୍ଷରେ ଚୀନର ସମ୍ପୃକ୍ତି ଅଧିକ ବୃଦ୍ଧି ପାଇଛି ବୋଲି ଏହା ଦର୍ଶାଉଛି। ଏଥିରେ ପାକିସ୍ତାନକୁ ଲଜିଷ୍ଟିକ୍ ଏବଂ ଗୁଇନ୍ଦା ସହାୟତା ଯୋଗାଇବା ମଧ୍ୟ ସାମିଲ ରହିଛି।

ପାକିସ୍ତାନ ଦାବି କରିଥିଲା ଯେ ଭାରତ ବିପକ୍ଷରେ ସଂଘର୍ଷରେ ସେ ଚୀନ୍ ଯୁଦ୍ଧ ବିମାନ ଜେ-୧୦ସି ଏବଂ ପିଏଲ-୧୫ କ୍ଷେପଣାସ୍ତ୍ର ବ୍ୟବହାର କରିଥିଲା। ଭାରତୀୟ ସେନା ମଧ୍ୟ ଚୀନର ପିଏଲ-୧୫ କ୍ଷେପଣାସ୍ତ୍ରର ଅବଶେଷ ପ୍ରଦର୍ଶନ କରିଥିଲା। ଏହି ବିବାଦ ସମୟରେ ଚୀନ୍ ପାକିସ୍ତାନର ସାର୍ବଭୌମତ୍ୱକୁ ସମର୍ଥନ କରିଥିଲା ଏବଂ ପହଲଗାମ ଆକ୍ରମଣର ଅନ୍ତର୍ଜାତୀୟ ତଦନ୍ତ ପାଇଁ ଭାରତକୁ ଆହ୍ୱାନ ଦେଇଥିଲା। ଏହା ବ୍ୟତୀତ ଜାତିସଂଘ ସୁରକ୍ଷା ପରିଷଦରେ ଆତଙ୍କବାଦ ସମ୍ପର୍କରେ ପାକିସ୍ତାନକୁ ସମାଲୋଚନାରୁ ରକ୍ଷା କରିବାରେ ମଧ୍ୟ ସାହାଯ୍ୟ କରିଥିଲା।

## ବାଇଡେନ୍‌ଙ୍କୁ କ୍ୟାନ୍‌ସର



ୱାସିଂଟନ, ୧୯।୫ (ଏଜେନ୍ସି): ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ (୮୨)ଙ୍କୁ ପ୍ରୋଷ୍ଟେଟ କ୍ୟାନ୍‌ସର ହୋଇଛି। ଏହା ଅଧିକ ଜଟିଳ ହୋଇଗଲାଣି। ଏହି କର୍କଟ ତାଙ୍କ ହାଡ଼ ପର୍ଯ୍ୟନ୍ତ ବ୍ୟାପି ଗଲାଣି। ବାଇଡେନଙ୍କ ପାର୍ଟି ଡେମୋକ୍ରାଟ ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। ଏଥିରେ କୁହାଯାଇଛି ଯେ ପରିସ୍ରାରେ ସମସ୍ୟା ହେବାରୁ ବାଇଡେନ ଗତ ସପ୍ତାହରେ ଡାକ୍ତରଙ୍କୁ ଦେଖାଇ ଥିଲେ। ଶୁକ୍ରବାର ଯାଞ୍ଚ ପରେ ଏହି ରୋଗ ବିଷୟରେ ଜଣା ପଡ଼ିଥିଲା। ଏହି ରୋଗ ବ୍ୟାପି ଅଧିକ ଜଟିଳ ରୂପ ଧାରଣ କରିଛି। ଏହି କର୍କଟ ହରମୋନ-ସେନ୍‌ସିଟିଭ ପରି ମନେହୁଏ। ତେଣୁ ପ୍ରଭାବୀ ଢଙ୍ଗରେ ଏହାର ଚିକିତ୍ସା କରାଯିବା ଉଚିତ। ଏବେ ବାଇଡେନଙ୍କ ପରିବାର ସମ୍ଭାବ୍ୟ ଚିକିତ୍ସା ବ୍ୟବସ୍ଥା ବିଷୟରେ ସମୀକ୍ଷା କରୁଛନ୍ତି।

## ହରିୟାଣାରୁ ୩ ମାସରେ ୪୧୦୦ ଲୋକ ନିଖୋଜ

ଚଣ୍ଡିଗଡ଼, ୧୯।୫ (ଏଜେନ୍ସି): ହରିୟାଣାରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ରାଜ୍ୟରୁ ତିନି ମାସ ମଧ୍ୟରେ ୪୧୦୦ରୁ ଅଧିକ ଲୋକ ନିଖୋଜ ହୋଇଯାଇଛନ୍ତି। ବର୍ଷର ପ୍ରଥମ ତିନି ମାସରେ ଏପରି ହୋଇଛି। ଅର୍ଥାତ୍ ଦିନକୁ ୪୫ରୁ ଅଧିକ ଲୋକ ଗାଏବ ହୋଇଛନ୍ତି। ଏହା ବାଦ୍ ହଜାରେରୁ ଅଧିକ ଅପହରଣ ମାମଲା ରୁଜୁ ହୋଇଛି। ଗତ ବର୍ଷ ତୁଳନାରେ ହତ୍ୟା ମାମଲା ମଧ୍ୟ ଅଧିକ ବୃଦ୍ଧି ପାଇଛି। ଏହା ସୁରକ୍ଷା ବ୍ୟବସ୍ଥାର ବିଫଳତା ଏବଂ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତକୁ ଦର୍ଶାଉଛି। ହରିୟାଣା ମାନବାଧିକାର କମିଶନ ସୋମବାର ଏହା ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ଉପରେ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**ସୋଫିଆ କୁରେସୀଙ୍କ ପ୍ରତି ଅପମାନଜକ ମନ୍ତବ୍ୟ ମାମଲା**

## ମନ୍ତ୍ରୀଙ୍କୁ ଭର୍ତ୍ସନା, ଏସ୍‌ଆଇଟି ଗଠନକଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): କର୍ଣ୍ଣେଲ ସୋଫିଆ କୁରେସୀଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ମାମଲାରେ ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହାଙ୍କୁ 'ସୁପ୍ରିମ' ଝଟ୍‌କା ଲାଗିଛି। କ୍ଷମା ମାଗିବା ପାଇଁ ମନ୍ତ୍ରୀ କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। କ୍ଷମାକୁ ଗ୍ରହଣ କରାଯିବ ନାହିଁ ବୋଲି କହିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ମନ୍ତ୍ରୀଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଏହାର ପରିଣାମ ଭୋଗିବାକୁ ପଡ଼ିବ ବୋଲି କହିଛନ୍ତି। ଏହା ସହିତ ସୁପ୍ରିମକୋର୍ଟ ମାମଲାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଗଠନ କରିଛନ୍ତି। ମନ୍ତ୍ରୀଙ୍କ ଅଶାଳୀନ ମନ୍ତବ୍ୟ ପାଇଁ ସାରା ଦେଶ ଲଜ୍ୟା ଅନୁଭବ କରୁଛି ବୋଲି କୋର୍ଟ କହିଛନ୍ତି।

**■ ବିଜୟ ଶାହାଙ୍କ କ୍ଷମା ଗ୍ରହଣ କଲେନାହିଁ**

**■ ପରିଣାମ ଭୋଗିବାକୁ ପଡ଼ିବ**

ଅଭଦ୍ର ଟିପ୍ପଣୀ ପାଇଁ ମନ୍ତ୍ରୀ ଶାହାଙ୍କୁ ଜଷ୍ଟିସ ସୂର୍ଯ୍ୟକାନ୍ତ ତୀବ୍ର ସମାଲୋଚନା କରି ସେ ଠିକ୍‌ରେ ଭୁଲ୍ ମଧ୍ୟ ମାଗିନାହାନ୍ତି ବୋଲି କହିଛନ୍ତି। ଏହା କିଭଳି କ୍ଷମା ପ୍ରାର୍ଥନା? ଆପଣ କେଉଁ ଭଳି ଭାବେ କ୍ଷମା ପ୍ରାର୍ଥନା କରିଛନ୍ତି? ଏହି କ୍ଷମା ପ୍ରାର୍ଥନାର କିଛି ଅର୍ଥ ଅଛି କି? ବେଳେବେଳେ ଲୋକେ ଦଣ୍ଡରୁ ବର୍ତ୍ତିବା ଲାଗି ନମ୍ର ଭାଷା ବ୍ୟବହାର କରିଥାନ୍ତି। ଆଉ କେତେବେଳେ କୁମ୍ଭୀର କାନ୍ଦଣା କରିଥାନ୍ତି। ଏହା ଆପଣଙ୍କର କେଉଁ ପ୍ରକାରର କ୍ଷମା ପ୍ରାର୍ଥନା? ଆପଣ କେଉଁ ଭଳି ଧାରଣା ସୃଷ୍ଟି କରିବାକୁ ଚାହୁଁଛନ୍ତି? କୋର୍ଟ ଆପଣଙ୍କୁ କ୍ଷମା ମାଗିବାକୁ କହିଥିଲେ ବୋଲି ଜଣାଇବାକୁ ଚାହୁଁଛନ୍ତି କି? ଆନ୍ତରିକ ଭାବରେ କ୍ଷମା ପ୍ରାର୍ଥନା କରିବା ପାଇଁ ଏ ପର୍ଯ୍ୟନ୍ତ ଆପଣଙ୍କୁ କିଏ ଅଟକାଇଛି? ସେନା ସହ ଜଡ଼ିତ ଏଭଳି ଭାବନାତ୍ମକ ପ୍ରସଙ୍ଗରେ ମନ୍ତ୍ରୀଙ୍କୁ ଅଧିକ ସମ୍ବେଦନଶୀଳ ହେବାର ଥିଲା। ଏବେ ସର୍ବସମ୍ମୁଖରେ ମନ୍ତ୍ରୀଙ୍କ ଅସଲ ମୁଖା ଖୋଲି ଯାଇଛି। ଜନନେତା ହୋଇ ଏଭଳି ଶବ୍ଦ ବ୍ୟବହାର କରିବା ସମୟରେ ବିଚାର କରିବାର ଥିଲା ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ସୁପ୍ରିମକୋର୍ଟ କହିଛନ୍ତି ଯେ ଏହି ମାମଲାର ତଦନ୍ତ ପାଇଁ ମଙ୍ଗଳବାର ସକାଳ ସୁଦ୍ଧା ଜଣେ ଆଇପିଏସ ଅଧିକାରୀଙ୍କୁ ନେଇ ଏସଆଇଟି ଗଠନ କରିଦିଆଯିବା ଉଚିତ। ଏଥିରେ ଜଣେ ମହିଳା ଅଧିକାରୀ ମଧ୍ୟ ରହିବା ଜରୁରୀ। କିନ୍ତୁ ସେ ରାଜ୍ୟର ବାସିନ୍ଦା ହୋଇ ନ ଥିବେ। ଏହି କମିଟି ୨୮ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବା ଦରକାର। ତେବେ ସର୍ବୋଚ୍ଚ ନ୍ୟାୟାଳୟ ମନ୍ତ୍ରୀଙ୍କ ଗିରଫ ଉପରେ କଟକଣା ଲଗାଇ ଦେଇଛନ୍ତି। କିନ୍ତୁ ପରିଣାମ ଭୋଗିବାକୁ ପଡିବ ବୋଲି କହିଛନ୍ତି। ଏହା ସହିତ ସୁପ୍ରିମକୋର୍ଟ ମଧ୍ୟପ୍ରଦେଶ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଆମେ କଡ଼ା ନଜର ରଖିବାକୁ ଚାହୁଁଛୁ। ଏହା ସରକାରଙ୍କ ଅଗ୍ନି ପରୀକ୍ଷା ବୋଲି କୋର୍ଟ କହିଛନ୍ତି।

ଏହା ପୂର୍ବରୁ ଗତ ୧୪ ତାରିଖରେ ମନ୍ତ୍ରୀଙ୍କ ବିରୋଧରେ ଏତଲା ରୁଜୁ କରିବାକୁ ମଧ୍ୟପ୍ରଦେଶ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ଇନ୍ଦୋରର ମହୁ ଥାନାରେ ମନ୍ତ୍ରୀଙ୍କ ବିରୋଧରେ ଏତଲା ରୁଜୁ କରାଯାଇଥିଲା। ଏହା ବିରୋଧରେ ଶାହା ସୁପ୍ରିମକୋର୍ଟ ଯାଇଥିଲେ।



ପ୍ରବଳ ବର୍ଷାରେ ଉବୁଟୁବୁ ବେଙ୍ଗାଲୁରୁ

## ସଂସଦୀୟ କମିଟିକୁ ନେଇ ରାଜନୀତି ତେଜୁଛି

ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ଅନ୍ତର୍ଜାତୀୟସ୍ତରରେ ପାକିସ୍ତାନର ମୁଖା ଖୋଲିବା ଲାଗି ଭାରତ ସରକାର ଗଠନ କରିଥିବା ସର୍ବଦଳୀୟ ସଂସଦୀୟ କମିଟିକୁ ନେଇ ରାଜନୀତି ତେଜିବାରେ ଲାଗିଛି। କଂଗ୍ରେସ ଏହାକୁ ନେଇ ବିଜେପି ଉପରେ ପ୍ରଶ୍ନ ଉଠାଇ ଥିବାବେଳେ ଉଦ୍ଧବ ଗୋଷ୍ଠୀର ଶିବସେନା ସାଂସଦ ସଞ୍ଜୟ ରାଉତ ସର୍ବଦଳୀୟ ପ୍ରତିନିଧିମଣ୍ଡଳକୁ ବହିଷ୍କାର କରିବାକୁ କହିଛନ୍ତି। କିନ୍ତୁ ଏହାକୁ ନେଇ ଏନ୍‌ସିପି (ଏସପି) ମୁଖ୍ୟ ଶରଦ ପାୱାର ଦେଇଥିବା ମନ୍ତବ୍ୟ ଚର୍ଚ୍ଚାରେ ରହିଛି। ସେହିପରି ଏହି ସର୍ବଦଳୀୟ ପ୍ରତିନିଧିମଣ୍ଡଳରୁ ଟିଏମ୍‌ସି ସାଂସଦ ୟୁସୁଫ ପଠାନ ଓହରିଯିବାକୁ ନେଇ ବିଜେପି ଏବଂ ଟିଏମ୍‌ସି ମୁହାଁମୁହିଁ ହୋଇଛନ୍ତି। କଂଗ୍ରେସ ନେତା ପବନ ଖେଡ଼ା ବିଜେପିକୁ 'ସିନ୍ଦୂରର ସୌଦାଗର' କହିଛି। ଟ୍ରମ୍ପ ଯୁଦ୍ଧ ବନ୍ଦ କରୁଥିବା ଦାବି କରୁଛନ୍ତି। ଭାରତ ସହ ବାଣିଜ୍ୟ ବନ୍ଦ କରିବାକୁ ଧମକ ଦେଉଛନ୍ତି। ସିନ୍ଦୂରକୁ ନେଇ ମୂଳଚାଲ ଚାଲିଥିବାବେଳେ ପ୍ରଧାନମନ୍ତ୍ରୀ ଚୁପ୍ ରହିଛନ୍ତି।

ଅନ୍ୟପଟେ ୟୁସୁଫ ପଠାନ ଓହରିଯିବାକୁ ନେଇ ଟିଏମସି ପକ୍ଷପାତପୂର୍ଣ୍ଣ ରାଜନୀତି କରୁଛି ବୋଲି ବିଜେପି ଅଭିଯୋଗ କରିଛି। କିନ୍ତୁ ଦଳକୁ ନ ଜଣାଇ କେଉଁ ସାଂସଦ ଯିବେ ତାହା କେନ୍ଦ୍ର ସ୍ଥିର କରିଥିବାରୁ ଟିଏମସି ଏପରି ପଦକ୍ଷେପ ନେଇଥିବା ସୂଚନା ମିଳିଛି। କେନ୍ଦ୍ର ଜଣାଇଲେ କାହାକୁ ପଠାଯିବ ତାହା ଆମେ ସ୍ଥିର କରିବୁ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ସେହିପରି ସଞ୍ଜୟ ରାଉତଙ୍କୁ ଦାବିକୁ ଏଡାଇ ଦେଇ ଅନ୍ତର୍ଜାତୀୟ ମାମଲାରେ ଦଳଗତ ରାଜନୀତି ନ ହେବା ଉଚିତ ବୋଲି ଶରଦ ପାୱାର କହିଛନ୍ତି।

## ଅସ୍ତ୍ରବିରତିରେ ଆମେରିକାର କୌଣସି ଭୂମିକା ନଥିଲା

ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ସମଗ୍ର ବିଶ୍ୱରେ ପାକିସ୍ତାନର ମୁଖା ଖୋଲିବା ପାଇଁ ଭାରତ ସରକାର ୫୯ ସଦସ୍ୟ ବିଶିଷ୍ଟ ସର୍ବଦଳୀୟ କମିଟି ଗଠନ କରିଛନ୍ତି। ଏହି କମିଟି ବିଭିନ୍ନ ଦେଶକୁ ଯାଇ ପାକିସ୍ତାନ ମିଛ ଏବଂ ଅପପ୍ରଚାରର ପର୍ଦ୍ଦାଫାସ କରିବ। ବିଦେଶ ଯାତ୍ରା ଆରମ୍ଭ କରିବା ପୂର୍ବରୁ ବିଦେଶ ସଚିବ ବିକ୍ରମ ମିଶ୍ରି ସୋମବାର ଏହି ସଂସଦୀୟ କମିଟିକୁ ଭାରତ-ପାକିସ୍ତାନ ସଂଘର୍ଷ ବିଷୟରେ ସୂଚନା ଦେଇଛନ୍ତି। 'ଅପରେସନ ସିନ୍ଦୂର' ଅଧିନରେ କରାଯାଇଥିବା ଏୟାର ଷ୍ଟ୍ରାଇକ ଏବଂ ଗତ ୧୦ ତାରିଖରେ ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା ଅସ୍ତ୍ରବିରତିର ସମସ୍ତ ସୂଚନା ପ୍ରଦାନ କରିଛନ୍ତି। ଏହି ବୈଠକରେ କଂଗ୍ରେସ ସାଂସଦ ଶଶୀ ଥରୁର, ରାଜୀବ ଶୁକ୍ଳା, ଦୀପେନ୍ଦ୍ର ହୁଡ୍ଡା, ଟିଏମସିର ଅଭିଷେକ ବାନାର୍ଜୀ, ଏଆଇଏମଆଇଏମ ମୁଖ୍ୟ ଅସଦୁଦ୍ଦିନ ଓୱେସି ଏବଂ ଅରୁଣ ଗୋଭିଲଙ୍କ ଭଳି ସଦସ୍ୟ ଉପସ୍ଥିତ ଥିଲେ।

**■ ଜୟଶଙ୍କରଙ୍କ ନିରବତାକୁ ନେଇ ପୁଣି ପ୍ରଶ୍ନ ଉଠାଇଲେ ରାହୁଲ**

ଥରୁରଙ୍କ ଅଧ୍ୟକ୍ଷତାରେ ୨ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିବା ଏହି ବୈଠକରେ ସଦସ୍ୟମାନେ ଘଟଣାକୁ ନେଇ ଅନେକ ପ୍ରଶ୍ନ ପଚାରି ଥିଲେ। ଏଥିରେ ଅସ୍ତ୍ରବିରତି, ଆମେରିକା ରାଷ୍ଟ୍ରପତିଙ୍କ ଦାବି, ଆକ୍ରମଣକାରୀ ଆତଙ୍କବାଦୀ କୁଆଡେ ଗଲେ, ପାକିସ୍ତାନକୁ ଏକଘରିକିଆ କରିବା ପାଇଁ କି ପଦକ୍ଷେପ ନିଆଯାଇଛି। ଆଦି ଅନେକ ପ୍ରଶ୍ନ ପଚରା ଯାଇଥିଲା। ଉତ୍ତରରେ ମିଶ୍ରି କହିଥିଲେ ଯେ ଅସ୍ତ୍ରବିରତି ଦ୍ୱିପାକ୍ଷିକ ନିଷ୍ପତ୍ତି ଥିଲା। ଏଥିରେ ଆମେରିକାର କୌଣସି ଭୂମିକା ନ ଥିଲା। ଅପରେସନ ସିନ୍ଦୂର ଆରମ୍ଭ ପୂର୍ବରୁ ପାକିସ୍ତାନକୁ କୁହାଯାଇ ନ ଥିଲା। ପାକିସ୍ତାନ ଚୀନ୍ ଡ୍ରୋନ ବ୍ୟବହାର କରିବା ମଧ୍ୟ କୌଣସି ପ୍ରସଙ୍ଗ ନୁହେଁ। କାରଣ ଏହାର ଜବାବରେ ଭାରତ ପାକିସ୍ତାନ ଏୟାରବେସରେ ଆକ୍ରମଣ କରିଥିଲା। ଅନ୍ୟପକ୍ଷରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ପୁଣିଥରେ ବିଦେଶମନ୍ତ୍ରୀ ଏସ ଜୟଶଙ୍କରଙ୍କୁ ନିଶାଣ କରିଛନ୍ତି। ସେ ପୁଣି ଦାବି କରିଛନ୍ତି ଯେ କେନ୍ଦ୍ର ସରକାର ଅପରେସନ ସିନ୍ଦୂର ଆରମ୍ଭରେ ପାକିସ୍ତାନକୁ ସୂଚନା ଦେଇଥିଲେ। ଏହା 'ବିଫଳତା' ନୁହେଁ, ବରଂ ଏକ 'ଅପରାଧ'। ଦେଶ ସତ ଜାଣିବା ଆବଶ୍ୟକ। ଏହି ଲଢେଇରେ ଭାରତର କେତେ ବିମାନ ହରାଇଛି ବୋଲି ପଚାରିଛନ୍ତି। ସେ ଏହା ଉପରେ ଜୟଶଙ୍କରଙ୍କ ନିରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହି ନିରବତା ନିନ୍ଦନୀୟ ବୋଲି କହିଛନ୍ତି। ଏହାକୁ ନେଇ ବିଜେପି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ରାହୁଲ ତଥ୍ୟକୁ ସମ୍ପୂର୍ଣ୍ଣ ଭୁଲ ଉପସ୍ଥାପନ କରୁଛନ୍ତି। ଦୁର୍ଭାଗ୍ୟପୂର୍ଣ୍ଣ ଭାବେ ଏଭଳି ବୋଲି ଅଭିଯୋଗ ଲଗାଯାଇଛି।

# ୪ ଡିସିମିଲ୍ ଜମି ନ ଥିଲେ ଭୂମିହୀନ

ଭୁବନେଶ୍ୱର,୧୯।୫(ସମିସ): ରାଜ୍ୟର ଭୂମିହୀନ ବା ନିଜସ୍ୱ ଘର ନିର୍ମାଣ କରିବାକୁ ଘର ପଟ୍ଟା ନାହିଁ ସେମାନଙ୍କୁ ବସୁନ୍ଧରା ଯୋଜନାରେ ୪ ଡେସିମିଲ୍ ପଟ୍ଟା ଯୋଗାଇ ଦିଆଯିବ। ଏହି କ୍ରମରେ ବର୍ତ୍ତମାନ ସରକାରଙ୍କ କାର୍ଯ୍ୟକାଳ ସରିବା ପୂର୍ବରୁ ରାଜ୍ୟରେ କେହି ଭୂମିହୀନ ରହିବେ ନାହିଁ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଶ୍ରୀ ପୂଜାରୀ କହିଛନ୍ତି ଯେ ରାଜ୍ୟ କେହି ଭୂମିହୀନ ରହିବେ ନାହିଁ। ସମସ୍ତଙ୍କ ପାଖରେ ଘର ନିର୍ମାଣ ପାଇଁ ଅତି କମ୍‌ରେ ୪ ଡେସିମିଲ୍ ଜମି ରହିଥିବ। ରାଜ୍ୟରେ ବର୍ତ୍ତମାନ ବହୁ ଲୋକଙ୍କର ଜମି ରହିଛି। ମାତ୍ର ସେତିକି ଜମି ପର୍ଯ୍ୟାପ୍ତ ନୁହେଁ। ଅନେକ ଲୋକ ଉତ୍ତରାଧିକାରୀ ସୂତ୍ରରେ ଅଧା ଡିସିମିଲ୍ ଜମି ମଧ୍ୟ ପାଇଛନ୍ତି। ମାତ୍ର ଏହା ଘର କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ। ତେଣୁ ଭୂମିହୀନ ଲୋକର ପରିଭାଷାକୁ ପରିବର୍ତ୍ତନ କରାଯାଇଛି। ଏହି ଆଧାରରେ ଯେଉଁ ଲୋକଙ୍କ ନିକଟରେ ୪ ଡିସିମିଲ୍ ଜମିରୁ କମ୍ ଜମି ରହିଛି, ତାଙ୍କୁ ମଧ୍ୟ ଭୂମିହୀନ ଭାବେ ଗଣନା କରାଯିବ। ଏହାପରେ ସେମାନଙ୍କୁ ୪ ଡିସିମିଲ୍ ଜମି ପ୍ରଦାନ କରାଯିବ। ଯଦି ଗୋଟିଏ ଲୋକ ପାଖରେ ୨ ଡିସିମିଲ୍ ଜମି ଅଛି, ତେବେ ସରକାର ତାଙ୍କୁ ଆଉ ୨ ଡିସିମିଲ୍ ଜମି ଯୋଗାଇ ଦେବେ ବୋଲି ମନ୍ତ୍ରୀ କହିଛନ୍ତି। ଏବେ ତହସିଲଦାର ମାନେ ୪ ଡିସିମିଲ୍‌ରୁ କମ୍ ଥିବା ଲୋକମାନଙ୍କୁ ଠାବ କରିବେ ଓ ଏହା ପରେ ଜମି ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

# ହଜାର ହଜାର ଆଦିବାସୀଙ୍କୁ ବାସହରା କରିବ ପୋଲାଭରମ୍



- ମାଲକାନଗିରି ଜିଲ୍ଲାକୁ ବୁଡ଼ାଇବ ପଛୁଆ ପାଣି: ବିଶେଷଜ୍ଞ
- ସଂଘୀୟ ବ୍ୟବସ୍ଥାରେ ଓଡ଼ିଶା ପାତରଅନ୍ତର ଶିକାର : ପ୍ରସନ୍ନ
- ଓଡ଼ିଶାର ସ୍ୱାର୍ଥ ସହ ସାଲିସ କରାଯିବ ନାହିଁ: ଆଇନ ମନ୍ତ୍ରୀ

ଭୁବନେଶ୍ୱର,୧୯।୫(ସମିସ): ଆସନ୍ତା ୨୦୨୬ ମସିହା ଅକ୍ଟୋବର ୨୬ ତାରିଖ ସୁଦ୍ଧା ପୋଲାଭରମ୍ ପ୍ରକଳ୍ପ ସାରିବାକୁ ଆନ୍ଧ୍ର ପ୍ରଦେଶ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ୨୦୨୪-୨୫ରେ କେନ୍ଦ୍ର ସରକାର ପ୍ରକଳ୍ପ ପାଇଁ ଆନ୍ଧ୍ର ସରକାରଙ୍କୁ ୧୨୧୫୭ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା ପ୍ରଦାନ କରିଥିଲେ ଓ ୨୦୨୫-୨୬ରେ କେନ୍ଦ୍ର ବଜେଟରେ ଏହି ପ୍ରକଳ୍ପ ପାଇଁ ଆନ୍ଧ୍ରକୁ ୫୯୩୬ କୋଟି ଟଙ୍କାର ସହାୟତା ବ୍ୟବସ୍ଥା କରିଛନ୍ତି। କେବଳ ଆର୍ଥିକ ଅନୁଦାନ ନୁହେଁ, ପ୍ରକଳ୍ପ ଶୀଘ୍ର ସାରିବାକୁ ଗତ ଜାନୁଆରୀ ମାସରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟର ସଂସଦୀୟ ଷ୍ଟାଣ୍ଡିଂ କମିଟି ଆନ୍ଧ୍ର ପ୍ରଦେଶ ଗସ୍ତରେ ଆସି ଆନ୍ଧ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଯାହାକୁ ନେଇ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ପୋଲାଭରମ ପ୍ରକଳ୍ପ ଯୋଗୁଁ ଓଡ଼ିଶା ବିପୁଳ କ୍ଷତିଗ୍ରସ୍ତ ହେଉଥିବାବେଳେ କେନ୍ଦ୍ର ସରକାର ଓଡ଼ିଶାର ସ୍ୱାର୍ଥକୁ ଉପେକ୍ଷା କରିଚାଲିଥିବା ମଧ୍ୟ ଅଭିଯୋଗ ହୋଇଛି ।

ଜଳ ବିଶେଷଜ୍ଞ ଇଞ୍ଜିନିୟର ଲଳିତ ପଟ୍ଟନାୟକଙ୍କ ଅନୁଯାୟୀ ପ୍ରକଳ୍ପ ଉଚ୍ଚତା ୧୫୦ ଫୁଟ ହୋଇଥିବାରୁ ୫୦ ଲକ୍ଷ କ୍ୟୁସେକ ବନ୍ୟା ଜଳ ଆସିବାର ଆକଳନ ହୋଇଛି। ଯାହାଫଳରେ ଓଡ଼ିଶାର ମାଲକାନଗିରି ଜିଲ୍ଲା ବିପୁଳ ଭାବରେ କ୍ଷତିଗ୍ରସ୍ତ ହେବ। ବିଶେଷକରି ମୋଟୁ ନିକଟରେ ୧୯୪ ଫୁଟ ଉଚ୍ଚତାର ପଛୁଆ ଜଳ ମାଲକାନଗିରି ଜିଲ୍ଲାର ବିଶାଳ ଅଞ୍ଚଳକୁ ଜଳମଗ୍ନ କରିବ। ତେଣୁ କ୍ଷୟକ୍ଷତି ନେଇ ସର୍ଭେ ଏକାନ୍ତ ଜରୁରୀ ହୋଇଥିବା ବେଳେ ଏହାକୁ ବାରମ୍ବାର ଅଗ୍ରାହ୍ୟ କରି ଦିଆଯାଉଛି। ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ଓ ପରିବେଶ ପ୍ରଭାବ ଆକଳନ ପାଇଁ ସୁପ୍ରିମକୋର୍ଟ ପ୍ରଦାନ କରିଥିବା ପରାମର୍ଶକୁ ଆନ୍ଧ୍ରପ୍ରଦେଶ ସରକାର କର୍ଣ୍ଣପାତ କରିନାହାନ୍ତି । ଏ ସମ୍ପର୍କରେ ବିଜେଡି ବାରମ୍ବାର ଦାବି କରିଥିଲେ ହେଁ, କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ଆନ୍ଧ୍ର ଉପରେ ଚାପ ସୃଷ୍ଟି କରିବାରେ ବିଫଳ ହୋଇଛନ୍ତି। ରାଜ୍ୟ ସରକାର ମଧ୍ୟ ପୋଲାଭରମ ପ୍ରକଳ୍ପ ସମ୍ପର୍କରେ ରହସ୍ୟମୟ ନିରବତା ଅବଲମ୍ବନ କରିଚାଲିଛନ୍ତି । ନିକଟରେ ଆନ୍ଧ୍ର ସରକାରଙ୍କ ଦ୍ୱାରା ନିକଟରେ ଏକ ସମୀକ୍ଷା ବୈଠକରେ ପ୍ରକଳ୍ପର ୭୦% କାର୍ଯ୍ୟ ଶେଷ ହୋଇଥିବା ସୂଚନା ଦିଆଯାଇଛି। ତେଲଙ୍ଗାନାରେ ଡବଲ ଇଞ୍ଜିନ ସରକାର ନଥିବା ସତ୍ତ୍ୱେ ପୋଲାଭରମ୍ ପ୍ରକଳ୍ପ କାରଣରୁ ତେଲେଙ୍ଗାନାର କେତେ ଅଞ୍ଚଳ ଜଳମଗ୍ନ ହେବ ସେନେଇ ସର୍ଭେ କରିବାକୁ ସ୍ଥାନୀୟ ସରକାର ସଫଳ ହୋଇଛନ୍ତି। ତେଲେଙ୍ଗାନାର ପ୍ରବଳ ଚାପ ଆଗରେ ପୋଲାଭରମ ପ୍ରକଳ୍ପ ଅଥରିଟି ଓ ଆନ୍ଧ୍ର ସରକାର ମୁଣ୍ଡ ନୁଆଁଇଥିବା ବେଳେ ତେଲେଙ୍ଗାନା ଅଞ୍ଚଳରେ ମ୍ୟାପିଂ କରିବାକୁ ବଡ଼ ନିଷ୍ପତ୍ତି ନିଆଯାଇଛି। ମାତ୍ର ଓଡ଼ିଶାର କ୍ରମାଗତ ଦାବି ସତ୍ତ୍ୱେ ପ୍ରକଳ୍ପର ପଛୁଆ ପାଣି ଯୋଗୁଁ କେଉଁ କେଉଁ ଅଞ୍ଚଳ ପ୍ରଭାବିତ ହେବେ ବୋଲି ସର୍ଭେ କରାଯାଉ ନାହିଁ ।

ଏ ସମ୍ପର୍କରେ ବିଜେଡି ବିଧାୟକ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ଅତୀତରେ ବିଜେଡି ସରକାର ସମୟରେ ଏନେଇ ଆମେ ବାରମ୍ବାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ; ମାତ୍ର ଆମ କଥା ଶୁଣାଗଲା ନାହିଁ। ସଂଘୀୟ ବ୍ୟବସ୍ଥାରେ ରାଜ୍ୟ ରାଜ୍ୟ ମଧ୍ୟରେ ପାତରଅନ୍ତର କରାଗଲା। ଏହାକୁ ରାଷ୍ଟ୍ରୀୟ ପ୍ରକଳ୍ପର ମାନ୍ୟତା ସହ ଅଯାଚିତ ଭାବେ ଅର୍ଥ ମଧ୍ୟ ପ୍ରଦାନ କରାଗଲା। ଯାହା ପାଇଁ ଓଡ଼ିଶା ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଛି ବୋଲି ସେ କହିଛନ୍ତି। ସେହିପରି କଂଗ୍ରେସ ମଧ୍ୟ ଓଡ଼ିଶାର ସ୍ୱାର୍ଥକୁ ପ୍ରାଥମିକତା ଦେଇ ଆନ୍ଧ୍ର ସହ ଆଲୋଚନା କରିବାକୁ ଦାବି କରିଛି । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍ ନିକଟରେ ଏ ସମ୍ପର୍କରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି । ଅନ୍ୟପକ୍ଷରେ ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ସରକାର ସବୁପ୍ରକାର ପଦକ୍ଷେପ ନେବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁଥିବା ବୈଠକରେ ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ସମସ୍ତ ତଥ୍ୟ ବୈଠକରେ ଉପସ୍ଥାପିତ କରାଯିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

■ ସଂରକ୍ଷିତ ଜଙ୍ଗଲରୁ ଗଛକଟା

# ଏନ୍‌ଜିଟିଙ୍କ ରିପୋର୍ଟ ତଲବ

କଟକ, ୧୯।୫(ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ତହସିଲ ଅଧୀନ ବଡ଼ପାରି ସଂରକ୍ଷିତ ଜଙ୍ଗଲରୁ ବେଆଇନ ଭାବେ ଗଛ କଟାଯାଉଥିବା ଅଭିଯୋଗରେ ରୁଜୁ ମାମଲାକୁ ଗୁରୁତ୍ୱର ସହ ଶୁଣାଣି କରିଛନ୍ତି ଜାତୀୟ ଗ୍ରୀନ ଟ୍ରିବୁନାଲ(ଏନଜିଟି)। ଦୀର୍ଘ ୫୦ବର୍ଷରୁ ଅଧିକ ସମୟ ଧରି ଏହି ଜଙ୍ଗଲ ରକ୍ଷଣାବେକ୍ଷଣ କରିଆସୁଥିବା ବଡ଼ପାରିର ଗିରି ଗୋବର୍ଦ୍ଧନ ଜଙ୍ଗଲ କମିଟି ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ସମସ୍ତ ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି ଏନ୍‌ଜିଟି। ଆସନ୍ତା ୪ ସପ୍ତାହ ଭିତରେ ଖୋର୍ଦ୍ଧା ଜିଲ୍ଲାପାଳ ଓ ଡିଏଫ୍‌ଓଙ୍କୁ ନେଇ ଗଠିତ କମିଟି ଘଟଣାସ୍ଥଳ ପରିଦର୍ଶନ କରି ଅନୁଧ୍ୟାନ ରିପୋର୍ଟ ସହ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏନଜିଟି। ମାମଲାରୁ ପ୍ରକାଶ, ବଡ଼ପାରି ଜଙ୍ଗଲ ପ୍ରାୟ ୭୦୦ ଏକର ପରିମିତ ଅଞ୍ଚଳକୁ ନେଇ ଅବସ୍ଥିତ। ଏଥିରେ ପ୍ରାୟ ୫୦ ଏକର ବ୍ୟକ୍ତିଗତ ମାଲିକାନାରେ ଥିବା ଜମି ରହିଛି। ଗ୍ରାମବାସୀମାନେ ନିଜସ୍ୱ ଜମିକୁ ଜଙ୍ଗଲ ପାଇଁ ଛାଡ଼ି ଆସିଛନ୍ତି ଓ ପାରମ୍ପରିକ ଭାବେ ସମସ୍ତେ ଜଗା ରଖା କରି ଆସୁଛନ୍ତି। ଇତିମଧ୍ୟରେ ଜନୈକ ବ୍ୟକ୍ତି ନିଜସ୍ୱ ଜମି ଆଳରେ ଉକ୍ତ ଜଙ୍ଗଲ ଜମି ସଫା କରି ତାହାକୁ ପ୍ଲଟ କରି ବିକ୍ରି କରିବାକୁ ଉଦ୍ୟମ କରୁଛନ୍ତି। ଏହାକୁ ବିରୋଧ କରି ଗ୍ରାମର ଜଙ୍ଗଲ କମିଟି ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୨୮ କୁ ସ୍ଥିର କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।

# ଆଗକୁ ବଢୁଛି ମୌସୁମୀ

ବୁଧବାରଠାରୁ ବଢ଼ିବ କାଳବୈଶାଖୀ ପ୍ରଭାବ

ଭୁବନେଶ୍ୱର,୧୯।୫(ସମିସ): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗକୁ ବଢ଼ି ଚାଲିଛି। ସୋମବାର ମୌସୁମୀ ଦକ୍ଷିଣ ଆରବ ସାଗରର ଆହୁରି ଅନେକ ଅଞ୍ଚଳ, ମାଲଦୀପ ଏବଂ କୋମରିନ ଅଞ୍ଚଳ, ଦକ୍ଷିଣ ବଙ୍ଗୋପସାଗର, କେନ୍ଦ୍ରୀୟ ବଙ୍ଗୋପସାଗରର ଆହୁରି କିଛି ଅଞ୍ଚଳ ସହ ଉତ୍ତର-ପୂର୍ବ ବଙ୍ଗୋପସାଗରର କିଛି ଅଞ୍ଚଳକୁ ଅଗ୍ରସର ହୋଇଛି। ପରିସ୍ଥିତି ଅନୁକୂଳ ରହିଥିବାରୁ ଆଗାମୀ ୨ରୁ ୩ ଦିନ ମଧ୍ୟରେ ମୌସୁମୀ ବାୟୁ ଦକ୍ଷିଣ ଆରବ ସାଗରର ଆହୁରି କିଛି ଅଂଶ, ମାଲଦ୍ୱୀପ ଏବଂ କୋମୋରିନ୍‌ର ବାକି ଅଞ୍ଚଳ, ଦକ୍ଷିଣ ବଙ୍ଗୋପସାଗରର, କେନ୍ଦ୍ରୀୟ ବଙ୍ଗୋପସାଗରର କିଛି ଅଞ୍ଚଳ ଏବଂ ଉତ୍ତର-ପୂର୍ବ ବଙ୍ଗୋପସାଗରର କିଛି ଅଂଶରେ ପ୍ରବେଶ କରିବାର ଆଶା ସୃଷ୍ଟି ହୋଇଛି।

ଅନ୍ୟପଟେ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ସ୍ଥିତି ଜାରି ରହିଛି। ବିଶେଷକରି ଉପକୂଳ ଓଡ଼ିଶାରେ ପ୍ରତିଦିନ ଅପରାହ୍ଣ ପରେ କାଳବୈଶାଖୀଜନିତ ସ୍ଥିତି ଯୋଗୁଁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଅନୁଭୂତ ହେଉଛି। ଏଭଳି ସ୍ଥିତି ଆହୁରି ୫ ଦିନ ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ବେଳେ ଏହି ସମୟରେ ଅନେକ ସ୍ଥାନରେ ବଜ୍ରପାତ ଆଶଙ୍କା କରି ସତର୍କ ରହିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି। ପାଣିପାଗ କେନ୍ଦ୍ରର ପରାମର୍ଶ ଅନୁଯାୟୀ ମଙ୍ଗଳବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ ଓ ସୁନ୍ଦରଗଡ଼ରେ ବ୍ୟାପକ କାଳବୈଶାଖୀ ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ପବନର ବେଗ ୪୦-୫୦ କିମି ରହିବା ନେଇ ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। କାଳବୈଶାଖୀର ପ୍ରଭାବ ବୁଧବାରଠାରୁ ବଢ଼ିବା ସହ ପରବର୍ତ୍ତୀ ୩ ଦିନ ପର୍ଯ୍ୟନ୍ତ ଜାରି ରହିବ। ଏହି ସମୟରେ ଅନେକ ସ୍ଥାନରେ ବର୍ଷାର ମାତ୍ରା ବୃଦ୍ଧି ସାଙ୍ଗକୁ ପବନର ପ୍ରଭାବ ମଧ୍ୟ ବୃଦ୍ଧି ପାଇବ। ଏମିତି କି ଅନେକ ସ୍ଥାନରେ ପବନର ବେଗ ୬୦ କିମି ପର୍ଯ୍ୟନ୍ତ ଯାଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ବୁଧବାରଠାରୁ ପରବର୍ତ୍ତୀ ୩ ଦିନ ପାଇଁ ବିଭିନ୍ନ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। କାଳବୈଶାଖୀ ପ୍ରଭାବ ମଧ୍ୟରେ ମଙ୍ଗଳବାର କିଛି କିଛି ସ୍ଥାନରେ ପ୍ରବଳ ଗୁଳୁଗୁଳି ନେଇ ମଧ୍ୟ ଆଶଙ୍କା ରହିଛି।

# ରାଜ୍ୟରୁ ବିଦାହେବେ ବାଂଲାଦେଶୀ

ଏସ୍‌ଟିଏଫ୍‌କୁ ନୋଡାଲ୍ ଏଜେନ୍ସି ଦାୟିତ୍ୱ

ସବୁ ଜିଲ୍ଲାରେ ଆରମ୍ଭ ହେଲା ଚିହ୍ନଟ ପକ୍ରିୟା

ଭୁବନେଶ୍ୱର,୧୯।୫(ସମିସ): ପାକିସ୍ତାନ ସହିତ ଭାରତର ତିକ୍ତତା ବଢ଼ିବା ପରେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ପ୍ରଥମ ପଦକ୍ଷେପ ସ୍ୱରୂପ କେନ୍ଦ୍ର ସରକାର ଦୀର୍ଘମିଆଦ ଭିସା ରଦ୍ଦ କରି ଦେଶରୁ ପାକିସ୍ତାନୀ ନାଗରିକଙ୍କୁ ବିଦା କରିଥିବାବେଳେ ଏବେ ପଡ଼ୋଶୀ ବାଂଲାଦେଶ ନାଗରିକଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଏହି କ୍ରମରେ ରାଜ୍ୟ ସରକାର ଦୀର୍ଘଦିନ ଧରି ବେଆଇନ ଭାବେ ବସବାସ କରୁଥିବା ଏବଂ ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ଥିବା ବାଂଲାଦେଶୀମାନଙ୍କୁ ବିଦା କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

ଓଡ଼ିଶାରେ ବେଆଇନ୍ ଭାବେ ରହୁଥିବା ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଉଛି। ବିଶେଷକରି ବାଂଲାଦେଶୀଙ୍କ ହଟ୍‌ସ୍ପଟ୍ ପାଲଟିଥିବା ଓଡ଼ିଶାର ତଟବର୍ତ୍ତୀ ଜିଲ୍ଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରପଡ଼ା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଜିଲ୍ଲାରେ ବେଆଇନ୍ ବାଙ୍ଗଲାଦେଶୀ ଚିହ୍ନଟ କରାଯାଉଛି। ରାଜ୍ୟରୁ ଖୁବ୍‌ଶୀଘ୍ର ସେମାନଙ୍କୁ ବିଦା କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ନୋଡାଲ ଏଜେନ୍ସି ଭାବେ ଦାୟିତ୍ୱ ନେଇଛି ଏସ୍‌ଟିଏଫ୍। ବାଙ୍ଗଲାଦେଶୀଙ୍କୁ ଚିହ୍ନଟ ପାଇଁ ସମସ୍ତ ଜିଲ୍ଲା ଅଧିକାରୀ, ତଟ ସୁରକ୍ଷା ବାହିନୀ ସହ ସବୁ ଏଜେନ୍ସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏନେଇ ଏସ୍‌ଟିଏଫ ଡିଆଇଜି ପିନାକ ମିଶ୍ର କହିଛନ୍ତି ଯେ ଜିଲ୍ଲା ଅଧିକାରୀ, ତଟ ସୁରକ୍ଷା ବାହିନୀ, ସବୁ ଏଜେନ୍ସିକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ତଟବର୍ତ୍ତୀ ଜିଲ୍ଲାଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ାରେ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଜଗତସିଂହପୁର, ପୁରୀ, ଗଞ୍ଜାମରେ ବି ଚିହ୍ନଟ ନେଇ ଧରପଗଡ଼ ହେଉଛି। ଚିହ୍ନଟ କରିବା ପକ୍ରିୟାରେ ବିଶେଷକରି ସ୍ଥାନୀୟ ସରପଞ୍ଚ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗ ନିଆଯାଉଛି। ଅନେକ ବାଂଲାଦେଶୀ ଜଳପଥ ଦେଇ ଓଡ଼ିଶାରେ ପ୍ରବେଶ କରୁଛନ୍ତି। ତେଣୁ ସେମାନଙ୍କୁ ଧରିବା ପାଇଁ ଜଳପଥରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ। ଏଥିପାଇଁ ପାରାଦ୍ୱୀପ, ବାଲେଶ୍ୱର, ପୁରୀ ଆଦି ଉପକୂଳ ଜିଲ୍ଲାର ମେରାଇନ୍ ଥାନାକୁ ଆଲର୍ଟ କରାଯାଇଛି। ଯଦି କୌଣସି ସନ୍ଦିଗ୍ଧ ବୋର୍ଟ ତଟବର୍ତ୍ତୀ ଅଞ୍ଚଳରେ ଦୃଶ୍ୟମାନ ହୁଏ, ତେବେ ତୁରନ୍ତ ତାକୁ ଅଟକାଇ ପରିଚୟପତ୍ର ଯାଞ୍ଚ କରାଯିବ।

ଏଥିସହିତ ରାଜଧାନୀ ଭୁବନେଶ୍ୱରରେ ଏକାଧିକ ବାଂଲାଦେଶୀ ରହିଛନ୍ତି। ସେମାନେ ୟୁନିଟ-୩ ଏବଂ ସହରର ଅନେକ ବସ୍ତିରେ ଘର କରି ରହିଛନ୍ତି। ତେଣୁ ସେମାନଙ୍କୁ ଚିହ୍ନଟ କରିବା ପାଇଁ ଗତକାଲି ଡିସିପି ଜଗମୋହନ ମୀନା କ୍ରାଇମ୍ ମିଟିଂରେ ସବୁ ଥାନା ଅଧିକାରୀ ଏବଂ ଏସିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ଏବେ ଥାନା ଅଧିକାରୀ ବସ୍ତି ବସ୍ତି ଯାଇ ବାଂଲାଦେଶୀଙ୍କୁ ଚିହ୍ନଟ କରିବ। ବଡ଼ କଥା ହେଲା, ରାଜଧାନୀରେ ଘଟୁଥିବା ଏକାଧିକ ଅପରାଧରେ ବାଂଲାଦେଶୀଙ୍କ ହାତ ରହୁଛି। ତେଣୁ ସେମାନଙ୍କୁ ଚିହ୍ନଟ କରି ନିଜ ଦେଶକୁ ପଠାଇଦେଲେ ରାଜ୍ୟରେ ଅପରାଧ କମିବ ବୋଲି ଡିସିପି କହିଛନ୍ତି।

# ବାଲ୍‌ତିରେ ପିଟି ମନ୍ଦିର ପୂଜକଙ୍କୁ ହତ୍ୟା

ସେମିଳିଗୁଡ଼ା/ସୁନାବେଡ଼ା,୧୯।୫(ସମିସ): କୋରାପୁଟ ଜିଲ୍ଲା ସୁନାବେଡ଼ା ଥାନା ଅଧୀନ କାକିଗାଁରେ ସାମାନ୍ୟ ବଚସାକୁ କେନ୍ଦ୍ର କରି ଜଣେ ମନ୍ଦିର ପୂଜକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ, କାକିଗାଁ ଗ୍ରାମର ଶଙ୍କରରାନ୍ଧିଓରଫ୍ ଏଲିସ୍‌ମୂଷା(୩୬)।ଅଭିଯୁକ୍ତମାନେ ତାଙ୍କୁ ବାଲ୍‌ତି ଓ ବଳାରେ ଛେଚି ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ସୁନାବେଡ଼ା ପୁଲିସ୍ ଶବକୁ ଜବତ କରି କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ନମ୍ବର ୯୩/୨୫ରେ ଏକ ହତ୍ୟା ମାମଲା ରୁଜୁ କରିଛି। ଅପରପକ୍ଷେ, ଏହି ହତ୍ୟାକାଣ୍ଡରେ ସଂପୃକ୍ତ ଦୁଇ ଅଭିଯୁକ୍ତ ଥାନାରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, ଦେବ ବଦଲିଗୁଡ଼ିଆ ଓ ଲକ୍ଷ୍ମୀଧର ନାୟକ। ପୁଲିସ୍ ଦୁହିଁଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସେହିପରି ଏହି ହତ୍ୟାକାଣ୍ଡକୁ କେନ୍ଦ୍ର କରି କାକିଗାଁ ଗାଁରେ ତୀବ୍ର ଉତ୍ତେଜନା ଦେଖାଦେଇଛି।

ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନାଙ୍କ ସୂଚନାନୁଯାୟୀ, ସେମିଳିଗୁଡ଼ା ନିକଟସ୍ଥ କାକିଗାଁ ଗାଁର ଶଙ୍କର ଜଣେ କିନ୍ନର। ସେ ଗ୍ରାମଦେବୀଙ୍କ ମନ୍ଦିରରେ ଦୀର୍ଘ ଦିନ ହେବ ପୂଜାର୍ଚ୍ଚନା କରି ଆସୁଥିଲେ। ପୂଜାପାଠକୁ କେନ୍ଦ୍ର କରି ପଡ଼ୋଶୀ ଦେବ ବଦଲିଗୁଡ଼ିଆଙ୍କ ସହ ତାଙ୍କର ମନୋମାଳିନ୍ୟ ରହିଥିଲା। ରବିବାର ସନ୍ଧ୍ୟା ପ୍ରାୟ ୭ଟାରେ ଶଙ୍କର ମନ୍ଦିରରୁ ଘରକୁ ଫେରୁଥିବା ବେଳେ ଘର ସାମ୍ନାରେ ବସିଥିବା ଦେବଙ୍କ ସହ କୌଣସି କାରଣରୁ କଥା କଟାକଟି ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦେବ ଓ ତାଙ୍କ ସହଯୋଗୀ ଲକ୍ଷ୍ମୀଧର ହାତରେ ପିନ୍ଧିଥିବା ବଳା ଓ ଏକ ଲୁହା ବାଲ୍‌ତିରେ ଶଙ୍କରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଦେବ ଲୁହା ବଳାରେ ଶଙ୍କରଙ୍କ ମୁଣ୍ଡକୁ ଏକାଧିକଥର ଶକ୍ତ ଆଘାତ ଦେବାରୁ ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଏହା ଦେଖି ଅଭିଯୁକ୍ତଦ୍ୱୟ ସେଠାରୁ ଫେରାର୍ ହୋଇଯାଇଥିଲେ। କିଛି ସମୟ ପରେ ଶଙ୍କରଙ୍କ ଭାଇ ସଞ୍ଜିତ ଘଟଣାସ୍ଥଳରେ ପହଞ୍ଚି ଶଙ୍କରଙ୍କୁ ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଖବର ପାଇ ସୁନାବେଡ଼ା ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଥିଲା। ଅପରପକ୍ଷେ, ବିଳମ୍ବିତ ରାତ୍ରିରେ ଅଭିଯକ୍ତଦ୍ୱୟ ସୁନାବେଡ଼ା ଥାନାରେ ଆତ୍ମସମର୍ପଣ କରିଥିଲେ।

■ ଫନି କ୍ଷତିଗ୍ରସ୍ତଙ୍କ ସହାୟତା ରାଶି ହଡ଼ପ ଅଭିଯୋଗ

# ପୁରୀ ଏସ୍‌ପିଙ୍କୁ ଓଏଚ୍‌ଆର୍‌ସିଙ୍କ ଜବାବ ତଲବ

କଟକ, ୧୯।୫ (ସମିସ): ଗତ ଫନି ବ୍ୟାତ୍ୟାରେ କ୍ଷତିଗ୍ରସ୍ତ ଜନୈକ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିବା ଅନୁକମ୍ପାମୂଳକ ସହାୟତା ରାଶିକୁ ବ୍ୟାଙ୍କରୁ ହଡ଼ପ କରାଯାଇଥିବା ଅଭିଯୋଗରେ ରୁଜୁ ମାମଲାକୁ ଓଡ଼ିଶା ମାନବାଧିକାର କମିସନ୍ (ଓଏଚଆରସି) ବିଚାର ପାଇଁ ଗ୍ରହଣ କରିଛନ୍ତି। ଏଥିସହ ପୁରୀ ଏସ୍‌ପିଙ୍କ ନିକଟରୁ ଏହି ପ୍ରସଙ୍ଗରେ ରିପୋର୍ଟ ତଲବ କରିଛନ୍ତି ମାନବାଧିକାର କମିସନ। ୭୭ ବର୍ଷୀୟ ଗୁଣ୍ଡିଚା ବେହେରାଙ୍କ ଆବେଦନର ଶୁଣାଣି କରି କମିସନ୍ ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘନ ପୂଜାହାରୀ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ପୁରୀ ଜିଲ୍ଲା ପିପିଲି ତହସିଲ ଅନ୍ତର୍ଗତ ଦକ୍ଷିଣସାହିଛକ ବାସିନ୍ଦା ଗୁଣ୍ଡିଚାଙ୍କ ମାଟି ଘର ଗତ ୨୦୧୯ର ଫନି ବାତ୍ୟାରେ ଭାଙ୍ଗି ଯାଇଥିଲା। ସରକାରଙ୍କ ପକ୍ଷରୁ ଏଥିପାଇଁ ୯୫ହଜାର ଟଙ୍କାର ଅନୁକମ୍ପାମୂଳକ ସାହାଯତା ରାଶି ତାଙ୍କ ସାତଶଙ୍ଖ ଛକରେ ଥିବା ଜାତୀୟକରଣ ବ୍ୟାଙ୍କ ଖାତାରେ ୨୦୨୦, ଫେବ୍ରୁଆରି ୨୯ରେ ଜମା ହୋଇଥିଲା। ତେବେ ପିପିଲି ତହସିଲଦାରଙ୍କ ବ୍ୟାଙ୍କ ଖାତା ଅଚଳ କରାଯାଇଥବା ହେତୁ ଏହି ଟଙ୍କାକୁ ଉଠାଇବାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅନୁମତି ଦେଇ ନଥିଲେ। ଆବେଦନକାରୀ ଏ ନେଇ ପିପିଲି ତହସିଲଦାରଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିବାରୁ ତାଙ୍କ ବ୍ୟାଙ୍କ ଖାତା ସଚଳ ଅଛି ଓ ଏହାକୁ ଅଚଳ କରିବାକୁ କିଛି ନିର୍ଦ୍ଦେଶ ନଥିବା ତହସିଲ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା। ଆବେଦନକାରୀ ପରେ ଉକ୍ତ ବ୍ୟାଙ୍କ ଶାଖାରେ ଯାଇ ଯୋଗାଯୋଗ କରିବା ପରେ ଗତ ୨୦୨୦, ମାର୍ଚ୍ଚ ୧୩ରେ ତାଙ୍କ ବ୍ୟାଙ୍କ ଖାତାରୁ ଟଙ୍କା ଉଠାଯାଇ ସାରିଛି ବୋଲ ବ୍ୟାଙ୍କ ପକ୍ଷରୁ କୁହାଯାଇଥିଲା। ସେ ଟଙ୍କା ଉଠାଇନଥିବା ବେଳେ ତାଙ୍କ ବ୍ୟାଙ୍କ ଖାତାରୁ ଚଞ୍ଚକତା କରି ଅନ୍ୟ କେହି ଟଙ୍କା ନେଇ ଯାଇଥିବା ପିପିଲି ଥାନାରେ ଅଭିଯୋଗ କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ନିଶିକାନ୍ତ ମିଶ୍ର ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ଅଖଣ୍ଡ ଓ ବର୍ଷା ସ୍ୱାଇଁ ସହାୟତା କରୁଛନ୍ତି।

■ ରଥଖଳାରୁ...

# ଡେରାହେଲା ଚକ ଅଖ



ପୁରୀ,୧୯।୫(ସମିସ): ସୋମବାର ଥିଲା ଶ୍ରୀକ୍ଷେତ୍ର ଭଉଁରୀ। ପରମ୍ପରା ଅନୁଯାୟୀ ଏହି ପବିତ୍ର ତିଥିରେ ରଥଖଳାରେ ୩ଟି ଅଖ ସହ ଛଅଟି ଚକ ସଂଯୋଗ ପୂର୍ବକ ଚକ ଅଖ ଡେରା ନୀତି ସମ୍ପନ୍ନ ହୋଇଛି। ପ୍ରଥମେ ୩ଟି ଅଖ ଏବଂ ୬ଟି ଚକର ଅଖ ବିନ୍ଧରେ ତେଲ ଦିଆଯାଇଥିଲା। ସିଂହଦ୍ୱାର ସମ୍ମୁଖ କୂଅରୁ ପାଣି ଅଣାଯାଇ ଡେରା ପାଇଁ ରହିଥିବା ଚକ ଏବଂ ଅଖକୁ ସ୍ନାନ କରାଯାଇଥିଲା। ୬ଟି ଚକ ପଦାରିରେ କମାର ସେବକମାନେ ନଡ଼ିଆ ଭାଙ୍ଗି ଯୋକିଆ କଣ୍ଟା ବାଡ଼େଇଥିଲେ। ସେପଟେ ଶ୍ରୀମନ୍ଦିରରେ ପୂର୍ବାହ୍ଣ ୧୧ଟା ୧୦ରେ ସକାଳ ଧୂପ ଶେଷ ହୋଇଥିଲା। ପରେ ତିନିବାଡ଼ର ପୂଜାପଣ୍ଡା ସାମନ୍ତ ଛତି, ତରାଶ, କାହାଳି ସହ ପଟୁଆରରେ ରତ୍ନସିଂହାସନରୁ ଶ୍ରୀବିଗ୍ରହମାନଙ୍କ ୩ଟି ଆଜ୍ଞାମାଳ ନେଇ ରଥଖଳା ଅଭିମୁଖେ ବାହାରିଥିଲେ।

ବଡ଼ଠାକୁରଙ୍କ ବାଡ଼ରୁ ଲକ୍ଷ୍ମୀ ନାରାୟଣ ପୂଜାପଣ୍ଡା ସାମନ୍ତ, ଦେବୀ ସୁଭଦ୍ରାଙ୍କ ବାଡ଼ରୁ ଗୋପବନ୍ଧୁ ପୂଜାପଣ୍ଡା ସାମନ୍ତ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରୁ ବିଶ୍ୱନାଥ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଆଣି ଆସିଥିଲେ। ପ୍ରଥମେ ଶ୍ରୀନଅରକୁ ଯାଇ ନିର୍ଦ୍ଦେଶ ପାଇବା ପରେ ରଥଖଳାରେ ପହଞ୍ଚିଥିଲେ। ଏହାପରେ ଭୋଇ ସେବକମାନେ ପ୍ରଥମେ ତାଳଧ୍ୱଜ ରଥର ଚକ ସହିତ ଅଖ ସଂଯୋଗ କରି ଡେରିଥିଲେ। ପରେ ନନ୍ଦିଘୋଷ ଏବଂ ଶେଷରେ ଦର୍ପଦଳନ ରଥର ଚକଡେରା ସମ୍ପନ୍ନ ହୋଇଥିଲା। ରଥ ନିର୍ମାଣକାରୀ ସେବକଙ୍କ ଜୟ ଜଗନ୍ନାଥ, ହରିବୋଲ ଧ୍ୱନିରେ ବଡ଼ଦାଣ୍ଡରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

ଚକଡେରା କାର୍ଯ୍ୟ ସମ୍ପନ୍ନ ହେବା ପରେ ତିନିଜଣ ପୂଜାପଣ୍ଡା ସାମନ୍ତ ଡେରା ଯାଇଥିବା ଚକରେ ଆଜ୍ଞାମାଳ ପ୍ରଦାନ କରିଥିଲେ। ପ୍ରଥମେ ତାଳଧ୍ୱଜ ରଥରେ ଆଜ୍ଞାମାଳ ଦିଆଯାଇଥିଲା। ପରେ ନନ୍ଦିଘୋଷ ରଥ ଏବଂ ଶେଷରେ ଦର୍ପଦଳନ ରଥର ଡେରାଯାଇଥିବା ଚକରେ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ପରେ ତିନିରଥର ମୁଖ୍ୟ ମହାରଣାମାନେ ମହାପ୍ରଭୁଙ୍କୁ ପ୍ରଣାମ କରି ଚକରେ ଲାଗି ହୋଇଥିବା ଆଜ୍ଞାମାଳକୁ କାଢ଼ି ରଥଖଳା ସମ୍ମୁଖରେ ଥିବା ମା' ଚର୍ଚ୍ଚିକାଙ୍କ ପୀଠକୁ ନେଇଥିଲେ। ୩ଟି ଯାକ ଆଜ୍ଞାମାଳ ମା' ଚର୍ଚ୍ଚିକାଙ୍କୁ ଲାଗି କରାଯାଇଥିଲା। ଏହାପରେ ମହାରଣାମାନେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରି ଫେରିଥିଲେ।

ସୋମବାର ଚକଡେରା ନୀତିରେ ଭୋଇ ସେବକ ପ୍ରଥମ ହରିବୋଲ ପକାଇଛନ୍ତି। ରଥ ନିର୍ମାଣ ଶେଷ ପର୍ଯ୍ୟନ୍ତ ବିଧି ଅନୁଯାୟୀ ଆଉ ୮ଟି ହରିବୋଲ ପକାଯିବ ବୋଲି ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି।

## ନିର୍ଦ୍ଧାରିତ ସମୟରେ ହୋଇ ପାରିଲାନି ନୂଆ କୁଳପତି ନିଯୁକ୍ତି

# ପୁଣି ବର୍ଷେ ବଢ଼ିବ କେବଳ 'ଉତ୍କଳ' କୁଳପତିଙ୍କ କାର୍ଯ୍ୟକାଳ !

୭ ବିଶ୍ୱବିଦ୍ୟାଳୟରେ ନାହାନ୍ତି ସ୍ଥାୟୀ କୁଳପତି

ଭୁବନେଶ୍ୱର,୧୯।୫(ସମିସ): ରାଜ୍ୟର ୭ଟି ପ୍ରମୁଖ ବିଶ୍ୱବିଦ୍ୟାଳୟରେ ନାହାନ୍ତି ସ୍ଥାୟୀ କୁଳପତି । ଅସ୍ଥାୟୀ ଦାୟିତ୍ୱରେ ଥିବା କୁଳପତିମାନେ ବିଶ୍ୱବିଦ୍ୟାଳୟ ଚଳାଉଛନ୍ତି। ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୪ ରାଜ୍ୟରେ ଲାଗୁ ହୋଇଥିଲେ ମଧ୍ୟ ସ୍ଥାୟୀ କୁଳପତି ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇ ନାହିଁ ଓ କେବେ ସୁଦ୍ଧା ନୂଆ କୁଳପତି ନିଯୁକ୍ତି ପାଇବେ ତାହା ମଧ୍ୟ ସ୍ପଷ୍ଟ ନୁହେଁ। ପୁଣି ନୂଆ ବିଶ୍ୱବିଦ୍ୟାଳୟ ନିୟମ ଅନୁସାରେ ସରକାର ଯାହାକୁ ଚାହିଁବେ ତାକୁ କୁଳପତି ନିଯୁକ୍ତି କରିବାର କ୍ଷମତା ରଖିଥିବାରୁ ଏହି ପଦ ପାଇଁ ଯୋଗ୍ୟ ବ୍ୟକ୍ତିମାନଙ୍କ ସନ୍ଧାନ କାର୍ଯ୍ୟ ଶେଷ ହୋଇ ପାରୁନାହିଁ । ଏହି ପରିପ୍ରେକ୍ଷୀରେ ନୂଆ କୁଳପତି ନିଯୁକ୍ତିରେ ଉଚ୍ଚଶିକ୍ଷା ବିଭାଗ ବିଫଳ ହୋଇଥିବାରୁ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ ଆଉ ବର୍ଷେ ବଢ଼ାଇବାକୁ ସବୁଜ ସଙ୍କେତ ଦେଇଛି କୁଳାଧିପତିଙ୍କ କାର୍ଯ୍ୟାଳୟ। ରାଜଭବନ ପକ୍ଷରୁ ଏ ସଂକ୍ରାନ୍ତରେ ଉଚ୍ଚଶିକ୍ଷା ବିଭାଗ ସଚିବଙ୍କୁ ଚିଠି ଲେଖାଯାଇଛି। ତେବେ ସ୍ଥାୟୀ କୁଳପତି ନ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରତିଷ୍ଠାନର ବରିଷ୍ଠ ପ୍ରଫେସର ବା ନିକଟସ୍ଥ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ପ୍ରଦାନ କରାଯାଉଥିବାବେଳେ ଉତ୍କଳ କୁଳପତିଙ୍କ କାର୍ଯ୍ୟକାଳ ବୃଦ୍ଧି ପରାମର୍ଶକୁ ଅନେକ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ବିଭାଗର କିଛି ବରିଷ୍ଠ ଅଧିକାରୀ ଓ ବିଶ୍ୱବିଦ୍ୟାଳୟର କିଛି ପ୍ରଫେସର ଏହାକୁ ନେଇ ଆପତ୍ତି କରିଥିବା ମଧ୍ୟ ସୂଚନା ମିଳିଛି। ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତିଙ୍କ ୪ବର୍ଷିଆ କାର୍ଯ୍ୟକାଳ ଗତ ନଭେମ୍ବର ମାସରେ ଶେଷ ହୋଇଥିଲା। ଏହାପରେ ତିନି କୁଳପତିଙ୍କ କାର୍ଯ୍ୟକାଳ ୬ମାସ ବୃଦ୍ଧି କରାଯାଇଥିଲା। ଇତି ମଧ୍ୟରେ ରମାଦେବୀ ବିଶ୍ୱବିଦ୍ୟାଳୟ ଓ ଜିଏମ୍ ବିଶ୍ୱବିଦ୍ୟାଳୟର କୁଳପତି ଇସ୍ତଫା ଦେଇଛନ୍ତି । ସେମାନଙ୍କ ସ୍ଥାନରେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷଙ୍କୁ ଅସ୍ଥାୟୀ କୁଳପତି ଭାବେ ନିଯୁକ୍ତି ଦିଆଯାଇଛି। ଆସନ୍ତା ୨୩ ତାରିଖରେ ଉତ୍କଳ କୁଳପତିଙ୍କ କାର୍ଯ୍ୟକାଳ ଶେଷ ହେବ । ତେଣୁ ତାଙ୍କ ସ୍ଥାନରେ ନୂଆ କୁଳପତିଙ୍କୁ ନିଯୁକ୍ତି ଦିଆଯିବା ଜରୁରୀ । ମାତ୍ର ଏ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାବେଳେ ରାଜଭବନ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ ଆହୁରି ଏକ ବର୍ଷ ବୃଦ୍ଧି କରାଯିବାକୁ ପରାମର୍ଶ ଦିଆଯାଇଛି । ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଓ ବିଶ୍ୱବିଦ୍ୟାଳୟର ଅନେକ ବରିଷ୍ଠ ପ୍ରଫେସର, ଶିକ୍ଷାବିତ୍ ଭ୍ରୂକୁଞ୍ଚନ କରିଛନ୍ତି ।

## ନାବାଳିକା ଦୁଷ୍କର୍ମକାରୀକୁ ୧୫ ବର୍ଷ ଜେଲ

**ସମ୍ବଲପୁର, ୧୯।୫ (ସମିସ) :** ସମ୍ବଲପୁର ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ବିଚାରପତି ଅଭିଳାଷ ସେନାପତି ବୁର୍ଲା ଥାନା ଅଞ୍ଚଳର ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି ଅଭିଯୁକ୍ତ ନରେଶ ମିର୍ଦ୍ଧାକୁ ୧୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଅଭିଯୁକ୍ତ ଆଉ ୧ ବର୍ଷ ଜେଲଦଣ୍ଡ ଭୋଗିବ।

ସୂଚନାନୁଯାୟୀ, ଘଟଣାଟି ୨୦୨୩ ମସିହାରେ ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ ଚିପିଲିମା ଅଞ୍ଚଳରେ ହୋଇଥିଲା। ଘଟଣା ଦିନ ପୀଡ଼ିତାର ବାପା, ମା' ଓ ବଡ଼ ଭଉଣୀ ସାପ୍ତାହିକ ବଜାରକୁ ଯାଇଥିଲେ। ୧୬ ବର୍ଷ ବୟସ୍କା ପିଡ଼ିତାର ଦେହ ଅସୁସ୍ଥ ଥିବାରୁ ସେ ଏକାକୀ ଘରେ ଥିଲା। ଏହାର ସୁଯୋଗରେ ଅଭିଯୁକ୍ତ ନରେଶ ମିର୍ଦ୍ଧା (୨୨) ପିଡ଼ିତାର ଘରେ ପଶି ଜୋରଜବରଦସ୍ତି ବଳାତ୍କାର କରିଥିଲା। ଏହି ସମୟରେ ପିଡ଼ିତାର ମା' ଘରକୁ ଫେରି ଘଟଣା ଦେଖିଥିବାବେଳେ ଅଭିଯୁକ୍ତ ପିଡ଼ିତାର ମା'କୁ ଧକ୍କା ମାରି ସେଠାରୁ ଫେରାର ହୋଇଯାଇଥିଲା। ପୀଡ଼ିତା ସବୁକଥା କାନ୍ଦି କାନ୍ଦି ମା'କୁ କହିଥିଲା। ଏନେଇ ପରିବାର ଲୋକେ ଚିପିଲିମା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ବୁର୍ଲା ଥାନାଧିକାରୀ କେସ ନଂ. ୪୫୯/୨୦୨୩ ତା ୮.୧୦.୨୦୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବାସହ ଅଭିଯୁକ୍ତକୁ ଗିରଫ କରିଥିଲେ। ପୁଲିସ ଅଭିଯୁକ୍ତ ନରେଶ ମିର୍ଦ୍ଧା ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା। ସ୍ୱତନ୍ତ୍ର ପୋକ୍ସୋ ବିଚାରପତି ୨୦ ଜଣଙ୍କ ସାକ୍ଷ୍ୟ ବୟାନ ଗ୍ରହଣ ଓ ତଥ୍ୟ ଆଧାରରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ବିଚାରପତି ଅଭିଳାଷ ସେନାପତି ଆଜି ଶୁଣାଣି କରି ୪ ପୋକ୍ସୋ ଆକ୍ଟରେ ଅଭିଯୁକ୍ତ ନରେଶ ମିର୍ଦ୍ଧାକୁ ୧୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବ। ସେହିପରି ଦଫା ୪୫୦ ଆଇପିସିରେ ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବ। ଉଭୟ ଦଣ୍ଡାଦେଶ ଏକସଙ୍ଗେ ସମାନ୍ତରାଳ ଭାବେ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ଏହାସହିତ ପିଡ଼ିତାକୁ ଅନୁକମ୍ପା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ମାମଲାକୁ ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।

### ଏନ୍‌ଏଚ୍‌ଏଆଇ ଅବହେଳାରୁ ଗଡ଼ୁଛି ଜୀବନ

## ଅଇଁଠାପାଲି ଛକରେ 'ଭିଡିଓ ଗେମ୍' ଭ୍ରମ

**ସମ୍ବଲପୁର, ୧୯।୫(ସମିସ)**

ଅଇଁଠାପାଲି ଛକ ଦେଇ ଯିବା ପାଇଁ ଲୋକେ ଭୟଭୀତ। କେତେବେଳେ ଯେ ଦୁର୍ଘଟଣାର ଶିକାର ହେବେ ତାହାର କୌଣସି ଠିକଣା ନାହିଁ। ଏନ୍‌ଏଚ୍‌ଏଆଇ ଫ୍ଲାଏ ଓଭର ନିର୍ମାଣ କରୁଛି। କିନ୍ତୁ ଅବହେଳାରୁ ଜାତୀୟ ରାଜପଥ ୫୩ ଅଇଁଠାପାଲି ଛକ ବର୍ତ୍ତମାନ ମରଣଯନ୍ତା ସାଜିଛି। କେହି କେହି ଅଇଁଠାପାଲିକୁ ଭିଡିଓ ଗେମ୍ ସହ ତୁଳନା କରୁଛନ୍ତି। ଭିଡିଓ ଗେମରେ ଯେପରି ଗାଡ଼ି ଚାଳନା କରିବାକୁ ପଡ଼ିଥାଏ। ବର୍ତ୍ତମାନ ଅଇଁଠାପାଲି ଛକରେ ସେହି ପରିସ୍ଥିତି ଦେଖାଦେଇଛି। ସୂଚନାଯୋଗ୍ୟ, ସମ୍ବଲପୁର ସହରର ପ୍ରମୁଖ ଅଇଁଠାପାଲି ଛକ ଦେଇ ପ୍ରତି ଦିନ ହଜାର ସଂଖ୍ୟାରେ ଗାଡ଼ି ଯିବା ଆସିବା କରୁଛି। ଅଇଁଠାପାଲି ଓ ତଳି ଛକର ପରିସ୍ଥିତି ଏବେ ଜଟିଳ ହୋଇ ପଡ଼ିଛି। ବର୍ତ୍ତମାନ ଅଇଁଠାପାଲି ଛକ ଦେଇ ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି ଦୁଇ ଛକ ହେଉଛି ଜନଗହଳି ଛକ। କଲିକତା, ଛତିଶଗଡ଼, ବରଗଡ଼, ଝାରସୁଗୁଡ଼ା, ଦେବଗଡ଼, କଟକ, ଭୁବନେଶ୍ୱର ସମେତ ଅନେକ ସ୍ଥାନକୁ ଏହି ଛକ ଦେଇ ଗାଡ଼ି ଯାତାୟାତ କରୁଛି। କିନ୍ତୁ ଅଇଁଠାପାଲି ଛକ ଓ ମଦନାବତୀ ସ୍କୁଲ ଛକରେ ଉପଯୁକ୍ତ ବ୍ୟବସ୍ଥା ନାହିଁ। ଯେହେତୁ ଫ୍ଲାଏଓଭର କାର୍ଯ୍ୟ ଜାରି ରହିଛି, ତେଣୁ ମୁଖ୍ୟ ରାସ୍ତାରେ ଗାଡ଼ି ଯାତାୟତ ହେବାରେ ଅସମ୍ଭବ ରହିଛି। ଏଥିପାଇଁ ଉଭୟ ପାର୍ଶ୍ୱର ରାସ୍ତା ହିଁ ଭରସା ରହିଛି। ହେଲେ ବୁଲାଣି ପଏଣ୍ଟ ଗୁଡ଼ିକ ଠିକ୍ ଭାବେ ଡିଜାଇନ ହୋଇନାହିଁ। ଅଇଁଠାପାଲି ଛକ ପୂର୍ବରୁ ଭିଡିଓଗେମ୍ ଖେଳିବା ପରି ପଏଣ୍ଟ ଗୋଟାଏ ରହିଛି। ଉଭୟ ପାର୍ଶ୍ୱରୁ ହଜାର ହଜାର ଗାଡ଼ି ଅଲଗା ରାସ୍ତାରେ ଆସିବେ, କିନ୍ତୁ ଗୋଟାଏ ପଏଣ୍ଟ ବୁଲାଣି ଦେଇ ପୁଣି ସର୍ଭିସ ରୋଡ୍ ଦେଇ ଯିବେ। ସେହ ପଏଣ୍ଟରେ ବରଗଡ଼, ଦେବଗଡ଼, ଝାରସୁଗୁଡ଼ାର ଗାଡ଼ି ଏକା ସାଙ୍ଗରେ ବୁଲିବେ। ପୁଣି ସେପଟୁ ଅଇଁଠାପାଲି ବସଷ୍ଟାଣ୍ଡ, କାଇଁସର ରୋଡ ଓ ସହର ଭିତରୁ ଗାଡି ମଧ୍ୟ ବାହାରି ସେହି ପଏଣ୍ଟ ଦେଇ ଯିବେ। ବୁଲାଣି ସ୍ଥାନରେ ଯଥେଷ୍ଟ ପରିମାଣର ସ୍ଥାନ ରହିନାହିଁ। ସବୁ ପଟରୁ ଆସି ନିଜ ଜୀବନ ଓ ଗାଡ଼ିକୁ ବଞ୍ଚାଇ ସେହି ଛକ ପାର କରିବେ। ଟିକେ ଅସାବଧାନ ହେଲେ ଦୁର୍ଘଟଣାର ଶିକାର ମଧ୍ୟ ହେବ। ସେହପରି ତଳି ଛକ ଆଗରେ ସେହି ସମାନ ସ୍ଥିତି। ସବୁ ପଟରୁ ଗାଡ଼ି ଗୋଟାଏ ବୁଲାଣି ରାସ୍ତା ଦେଇ ଯିବେ। ରାସ୍ତାର ଏପରି ବ୍ୟତିକ୍ରମ ଡିଜାଇନ ପାଇଁ ପ୍ରାୟ ଦିନ ଦୁର୍ଘଟଣା ଘଟୁଛି। ଏହି ଚାରି ଦିନରେ ୨ଟି ଦୁର୍ଘଟଣା ଘଟିଛି। ସେଥିରୁ ଜଣେ ଆହତ ହେବା ସହ ଜଣଙ୍କ ମୃତ୍ୟୁ ହୋଇଛି। ଗତ ୧୬ ତାରିଖରେ ଦୁଇ ଟ୍ରକ ମୁହାଁ ମୁହିଁ ଧକ୍କା ହୋଇଥିଲେ। ଆଜି ସେହିପରି ଜଣେ ଡାକ୍ତରଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସହରରେ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟ ଚାଲିଛି। ସହରର ବିକାଶ ହେଉଛି। କିନ୍ତୁ ବିକାଶ ଆଳରେ ଲୋକଙ୍କ ଜୀବନ ଗଡ଼ୁଛି। ବ୍ୟବସ୍ଥିତ ରାସ୍ତା ଡିଜାଇନ ରହିନଥିବାରୁ ଏପରି ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେଣୁ ଏନଏଚଆଇ କର୍ତ୍ତୃପକ୍ଷ ଶୀଘ୍ର ଉପଯୁକ୍ତ ବ୍ୟବସ୍ଥା କରନ୍ତୁ ବୋଲି ଦାବି ହୋଇଛି।



**୪ଦିନରେ ୨ ଦୁର୍ଘଟଣା, ଜଣେ ମୃତ**

**ସୂତା ଖିଅରେ ଗାଡ଼ି ଚାଳନା**

**ଜୀବନ ନେଉଛି ଫ୍ଲାଏ ଓଭର୍ ନିର୍ମାଣ**

**ଗୋଟାଏ ପଏଣ୍ଟରେ ବୁଲୁଛି ଉଭୟପଟ ରାସ୍ତାର ଗାଡ଼ି**

**ଉପଯୁକ୍ତ ବ୍ୟବସ୍ଥା ନଥିବାରୁ ଆତଙ୍କିତ ଯାତ୍ରୀ**

### ଦୁର୍ଘଟଣା ପାଇଁ ଏନ୍‌ଏଚ୍‌ଏଆଇକୁ ଦାୟୀ କଲେ ରୋହିତ

ଏନ୍‌ଏଚଏଆଇ କର୍ତ୍ତୃପକ୍ଷ ଏବଂ ପ୍ରଶାସନର ଅବହେଳା ଯୋଗୁଁ ଏନ୍‌ଏଚ୍ ୫୩ ଅଇଁଠାପାଲି ରାସ୍ତାରେ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ କହିଛନ୍ତି। ଏନ୍‌ଏଚ୍ ୫୩ ର ସମ୍ପ୍ରସାରଣ ଫ୍ଲାଏ ଓଭର କାମ ଚାଲିଥିବା ବେଳେ ଅଇଁଠାପାଲି ଛକ ଏବଂ ଆଖପାଖ ଅଞ୍ଚଳ ବ୍ୟସ୍ତବହୁଳ ରହୁଥିବା ବେଳେ ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ବିଭିନ୍ନ ସାମଗ୍ରୀ ଏଣେ ତେଣେ ପଡୁଛି। ଏଥି ସହିତ ଏହି ରାସ୍ତାରେ ବହୁ ମାତ୍ରାରେ ଭାରି ଯାନ, କଳକାରଖାନାର ବାର୍ଯ୍ୟ ପାଉଁଶ ବୋଝେଇ ଯାନ ସହ ଯାତ୍ରୀବାହି ଯାନ ମାନ ଚଳାଚଳ କରୁଥିବାରୁ ଧୂଳି କଣିକା ମଧ୍ୟ ପ୍ରଚଣ୍ଡ ମାତ୍ରାରେ ଉଡୁଥିବା ଯୋଗୁଁ ବିଭିନ୍ନ ଯାନବାହାନ ଚାଳକ ଏବଂ ଯାତ୍ରୀ ଏହାଦ୍ୱାରା କ୍ଷତିଗ୍ରସ୍ତ ହେଉଛନ୍ତି। ଏହା ସହ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏଠାରେ ରାସ୍ତା ନିର୍ମାଣ କାମ ଚାଲୁଥିବା ସମୟରେ ଯାହା ସବୁ ଯାତ୍ରୀ ଏବଂ ଯାନବାହାନ ଚାଳକଙ୍କ ସୂଚନା ନିମନ୍ତେ ପର୍ଯ୍ୟାପ୍ତ ପରିମାଣରେ ଟ୍ରାଫିକ ସଂକେତ, ସୂଚନା ଫଳକ ଦରକାର ସେ ସବୁର ଅଭାବ ରହୁଛି। ଯାହାର ଫଳସ୍ୱରୁପ ବିଭିନ୍ନ ସମୟରେ ପୂର୍ବୋକ୍ତ ଛକ ପାଖାପାଖି ଦୁର୍ଘଟଣା ମାନ ଘଟୁଛି। ତେଣୁ ସେ ଏନଏଚଆଇକୁ ଦାୟୀ କରିଛନ୍ତି। ଏନଏଚଆଇ ଅବହେଳା ପାଇଁ ଆଜି ଇଏନ୍‌ଟି ଚିକିତ୍ସକ ଓ ପୂର୍ବତନ ଏଡିଏମଓ ତଥା ସ୍ୱଳ୍ପ ସମୟ ପାଇଁ ସମ୍ବଲପୁର ଜିଲ୍ଲାର ଭାରପ୍ରାପ୍ତ ସିଡିଏମଓ ଭାବରେ ଦାୟିତ୍ୱ ନେଇଥିବା ଡାକ୍ତର ଭରତ ଚନ୍ଦ୍ର ଦାସ ଆଜି ପୂର୍ବୋକ୍ତ ଜାଗାରେ ଦୁର୍ଘଟଣାର ଶୀକାର ହୋଇ ସ୍ୱର୍ଗପ୍ରାପ୍ତି କରିଛନ୍ତି। ଏଥି ସହିତ ଯାତ୍ରୀ ତଥା ଯାନବାହନ ମାନଙ୍କର ସୁଗମନାଗମନ ସୁନିଶ୍ଚିତ କରିବା ନିମନ୍ତେ ଏନ୍ ଏଚ ଏ ଆଇ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ସଠିକ୍ ସଂକେତ, ସୂଚନା ଫଳକ ଲଗାଇବା, ଧୂଳିକଣା ଉଡ଼ିବାକୁ ରୋକିବା ପାଇଁ ପାଣି ସିଞ୍ଚନ ସହ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା କରିବା ପାଇଁ ଇଂ ପୂଜାରୀ ଦାବି କରିଛନ୍ତି।

## ଦୁଇ ପୁରୁଣା ୱାରେଣ୍ଟି ଗିରଫ

**ସମ୍ବଲପୁର, ୧୯।୫ (ସମିସ) :** ଅଇଁଠାପାଲି ଥାନା ଅଞ୍ଚଳର ଦୁଇଜଣ ପୁରୁଣା ୱାରେଣ୍ଟିଙ୍କୁ ଆଜି ପୁଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ଆଜି ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ୨୦୦୯ ମସିହାରୁ ଫେରାର ଥିବା ରବୀନ୍ଦ୍ର ରାଜକ ଓ ବିକାଶ ମୁଣ୍ଡା ନାମକ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନାମରେ ୨୦୦୯ ମସିହାର ଏକ ଗଣ୍ଡଗୋଳ ମାମଲା ରହିଛି। ସେମାନେ ଆଜି ଅଇଁଠାପାଲି ଅଞ୍ଚଳରେ ବୁଲୁଥିବା ଖବରପାଇ ପୁଲିସ ଚଢ଼ଉ କରିଥିଲା। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି।

## ସକାଳ ୬ରୁ ୧୧ ବନ୍ଦ ରହିବ ବିଦ୍ୟୁତ୍ ଯୋଗାଣ

**ସମ୍ବଲପୁର, ୧୯।୫ (ସମିସ) :** ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ୍) ପକ୍ଷରୁ ୧୩୨/୩୩ କେ.ଭି. ଲପଙ୍ଗା ଗ୍ରୀଡ୍ ସବଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ସମ୍ବଲପୁର ଜିଲ୍ଲା କତରବଗା, ଗୋଲାମାଲ, ପାଧାନପାଲି, ବ୍ରାହ୍ମଣୀପାଲି, ବାସୁପାଲି, ଆରଆର୍ କଲୋନି, ବଡ଼ମାଲ, ଲୁହାଖଣ୍ଡି, ଥରୁପାଲି, ଝାଙ୍କରପାଲି, ସରଗିପାଲୀ, ଲାଉମାଲ, ଖୁଣ୍ଟୁପାଲି ମେଣ୍ଢାବାହଲ, କୁଟୁରିମାଲ ଆଦି ଅଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳରେ ଆସନ୍ତାକାଲି ମଙ୍ଗଳବାର ଓ ବୁଧବାର ସକାଳ ୬ଟାରୁ ୧୧ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ରକ୍ଷଣାବେକ୍ଷଣ, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଅତ୍ୟନ୍ତ ଜରୁରୀ ବୋଲି କୁହାଯାଇଛି। ତେଣୁ ସାମୟିକ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରିବା ସହ ଉକ୍ତ ଅଞ୍ଚଳର ବିଦ୍ୟୁତ୍ ଗ୍ରାହକ ତଥା ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

## ଟ୍ରକ୍ ଧକ୍କାରେ ଅବସରପ୍ରାପ୍ତ ଏଡିଏମ୍‌ଓଙ୍କ ଦେହାନ୍ତ

**ସମ୍ବଲପୁର, ୧୯।୫ (ସମିସ) :** ଆଜି ଅଇଁଠାପାଲି ଥାନା ଜାତୀୟ ରାଜପଥ-୫୩ରେ ଟ୍ରକ୍ ଧକ୍କାରେ ଅବସରପ୍ରାପ୍ତ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଭରତ ଚନ୍ଦ୍ର ଦାଶଙ୍କ ମୃତ୍ୟୁ ହୋଇଯାଇଛି। ସୋମବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସମୟରେ ଡା. ଦାଶ ତାଙ୍କ ଆକ୍ଟିଭା ଯୋଗେ ଅନୁଗୁଳିଆପଡ଼ା ପଟକୁ ଯାଇ ଘରକୁ ଫେରୁଥିଲେ। ଏହି ସମୟରେ ପଛପଟୁ ଆସୁଥିବା ଏକ ଟ୍ରକ୍ ଆୟକର କାର୍ଯ୍ୟାଳୟ ସମ୍ମୁଖରେ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡ଼ିଯିବାପରେ ଟ୍ରକ୍‌ଟି ତାଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ଅଇଁଠାପାଲି ଥାନା ପୁଲିସ ପହଞ୍ଚି ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ତେବେ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଟ୍ରକ ଓ ସ୍କୁଟିକୁ ଜବତ କରି ଘଟଣାର ତଦନ୍ତ କରୁଛି।



ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପୂର୍ବତନ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ଏଡିଏମ୍‌ଓ) (ପରିବାର କଲ୍ୟାଣ) ଡା. ଭରତ ଚନ୍ଦ୍ର ଦାଶ (୬୦) ଗତ ଫେବୃଆରୀ ୨୮ ତାରିଖରେ କାର୍ଯ୍ୟରୁ ଅବସରଗ୍ରହଣ କରିଥିଲେ। ତାଙ୍କ ପଛରେ ପତ୍ନୀ ନବନୀତା, ପୁଅ ପ୍ରୟାସ ଓ ଝିଅ ପ୍ରତ୍ୟାଶାଙ୍କୁ ଛାଡ଼ିଯାଇଛନ୍ତି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଚିକିତ୍ସକ, ବନ୍ଧୁ ପରିଜନ ତଥା ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି। ଶବ ବ୍ୟବଚ୍ଛେଦ ପରେ ବିକାଶ ହସ୍ପିଟାଲ ଶବ ଗୃହରେ ରଖାଯାଇଛି। ଆସନ୍ତାକାଲି ସନ୍ଧ୍ୟାରେ ସୁଇଜରଲ୍ୟାଣ୍ଡରେ କାର୍ଯ୍ୟରତ ତାଙ୍କ ପୁଅ ଫେରିବା ପରେ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରାଯିବ ବୋଲି ପରିବାର ସୂତ୍ରରୁ ପ୍ରକାଶ। ଯୁଯୋମୁରା ବ୍ଲକ ଭବାନୀପାଲିର ମୂଳବାସିନ୍ଦା ସ୍ୱର୍ଗତ ଡା. ଦାଶଙ୍କ ପରିବାର ସମ୍ବଲପୁର ପଟ୍ଟନାୟକ ପଡ଼ାରେ ମଧ୍ୟ ପୈତୃକ ଗୃହ ରହିଛି। ବର୍ତ୍ତମାନ ସେ ଅଇଁଠାପାଲି ପ୍ରଗତୀ ବିହାରରେ ପରିବାର ସହିତ ରହୁଥିଲେ। ତାଙ୍କ ପତ୍ନୀ ହାଇସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି। ତାଙ୍କର ଜଣେ ଭାଇ ଡା. ସୁଶୀଲ କୁମାର ଦାଶ ବର୍ତ୍ତମାନ ବରଗଡ଼ ଜିଲା ମୁଖ୍ୟ ଚିକିସାଳୟରେ ଅତିରିକ୍ତ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ (ଜନସ୍ୱାସ୍ଥ୍ୟ) ଭାବେ କାର୍ଯ୍ୟରତ ଅଛନ୍ତି। ବୁର୍ଲା ଭିମସାରରୁ ୧୯୮୪ ମସିହାରେ ଉତ୍ତୀର୍ଣ୍ଣ ହୋଇ କୋରାପୁଟ ଜିଲ୍ଲା ଡୋଙ୍ଗାସିଂହା ଉପପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧିକାରୀ ଭାବେ ଚାକିରୀ ଜୀବନ ଆରମ୍ଭ କରିଥିଲେ। ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସେ କର୍ଣ୍ଣ, ନାସା, ଗଳା (ଇଏନ୍‌ଟି) ବିଭାଗ ବିଶେଷଜ୍ଞ ଭାବେ କାର୍ଯ୍ୟ କରିଥିଲେ। ସେ କିଛିଦିନ ପାଇଁ ତତ୍‌କାଳୀନ ସମ୍ବଲପୁର ପୌର ପରିଷଦରେ ସ୍ୱାସ୍ଥ୍ୟ ଅଧିକାରୀ ଭାବେ କାର୍ଯ୍ୟ କଳାପରେ କରି ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଡିଏମ୍‌ଓ(ଏଫ୍‌ଡବ୍ଲ୍ୟୁ) ପଦରେ ଯୋଗ ଦେଇଥିଲେ।

### ବିଭିନ୍ନ ମହଲରେ ଶୋକ

**ସମ୍ବଲପୁର, ୧୯।୫ (ସମିସ) :** ଡାକ୍ତର ଭରତ ଚନ୍ଦ୍ର ଦାଶ ଜଣେ ସରଳ ଓ ଅମାୟିକ ବ୍ୟକ୍ତିତ୍ୱ ଥିଲେ। ଜଣେ ନିଖୁଣ ଡାକ୍ତର ଏବଂ ଦକ୍ଷ ପ୍ରଶାସକ ଭାବେ ସେ ପ୍ରତିଷ୍ଠିତ ହୋଇପାରିଥିଲେ। ଆଜିର ବ୍ୟବସାୟିକ ଦୁନିଆରେ ତାଙ୍କର ଟଙ୍କା ଲୋଭ ନଥିଲା ବରଂ ସେବାକୁ ସେ ପ୍ରାଧାନ୍ୟ ଦେଉଥିଲେ। ତାଙ୍କ ଅକାଳ ବିୟୋଗ ସମ୍ବଲପୁର ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଭାରତୀୟ ଜନସ୍ୱାସ୍ଥ୍ୟ ସଂଘ ସାଧାରଣ ସମ୍ପାଦକ ଡା. ସଞ୍ଜୀବ କୁମାର ମିଶ୍ର ଏକ ଶୋକବାର୍ତ୍ତାରେ କହିଛନ୍ତି।

ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଗଭୀର ଶୋକପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସମ୍ବଲପୁର ସିଡିଏମଓ ଡା. ସୁଜାତାରାଣୀ ମିଶ୍ର, ଏଡିଏମ୍‌ଓ (ମେଡିକାଲ) ଡା. ଅଲେଖ ଚନ୍ଦ୍ର ମହପାତ୍ର, ଡିପିଏଚ୍‌ଓ ଡା. ଅଶୋକ କୁମାର ଦାସ, ଏଡିପିଏଚ୍‌ଓ (ଏଫ୍‌ଡବ୍ଲ୍ୟୁ) ଡା. ପ୍ରମୋଦ ଚନ୍ଦ୍ର ବିଶ୍ୱାଳ, ସେକ୍ସନ ଅଧିକାରୀ ପ୍ରମୋଦ କୁମାର ସେଠ, ଅମର ତାଣ୍ଡିଆ, ସୁବାସ ବାରିକ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ଇଂ.ରୋହିତ ପୂଜାରୀ କହିଛନ୍ତି ଯେ, ସ୍ୱର୍ଗତ ଦାସଙ୍କ ଭଳି ଜଣେ ମେଳାପୀ, ମିଷ୍ଟଭାଷୀ ଏବଂ ସୁଚିକିତ୍ସକଙ୍କୁ ହରାଇଛନ୍ତି ସମ୍ବଲପୁରବାସୀ। ଇଂ ପୂଜାରୀ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଡାକ୍ତର ଦାସଙ୍କ ପରିବାରବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ଦେବା ପାଇଁ ମାଁ ସମଲେଶ୍ୱରୀ ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ସେ ପ୍ରାର୍ଥନା କରିଛନ୍ତି।

## ତାମିଲନାଡୁକୁ ଯୁବତୀ ଚାଲାଣ ଅଭିଯୋଗ

**ଜମନକିରା, ୧୯।୫(ସମିସ):** କୁଚିଣ୍ଡା ଉପଖଣ୍ଡ ଅଞ୍ଚଳର ଝିଅ ବୋହୂମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ କୁଚିଣ୍ଡା ଥାନା ପତ୍ରାପାଲି ଗାଁର ପ୍ରଶାନ୍ତ ଲୁହୁରା ସୁଦୂର ତାମିଲନାଡୁକୁ ଚାଲାଣ କରୁଥିବା ନେଇ ଜମନକିରା ଥାନାରେ ଆଜି ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ପ୍ରାୟ ଅଢ଼େଇ ମାସ ତଳେ ଜମନକିରା ଥାନା ଚକୁଳିଆବାହାଲ ପଞ୍ଚାୟତ ଗଏଲମୁଣ୍ଡି ଗାଁ ର କୃଷ୍ଣ ଲୁହୁରାଙ୍କ ସ୍ତ୍ରୀ କର୍ଣ୍ଣଲତା ଲୁହୁରା ସକାଳେ ଘରୁ ବାହାରି ଯାଇଛନ୍ତି। ଘରୁ ବାହାରି ଯିବା ବେଳେ ସ୍ତ୍ରୀ କର୍ଣ୍ଣଲତାକୁ ତୁମେ କୁଆଡ଼େ ଯାଉଛ ବୋଲି ସ୍ୱାମୀ କହିବାରୁ ଯେଉଁଠି କି ହେଲେ ଯାଉଛି ୩ ମାସ ପରେ ଘରକୁ ଫେରିବି ବୋଲି କହିଥିଲେ। ସେ ଅଭିଯୋଗ କରିଛନ୍ତି ଯେ, ପ୍ରଶାନ୍ତ ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କ ସ୍ତ୍ରୀ କୁ ସୁଦୂର ତାମିଲନାଡୁର ଗ୍ରୀନ ହାଉସ୍, ରାଜ ଲେଲୋର୍‌କୁ ନେଇ ଘରକୁ ଫେରି ଆସିଛନ୍ତି। ଅଞ୍ଚଳର ଝିଅ ବୋହୂମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ କାମ ଧନ୍ଦା କରିବାକୁ ଡାକି ନେଇ ସେଠାରେ ଛାଡ଼ି ଦେଇ ଚାଲିଆସୁଛି। ଏଥିପାଇଁ ସେ ପ୍ରଚୁର ଟଙ୍କା ପାଉଛି। ଆଜକୁ ଦୁଇ ମାସରୁ ବେଶୀ ହେବ ପ୍ରଶାନ୍ତକୁ କୃଷ୍ଣର ସ୍ତ୍ରୀ ରହୁଥିବା ଜାଗାକୁ ଯିବା ପାଇଁ କହିବାରୁ ସେ ନେଇ ନିକଟସ୍ଥ ଷ୍ଟେସନରେ ଛାଡ଼ି ଦେଇଥିଲେ। ତେଣୁ ସ୍ତ୍ରୀଙ୍କ ସହ ତାଙ୍କର ଦେଖା ହୋଇପାରିନଥିଲା। ଏବେ ସ୍ତ୍ରୀର ଦେହ ଅସୁସ୍ଥ ଥିବାରୁ କାମ ବି ସେ କରି ନ ପାରିବାରୁ ତାଙ୍କୁ ଶୀଘ୍ର ଫେରାଇ ଆଣିବାକୁ ସ୍ୱାମୀ ପୁଲିସକୁ ଜଣାଇଛନ୍ତି। ତାଙ୍କ ସ୍ତ୍ରୀ ଙ୍କୁ ପ୍ରଲୋଭନ ଦେଖାଇ ଠକି ନେଇଯାଇ ଥିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନାରେ ଲିଖିତ ଜଣାଇଛନ୍ତି।



## ମଦ କାରବାର ଅଭିଯୋଗରେ ୫ ଗିରଫ

**ସମ୍ବଲପୁର, ୧୯।୫ (ସମିସ) :** ସମ୍ବଲପୁର ଅବକାରୀ ବିଭାଗ ଦ୍ୱାରା ବେଆଇନ ମଦ କାରବାର କରୁଥିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଆଜି ଗୋଇନ୍ଦା ଅବକାରୀ ବିଭାଗ କର୍ମଚାରୀମାନେ ଟାଉନ ଥାନା, ହୀରାକୁଦ ଥାନା, ଅଇଁଠାପାଲି ଥାନା ଓ ସଦର ଥାନା ଅନ୍ତର୍ଗତ ଠେଲକୋପଡ଼ା, ରାଜାପଡ଼ା, କରମଟୋଲି ଓ ରାସନପୁରରେ ଚଢ଼ଉ କରିଥିଲେ। ୧୨୮ ଲିଟର ମଦ ଜବତ ଓ ଗୋଟିଏ ବାଇକ୍ ଜବତ କରିବାସହ ୫ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି।



## ଆରମ୍ଭ ହୋଇପାରିନି ରିଭର୍‌ଫ୍ରଣ୍ଟ ଡେଭ୍‌ଲପ୍‌ମେଣ୍ଟ ପ୍ରକଳ୍ପ

**ସମ୍ବଲପୁର, ୧୯।୫ (ସମିସ)**

ଗତ ନିର୍ବାଚନ ସମୟରେ ମହାନଦୀର ଅଯୋଧ୍ୟା ସରୋବରଠାରେ ରିଭର୍‌ଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ ଏକ ପ୍ରସଙ୍ଗ ପାଲଟିଥିଲା। ବିଜେଡି ସରକାର ଏହାକୁ 'ସମଲେଇ' ପ୍ରକଳ୍ପରେ ସାମିଲ କରିଥିବାବେଳେ ବିଜେପି ପକ୍ଷରୁ ଏହାକୁ ବିଶ୍ୱସ୍ତରୀୟ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ନୂତନ ସରକାର ଆସିବାପରେ ୨୦୨୪ ମସିହା ବଜେଟ୍‌ରେ ସମ୍ବଲପୁର ଓ କଟକରେ ରିଭର୍‌ଫ୍ରଣ୍ଟ ଡେଭଲପ୍‌ମେଣ୍ଟ ପ୍ରକଳ୍ପ ପାଇଁ ୫୦ କୋଟି ଟଙ୍କା ପ୍ରାବଧାନ କରାଯାଇଥିଲା। ସେପ୍ଟେମ୍ବର ୮, ୨୦୨୪ରେ ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ' ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ଥିତି ଅନୁଧ୍ୟାନ କରିବାସହ ଶୀଘ୍ର ଏହି ପ୍ରକଳ୍ପ ହେବ ବୋଲି ଘୋଷଣା କରିଥିଲେ। ଏହାକୁ ନେଇ ସାଧାରଣରେ ଏକ ଆକାଂକ୍ଷା ଓ ଦୃଢ଼ ଆଶା ସଞ୍ଚାର ହୋଇଥିବାବେଳେ ୮ ମାସ ପରେ ବି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ପର୍ଯ୍ୟଟନ ବିଭାଗ ଅଧିକାରୀଙ୍କ ବାରମ୍ବାର ପରିଦର୍ଶନ ଓ ଖସଡ଼ା ପ୍ରସ୍ତୁତି ମଧ୍ୟରେ ବି ବିଳମ୍ବିତ ହେଉଛି ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ।

ବିଜେଡି ସରକାର ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫ୍ଲାଗସିପ୍ ପ୍ରକଳ୍ପ ମା' ସମଲେଶ୍ୱରୀ ପୀଠର ବିକାଶ ଓ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ 'ସମଲେଇ' ଯୋଜନାର ପ୍ରଥମ ପର୍ଯ୍ୟାୟ ଲୋକାର୍ପିତ ହୋଇଥିଲା। ଏହି ପ୍ରକଳ୍ପରେ ମହାନଦୀରେ ରିଭର୍ ଫ୍ରଣ୍ଟ ଡେଭଲେପମେଣ୍ଟ (ନଦୀ ସମ୍ମୁଖ ବିକାଶ) ସାମିଲ ରହିଥିଲା। ତେବେ, ନୂତନ ସରକାର ଆସିବା ପରେ ସାବରମତୀ ଢାଞ୍ଚାରେ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।




ମହାନଦୀରେ ଏହି ରିଭର୍‌ଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପରେ ଅଯୋଧ୍ୟା ସରୋବରଠାରେ ବ୍ୟାରେଜ୍ ଉଚ୍ଚତା ବଢ଼ାଇବା, ନଦୀର ଉଭୟ ପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ ଆଦି ଯୋଜନା ରହିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାସହ ଜଳସଂରକ୍ଷଣ ଏବଂ ହ୍ରାସ ପାଉଥିବା ଭୂତଳ ଜଳ ସୁରକ୍ଷା ଦିଗରେ କାର୍ଯ୍ୟ କରିବ। ରାଜ୍ୟ ସରକାର କଟକ ଓ ସମ୍ବଲପୁରରେ ଏହି ପ୍ରକଳ୍ପ ସକାଶେ ପୁଣି ଗତବର୍ଷ ଅକ୍ଟୋବର ୧୫ ତାରିଖ କଟକର ପ୍ରସିଦ୍ଧ ବାଲିଯାତ୍ରା ଉଦ୍‌ଘାଟନୀ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାବରମତା ରିଭରଫ୍ରଣ୍ଟ ପ୍ରକଳ୍ପ ଅନୁରୂପ ମହାନଦୀରେ ବିଶ୍ୱସ୍ତରୀୟ ରିଭର୍ ଫ୍ରଣ୍ଟ ଡେଭଲପମେଣ୍ଟ କରାଯିବ ବୋଲି ଘୋଷଣା କରିଥିଲେ। ମୋଟ ୨୦୦ କୋଟି ବ୍ୟୟ ଅଟକଳରେ ଉଭୟ କଟକ ଓ ସମ୍ବଲପୁର ମହାନଦୀ ନଦୀ ସମ୍ମୁଖ ବିକାଶ କରାଯିବ।

ସମ୍ବଲପୁର ମହାନଦୀରେ ୧୯୬୩-୬୪ ମସିହାରେ ହାଟପଡ଼ାଘାଟ (ଅଯୋଧ୍ୟା ସରୋବର)ରେ ୧୭୦୦ ମିଟର ଲମ୍ବ ଓ ୨ ମିଟର ଚଉଡ଼ାର ଆନିକଟ ନିର୍ମାଣ କରାଯାଇ କୃତ୍ରିମ ଜଳାଶୟ ସୃଷ୍ଟି କରାଯାଇଥିଲା। ଏହା ଉପରେ ସହରର ହଜାର ହଜାର ଲୋକ ନିର୍ଭର କରନ୍ତି। କିନ୍ତୁ ଏହାର ଉଚ୍ଚତା କମ୍ ଥିବା ଏବଂ ଫାଟ ସୃଷ୍ଟି ହେବାରୁ ଜଳଧାରଣ କ୍ଷମତା ହ୍ରାସ ପାଇଛି। ୨୦୨୨ ମସିହାରେ ଏହି ଆନିକଟ୍‌ରେ ଫାଟହୋଇ ପାଣି ନିଷ୍କାସିତ ହୋଇଯିବାରୁ ଜଳସଂକଟ ଦେଖାଦେଇଥିଲା। ତେଣୁ ଜଳସମ୍ପଦ ବିଭାଗ ପକ୍ଷରୁ ଏହାର ମରାମତି କରାଯାଇଥିଲା। ଅଯୋଧ୍ୟା ସରୋବର ଆନିକଟ୍‌କୁ ବୈଷୟିକ ବ୍ୟବହାର କରି ୭ କିଲୋମିଟର ଲମ୍ବ ଜଳସଂରକ୍ଷଣ ବ୍ୟବସ୍ଥା କରାଯାଇପାରିବ।

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ବରିଷ୍ଠ ଅଧିକାରୀ, ବୈଷୟିକ ଦଳ ବାରମ୍ବାର ସମ୍ବଲପୁର ଗସ୍ତକରି ନଦୀ ସମ୍ମୁଖ ବିକାଶ, ଅଯୋଧ୍ୟା ସରୋବର ବ୍ୟାରେଜ ଉଚ୍ଚତା ବୃଦ୍ଧି ଆଦିକୁ ନେଇ ଅନୁଧ୍ୟାନ କରାଯାଇଛି। ଚୁର୍ଲାପାଖ ପାୱାର ଚେନାଲରୁ ଅଯୋଧ୍ୟା ସରୋବର ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ମହାନଦୀର ଉଭୟ ପାର୍ଶ୍ୱ ବିକଶିତ କରାଯିବାକୁ ଯୋଜନା ରହିଛି। ଏଥିପାଇଁ ସରକାରୀ ଓ ବେସରକାରୀ ଜମି ଅଧିଗ୍ରହଣ କରାଯିବ। ଜଳସେଚନ ଓ ରାଜସ୍ୱ ବିଭାଗ ପକ୍ଷରୁ ଏହି କାର୍ଯ୍ୟ ତ୍ୱରାନ୍ୱିତ କରାଯିବାକୁ ନିର୍ଦ୍ଦେଶ ରହିଥିଲେ ହେଁ କାର୍ଯ୍ୟ ଧୀରମନ୍ଥର ଗତିରେ ଚାଲିଛି।

ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମହାନଦୀରେ ଅଯୋଧ୍ୟା ସରୋବରଠାରେ ରିଭର୍‌ଫ୍ରଣ୍ଟ ଡେଭଲପ୍‌ମେଣ୍ଟ ପ୍ରକଳ୍ପ ପାଇଁ ପ୍ରକ୍ରିୟା ଚାଲିଥିବା ସୂଚନା ଦେଇଛନ୍ତି। ଏଥିରେ ନଦୀର ଉଭୟ ପାର୍ଶ୍ୱ ବିକଶିତ କରାଯିବାକୁ ଏକ ସମନ୍ୱିତ ଖସଡ଼ା ପ୍ରସ୍ତୁତ କରାଯାଇଛି।

## ଜିଏମ୍‌ୟୁ ବାଣିଜ୍ୟ ସଂଗ୍ରହାଳୟର ପ୍ରଥମ ବାର୍ଷିକୀ

**ସମ୍ବଲପୁର, ୧୯।୫ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗରେ ଥିବା ବାଣିଜ୍ୟ ସଂଗ୍ରହାଳୟର ପ୍ରଥମ ବାର୍ଷିକୀ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଏହି ସଂଗ୍ରହାଳୟ ୨୦୨୪ ମସିହା ମେ ୧୮ ତାରିଖ ବିଶ୍ୱ ସଂଗ୍ରହାଳୟ ଦିବସରେ ଉଦ୍‌ଘାଟିତ ହୋଇଥିଲା। ସେତେବେଳେ ଏହି ସଂଗ୍ରହାଳୟରେ ପୁରୁଣା ଟାଇପିଙ୍ଗ ମେସିନ୍, ପୁରୁଣା ଜେରକ୍ସ ମେସିନ୍ ଆଦି ବସ୍ତୁ ରଖାଯାଇଥିବାବେଳେ ବର୍ତ୍ତମାନ ବିଭିନ୍ନ ଦେଶର ମୁଦ୍ରା, ବିଭିନ୍ନ ବାଣିଜ୍ୟିକ ମାନଚିତ୍ର, ପୁରୁଣା ଟେଲିଫୋନ, ମୂଲ୍ୟବାନ ବହି ଅନ୍ତର୍ଭୁକ୍ତ କରାଯାଇଛି। ବିଭାଗୀୟ ମୁଖ୍ୟ ଡଃ ପ୍ରିୟବ୍ରତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଡଃ କ୍ଷୀରୋଦ ମହାରଣା, ଶେଖ ଅଝର ଇକବଲ, ଅର୍ଜୁନ ମହାରଣା, ସ୍ୱାଗତିକା ବାରିକ, ଅରୁଣା ଶର୍ମା, କୌଶଲ୍ୟା କିଷାନ ପ୍ରମୁଖ ସହଯୋଗ କରିଥିଲେ। ଏହି ସଂଗ୍ରହାଳୟ ଛାତ୍ରଛାତ୍ରୀମାନଙ୍କୁ ବ୍ୟବସାୟିକ ଇତିହାସ ସମ୍ପର୍କରେ ଜ୍ଞାନ ଦେବା ଏବଂ ପୁରୁଣା ବସ୍ତୁମାନେ କେମିତି ବ୍ୟବହାର କରାଯାଉଥିଲା ତାହା ବୁଝିବାରେ ସହାୟକ ହେଉଛି। ଭବିଷ୍ୟତରେ ଏଥିରେ ଅନ୍ୟାନ୍ୟ ପୁରୁଣା ବ୍ୟବସାୟ ବସ୍ତୁ, ଡକ୍ୟୁମେଣ୍ଟସ୍ ଓ ଭିଡିଓ ଆର୍କାଇଭ୍‌ସ୍ ଯୋଗ କରାଯିବାର ଯୋଜନା ରହିଛି। ବାଣିଜ୍ୟ ସଂଗ୍ରହାଳୟକୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଡଃ ସୁଶାନ୍ତ କୁମାର ଦାସ, କୁଳସଚିବ ସନତ କୁମାର ନାୟକ, ଉପକୁଳସଚିବ ଡଃ ଉମାଚରଣ ପତି, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡଃ ଜ୍ଞାନ ରଞ୍ଜନ ସ୍ୱାଇଁ ପ୍ରମୁଖଙ୍କ ନିରନ୍ତର ସହଯୋଗ ମିଳିଛି।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବାବାଜୀ ଚରଣ ପରିଡା

ଅର୍ଦ୍ଧିଆ-କୁସୁନପୁର, ପୋ.ଅ - ସିଂହପୁର, ଯାଜପୁର
ଆବିର୍ଭାବ -୧୫. ୦୧. ୧୯୪୯
ତିରୋଧାନ -୧୦. ୦୫. ୨୦୨୫

ତମେ ଚାଲିଗଲ ଅଫେରା ରାଇଜକୁ ଆଉ ଫେରିବ ନାହିଁ କେବେ। ତୁମ ସ୍ନେହ, ମମତା, ନୀତି ଓ ଆଦର୍ଶ ଆମ ପାଇଁ ପାଥେୟ ହେଉ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ଏତିକି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ

ସହଧର୍ମିଣୀ -ସନ୍ଧ୍ୟାରାଣୀ ପରିଡା, ପୁଅବୋହୂ - ସମିତ - ଗାୟତ୍ରୀ, ସନ୍ଦୀପ - ଶର୍ବାଣି, ଝିଅଜ୍ୱାଇଁ - ସ୍ୱାଗତିକା - ଆନନ୍ଦ, ନାତି ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

# ଗୌରୀଶଙ୍କର ମନ୍ଦିରର ଶୀତଳଷଷ୍ଠୀ ମହୋତ୍ସବ ପ୍ରସ୍ତୁତି



**ବରଗଡ଼, ୧୯।୫(ସମିସ):** ବରଗଡ଼ ଗୌରୀଶଙ୍କର ମନ୍ଦିରର ୨୬ତମ ଶୀତଳଷଷ୍ଠୀ ମହୋତ୍ସବ ପାଇଁ କମିଟି ପକ୍ଷରୁ ଚୂଡ଼ାନ୍ତ ପ୍ରସ୍ତୁତିପର୍ବ ସରିଛି। ମନ୍ଦିର କମିଟି ସଭାପତି ନିଧି ବନବିହାରି ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୯ ମେ'ରୁ ୧ ଜୁନ ପର୍ଯ୍ୟନ୍ତ ଉତ୍ସବ ଅନୁଷ୍ଠିତ ହେବ। ମହୋତ୍ସବରେ କନ୍ୟା ମାତାପିତା ଭାବେ ମନସୀ ପଟ୍ଟନାୟକ ତାଙ୍କ ଧର୍ମପତ୍ନୀ ସ୍ୱାତୀ ପଟ୍ଟନାୟକ ଏବଂ ବର ମାତାପିତା ଭାବେ ସୁମିତ୍ ମହାନ୍ତି ଓ ତାଙ୍କ ଧର୍ମପତ୍ନୀ ଅନୁପମା ମହାନ୍ତି କାର୍ଯ୍ୟ ତୁଲାଇବେ। ଶୋଭାଯାତ୍ରାରେ ଘଣ୍ଟପାର୍ଟି, କରମାନାଚ, ମଗରଜେନ୍ସ୍, ଢାପ, ଆଘୋରି ଡାନ୍ସ, ଆଦିବାସୀ ନୃତ୍ୟ, ବିନ୍ଧୁ ନୃତ୍ୟ, କାଳୀମାତା, ହନୁମାନ ବେଶ, ଓଡ଼ିଶୀ, ବାଘନାଚ, ଭୂତନାଚ ସହ ବହୁ ସାଂସ୍କୃତିକ ଦଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତିବର୍ଷ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ମୁତୟନ ସହ ପାଣି ସିଞ୍ଚନ, ଥଣ୍ଡା ପିଇବା ପାଣି ବ୍ୟବସ୍ଥା ରହିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ସବୁବର୍ଷ ପରି ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା ସମାଜସେବୀ ଡ.ରାମକୃଷ୍ଣ ପୁରୋହିତ ଓ ତାଙ୍କ ଧର୍ମପତ୍ନୀ ମମତା ପୁରୋହିତଙ୍କ ପକ୍ଷରୁ କରାଯିବ। ବୈଠକରେ ପଞ୍ଚାନନ ମିଶ୍ର, ସୁନିଲ ପୁରୋହିତ, ସୁରେଶ୍ୱର ଶତପଥୀ, ଶୈଳେଶ ନାଏକ, ଭୋଳାନାଥ ଦାଶ, ଆନନ୍ଦ ମହାପାତ୍ର, ସୂର୍ଯ୍ୟ ପଣ୍ଡା, ଇନ୍ଦୁ ଭୂଷଣ ଆଚାର୍ଯ୍ୟ, ପପୁ ଦାଶ, ସନ୍ତୋଷ ପରିଡ଼ା, ମାନସରଞ୍ଜନ ଚାନ୍ଦ, ଦେବବ୍ରତ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା କାମ ପାଇଁ ଶିଳାନ୍ୟାସ

**ପାଇକମାଳ, ୧୯।୫(ସମିସ):** ପାଇକମାଳ ବ୍ଲକ୍ ସରେଇକେଲାରୁ ବାଦିକଟା, ବାଦିକଟାରୁ ଘେଁସରା ଓ ଧାନ୍ଦୁପାଲିରୁ ମହୁଲପାଲି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ସରେଇକେଲାରୁ ବାଦିକଟା ରାସ୍ତା ୪.୮ କିମି, ବାଦିକଟାରୁ ଘେଁସରା ୫ କିମି ଓ ଧାନ୍ଦୁପାଲିରୁ ମହୁଲପାଲି ୫ କିମି ହୋଇଥିବା ବେଳେ ରାସ୍ତା ନିର୍ମାଣ ପାଇଁ ଯଥାକ୍ରମେ ୩ କୋଟି ୪୨ ଲକ୍ଷ ୮୯ ହଜାର, ୩ କୋଟି ୩୩ ଲକ୍ଷ ୨୧ ହଜାର, ୩ କୋଟି ୬୧ ଲକ୍ଷ ୯୩ ହଜାର ଖର୍ଚ୍ଚ ହେବ। ମୁଖ୍ୟ ଅତିଥି ଭାବେ ପାଇକମାଳ ବ୍ଲକ୍ ଅଧ୍ୟକ୍ଷା ଭାବନା ସିଂ, ବିଧାୟକ ପ୍ରତିନିଧି ହୃଦାନନ୍ଦ ବାରିକ, ପାକ୍ସ ଅଧ୍ୟକ୍ଷ ବିଜୁ ସ୍ୱାଇଁ ଯୋଗ ଦେଇ ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ଯୁବନେତା ଭୋଜରାଜ ସିଂ ବରିହା, ପ୍ରଶାନ୍ତ ମହାନ୍ତି, ଟାଇଲ୍ ଭୋଇ, ଗୌତମ୍ ସିଂ, ଠାକୁର ବେହେରା, ବୁକୁରାମୁଣ୍ଡା ସମିତି ସଭ୍ୟ ସସ୍ମିତା ବାରିକ, ସେଠ ବାଗ, ସବିତା ସାହୁ, ଦୁଷ୍ମନ୍ତ ପଧାନ, ଚିତ୍ରଲେଖା ସାହୁ, ସ୍ୱପ୍ନେଶ୍ୱର ଘିଭେଲା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବ ସରକାରଙ୍କ ସମୟରେ ଏସମସ୍ତ କାର୍ଯ୍ୟ ପାଇଁ ଅନୁଦାନ ମିଳିଥିବାରୁ ଅଞ୍ଚଳବାସୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହାଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।



# ବାହାରିନି ୬ ସ୍କୁଲର ଫଳାଫଳ, ଅଭିଭାବକଙ୍କ ଆନ୍ଦୋଳନ ଚେତାବନୀ

ପଦ୍ମପୁର, ୧୯।୫(ସମିସ): କେନ୍ଦ୍ରୀୟ ଶିକ୍ଷା ବୋର୍ଡ ଅଧୀନରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ପରୀକ୍ଷା ଫଳ ପରେ ମନରେ ଅସୁମାରୀ ସ୍ୱପ୍ନ ନେଇ ଉଚ୍ଚଶିକ୍ଷା ପାଇଁ ଅଣ୍ଟା ଭିଡ଼ିଲେଣି। କିନ୍ତୁ ପଦ୍ମପୁର ଉପଖଣ୍ଡର ପାଇକମାଳ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଫ୍ରେଜରପୁର, ରାଜବୋଡାସମ୍ବର ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାନ୍ଦୁପାଲି, ପଦ୍ମପୁର ପବ୍ଲିକ ବିଦ୍ୟାଳୟ, ଯେନିଥ ଗୁରୁକୁଳ ବିଦ୍ୟାଳୟ, ସୋହେଲା ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗାଇସିଲେଟ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମୋଟ ୬ଟି ବିଦ୍ୟାଳୟର ଫଳାଫଳ ଅପ୍ରକାଶିତ ରହିଛି। ଫଳରେ ଅଭିଭାବକ ଓ ଛାତ୍ରଛାତ୍ରୀ ମହଲରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଉଛି। ଅପରପକ୍ଷେ ଆଜି ଫଳାଫଳର ଉତ୍ତର ଫର୍ଦ୍ଦ ପାଇଁ ନୋଟିସ ଜାରି ହୋଇଛି। ଏଭଳି ସ୍ଥିତିରେ ଛାତ୍ରଛାତ୍ରୀ ଗଭୀର ଚିନ୍ତାରେ ରହିଛନ୍ତି। କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ଫଳାଫଳ ପ୍ରକାଶ କରିବାକୁ କେନ୍ଦ୍ରୀୟ ବୋର୍ଡ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏ ପ୍ରସଙ୍ଗରେ ସ୍ଥାନୀୟ ସାଂସଦ, କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଯଥାଶୀଘ୍ର ଫଳାଫଳ ଘୋଷଣା ନହେଲେ ଅଭିଭାବକ ମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ରକ୍ତଦାନ ଶିବିରରେ ୩୭ ୟୁନିଟ୍ ରକ୍ତ ସଂଗ୍ରହ



ଭେଡେନ, ୧୯।୫(ସମିସ): ଭେଡେନ ପଞ୍ଚାୟତ ଜାମଡୋଲ ଗାଁର ଗଙ୍ଗାଧର ମେହେର ସ୍ମୃତି ଯୁବକ ସଂଘ ଓ ଅମୃତ୍ କୁଟୁମ୍ବର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଅମୃତ୍ କୁଟୁମ୍ବର ସଭାପତି ଆନନ୍ଦ ଚନ୍ଦ୍ର ସୁନାଙ୍କର ସଭାପତିତ୍ୱରେ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସରୋଜ ମେହେର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନିଳାଞ୍ଚଳ ମେହେର, ରାଜ ମେହେର, କରୁଣାକର ମେହେର ଯୋଗ ଦେଇଥିଲେ। ସଭାକୁ ସନ୍ତୋଷ ପଣ୍ଡା ପରିଚାଳନା କରିଥିଲେ। ବୁର୍ଲା ରକ୍ତଭଣ୍ଡାରର ଦେବାଶିଷ ମିଶ୍ର, ପ୍ରହ୍ଲାଦ ଭୋଇ, ପାଏନୁ ଭୋଇ, ଗଣେଷ ପଧାନ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଶିବିରରେ ମୋଟ ୩୭ ୟୁନିଟ୍ ରକ୍ତ ସଂଗ୍ରହ ହେଇଥିଲା। କାର୍ଯ୍ୟକ୍ରମରେ ଆନନ୍ଦ ମେହେର, ଉମାକାନ୍ତ ମେହେର, ରାଜୁ ମେହେର, ମୁକାସ୍ ମେହେର, ରାଜେଶ୍ ମେହେର, ଅମୃତ୍ କୁଟୁମ୍ବର ଉପସଭାପତି ରୁଦ୍ରନାରାୟଣ ସାହୁ ଘନଶ୍ୟାମ ଅଗ୍ରୱାଲ୍ ଗୋପି ମେହେର୍ ପ୍ରହ୍ଲାଦ ମେହେର, ସୁରେନ୍ଦ୍ର ମଲ୍ଲିକ, ଭିମ ଦୁବସାଗର, ଧନେସ୍ୱର ସାହୁ, ଲଳିତ ସାହୁ ପ୍ରଭାତ ମିଶ୍ର ତୋଷବନ୍ତ ବେହେରା ପ୍ରକାଶ ଦାସ, ଶଶି ପାଣିଗ୍ରାହୀ, ଭିସ୍ମସିଂ ଛନ୍ଦ, ବଂଶି ବେହେରା, ସମ୍ଭୁ ପଧାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ରୁଦ୍ରନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ।

# ଚେସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ବରଗଡ଼, ୧୯।୫(ସମିସ): ବରଗଡ଼ ଜିଲ୍ଲା ଚେସ୍ ଆସୋସିଏସନ୍ ଆନୁକୂଲ୍ୟରେ ସୋମବାର ଚେସ୍ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏଇଏମ୍ ଇଂରାଜୀ ମିଡିଅମ ସ୍କୁଲ ପରିସରରେ ଅନୁଷ୍ଠାନର ନିର୍ଦ୍ଦେଶକ ଡ.ଜସବୀର ସିଂହଙ୍କ ଦ୍ୱାରା ଶିବିର ଉଦ୍‌ଘାଟିତ ହୋଇଥିଲା। ପ୍ରତ୍ୟହ ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ଏହି ଚେସ୍ ଶିବିର ପରିଚାଳିତ ହେବ। ଜିଲ୍ଲାରେ ପ୍ରଥମଥର ପାଇଁ ଆୟୋଜିତ ହେଉଥିବା ଏହି ୧୦ ଦିନିଆ ଶିବିରରେ ଜିଲ୍ଲାର ୪୨ ଜଣ ସ୍କୁଲ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଭୁବନେଶ୍ୱରର ଦଶରଥ ସାହୁ ଚେସ୍ ପ୍ରଶିକ୍ଷକର ଦାୟିତ୍ୱ ତୁଲାଉଛନ୍ତି। ପରିଚାଳନାରେ କେଶରଞ୍ଜନ ପ୍ରଧାନ, ସୁରେଶ ପରିଡ଼ା, ଅନ୍ତର୍ଯ୍ୟାମୀ ପରିଡ଼ା ଏବଂ ସୁନୀଲ ସିଂ ସହାୟତା କରୁଛନ୍ତି। ଶେଷରେ ଶିବିରାର୍ଥୀଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସଭାପତି ଅରୁଣ ମହାନ୍ତିଙ୍କ ଠାରୁ ପ୍ରକାଶ।

# ମନ୍ଦିରରେ ପାଠଶାଳା କାର୍ଯ୍ୟକ୍ରମ



**ବରଗଡ଼, ୧୯।୫(ସମିସ):** ସହର ସନ୍ନିକଟ ଡାଙ୍ଗ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର କଲ୍ୟାଣ ମଣ୍ଡପ ପରିସରରେ ଗ୍ରାମବାସୀଙ୍କ ବିଶେଷ ଅନୁରୋଧ ଓ ସକ୍ରୀୟସହଯୋଗରେ ଶତାଧିକ ଛାତ୍ରଛାତ୍ରୀଙ୍କୁ ନେଇ ପାଠାଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମ ଅବକାଶରେ ଛାତ୍ରଛାତ୍ରୀ ପୁସ୍ତକ ଠାରୁ ଦୂରେଇ ଯାଉଥିବା ବେଳେ ସେମାନଙ୍କୁ ପାଠ୍ୟପୁସ୍ତକ ସହିତ ବାନ୍ଧି ରଖିବାର ଏହା ଏକ କ୍ଷୁଦ୍ର ପ୍ରୟାସ। ବରଗଡ଼ର ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ସହିତ ନୀତିକଥା ସମ୍ବଳିତ ଗପ, କବିତା ଓ ମହାପୁରୁଷଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ କପିଲ୍ ବାଗଙ୍କ ଆବାହକତ୍ୱ ତଥା ସଭାପତି ମନୋରଞ୍ଜନ ମେହେରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ରଜକ ସେବା ସମିତି ଅଧ୍ୟକ୍ଷ ଅର୍ଜୁନ ସେଟ୍‌ଙ୍କ ସମେତ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ, ମୀନା ପଣ୍ଡା, ଶିକ୍ଷକ ଡ.ଡୋଳାମଣି ଶତପଥୀ, ଦୁଃଖୀ ସେବକ ସାହୁ, ଘନଶ୍ୟାମ ପଣ୍ଡା, ଅଧ୍ୟାପକ ଆଲୋକ ରଞ୍ଜନ ଦାଶ, ଟିକେ ଲାଲ ତ୍ରିପାଠୀ, ସାମାଜିକ କର୍ମୀ ସଙ୍ଘମିତ୍ରା ପଟେଲ ପ୍ରମୁଖ ଯୋଗଦେଇ ପାଠ୍ୟ ପୁସ୍ତକର ବିଭିନ୍ନ ବିଷୟବସ୍ତୁ ଉପରେ ୩ଘଣ୍ଟା ଶିକ୍ଷାଦାନ କରିଥିଲେ। ଶିଶୁଶ୍ରୀ'ର ସଂଯୋଜକ ପଣ୍ଡିତ ଗୋପବନ୍ଧୁ ପୁରୋହିତ ଓ ଆବାହକ ଡ.ରବିନାରାୟଣ ସାହୁଙ୍କ ସମେତ ଗ୍ରାମବାସୀଙ୍କ ତରଫରୁ ଲଳିତ ବନଛୋର୍, ସାବିତ୍ରୀ ଷଣ୍ଢ, ମନୋଜ ମାଝୀ, ଆଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନବବଧୂଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ



**ବରଗଡ଼, ୧୯।୫(ସମିସ):** ଏବେ ସୋସିଆଲ ମିଡିଆ ପାଇଁ ପୁଅ ଝିଅ ଅଧିକ ମାତ୍ରାରେ ପ୍ରେମ ବିବାହ କରୁଛନ୍ତି। ହେଲେ ଏପ୍ରକାର ପ୍ରେମ ବିବାହର ଅଧିକାଂଶ କ୍ଷେତ୍ରରେ କିଛିଦିନ ପରେ ଉଭୟଙ୍କ ମଧ୍ୟରେ ବିଚ୍ଛେଦ ହେଉଛି। ସୋମବାର ବରଗଡ଼ରେ ଏମିତି ପ୍ରେମ ବିବାହ ପରେ ନିର୍ଯାତନା ଆଉ ତା'ପରେ ବିଚ୍ଛେଦ ପରି ଏକ ଦୁଃଖଦ ଘଟଣା ସାମନାକୁ ଆସିଛି। ପୀଡ଼ିତା ନବବଧୂ ଓ ପରିବାର ଲୋକେ ଏସ୍‌ପି ଅଫିସ୍‌ର ଦ୍ୱାରସ୍ଥ ହୋଇ ନ୍ୟାୟ ଦାବି କରିଛନ୍ତି। ଗୋବିନ୍ଦପୁରର ଏହି ପୀଡ଼ିତା ୮ ମାସ ତଳେ ଖରମୁଣ୍ଡା ଗାଁର ଜଣେ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରେ ତାଙ୍କ ସ୍ୱାମୀ, ଶାଶୁ ଓ ଶ୍ୱଶୁର ଯୌତୁକ ମାଗିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ମୋଟରସାଇକେଲ, ଫ୍ରିଜ୍, କୁଲର୍ ସହ ଅନ୍ୟାନ୍ୟ ଯୌତୁକ ଦାବି କରି ମାଡ଼ ମାରିବା ସହ ଗାଳି ଗୁଲଜ କରିଥିବା ପୀଡ଼ିତା ଅଭିଯୋଗ କରିଛନ୍ତି। ଖୁବ୍‌ଶୀଘ୍ର ଉଭୟ ପକ୍ଷଙ୍କୁ ଡକାଇ ଘଟଣାର ତଦନ୍ତ କରାଯିବ ବୋଲି ଏସ୍‌ପି ପ୍ରହ୍ଲାଦ ମୀନା କହିଛନ୍ତି।

# ଦୁଷ୍କର୍ମ ମାମଲାରେ ବାପାକୁ ଆଜୀବନ କାରାଦଣ୍ଡ

**ବରଗଡ଼, ୧୯।୫(ସମିସ):** ବରଗଡ଼ ଜିଲ୍ଲାରେ ୨୦୨୦ରେ ସଂଘଟିତ ଏକ ବଳାତ୍କାର ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ମାମଲାରେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଜଜ୍ ଅଭିଯୁକ୍ତ ବାପାକୁ ଆଜୀବନ କାରାଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ଏହା ସହିତ ପୀଡ଼ିତାଙ୍କୁ ୧୦ ଲକ୍ଷ କ୍ଷତିପୂରଣ ଦେବା ଦିଗରେ ପଦକ୍ଷେପ ନେବାକୁ ଡିଏଲ୍‌ଏସ୍‌ଏଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୨୦୨୦ ଫେବୃଆରୀ ୨୨ରେ ଏହି ଘଟଣାକୁ ନେଇ ବରଗଡ଼ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାରେ ୧୮ ଜଣଙ୍କ ସାକ୍ଷ୍ୟ ଗ୍ରହଣ ପରେ ରାୟ ପ୍ରକାଶ ପାଇଛି। ପୀଡ଼ିତାଙ୍କ ପକ୍ଷରୁ ଓକିଲ ଦ୍ୟୁତିଶ ଆଚାର୍ଯ୍ୟ ମାମଲା ପରିଚାଳନା କରୁଥିଲେ। ଆଜି ବଳାତ୍କାର ମାମଲାରେ ରାୟ ଦେଇ ଅତିରିକ୍ତ ଜିଲ୍ଲା ଜଜ ଦୋଷୀ ବାପାକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।




# ଫାଣ୍ଡି ପ୍ରତିଷ୍ଠା ପାଇଁ ଦାବି



**ଥୁଆପାଲି, ୧୯।୫(ସମିସ):** ବରଗଡ଼ ଜିଲ୍ଲା ଭେଡେନ ଥାନା ଅଧୀନ ଥୁଆପାଲି ବସଷ୍ଟାଣ୍ଡ ସମ୍ମୁଖରେ ଥିବା ଏକ ଦୋକାନର କାଠ କବାଟରେ ଦୁର୍ବୃତ୍ତମାନେ ଗତକାଲି ରାତିରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ଦୋକାନଟି ମାଲିକ ରୁଦ୍ର ଦାଶ ପି ବ୍ରହ୍ମାନନ୍ଦ ଦାଶଙ୍କର ବୋଲି ଜଣାପଡ଼ିଛି। ସୋମବାର ଦୋକାନ ଖୋଲିବାକୁ ଆସି ଦୋକାନ ପୋଡ଼ି ଧୂଆଁ ବାହାରୁଥିବା ସେ ଦେଖିଥିଲେ। ପୋଡ଼ି ଯାଇଥିବା ଖେଳଣା, ଷ୍ଟେସନାରୀ, ବହିଖାତା ଆଦି ସାମଗ୍ରୀର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କା ବୋଲି ଜଣାପଡ଼ିଛି। ଦୋକାନୀ ଭେଡେନ ଥାନାକୁ ତୁରନ୍ତ ଫୋନ କରି ଜଣାଇଥିଲେ। ଥାନା ଇନ୍‌ଚାର୍ଜ ପ୍ରଫୁଲ୍ଲ ପାଣିଗ୍ରାହୀ ସାଇଣ୍ଟିଫିକ୍ ଟିମ୍‌କୁ ଡକାଇ ଘଟଣାର ତଦନ୍ତ କରୁଛନ୍ତି। ଥୁଆପାଲିରେ ବାରମ୍ବାର ଚୋରି ହେଉଥିଲେ ହେଁ ଚୋରି ସାମଗ୍ରୀ କି ଚୋର ଧରାପଡୁ ନାହାନ୍ତି। ବର୍ଷ ବର୍ଷ ଧରି ଚୋରଙ୍କ ପ୍ରାଦୁର୍ଭାବରେ ଅତିଷ୍ଠ ଅଞ୍ଚଳବାସୀ ଏଠି ପୁଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ଦାବି କରିଆସୁଛନ୍ତି।

# ବଜ୍ରପାତ ମୃତ୍ୟୁ: ଶୋକସନ୍ତପ୍ତ ପରିବାରଙ୍କୁ ଭେଟିଲା ବ୍ଲକ୍ ପ୍ରଶାସନ





ପାଇକମାଳ, ୧୯।୫(ସମିସ): ପାଇକମାଳ ବ୍ଲକ ବରତୁଣ୍ଡା ପଞ୍ଚାୟତ ପୁରେନା ଗାଁରେ ବଜ୍ରପାତ ମୃତ୍ୟୁ ଘଟଣାରେ ଶୋକସନ୍ତପ୍ତ ପରିବାରଙ୍କୁ ସୋମବାର ବ୍ଲକ ପ୍ରଶାସନ ଭେଟିଛି। ଗତ ୧୫ ତାରିଖରେ ଗଛ ତଳେ ଖେଳୁଥିବା ବେଳେ ୨ଜଣ ନାବାଳକଙ୍କ ଉପରେ ବଜ୍ରପାତ ପଡ଼ିଥିଲା। ସେଥିରେ ରଞ୍ଜିତ ଧରୁଆଙ୍କ ମୃତ୍ୟୁ ଘଟିଥିବା ବେଳେ ସୋନୁ ଓରଫ ପଙ୍କଜ ଡନସନା ଗୁରୁତର ହୋଇଥିଲେ। ଏହାକୁ ନେଇ ଗାଁରେ ଶୋକାକୁଳ ପରିବେଶ ରହିଛି। ଆଜି ପାଇକମାଳ ବିଡିଓ ପ୍ରଫୁଲ୍ଲ ଅଦୁ, ନୀତି ଆୟୋଗର ମଧୁସ୍ମିତା ବେହେରା, ବ୍ଲକ ଚେୟାରମ୍ୟାନ ଭାବନା ସିଂ, କାର୍ଯ୍ୟନିର୍ବାହୀ ଅଧିକାରୀ ଛାୟା କନ୍ଧ, ଜିଆରଏସ କୁଞ୍ଜ ବିହାରୀ ନାୟକ, ସରପଞ୍ଚ ରୀତା ସୁନା ପ୍ରମୁଖ ଆସି ଶୋକସନ୍ତପ୍ତ ପରିବାରଙ୍କୁ ଭେଟିଥିଲେ। ପରିବାରଙ୍କୁ ସରକାରୀ ସାହାଯ୍ୟ ଯୋଗାଇବା ସହ ଆବାସ ଯୋଜନାରେ ଗୃହ ଯୋଗାଇବା, ସାନ ପୁଅର ପାଠପଢ଼ା ବ୍ୟବସ୍ଥା କରାଯିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଘଟଣାରେ ତୁରନ୍ତ ଆର୍ଥିକ ସହାୟତା ଦେବାକୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ ବଜ୍ରାଘାତରେ ମୃତକଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ତରଫରୁ ୪ ଲକ୍ଷ ସହାୟତା ରାଶି ଦେବାର ବ୍ୟବସ୍ଥା ରହିଛି। ଏହି ସହାୟତା ରାଶି ଯୋଗାଇ ଦେବାକୁ ବିଡିଓ ଆଜି ପ୍ରତିଶ୍ରୁତି ଦେଇଛନ୍ତି।

## ● ଆର୍ଥିକ ସହାୟତା ଦେଲା ଅଖିଳ ଭାରତୀୟ କ୍ଷତ୍ରୀୟ ଗୋଣ୍ଡ ସମାଜ

ସୋମବାର ଗୋଣ୍ଡ ସମାଜର କର୍ମକର୍ତ୍ତା ମଧ୍ୟ ଶୋକଗ୍ରସ୍ତ ପରିବାରଙ୍କୁ ଭେଟିଛନ୍ତି। ଗୋଣ୍ଡ ସମାଜ ପାଇକମାଳ ବ୍ଲକ ସଭାପତି ଗଜରାଜ ସିଂ ପୁଟା, ପୁରେନାର ଦୁର୍ଯ୍ୟୋଧନ ପୁଟା, ନୂଆଗାଁର ଶୋଭାରାମ ଧାରୁଆ, ବିଜୟ ଭୋଇ, ସୁଫଳ ସିଂ ଧରୁଆ, ଶୁକଦେବ ମାଝୀ, ବିଭୀଷଣ ଦିୱାନା, ରୁକ୍ମଣ ଧରୁଆ, ଜଗଦେବ ଧାରୁଆ, ନୁରସିଂହ ଧରୁଆ, ପଦ୍ମାନ ମାଝୀ, ଶୁକଲାଲ ଦାଉ, ଆନନ୍ଦ ପୁଟା ପ୍ରମୁଖ ଆସି ଆର୍ଥିକ ସହାୟତା ପ୍ରଦାନ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ସମ୍ପାଦକୀୟ



କବି, ପ୍ରେମିକ ଏବଂ ଉନ୍ମାଦଗ୍ରସ୍ତ , ଏକାଭଳି ସ୍ୱପ୍ନସମ୍ପୂର୍ଣ୍ଣ ସେମାନଙ୍କର କଳ୍ପନା ଜଗତ ।
-ଉଇଲିୟମ ସେକ୍ସପିୟର

ସକାଳ THE SAKALA

## ଅପଥଗାମୀ ବିକାଶ

ବିକାଶ ଅପରିହାର୍ଯ୍ୟ, କିନ୍ତୁ ପରିବେଶ ସୁରକ୍ଷା ସର୍ବୋପରି - ଏ ଆପ୍ତ ସତ୍ୟ ପ୍ରତି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ପୁଣି ଥରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପରିବେଶ ସମ୍ବେଦନଶୀଳ ଯେଉଁ କେତେକ ପ୍ରକଳ୍ପକୁ କେନ୍ଦ୍ର ସରକାର ୨୦୧୭ ମସିହାରେ ସରକାରୀ ବିଜ୍ଞପ୍ତି ମାଧ୍ୟମରେ ପିଛିଲା ଭାବେ ପରିବେଶ ମଞ୍ଜୁରି ଦେଇଥିଲେ ତାହାକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ରଦ୍ଦ କରିଦେଇଛନ୍ତି । ପ୍ରିୟାପ୍ରୀତି ତୋଷଣ ପାଇଁ ନୀତି-ନିୟମ, ଆଇନ-କାନୁନ୍‌କୁ କିଭଳି ମାଡ଼ିମକଚି ଦିଆଯାଏ ତାହାର ପୁଣି ଏକ ଉଦାହରଣ ମିଳିଛି ।

ପରିବେଶ ଓ ଜଙ୍ଗଲ ମଞ୍ଜୁରୀ ନଥାଇ ଯେଉଁ ପ୍ରକଳ୍ପ ଆରମ୍ଭ ହୁଏ ତାହାକୁ ବନ୍ଦ କରିବା ପାଇଁ ସରକାରଙ୍କ କ୍ଷମତା ଓ ଅଧିକାର ରହିଛି । କିନ୍ତୁ ୨୦୧୭ ମସିହା ପୂର୍ବରୁ ଅଣମଞ୍ଜୁରୀପ୍ରାପ୍ତ ପ୍ରକଳ୍ପଗୁଡ଼ିକୁ ଆଇନତଃ ଅବୈଧ ଦର୍ଶାଇ ବନ୍ଦ କରିବା ବଦଳରେ ଗଳାବାଟରେ ମଞ୍ଜୁର କରାଇ ନେବା ଲାଗି କେନ୍ଦ୍ର ସରକାର ୨୦୧୭ ମସିହାରେ ଏକ ସରକାରୀ ବିଜ୍ଞପ୍ତି ଜାରି କରିଥିଲେ । ସେଥିରେ କୁହାଯାଇଥିଲା ଯେ ଯେଉଁ ପ୍ରକଳ୍ପଗୁଡ଼ିକ ଆରମ୍ଭ ହୋଇସାରିଛି କିମ୍ବା ସମ୍ପ୍ରସାରିତ ହୋଇଛି କିମ୍ବା ଉତ୍ପାଦନର ବିବିଧତା ପରିବର୍ତ୍ତନ ହୋଇସାରିଛି ସେମାନେ ସେଗୁଡ଼ିକୁ ମଞ୍ଜୁର କରାଇ ନେବା ଲାଗି ଛଅମାସ ଭିତରେ 'ଏକକାଳୀନ ମଞ୍ଜୁରୀ' ବ୍ୟବସ୍ଥାରେ ଆବେଦନ କରିପାରିବେ । କୋଟି କୋଟି ଟଙ୍କାର କାମ ଆରମ୍ଭ ହୋଇସାରିଥିବାରୁ ପ୍ରଭୂତ ଆର୍ଥିକ କ୍ଷତିକୁ ଆଳ କରି ଏହି ବିଜ୍ଞପ୍ତି ଜାରି କରାଯାଇଥିଲା । କିନ୍ତୁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା ସରକାରଙ୍କ ଏହି ବିଜ୍ଞପ୍ତି ଉପରେ ଆପତ୍ତି ଉଠାଇ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ । ମାମଲାର ବିଚାର କରି ଖଣ୍ଡପୀଠ ବିଜ୍ଞପ୍ତିକୁ ଅବୈଧ ଦର୍ଶାଇବା ସହିତ ଏ ସମ୍ପର୍କିତ ଥିବା ମାର୍ଗଦର୍ଶିକା କିମ୍ବା ନିର୍ଦ୍ଧାରିତ ପଦ୍ଧତି ଅନୁସୃତ ହୋଇନଥିବା କହିଛନ୍ତି । ଏଥିସହିତ ଭବିଷ୍ୟତରେ ଏପରି ମଞ୍ଜୁରୀ ପୂର୍ବରୁ ପରିବେଶ ପ୍ରଭାବ ଆକଳନ(ଇଆଇଏ) ବିଜ୍ଞପ୍ତି ୨୦୦୬ର କଡ଼ା ଅନୁପାଳନ ପାଇଁ ମଧ୍ୟ ନିର୍ଦ୍ଦେଶନାମା ଜାରି କରିଛନ୍ତି ।

୨୦୦୬ରେ ପ୍ରଣୀତ ଇଆଇଏ ଅନୁଯାୟୀ କୌଣସି ପ୍ରକଳ୍ପ ଆରମ୍ଭ ପୂର୍ବରୁ ମଞ୍ଜୁରୀ ପ୍ରମାଣପତ୍ର ହାସଲ କରିବା ବାଧ୍ୟତାମୂଳକ । ଏହି ନିୟମ ଆଧାରରେ ପରିବେଶ ଓ ପ୍ରାକୃତିକ ସମ୍ପଦ ଉପରେ ଉକ୍ତ ପ୍ରକଳ୍ପର ପ୍ରଭାବ, ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଅଧିବାସୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଆଶଙ୍କା, ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ଆଦି ସାମାଜିକ ଭିତ୍ତିଭୂମି ପ୍ରଭାବିତ ହେଉଛି କି ନାହିଁ ତାହା ଏକ ଉଚ୍ଚ କ୍ଷମତାପ୍ରାପ୍ତ ବିଶେଷଜ୍ଞ ଦଳ ତଦାରଖ କରିବେ । ବହୁସ୍ତରୀୟ ସମୀକ୍ଷା, ଜନଶୁଣାଣି ଆଦି ଆଧାରରେ ହୋଇଥିବା ସୁପାରିସ ଅନୁଯାୟୀ ପରିବେଶ ମନ୍ତ୍ରଣାଳୟ ଉକ୍ତ ପ୍ରକଳ୍ପକୁ ମଞ୍ଜୁର କିମ୍ବା ନାମଞ୍ଜୁର କରିପାରିବେ । କିନ୍ତୁ ୨୦୧୭ ସରକାରୀ ବିଜ୍ଞପ୍ତି ଏହି ନିୟମର ବିରୁଦ୍ଧାଚରଣ କରୁଥିବା ସ୍ପଷ୍ଟ ହେଉଛି । ଉପରୋକ୍ତ ବିବାଦୀୟ ବିଜ୍ଞପ୍ତିରେ ଏହା ମଧ୍ୟ କୁହାଯାଇଥିଲା ଯେ ସମ୍ପୃକ୍ତ ପ୍ରକଳ୍ପ କର୍ତ୍ତାଙ୍କଠାରୁ ପରିବେଶ ଓ ପ୍ରଦୂଷଣ ନିୟମ ଉଲ୍ଲଘଂନ ବାବଦକୁ ଜୋରିମାନା ବାବଦରେ ଅର୍ଥ ଆଦାୟ କରାଯାଇପାରିବ । ଏହାଛଡ଼ା ପରିବେଶ ସୁରକ୍ଷା ଆଇନ ୧୯୮୬ ଆଧାରରେ ସମ୍ପୃକ୍ତ ରାଜ୍ୟ ପ୍ରଦୂଷଣ ବୋର୍ଡ ମଧ୍ୟ ସେମାନଙ୍କ ଉପରେ ଅଙ୍କୁଶ ଜାରି କରିପାରିବେ । କିନ୍ତୁ ଅର୍ଥ ଯେ ପ୍ରକୃତିଠାରୁ ଅଗ୍ରାଧିକାର ଭିତ୍ତିରେ ଗ୍ରହଣୀୟ ନୁହେଁ, ତାହା କେନ୍ଦ୍ର ସରକାର ଜାଣିଶୁଣି ପାଶୋରି ପକାଇଥିବା ଅନୁଭୂତ ହେଉଛି ।

ଯେଉଁ ପ୍ରକଳ୍ପ ପରିବେଶ ମଞ୍ଜୁରୀ ନଥାଇ ଆରମ୍ଭ ହୋଇପାରୁଛି ସେହି ପ୍ରକଳ୍ପ ଯେ ରାଜ୍ୟ ପ୍ରଦୂଷଣ ବୋର୍ଡର ନାଲିଆଖିକୁ ଡରିବ ତାହା ବିଶ୍ୱାସଯୋଗ୍ୟ ହେଉନାହିଁ । ତେଣୁ ବିଜ୍ଞପ୍ତି ପଛର ଉଦ୍ଦେଶ୍ୟ ଆଉ ଅବୁଝା ହୋଇ ରହିନାହିଁ । ଏହି କଥାକୁ ସର୍ବୋଚ୍ଚ ନ୍ୟାୟାଳୟ ଉଚିତ ଭାବେ ତର୍ଜମା କରି ସମୟୋପଯୋଗୀ ରାୟ ଶୁଣାଇଛନ୍ତି । ଏଥିସହିତ ଖଣ୍ଡପୀଠ ଯେଉଁ କେତେକ ଟୀପ୍ପଣି କରିଛନ୍ତି ତାହା ସର୍ବାଦୌ ପ୍ରାସଙ୍ଗିକ । ଖଣ୍ଡପୀଠ କହିଛନ୍ତି ଯେ ପରିବେଶ ପ୍ରତି ହାନିକାରକ ପ୍ରକଳ୍ପଗୁଡ଼ିକୁ ସୁରକ୍ଷା ଦେବା ପାଇଁ ସରକାର ଅପଥଗାମୀ ହୋଇଛନ୍ତି । ଏହା ସମ୍ବିଧାନର ଧାରା ୨୧ ଓ ୧୪ର ଉଲ୍ଲଘଂନ କରୁଥିବାରୁ ଖଣ୍ଡପୀଠ କଦାପି ୨୦୧୭ ବିଜ୍ଞପ୍ତିକୁ ବୈଧ କରିପାରିବେ ନାହିଁ । ଏହି ରାୟ ଦେବା ବେଳେ ଖଣ୍ଡପୀଠ ଦିଲ୍ଲୀ ବାୟୁ ପ୍ରଦୂଷଣର ଉଦାହରଣ ଦେବା ସହିତ ଏପରି ବିଜ୍ଞପ୍ତିର ଯେଭଳି ପୁନରାବୃତ୍ତି ନ ହୁଏ ସେଥିପ୍ରତି ସଚେତନ ହେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ସାମ୍ପ୍ରତିକ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ପୃଷ୍ଠଭୂମିରେ ପରିବେଶ ଓ ଜୈବ ବିବିଧତାର ସୁରକ୍ଷା କେତେ ଗୁରୁତ୍ୱପୂର୍ଣ୍ଣ ତାହା ଉଲ୍ଲେଖ ଅନାବଶ୍ୟକ । ଅଧିକନ୍ତୁ ପ୍ରାକୃତିକ ବିପର୍ଯ୍ୟୟ ତୁଳନାରେ ମନୁଷ୍ୟକୃତ କାର୍ଯ୍ୟକଳାପ ଦ୍ୱାରା ପରିବେଶ ଅଧିକ କ୍ଷତିଗ୍ରସ୍ତ । ପରିବେଶ ପ୍ରତିକୂଳ ବିକାଶ ମାନବ ସଭ୍ୟତା ପ୍ରତି ଆଦୌ ଗ୍ରହଣୀୟ ନୁହେଁ ବୋଲି ପରିବେଶବିତ୍‌ମାନେ ଚେତାବନୀ ଦେଇ ଆସୁଛନ୍ତି, କିନ୍ତୁ ପରିବେଶ ଆଇନ କରିଥିବା ସରକାର ହିଁ ପରିବେଶ ବିନାଶର କାରକମାନଙ୍କୁ ସବୁଜସଂକେତ ଦେଇ ଚାଲିଛନ୍ତି । ଏପରିକି ପରିବେଶ ଉପରେ ନିର୍ଦ୍ଦିଷ୍ଟ ପ୍ରକଳ୍ପର ପ୍ରଭାବ ସମ୍ପର୍କରେ ସୁପାରିସ କରିବା ପାଇଁ ସରକାର ବିଭିନ୍ନ ସମୟରେ ଗଠନ କରିଥିବା ଆୟୋଗ ଓ କମିଟିର ମତାମତକୁ ମଧ୍ୟ ସରକାର ଗ୍ରହଣ କରିବାକୁ ନାରାଜ । ଏଭଳି ଅପଥଗାମୀ ବିକାଶର ପରାଭବ କେରଳର ୱାଇନାଡ୍, ଉତ୍ତରାଖଣ୍ଡ, ଆସାମ୍ ଆଦି ସ୍ଥାନରେ ପ୍ରତିଫଳିତ ହୋଇଛି । ଲକ୍ଷଲକ୍ଷ ଜୀବନ ଯାଇଛି । କୋଟି କୋଟି ଟଙ୍କାର ପରିବେଶ ଭିତ୍ତିଭୂମି ଧ୍ୱଂସ ପାଇଛି । ତଥାପି ବିକାଶ ନାମରେ ବିନାଶକୁ ଆଦରି ନେବାରେ ସରକାର କୁଣ୍ଠାବୋଧ କରୁନାହାନ୍ତି । ଏହାକୁ ପୁଣି ଥରେ ଖଣ୍ଡପୀଠ ସୂଚାଇ ଦେଇ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି ଯେ ପରିବେଶର ବଳି ଦେଇ ବିକାଶ କ'ଣ ଜରୁରୀ? ଏ ପ୍ରଶ୍ନର ଉତ୍ତରରେ ସରକାରଙ୍କ ଅନ୍ତରାତ୍ମାର ଉତ୍ତର ନିଶ୍ଚୟ 'ନା' ହୋଇପାରେ । କିନ୍ତୁ କେବଳ ଆର୍ଥିକ ଅଭିବୃଦ୍ଧି ଓ ଭୌତିକ ଉନ୍ନତିରେ ମୋହାଚ୍ଛନ୍ନ ସରକାର ନିରୁତ୍ତର ରହିବା ହିଁ ଶ୍ରେୟ ମଣିବେ । ବିଶ୍ୱାୟନରେ ବିକାଶ ଜରୁରୀ । କିନ୍ତୁ ତାହା ପରିବେଶକୁ ଧ୍ୱଂସ କରି ନହେଉ ।

# ଧାର୍ମିକ ବର୍ବରତା

**ଡ.ମନୋଜ କୁମାର ମହାନ୍ତି**

ପୃଥିବୀପୃଷ୍ଠରେ ମାନବଜାତିର ସୃଷ୍ଟି ଯେତିକି ରହସ୍ୟମୟ, ତା'ଠାରୁ ଅଧିକ ରହସ୍ୟମୟ ତା'ର ଧାର୍ମିକ ମାନସିକତା । ସେ ତା' ନିଜ ସୃଷ୍ଟିକୁ ନେଇ ଅନେକ ମତବାଦ ମଧ୍ୟରୁ ଧାର୍ମିକ ମତବାଦକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଭାବେ ଗ୍ରହଣ କରିଛି । ଧର୍ମ ପ୍ରତ୍ୟେକ ମଣିଷର ଏକ ସ୍ୱତନ୍ତ୍ର ପରିଚୟ । ଧାର୍ମିକ ପରିଚୟ ତା'କୁ ସାମାଜିକ ଅନୁଷ୍ଠାନ ଓ ଭିନ୍ନଭିନ୍ନ କାର୍ଯ୍ୟକ୍ରମ ସହ ଯୋଡ଼ି ରଖିଥାଏ । ଯଦିଓ ଧର୍ମର ଆରମ୍ଭ ଓ ନିର୍ଦ୍ଦିଷ୍ଟ ସମୟକୁ ଖୋଜିପାଇବା କାଠିକର ପାଠ, ତଥାପି ଧର୍ମ ବିନା ମଣିଷର ଅସ୍ତିତ୍ୱ ବା କାହିଁ?

ଇତିହାସ ପୃଷ୍ଠାକୁ ଉନ୍ମୋଚନ କଲେ ଜଣାଯାଏ ମଣିଷର ସାମାଜିକ ପରିଚୟ କେବଳ ମଣିଷ ନୁହେଁ, ବରଂ ଜାତି-ଧର୍ମ ଭିତରେ ସୀମାବଦ୍ଧ ହୋଇଯାଇଛି । ଦର୍ଶନ ଶାସ୍ତ୍ର ଅନୁଯାୟୀ ମଣିଷ ନିଜକୁ ସଂଯତ, ପରିମାର୍ଜିତ ସହ ଦିବ୍ୟଚେତନାର ଜାଗରଣ କରି ନିଜ ଜୀବନକୁ ଅମୃତମୟପୂର୍ବକ ମୋକ୍ଷ ଲକ୍ଷ୍ୟରେ ଆତ୍ମାକୁ ଅଗ୍ରସର କରିବାର ମୁଖ୍ୟ ଉଦେଶ୍ୟ ହେଉଛି ଧର୍ମ । 'ଧର୍ମ'ର ଅର୍ଥ ଧାରଣ କରିବା । 'ଧାରଣ'ର ଅର୍ଥ ନିଜର ନୈତିକ କର୍ମକୁ ଆଦରପୂର୍ବକୁ ଆଗେଇ ନେବା । ଧର୍ମ ଏକ ଜୀବନଶୈଳୀ, ଏକ ଚିନ୍ତାଧାରା, ଏକ ମାନସିକ ପରିକଳ୍ପନା, ଏକ ସ୍ୱଚ୍ଛସୁନ୍ଦର ସଂକଳ୍ପ, ଯାହା ମଣିଷକୁ ରାସ୍ତା ଦେଖାଏ । ତା' ଭିତରେ ଥିବା ମାନବିକତାକୁ ଉଦ୍ରେକ କରେ । ଦୟା, ପ୍ରେମ, କରୁଣା ପୁଣି ଭଲ ପାଇବା ସୃଷ୍ଟି କରେ । ପ୍ରତ୍ୟେକ ମଣିଷ ସ୍ୱତନ୍ତ୍ର ଯେ ସେ କେଉଁ ଧର୍ମ ବା ଜୀବନଶୈଳୀକୁ ଗ୍ରହଣ କରିବ ଏବଂ ସେ କେଉଁ ପଥରେ ଅଗ୍ରସର ହେବ ତା'କୁ ହିଁ ଜଣା ।

ଜୀବଜଗତର ସୃଷ୍ଟି ପରେ ପରେ ଧର୍ମର ଧ୍ୱଜା ଉଡ଼ିବା ଆରମ୍ଭ ହେଲା । ମଣିଷ ଦ୍ୱାରା ସୃଷ୍ଟି ହୋଇଥିବା ଧର୍ମକୁ ମଣିଷ ହିଁ ପ୍ରଚାର ପ୍ରସାର କରିବାରେ ଲାଗିପଡ଼ିଲା । ଖାଦ୍ୟ, ବସ୍ତ୍ର ଓ ବାସଗୃହ ଉପଯୋଗୀ ସବୁକିଛି ଧର୍ମକୁ ଆଖିରେ ରଖି କରାଗଲା । କେଉଁ ଧର୍ମ ଗ୍ରହଣ କଲେ ମଣିଷକୁ ସୁଖ ଶାନ୍ତି ମିଳିବ ସେ ହିଁ ସ୍ଥିର କଲା । ମଣିଷର ପୋଷାକ ପରିଚ୍ଛଦ ବେଶଭୂଷାକୁ ଦେଖି କେଉଁ ମଣିଷ କେଉଁ ଧର୍ମର ଜାଣିବାରେ ଆଉ କୌଣସି ଦ୍ୱନ୍ଦ୍ୱ ଉପୁଜିଲା ନାହିଁ । ପ୍ରତ୍ୟେକ ଧର୍ମର ଉପାସନା ପଦ୍ଧତି ସମ୍ପୂର୍ଣ୍ଣ ଭିନ୍ନ ରହିଲା । ଧର୍ମର ପ୍ରତିଷ୍ଠାତାଙ୍କ ମହତ୍ୱାଣୀ ସାମାଜିକ ଓ ବ୍ୟକ୍ତିଗତ ଜୀବନରେ ସାଧାରଣ ଜନତାଙ୍କୁ ନିଶ୍ଚିତଭାବେ ଆକର୍ଷଣ କରିବା ଫଳରେ ସେମାନେ ସେହି ଧାର୍ମିକ ଚିନ୍ତାଧାରାରେ ନିଜକୁ ସାମିଲ୍ କରିବାରେ ମନୋନିବେଶ କଲେ । ପାରମ୍ପରିକ ଭାବେ ପିଢ଼ି ପରେ ପିଢ଼ି ସେଇ ନିର୍ଦ୍ଦିଷ୍ଟ ଧର୍ମକୁ ଗ୍ରହଣ କରିନେଲେ । ଧର୍ମକୁ ସହୃଦୟରେ ଗ୍ରହଣ କଲା ପରେ ସେହିଧର୍ମକୁ ଲୋକପ୍ରିୟ କରାଇବା ପାଇଁ ମଣିଷମାନେ ଲାଗିପଡ଼ିଲେ । ନିଜ ଧର୍ମକୁ ଶ୍ରେଷ୍ଠ ଭାବେ ଅନୁଭବ କରି ବିଶ୍ୱ ଦରବାରରେ ସେହି ଧର୍ମର ପ୍ରତିଷ୍ଠା ପାଇଁ ପ୍ରୟାସ ଆରମ୍ଭ କଲେ । ପରେପରେ ଧର୍ମ-ଧର୍ମ ମଧ୍ୟରେ ଚାଲିଲା ପ୍ରତିଦ୍ୱନ୍ଦ୍ୱିତା, ଆକ୍ଷେପ-ପ୍ରତ୍ୟାକ୍ଷେପ ।

ଧର୍ମ ଆଗରେ ସବୁ ମୂଲ୍ୟହୀନ । ତେଣ ନିଜର



ଜୀବନକୁ ବଳିଦାନ ସହ ଅନ୍ୟର ଜୀବନକୁ ନେଇ ରକ୍ତର ହୋଲି ଖେଳିବାକୁ ମଣିଷର କୌଣସି ଦ୍ୱନ୍ଦ୍ୱ ଜାତ ହେଲା ନାହିଁ । ଧର୍ମ ଓ ଧର୍ମର ପୁରୋଧାକୁ ନିଜର ଇଷ୍ଟ ଭାବେ ଗ୍ରହଣ କରି ସେହି ନିର୍ଦ୍ଦିଷ୍ଟ ଧର୍ମର ପ୍ରଭୂତାକୁ କିପରି ଜାହିର କରାଯିବ ସେଥିପାଇଁ ସେ ଯୋଜନା କଲା । ଧାର୍ମିକ ଅନୁଷ୍ଠାନ ଜରିଆରେ ଭାବପ୍ରବଣତାକୁ ଅସ୍ତ୍ର କରି ତାହାକୁ ଲୋକାଭିମୁଖୀ କରିବାରେ ସେ ଯତ୍ନବାନ ହେଲା । ପରବର୍ତ୍ତୀ ସମୟରେ ଧର୍ମର ପୃଷ୍ଠପୋଷକ ସାଜିଲେ ହିଂସ୍ର ଅତ୍ୟାଚାରୀ ଶାସକଗୋଷ୍ଠୀ । ସମସ୍ତ ବଳପ୍ରୟୋଗ ପୂର୍ବକ ସାଧାରଣ ଜନତାକୁ ଯୋରଜବରଦସ୍ତ ଧର୍ମଗ୍ରହଣ କରିବାକୁ ବାଧ୍ୟ କରାଗଲା । ଏଥିରେ ଯିଏ ରାଜି ହେଲା ସେ ବଞ୍ଚିଲା । କେହି କେହି ନିଜ ଜୀବନ ବିକଳରେ ଧର୍ମାନ୍ତରଣକୁ ଉପଯୁକ୍ତ ମନେ କଲେ । ଯେଉଁମାନେ ଅନ୍ୟ ଧର୍ମ ଗ୍ରହଣ କଲେ ନାହିଁ ସେମାନଙ୍କୁ ଅତ୍ୟାଚାର, ଅକଥନୀୟ ଦଣ୍ଡ, ମୃତ୍ୟୁଦଣ୍ଡ ଓ ମାନସିକ ଯନ୍ତ୍ରଣା ସହିବାକୁ ପଡ଼ିଲା । ଅଯଥା ଧାର୍ମିକ ଓ ତୀର୍ଥକର ମଧ୍ୟ ସାଧାରଣ ଜନତାଙ୍କ ଉପରେ ଜୋର କରି ଲଦି ଦିଆଗଲା । କେଉଁଠି ଉପାସନା ପୀଠକୁ ଧ୍ୱଂସ କରାଗଲା ତ ପୁଣି କେଉଁଠି ଉପାସନା ପୀଠକୁ ନିଜ ପ୍ରିୟଧର୍ମର ଉପାସନା ପୀଠରେ ରୂପାନ୍ତର କରିବାରେ ଲାଗି ପଡ଼ିଲେ ଧର୍ମାନ୍ଧ ବ୍ୟକ୍ତିସମୂହ । ଧର୍ମକୁ ପ୍ରାଧାନ୍ୟ ଦେଇ ମଣିଷ ମାନବିକତାକୁ ପାସୋରି ଦେଲା ।

ବିଶ୍ୱର କୋଣଅନୁକୋଣରେ ଭିନ୍ନଭିନ୍ନ କ୍ଷେତ୍ରରେ ଧର୍ମକୁ ଆଖିରେ ରଖି ଧର୍ମଯୁଦ୍ଧ ଆରମ୍ଭ ହୋଇଗଲା । ଯେଉଁ ଧର୍ମ ପ୍ରେମ ଓ କରୁଣାର ଗୀତଗାନ କରୁଥିଲା ସେ ପୁଣି ହିଂସା-ନୃଶଂସ ଆତଙ୍କବାଦୀର ରୂପ ଧାରଣ କଲା ।

'ଧର୍ମ'ର ମୂଳମନ୍ତ୍ର ନୈତିକ ବିଚାର ଉପରେ ପର୍ଯ୍ୟବସିତ । ବିଶ୍ୱଭ୍ରାତୃତ୍ୱ ଓ ଶାନ୍ତି ସ୍ଥାପନ ପାଇଁ ଧର୍ମ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ ହେଁ ତାହା ସମୟକ୍ରମେ ଉଗ୍ର ମାନସିକ ରୂପଧାରଣ କରି ରକ୍ତପାତର ରୂପ ନେବ ସେ କଥା କିଏ ଜାଣିଥିଲା? ଦୟା, କ୍ଷମା, ଦାନ ଓ ତ୍ୟାଗ ଥିଲା ପ୍ରତ୍ୟେକ ଧର୍ମର ମୂଳଲକ୍ଷ୍ୟ । ତାହା କିନ୍ତୁ କ୍ରୂରତାକୁ ପରିବର୍ତ୍ତିତ ହେବାରେ ଲାଗିଲା । ଜଳଦାନ, ଜଳଛତ୍ର କୂପଖନନ ପରିବର୍ତ୍ତେ କୂଅପୋଖରୀ ପାଣିରେ ବିଷ ମିଶାଇବା ଭଳି ଅମାନବିକ କାର୍ଯ୍ୟକଳାପ ଦେଖିବାକୁ ମିଳିଲା । ମଣିଷ ପଶୁଠାରୁ ମଧ୍ୟ ହୀନ ପାଲଟିଗଲା । ଅତ୍ୟାଚାର, ଲୁଣ୍ଠନ, ଗୃହଦାହ, ବଳାତ୍କାର, ଉତ୍ପୀଡ଼ନ, ଉତ୍ତେଜନା, ହିଂସା, ରକ୍ତପାତ କେଉଁ ଧର୍ମର ଆଦର୍ଶ? ନାଜିବାଦ ଶାସନ ସମୟରେ ଇହୁଦୀମାନଙ୍କ ପ୍ରତି ଯେଉଁ ଅତ୍ୟାଚାର କରାଗଲା ତା'ର ମୂକସାକ୍ଷୀ କେବଳ ସମୟ । ଇସ୍ରାଏଲ ଓ ପାଲେଷ୍ଟାଇନରେ ଥିବା ହମାସ ଆତଙ୍କବାଦୀ ମଧ୍ୟରେ ଦୀର୍ଘ ଦିନରୁ ଲାଗିଥିବା ଶତ୍ରୁତା ପଛରେ ଧାର୍ମିକ ଚିନ୍ତାଧାରା ହିଁ ଜଡ଼ିତ, ଯାହା ବାରମ୍ବାର ଯୁଦ୍ଧ ପାଇଁ ରାସ୍ତା ଉନ୍ମୁକ୍ତ କରୁଛି । ସିରିଆରେ ଆଇଏସଆଇର ଯେଉଁ ବର୍ବରତାର କରୁଣକୋହ ତାକୁ କିଏ ବୁଝିବ?

ଭାରତବର୍ଷରେ ଧାର୍ମିକ ବର୍ବରତା କିଛି ନୂଆ କଥା ନୁହେଁ । ମୋଗଲ ଓ ଅନ୍ୟ ବାହ୍ୟ ଆକ୍ରମଣକାରୀମାନଙ୍କଠାରୁ ଆରମ୍ଭ ହୋଇଛି ଭାରତରେ ଧାର୍ମିକ ବର୍ବରତା । ଭାରତରୁ ଧନସମ୍ପଦ ଲୁଣ୍ଠନ ସହ ଧାର୍ମିକ ବର୍ବରତାର ସମସ୍ତ ତଥ୍ୟ ଗୋଟିଗୋଟି ଆମ ଆଖି ସାମନାରେ । ମୋଗଲ ରାଜତ୍ୱ ସମୟରେ ମୋଗଲ ଶାସକମାନେ ଯେଉଁ ଘୃଣା ହିଂସା ନୃଶଂସ ଅମାନବୀୟ ଅତ୍ୟାଚାର ଧର୍ମକୁ ନେଇ ଆରମ୍ଭ କରିଥିଲେ, ତାହା ଦେଶ ସ୍ୱାଧୀନ ହେବାର ପରବର୍ତ୍ତୀ ସମୟରେ ମଧ୍ୟ ଦେଖିବାକୁ ମିଳୁଛି । ମୋଗଲ ସାମ୍ରାଜ୍ୟର ପତନ ପରେ ବ୍ରିଟିଶ ଶାସନ କାଳରେ କିଛିମାତ୍ରାରେ ଧାର୍ମିକ ବର୍ବରତା ଦେଖିବାକୁ ମିଳିଥିଲା । ଭାରତ ପାକିସ୍ତାନ ବିଭାଜନ ସମୟରେ ଯେଉଁ ହତ୍ୟା, ଧର୍ଷଣ ଓ ବର୍ବରତାର ଦୃଶ୍ୟ ଦେଖିବାକୁ ମିଳିଥିଲା, ସେ ସବୁ ପଛରେ ଧାର୍ମିକ ଚିନ୍ତାଧାରାର ଝଲକ୍ ଇତିହାସ ପୃଷ୍ଠାରେ ଲିପିବଦ୍ଧ । ପାକିସ୍ତାନରୁ ବାଂଲାଦେଶ ଅଲଗା ହେବା ସମୟରେ ପୁନଶ୍ଚ ସେହି ବୀଭତ୍ସ ଅମାନବୀୟ କ୍ରୂରତା କାହାକୁ ବା ଅଛପା? ଉଭୟ ପାକିସ୍ତାନ ଓ ବାଂଲାଦେଶରେ ବସବାସ କରୁଥିବା ହିନ୍ଦୁମାନଙ୍କ ପ୍ରତି ଯେଉଁ ଅତ୍ୟାଚାର ଓ ନିର୍ଯାତନା ଘଟିଛି, ତା'ର ହିସାବ କାହା ପାଖରେ ଅଛି? ଆଫଗାନିସ୍ତାନରେ ଥିବା ବୁଦ୍ଧ ଧର୍ମର ସମସ୍ତ ପ୍ରତିମୂର୍ତ୍ତିକୁ ଯେଉଁଭଳି ଧ୍ୱଂସବିଧ୍ୱଂସ କରାଗଲା, ତାହା କଣ ଅତ୍ୟନ୍ତ ଧାର୍ମିକ ବର୍ବରତାର ପରିଚୟ ନୁହେଁ?

ଧର୍ମ ଆଧାରରେ ଭାରତଠାରୁ ଅଲଗା ହୋଇଥିବା ପାକିସ୍ତାନ ଭିନ୍ନ ଭିନ୍ନ ସମୟରେ ଆତଙ୍କବାଦ କାର୍ଯ୍ୟକଳାପରେ ଲିପ୍ତ । ଭାରତର ବିଭିନ୍ନ ସ୍ଥାନରେ ସମୟେ ସମୟେ ନିଜ ଧର୍ମର ହୀନଚକ୍ରାନ୍ତକୁ ବାରମ୍ବାର ଉପସ୍ଥାପିତ କରିବାରେ ସେହି ରାଷ୍ଟ୍ର ପଛଘୁଞ୍ଚା ଦେଉନାହିଁ । କାଶ୍ମୀର ପଣ୍ଡିତମାନଙ୍କୁ ଧର୍ମ ଆଧାରରେ ଆତ୍ୟାଚାର ଓ ପଳାୟନ ପାଇଁ ଧାର୍ମିକପୀଠରୁ ଯେଉଁ ଧମକପୂର୍ଣ୍ଣ ଆଦେଶ ମିଳିଲା, ତାହା କଳୁଷିତ ଧାର୍ମିକ ଚିନ୍ତାଧାରାର ନମୁନାମାତ୍ର । ଧର୍ମକୁ ଆଧାର କରି ଆତଙ୍କବାଦୀମାନେ ଯେଭଳି ଅମାନବୀୟ ହତ୍ୟାକାଣ୍ଡମାନ ଭିଆଇଥା'ନ୍ତି, ତାହାର ସ୍ପଷ୍ଟ ପ୍ରମାଣ ଗତ ଏପ୍ରିଲ୍ ମାସରେ କାଶ୍ମୀର ଘାଟିରେ ପହଲଗାମରେ ଘଟିଥିବା ଘଟଣା ଆଉ ଏକ ଉଦାହରଣ । ଆତଙ୍କବାଦୀଙ୍କ ନିନ୍ଦନୀୟ କର୍ମ ପଛରେ ଧାର୍ମିକ ପରିଚୟ ଓ ଧାର୍ମିକ ଚିନ୍ତାଧାରା ହିଁ ପ୍ରତିଫଳିତ ହୋଇଥିଲା ।

ଧର୍ମକୁ ଆଖିରେ ରଖି ଯେଉଁ ଘୃଣ୍ୟ ବର୍ବରୋଚିତ ଘଟଣା ଘଟିଚାଲିଛି ସେଥିପାଇଁ ଧର୍ମ ସମାଲୋଚିତ ହେଉଛି । ଧର୍ମ, ଧର୍ମଗ୍ରନ୍ଥ ଓ ଧର୍ମଗୁରୁ ବାସ୍ତବରେ ମଣିଷକୁ କ'ଣ ଶିଖାଏ? ନିଜ ଧର୍ମ ଠାରୁ କେହି ବଡ଼ ନାହିଁ? ନିଜ ଇଷ୍ଟ ହିଁ ଅନ୍ୟ ଧର୍ମର ଇଷ୍ଟଠାରୁ ଶ୍ରେଷ୍ଠ? ନିଜ ଧର୍ମରେ ଦୀକ୍ଷିତ ବ୍ୟକ୍ତି ହିଁ ମଣିଷ, ଅନ୍ୟମାନେ ପଶୁ, ଯାହାଙ୍କୁ ଯେତେବେଳେ ଚାହିଁବ ସେମାନଙ୍କର ବଳି ପକେଇବ? ନିଜ ଧର୍ମଗ୍ରନ୍ଥ, ପ୍ରଥା ଓ ପରମ୍ପରା ଅନ୍ୟ ଧର୍ମଠାରୁ କ'ଣ ବହୁତ ଉଚ୍ଚତର? ହିଂସା, ଘୃଣା, ବ୍ୟଭିଚାର, ହତ୍ୟା ଓ ସମସ୍ତ ଅମାନବୀୟ ଘଟଣା ପଛରେ ଧାର୍ମିକ ଚିନ୍ତାଧାରା ଯେ ବୃହତ୍ ଭୂମିକା ଗ୍ରହଣ କରୁଛି, ତାହା ଉଦାହରଣମାନ ବାରମ୍ବାର ଦେଖିବାକୁ ମିଳୁଛି । ଏହା ଧାର୍ମିକ ବର୍ବରତା ନୁହେଁ ତ କ'ଣ?

ଭଦ୍ରକ, ମୋ: ୮୮୯୫୩୪୧୦୩୩

# ଗ୍ରୀଷ୍ମପ୍ରବାହ ଓ ବନାଗ୍ନି

**ବୈଷ୍ଣବ ମେହେର**

ଚଳିତବର୍ଷ କାଳବୈଶାଖୀର ପ୍ରଭାବ ଜାରି ରହିଥିବା ସତ୍ତ୍ୱେ ଗତ ଜାନୁଆରି ପହିଲାରୁ ମେ' ମାସ ପ୍ରଥମ ସପ୍ତାହ ମଧ୍ୟରେ ଆମ ରାଜ୍ୟରେ ୨୯,୧୬୫ ଟି ସ୍ଥାନରେ ବନାଗ୍ନି ଘଟି ପ୍ରାୟ ୪, ୫୭୫.୧୧ ହେକ୍ଟର ଜଙ୍ଗଲକୁ ପ୍ରଭାବିତ କରିଛି । ଗତବର୍ଷ ଠିକ୍ ଏହି ଅବଧି ମଧ୍ୟରେ ୨୨,୮୬୮ ଟି ସ୍ଥାନରେ ବନାଗ୍ନି ସୃଷ୍ଟି ହୋଇ ୪,୦୬୭.୦୫ ହେକ୍ଟର ଜଙ୍ଗଲ ପ୍ରଭାବିତ ହୋଇଥିବା ବେଳେ ଚଳିତ ବର୍ଷ ବନାଗ୍ନି ସଂଖ୍ୟା ଓ ପ୍ରଭାବିତ ଜଙ୍ଗଲ ପରିମାଣରେ ବୃଦ୍ଧି ଘଟିବା ନିଶ୍ଚିତ ଚିନ୍ତାର ବିଷୟ ।

ଓଡ଼ିଶାରେ ବାର୍ଷିକ ହାରାହାରି ୨୩୮ ହେକ୍ଟର ଜଙ୍ଗଲ ବନାଗ୍ନି କାରଣରୁ ଧ୍ୱଂସ ପାଇଥାଏ । ଗତ ଦଶବର୍ଷର ଜଙ୍ଗଲ କ୍ଷୟ ପରିସଂଖ୍ୟାନ ଅଧ୍ୟୟନ ଅନୁଯାୟୀ ଆମ ରାଜ୍ୟରେ ଶିଳ୍ପ, ଖଣି ଓ ଅନ୍ୟାନ୍ୟ ଭିତ୍ତିଭୂମି ପାଇଁ ଯେତିକି ଜଙ୍ଗଲ ନଷ୍ଟ ହୋଇଛି, ତାହାର ଚାରିଗୁଣରୁ ଅଧିକ ଜଙ୍ଗଲ ନିଆଁରେ ପୋଡ଼ିଯାଇଛି । ଶିଳ୍ପ, ଖଣି ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ ଅନୁଯାୟୀ ଆବଶ୍ୟକ ଜଙ୍ଗଲ ଜମିରୁ ଗଛ କାଟିବା ପାଇଁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ମନ୍ତ୍ରଣାଳୟ ଅନୁମତି ପ୍ରଦାନ କରିଥା'ନ୍ତି । ତେବେ ଗତ ଦଶବର୍ଷ ମଧ୍ୟରେ ଏହିସବୁ କାର୍ଯ୍ୟ ପାଇଁ ପାଖାପାଖି କୋଡ଼ିଏ ହଜାର ହେକ୍ଟର ଜଙ୍ଗଲ କଟାଯାଇଥିବା ବେଳେ ଏହା ବଦଳରେ ଆଇନ ଅନୁଯାୟୀ କ୍ଷତିପୂରକ ବନୀକରଣ ଯୋଜନାରେ ପ୍ରାୟ ୨୩ ହଜାର ହେକ୍ଟର ଜମିରେ



୧୦୬ କୋଟିରୁ ଅଧିକ ଅର୍ଥ ବ୍ୟୟ କରି ନୂତନ ଜଙ୍ଗଲ ସୃଷ୍ଟି କରାଯାଇଛି । ଅପରପକ୍ଷେ ବନାଗ୍ନି ଯୋଗୁଁ ଗତ ଦଶବର୍ଷରେ ଓଡ଼ିଶାରେ ୮୭ ହଜାର ହେକ୍ଟରରୁ ଅଧିକ ଜଙ୍ଗଲ ପ୍ରଭାବିତ ହୋଇଥିବା କୁହାଯାଇଛି ।

ବନାଗ୍ନିର ମୂଳଉତ୍ସ ଯାହା ହେଉନା କାହିଁକି, ଖରାଦିନ ଆରମ୍ଭରୁ ରାଜ୍ୟର ମୋଟ ୫୨ଟି ଜଙ୍ଗଲ ମଣ୍ଡଳର ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ ଘଟି ଜଙ୍ଗଲ ନଷ୍ଟ ହେବା ସହ ମୂଲ୍ୟବାନ ଉଭିଦ ଓ ପ୍ରାଣିସମ୍ପଦର ବହୁଳ କ୍ଷତି ଘଟି ଚାଲିଛି । ଏତଦ୍‌ବ୍ୟତୀତ ବନାଗ୍ନି ଧୂମ ଓ ତାପ ସୃଷ୍ଟି କରି ପରିବେଶ ପ୍ରଦୂଷଣର ପ୍ରମୁଖ କାରଣ ସାଜୁଥିବାରୁ ଏହା ଆଖପାଖ ଅଞ୍ଚଳର ତାତିକୁ ଅସହ୍ୟ କରିଦେଉଛି । 'ଟେମ୍ପରେଚର' ପତ୍ରିକାରେ ପ୍ରକାଶିତ ଏକ ଗବେଷଣାତ୍ମକ ତଥ୍ୟ ଅନୁସାରେ ୨୦୦୧ ରୁ ୨୦୧୯ ମସିହା ମଧ୍ୟରେ ଚରମ ତାପମାତ୍ରା ଯୋଗୁଁ ଭାରତରେ ୧୯,୬୯୩ ଜଣଙ୍କର ଅଂଶୁଘାତରେ ପ୍ରାଣ ଯାଇଛି ।

ବନୀକରଣ ମାଧ୍ୟମରେ ନୂତନ ଜଙ୍ଗଲ ସୃଷ୍ଟି ଯେତିକି ଆବଶ୍ୟକ, ବନାଗ୍ନିକୁ ରୋକାଯିବା ତା'ଠାରୁ ଢେର ଅଧିକ ଜରୁରୀ । ଆଧୁନିକ ବିଜ୍ଞାନ ଜଗତରେ ଉପଗ୍ରହ ମାଧ୍ୟମରେ ଚିତ୍ର ଉତ୍ତୋଳନ କରି ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥା ତୁରନ୍ତ ସିଧାସଳଖ ବନାଗ୍ନି ବିଷୟରେ ଅବଗତ କରାଇବା ଏକ ଅତ୍ୟାଧୁନିକ ପଦକ୍ଷେପ ବୋଲି ଧରାଯାଇପାରେ । ଏହି ତଥ୍ୟକୁ ଆଧାର କରି ବନବିଭାଗର ବନଖଣ୍ଡ, ବନାଞ୍ଚଳ, ଉପଖଣ୍ଡ, ବିଟ୍ ଭଳି ପ୍ରତ୍ୟେକ ସ୍ତରର ଅଧିକାରୀ ଓ କର୍ମଚାରୀଙ୍କ ଆନ୍ତରିକ ତତ୍ତ୍ୱାବଧାନରେ ବନ ସଂରକ୍ଷଣ ସମିତି, ସେଚ୍ଛାସେବୀ, ପ୍ରକୃତିପ୍ରେମୀ, ସାଧାରଣ ଜନତାଙ୍କ ସହଭାଗିତା ରହିଲେ ବନାଗ୍ନିକୁ ଆୟତ୍ତ କରାଯିବା ନିହାତି ସହଜ ହେବ ।

ଦେଶର ପ୍ରାୟ ୯୫ ଶତାଂଶ ବନାଗ୍ନି ମନୁଷ୍ୟକୃତ ବୋଲି ବିଭିନ୍ନ ସର୍ବେକ୍ଷଣରୁ ଜଣାପଡ଼ିଛି । କିନ୍ତୁ ସାଧାରଣ ଲୋକଙ୍କ ମଧ୍ୟରେ ବନାଗ୍ନିକୁ ନେଇ ଯେଉଁ ପରିମାଣରେ ସଚେତନତା ସୃଷ୍ଟି ହେବା କଥା ତା'ହା ଏ ପର୍ଯ୍ୟନ୍ତ ଆସିନାହିଁ । ଲୋକଙ୍କ ଅସାବଧାନତା ଓ ଖାମଖିଆଲି ମନୋଭାବ ମୂଲ୍ୟବାନ ଜଙ୍ଗଲ ଧ୍ୱଂସର କାରଣ ସାଜିଛି । ପୋଡୁଚାଷ ପାଇଁ କିମ୍ବା ଜଙ୍ଗଲଜାତ ଦ୍ରବ୍ୟ ଗୋଟାଇବା ପାଇଁ ଜଙ୍ଗଲରେ ନିଆଁ ଲଗାଯିବା, ଜଳନ୍ତା ବିଡ଼ି ବା ସିଗାରେଟ୍ ଅବଶେଷରୁ ଶୁଖିଲା ପତ୍ରରେ ନିଆଁ ଲାଗି ବନାଗ୍ନି ସୃଷ୍ଟି ହେବା ଆମ ଦେଶରେ ସାଧାରଣ କଥା ହୋଇଯାଇଛି । ତେଣୁ ବନାଗ୍ନି ରୋକିବାକୁ ହେଲେ ବନବିଭାଗରେ ଯଥେଷ୍ଟ ସଂଖ୍ୟକ ଅଭିଜ୍ଞ ଓ କୁଶଳୀ କର୍ମଚାରୀଙ୍କୁ ନିୟୋଜିତ କରିବା ଦରକାର । ଯାହାଦ୍ୱାରା ସେମାନେ ସାଧାରଣ ଲୋକଙ୍କୁ ଏ ଦିଗରେ ସଚେତନ କରିବା ସହ ସେମାନଙ୍କ ସହଯୋଗରେ ବନାଗ୍ନି ଦୂରୀକରଣର ସଫଳ ଯୋଜନା ପ୍ରସ୍ତୁତ କରିପାରିବେ ।

ସିନାପାଲି(ନୂଆପଡ଼ା),
ମୋ: ୯୭୭୭୭୫୩୯୩୫

# ପର୍ବ ପାଳନ ଓ ମାନସିକ ଉତ୍ତୋଳନ

**ଶ୍ରୀନନ**

ବର୍ତ୍ତମାନ ଆମର ବଢ଼ି ବଢ଼ି ଚାଲିଥିବା ଉଚ୍ଚାକାଂକ୍ଷା ହେତୁ ଅଧିକମାତ୍ରାରେ ଆସୁଛି ବିଫଳତା । ତାହା ହିଁ ବଢ଼ାଇବାରେ ଲାଗିଛି ମାନସିକ ଚାପ ଓ ଦୁଶ୍ଚିନ୍ତା, ଯାହାକି ମନ ଓ ଶାରୀର ଉପରେ ମଧ୍ୟ ପକାଉଛି ନକାରାତ୍ମକ ପ୍ରଭାବ । ସରଳ ତଥା ସମର୍ପିତ ଭାବ ନେଇ ଧାର୍ମିକ ପର୍ବ ବା ରୀତିନୀତି ପାଳନ ସହିତ ଜୀବନଯାତ୍ରା କରିବା ଦ୍ୱାରା ଏହି ବିଫଳତାର ପ୍ରଭାବ ହ୍ରାସ ପାଏ ଏବଂ ତାହା ପାଲଟିଯାଏ ସଫଳତାର ନିଶୁଣୀ । କାରଣ ଏହା ଆମ ଚାପଗ୍ରସ୍ତ ମସ୍ତିଷ୍କର ସ୍ନାୟୁ ବ୍ୟବସ୍ଥାକୁ ପୁନଃନିର୍ମାଣ କରିପାରେ ବୋଲି ମତ ଦେଲେଣି ବହୁ ମନସ୍ତତ୍ତ୍ୱବିତ୍ ଏବଂ ସ୍ନାୟୁ ବିଜ୍ଞାନୀ । ବିଶେଷକରି ଛାତ୍ରଛାତ୍ରୀ, ଗବେଷକ, ବ୍ୟବସାୟୀ ଏବଂ ବିବିଧ ପ୍ରତିଯୋଗିତାରେ ଭାଗନେଉଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏହା ଅଧିକ ପ୍ରଯୁଜ୍ୟ ।

ନୃତାତ୍ତ୍ୱିକ ଓ ମନସ୍ତାତ୍ତ୍ୱିକ ଗବେଷଣାରୁ ଜଣାପଡ଼ିଛି ଯେ ପର୍ବପର୍ବାଣି ବା ଧାର୍ମିକ ରୀତିନୀତି ମାନସିକ ଅବସ୍ଥାକୁ ସୁନିୟନ୍ତ୍ରିତ କରେ । ଉଦାହରଣ ସ୍ୱରୂପ, ପରୀକ୍ଷାକୁ ଯିବା ପୂର୍ବରୁ ଦେବଦର୍ଶନ, କଳସ ବସାଇବା କିମ୍ବା ଗୁରୁଜନମାନଙ୍କ ଆଶୀର୍ବାଦ ଭିକ୍ଷା କରିବା ଛାତ୍ରଛାତ୍ରୀଙ୍କ ମନରେ ଆତ୍ମବିଶ୍ୱାସ ବୃଦ୍ଧି କରେ ଏବଂ ମନକୁ ଚାପ ମୁକ୍ତ କରେ । ସେହିପରି ଅନ୍ୟାନ୍ୟ ଆହ୍ୱାନର ସମ୍ମୁଖୀନ ହେବା ଆଗରୁ ଧାର୍ମିକ ରୀତି ଅନୁସାରେ କିଛି ନା କିଛି କାର୍ଯ୍ୟ କଲେ ସଫଳତାର ସମ୍ଭାବନା ଅଧିକ । ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଆମର ବହୁଳ ଆଦୃତ ହୋଲି ପର୍ବ ସାମାଜିକ ସଦ୍ଭାବ ବୃଦ୍ଧି କରିବା ସହିତ ମନକୁ ଚାପମୁକ୍ତ କରେ ଏବଂ ତହିଁରେ ସୃଷ୍ଟିକରେ ସଦ୍ଭାବନା । ପରସ୍ପରକୁ ରଙ୍ଗବୋଳିବା (ପ୍ରାକୃତିକ ରଙ୍ଗ) ସହିତ ଆଲିଙ୍ଗନ କରିବା ଫଳରେ ମାନସିକ ଚାପ ସୃଷ୍ଟିକାରୀ ହର୍ମୋନ 'କୋର୍ଟିସଲ୍' ହ୍ରାସ ପାଏ ଏବଂ 'ଖୁସି ହରମୋନ୍' 'ଏଣ୍ଡୋରୋଫିନ୍ସ'ର କ୍ଷରଣ ବୃଦ୍ଧି ପାଇ ମନକୁ ଆନନ୍ଦିତ କରେ । ଏହାର ପ୍ରଭାବରେ ରୋଗ ନିରୋଧକ ଶକ୍ତି ବଢ଼େ, ରକ୍ତଚାପ ହ୍ରାସ ପାଏ, ହୃତ୍‌ସ୍ପନ୍ଦନ ସଂଯୋଜିତ ହୁଏ ଏବଂ ରୋଗବ୍ୟାଧିରୁ ମୁକ୍ତ ହେବା ପ୍ରକ୍ରିୟା ତ୍ୱରାନ୍ୱିତ ହୁଏ ।

**ବିଜ୍ଞାନ ବାର୍ତ୍ତା**

କୌଣସି କାର୍ଯ୍ୟରେ ବିଫଳ ହେଲା ବେଳେ ଏହା କିପରି ମସ୍ତିଷ୍କକୁ ପ୍ରଭାବିତ କରେ, ତାହା ଉପରେ ଏବେ ଆଲୋକପାତ କରିଛି ବେଜିଂ ବିଶ୍ୱବିଦ୍ୟାଳୟର ଜି ୱିଙ୍ଗଙ୍କ ଏକ ସ୍ନାୟୁ ବିଜ୍ଞାନଭିତ୍ତିକ ଅଧ୍ୟୟନ । ଏଥିରେ ସେ ଏବଂ ତାଙ୍କ ସହଯୋଗୀମାନେ ମସ୍ତିଷ୍କର ସ୍ନାୟୁଗୁଡ଼ିକର କାର୍ଯ୍ୟକଳାପ ଉପରେ ଲକ୍ଷ୍ୟ ରଖୁଥିଲେ । କୌଣସି କାର୍ଯ୍ୟ କଲାବେଳେ ଭୁଲ୍ କରି ବସିଲେ ତାହାର ପ୍ରତିକ୍ରିୟା ସେ ବ୍ୟବସ୍ଥା ଉପରେ ଦୃଶ୍ୟମାନ ହୁଏ ବୋଲି ଗବେଷଣାରୁ ଜଣାପଡ଼ିଥିଲା । ଏହା ସେଠାର ସ୍ନାୟୁଗୁଡ଼ିକର ସକ୍ରିୟତା ହ୍ରାସ କରିଥାଏ । ତେବେ ସେସମୟରେ କୌଣସି ଧାର୍ମିକ କାର୍ଯ୍ୟରେ ଲିପ୍ତ ରହିଲେ ତାହା ମସ୍ତିଷ୍କର ପ୍ରଭାବିତ 'ଆଣ୍ଟେରିଆର୍ ସିଙ୍ଗୁଲେଟ୍ କୋରଟେକ୍ସ' ଅଂଶକୁ ପୁନଃସକ୍ରିୟ କରିଦିଏ । ଏହା ଆମକୁ ତ୍ରୁଟିଟି ପ୍ରତି ସଂବେଦନଶୀଳତା ହ୍ରାସ କରେ । ଅତଏବ ଆମ ମନ ଶକ୍ତ ହୁଏ ଏବଂ ନୂଆ କାମ କରିବା ଲାଗି ସେଥିରେ ଆଗ୍ରହ ଜନ୍ମେ । କୌଣସି ଆହ୍ୱାନମୂଳକ କାର୍ଯ୍ୟ କରିବାକୁ ଯିବା ଆଗରୁ କିଛି ନା କିଛି ଧାର୍ମିକ ରୀତିନୀତି ଅନୁସରଣ କଲେ ମନରେ ବଳ ଆସେ, ଅନିଶ୍ଚିତତା ପ୍ରତି ଭୟ ଦୂର ହୁଏ ଏବଂ କାର୍ଯ୍ୟଟିରେ ମନ କେନ୍ଦ୍ରୀଭୂତ ହୁଏ । ସାମୂହିକ ଭାବେ ପାଳନ କରାଯାଉଥିବା ପର୍ବ ବା ରୀତିନୀତି ମଧ୍ୟ ସାର୍ଥକ ଭାବନା ଏବଂ ଦୃଢ଼ ମନୋଭାବକୁ ସମସ୍ତଙ୍କ ମଧ୍ୟରେ ସୃଷ୍ଟି କରେ । ଉତ୍ପନ୍ନ ହୁଏ ଏକ ଦଳଗତ ମାନସିକତା ଏବଂ ବିବିଧ ଆହ୍ୱାନର ମିଳିତ ଭାବେ ସମ୍ମୁଖୀନ ହେବା ଲାଗି ମନରେ ଶକ୍ତି ଜୁଟାଏ । ମହାମାରୀ ସମୟରେ ଦେବାର୍ଚ୍ଚନା ଏହାର ଏକ ଉଦାହରଣ ।

ଏସବୁ ଦୃଷ୍ଟିରୁ ବିଚାରକଲେ ଧାର୍ମିକ ପର୍ବପର୍ବାଣି ଓ ରୀତିନୀତି ପାଳନ କରିବାର ଦେହ ଓ ମନ ଉପରେ ରହିଛି ବହୁ ସକାରାତ୍ମକ ପ୍ରଭାବ । ସାମାଜିକ ଜୀବନକୁ ମଧ୍ୟ ଏହା ସୁଦୃଢ଼ କରେ । କିନ୍ତୁ ଏବେ ଗୁରୁତ୍ୱ ଦିଆଯାଉଛି ବାଣ, ରୋଷଣୀ ଓ ବାଜା ଉପରେ । ଉଜ୍ଜ୍ୱଳ ଆଲୋକରେ ମଧ୍ୟ ସାଜସଜ୍ଜା କରାଯାଉଛି । ପରିବେଶ ଓ ପରିସଂସ୍ଥା ଉପରେ ପଡୁଛି ଏହାର ଘାତକ ପ୍ରଭାବ । ଦେହ ଓ ମନକୁ ମଧ୍ୟ ଏହା ପ୍ରଭାବିତ କରୁଛି । ଆମେ ବୁଝିବା ଉଚିତ ଯେ ଏସବୁ ଆମର ପରମ୍ପରା ନୁହେଁ । ସମୟକ୍ରମେ ଏହାକୁ ଆମେ ସେଥିରେ ଯୋଗକରିଛୁ କେବଳ କ୍ଷଣିକ ଆନନ୍ଦ ପାଇଁ ଏବଂ କେତେକସ୍ଥଳେ ଅନ୍ଧବିଶ୍ୱାସ ହେତୁ । ଏଣୁ ଚାଲନ୍ତୁ ଏ ସବୁରୁ ନିବୃତ ରହି ଆମେ ସରସ, ସୁନ୍ଦର ଭାବେ ନିର୍ମଳ ମନ ନେଇ ଧାର୍ମିକ ପର୍ବ ଏବଂ ରୀତି ନୀତି ପାଳନ କରିବା ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ଶିମିଳିପାଳ ସୁରକ୍ଷାରେ ସୁମନ୍ତ ଚୌଧୁରୀ

■ ୩ ବର୍ଷରେ ଧରିଛନ୍ତି ୧୮ କୁଖ୍ୟାତ ଶିକାରୀ
■ ପ୍ରଶଂସା କଲେ ପିସିସିଏଫ୍



ବାରିପଦା, ୧୯ ।୫ (ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନ ସୁରକ୍ଷାରେ ବନରକ୍ଷୀ ସୁମନ୍ତ କୁମାର ଚୌଧୁରୀ ଜଣେ ସବୁଜ ସୈନିକ ଭାବେ କାର୍ଯ୍ୟ କରି ନିଜର ପରାକାଷ୍ଠା ଦେଖାଇଛନ୍ତି । ଏହାକୁ ନେଇ ବିଭିନ୍ନ ମହଲରୁ ତାଙ୍କୁ ପ୍ରଶଂସା କରାଯାଉଥିବା ବେଳେ ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ କୁମାର ଝା ‘ଏକ୍ସ’ ଯୋଗେ ପ୍ରଶଂସା କରିଛନ୍ତି । ଫରେଷ୍ଟ ଗାର୍ଡ ଶ୍ରୀ ଚୌଧୁରୀ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ବନଖଣ୍ଡରେ କାର୍ଯ୍ୟରତ । ଗତ ୩ବର୍ଷ ମଧ୍ୟରେ ସେ ଦକ୍ଷିଣ ପିଠାବଟା ବନାଞ୍ଚଳରେ ୧୮ କୁଖ୍ୟାତ ଶିକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି । ଏଥିସହ ୧୫ଟି ବନ୍ଧୁକ, ୪ଟି ହାତୀଦାନ୍ତ ଏବଂ ଗୋଟିଏ କଲରାପତରିଆ ବାଘ ଚମଡ଼ା ଜବତ କରିଥିବା ଦଳରେ ସେ ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି । ତାଙ୍କ ଦ୍ୱାରା ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ବେଶ ସୁଦୂର ପ୍ରସାରୀ ହୋଇପାରିଛି । ତାଙ୍କ ଉଦ୍ୟମ ଯୋଗୁଁ ଗ୍ରାମବାସୀ ସ୍ୱେଚ୍ଛାକୃତ ଭାବେ ୩୨ଟି ବନ୍ଧୁକ ସହିତ ଆତ୍ମସମର୍ପଣ କରିଥିଲେ । ସେ ସ୍ଥାନୀୟ ଅଧିବାସୀଙ୍କ ବିଶ୍ୱାସଭାଜନ ହୋଇ ଶିମିଳିପାଳର ବନ୍ୟଜନ୍ତୁ ଓ ଗଛଲତାର ସୁରକ୍ଷା ନେଇ ଅନେକ ସଚେତନ କରିଛନ୍ତି । ଏହା ସହିତ ବିଭିନ୍ନ ସଚେତନତା ଅଭିଯାନଗୁଡ଼ିକ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଇଛନ୍ତି । ଶିମିଳିପାଳରେ ବନ୍ୟପ୍ରାଣୀଙ୍କ ପାଇଁ ଜଣେ ପ୍ରକୃତ ରକ୍ଷକ ଭାବେ କାର୍ଯ୍ୟ କରିଛନ୍ତି ବୋଲି ପିସିସିଏଫ୍ କହିଛନ୍ତି ।

■ ବାସି ଖାଦ୍ୟ ବିକ୍ରି; ଖାଦ୍ୟ ସୁରକ୍ଷା ଟିମ୍‌ର ଚଢ଼ଉ

# ‘ବିଶାଳ ମେଗା ମାର୍ଟ’କୁ ୧ ଲକ୍ଷ ଟଙ୍କା ଜରିମାନା

ରାୟଗଡ଼ା, ୧୯।୫(ସମିସ): ବୈଧ ସରିଯାଇଥିବା ଖାଦ୍ୟ ପ୍ୟାକେଟ୍ ବିକ୍ରି ଅଭିଯୋଗରେ ରାୟଗଡ଼ା ଏଫ୍‌ସିଆଇ ଛକ ନିକଟସ୍ଥ ବିଶାଳ ମେଗାମାର୍ଟକୁ ୧ଲକ୍ଷ ଟଙ୍କା ଜରିମାନା କରାଯାଇଛି । ଅଭିଯୋଗ ଆଧାରରେ ଆଜି ରାୟଗଡ଼ା ଖାଦ୍ୟ

**‘ବିଶାଳ ମେଗା ମାର୍ଟ’କୁ ୧ ଲକ୍ଷ ଟଙ୍କା ଜରିମାନା**

ସୁରକ୍ଷା ଅଧିକାରୀଙ୍କ ଏକ ଟିମ୍ ସେଠାରେ ଚଢ଼ଉ କରିଥିଲା । ଅଭିଯୋଗ ସତ ପ୍ରମାଣିତ ହେବା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।

ସୂଚନାନୁସାରେ, ରାୟଗଡ଼ା ସହରର ବାସିନ୍ଦା ସଂଗ୍ରାମ ପଟ୍ଟନାୟକ ଚଳିତ ମାସ ୧୪ ତାରିଖ ଦିନ ବିଶାଳ ମେଗାମାର୍ଟରୁ ସମୁଦାୟ ୧୪୬୩ ଟଙ୍କାର ଜିନିଷ କିଣିଥିଲେ । ତେବେ ଏକ ଭୁଜିଆ ପ୍ୟାକେଟ୍‌ର ବୈଧତା ୧୨ ତାରିଖ ଦିନ ସରିଯାଇଥିବାରୁ ଏ ବାବଦରେ ସେ ସଂସ୍ଥାର ମ୍ୟାନେଜରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ ମ୍ୟାନେଜର୍ ଓଲଟି ତାଙ୍କୁ ନାଲି ଆଖି ଦେଖାଇଥିଲେ । ପରେ ଶ୍ରୀ ପଟ୍ଟନାୟକ ଏ ସଂପର୍କରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଖାଦ୍ୟ ସୁରକ୍ଷା ଅଧିକାରୀ ଜ୍ୟୋତି ପ୍ରକାଶ ସୋରେନଙ୍କ ନେତୃତ୍ୱରେ ତିନିଜଣିଆ ଏକ ଟିମ୍ ଆଜି ମାର୍ଟରେ ଚଢ଼ଉ କରିଥିଲେ । ଯାଞ୍ଚ ସମୟରେ ସେଠାରେ ବିକ୍ରି ଉଦ୍ଦେଶ୍ୟରେ ରଖାଯାଇଥିବା କିଛି ସାମଗ୍ରୀର ବୈଧତା ସରିଯାଇଥିବା ଦେଖିବାକୁ ମିଳିଥିଲା । ଏଥିସହ କିଛି ଖାଦ୍ୟ ସାମଗ୍ରୀ ଖୋଲାଥିବା ଦେଖିବାକୁ ପାଇବା ପରେ ଉକ୍ତ ସାମଗ୍ରୀର ମାନ ପରୀକ୍ଷଣ ପାଇଁ ଲ୍ୟାବ୍‌କୁ ପଠାଇଥିଲେ ।

**ଗଣଶିକ୍ଷା ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ**

# ଡ୍ରପ୍‌ଆଉଟ୍ ସର୍ଭେକୁ ପ୍ରଶଂସା

ଭୁବନେଶ୍ୱର,୧୯ ।୫(ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମୀକ୍ଷା କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନୂଆଦିଲ୍ଲୀରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଶିକ୍ଷା ଓ ସ୍କୁଲ୍ ଭିତ୍ତିଭୂମିର ଉନ୍ନତିକରଣ, ଜାତୀୟ ପାଠ୍ୟକ୍ରମ ସହିତ



ସମନ୍ୱୟ ରଖି ପାଠ୍ୟପୁସ୍ତକ ଏବଂ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା, ଶିକ୍ଷକଙ୍କ ଦକ୍ଷତା ବିକାଶ, ଜାତୀୟ ଶିକ୍ଷା ନୀତି କାର୍ଯ୍ୟାନ୍ୱୟନ, ପିଏମ୍ ପୋଷଣ ପରି ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଛି । ପ୍ରଥମ କରି ବିଦ୍ୟାଳୟରେ ଖୋଲିଥିବା ଶିଶୁ ବାଟିକାର ସୁପରିଚାଳନା, ଜାତୀୟ ପାଠ୍ୟକ୍ରମ ପରି ରାଜ୍ୟ ପାଠ୍ୟକ୍ରମକୁ ବିକଶିତ କରିବା ସହ ସ୍ଥାନୀୟ ପ୍ରାସଙ୍ଗକୁ ପ୍ରାଧାନ୍ୟ ଦେବା ପାଇଁ ଗଠିତ ଷ୍ଟିୟରିଂ କମିଟିର କାର୍ଯ୍ୟକୁ ସମୀକ୍ଷା କରାଯାଇଛି । ଡ୍ରପ୍ ଆଉଟ୍ ରୋକିବା ପାଇଁ ଘରକୁ ଘର ବୁଲି କରାଯାଉଥିବା ସର୍ଭେକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଛନ୍ତି । ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ ଦେଶ ପାଇଁ ଉଦାହରଣ ସୃଷ୍ଟି କରିବ ବୋଲି ମଧ୍ୟ କହିଛନ୍ତି । ସମୀକ୍ଷା ବୈଠକରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର ସଚିବ ସଞ୍ଜୟ କୁମାର, ଗଣଶିକ୍ଷା ବିଭାଗ ସଚିବ ଶାଳିନୀ ପଣ୍ଡିତ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସଙ୍କ ସମେତ କେନ୍ଦ୍ର ସରକାରଙ୍କ ବହୁ ଉଚ୍ଚ ପଦସ୍ଥ ଅଧିକାରୀ, ପିଏମ-ପୋଷଣ ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକ, ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟର ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ତିନି ଦିନ ଧରି ନୂଆଦିଲ୍ଲୀସ୍ଥିତ ଆଇସିଏଆର୍‌ରେ ସମସ୍ତ ରାଜ୍ୟର ଶିକ୍ଷା ସଚିବଙ୍କୁ ନେଇ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

ଏହି ସମ୍ମିଳନୀରେ ଶିକ୍ଷା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହୋଇଥିବାବେଳେ ବିଭିନ୍ନ ରାଜ୍ୟ ସେମାନଙ୍କ ସଫଳ ଯୋଜନାକୁ ଉପସ୍ଥାପନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେନ୍ଦ୍ରୀୟ ଅନୁଦାନ...

ରାଜ୍ୟକୁ ପର୍ଯ୍ୟାୟକ୍ରମେ କେନ୍ଦ୍ରୀୟ ଅନୁଦାନ ପ୍ରଦାନ କରିଥାଆନ୍ତି । ପ୍ରତ୍ୟେକ ପର୍ଯ୍ୟାୟରେ ଅନୁଦାନ ବ୍ୟୟ ପରେ କେନ୍ଦ୍ରକୁ ଖର୍ଚ୍ଚ ବିବରଣୀ ପଠାଯିବା ପରେ ପରବର୍ତ୍ତୀ କିସ୍ତି ମିଳିଥାଏ । ମାତ୍ର ରାଜ୍ୟ ସରକାର କେନ୍ଦ୍ରୀୟ ଅନୁଦାନ ବ୍ୟୟ କରିବାରେ ଅସମର୍ଥ ହୋଇଥିବାରୁ ପରବର୍ତ୍ତୀ କିସ୍ତି ଅର୍ଥ ଓଡ଼ିଶାକୁ ମିଳିଲା ନାହିଁ ବୋଲି କୁହାଯାଉଛି । ଅନ୍ୟପକ୍ଷରେ ବିଭିନ୍ନ ବିଭାଗର ବଜେଟ ବରାଦ ବ୍ୟୟ ନ ହେବା ବିଭିନ୍ନ ବିଭାଗ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ଯାହା କେନ୍ଦ୍ରୀୟ ଅନୁଦାନ ହ୍ରାସର ଅନ୍ୟତମ କାରଣ ବୋଲି ଅର୍ଥନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି । ୨୦୨୩-୨୪ ଆର୍ଥିକ ବର୍ଷରେ ବିଜେଡି ସରକାର କେବଳ ପଞ୍ଚାୟତିରାଜ ବିଭାଗରେ ଖର୍ଚ୍ଚ କରିଥିଲେ ୧୬୬୮୫ କୋଟି ଟଙ୍କା । ମାତ୍ର ବିଜେପି ସରକାରକୁ ଆସିବା ପରେ ଏହି ବିଭାଗ ମାତ୍ର ୮୨୨୭ କୋଟି ଟଙ୍କା ଖର୍ଚ୍ଚ କରିବାକୁ ସମର୍ଥ ହୋଇଛି । କେବଳ ପଞ୍ଚାୟତିରାଜ ବିଭାଗ ନୁହେଁ, ମିଶନଶକ୍ତି, ଗ୍ରାମ୍ୟ ଉନ୍ନୟନ ଓ ସାମାଜିକ ଉନ୍ନୟନ ଜଡ଼ିତ ଅନ୍ୟ ବିଭାଗଗୁଡ଼ିକର ମଧ୍ୟ ସମାନ ଅବସ୍ଥା ।

କେବଳ କେନ୍ଦ୍ରୀୟ ଅନୁଦାନ ନୁହେଁ, ଗତ ଆର୍ଥିକ ବର୍ଷରେ ରାଜସ୍ୱ ସଂଗ୍ରହ ମଧ୍ୟ ପୂର୍ବ ବର୍ଷ ତୁଳନାରେ ହ୍ରାସ ପାଇଛି । ୨୦୨୩-୨୪ରେ ତତ୍‌କାଳୀନ ବିଜେଡି ସରକାର ସମୟରେ ରାଜ୍ୟ ସରକାରଙ୍କ ନିଜସ୍ୱ ଟିକସ ସଂଗ୍ରହ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୬.୯୧ ପ୍ରତିଶତ ବଢ଼ିଥିଲା । ମାତ୍ର ୨୦୨୪-୨୫ରେ ଏହି ବୃଦ୍ଧି ହାର ମାତ୍ର ୩.୬୫ ପ୍ରତିଶତ ବୃଦ୍ଧି ହୋଇଥିବା ଜଣାପଡ଼ିଛି । ସେହିପରି ଅଣଟିକସ ରାଜସ୍ୱ ସଂଗ୍ରହ ମଧ୍ୟ ନିରାଶାଜନକ ରହିଛି । ୨୦୨୩-୨୪ରେ ଅଣ ଟିକସ ରାଜସ୍ୱ ସଂଗ୍ରହ ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୨୪.୦୯ ପ୍ରତିଶତ ବୃଦ୍ଧି ପାଇଥିବା ସମୟରେ ବିଜେପି ସରକାର ଆସିବା ପରେ ୨୦୨୪-୨୫ରେ ଅଣ ଟିକସ ରାଜସ୍ୱ ୩.୬୬ ପ୍ରତିଶତ ହ୍ରାସ ପାଇଛି । ୨୦୨୩-୨୪ରେ ରାଜ୍ୟରେ ଖଣି ରାଜସ୍ୱ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୯.୭୬ ପ୍ରତିଶତ ବଢ଼ିଥିବା ବେଳେ ୨୦୨୪-୨୫ରେ ତାହା ପ୍ରାୟ ୯.୬୯ ପ୍ରତିଶତ ହ୍ରାସ ପାଇଛି । ଲୁହାପଥରରୁ ମଧ୍ୟ ରାଜ୍ୟ ସରକାର ମାତ୍ର ବର୍ଷଟିଏ ମଧ୍ୟରେ ୭୩୮୩ କୋଟି ଟଙ୍କାର ରାଜସ୍ୱ କମ୍ ପାଇଛନ୍ତି । ସବୁ କ୍ଷେତ୍ରରେ ରାଜସ୍ୱ ପ୍ରାପ୍ତି କମ୍ ସରକାରଙ୍କ ଅପାରଗତାକୁ ଜଳଜଳ ଦର୍ଶାଉଛି । ଅତଏବ ସରକାର ଉତ୍ସବ ପାଳିବା ବଦଳରେ ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟ କିପରି ସୁସ୍ଥ ରହିବ ସେନେଇ ଆତ୍ମସମୀକ୍ଷା କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

### ଭାରତ ଧର୍ମଶାଳା...

ଶ୍ରୀଲଙ୍କା ଫେରିଯିବାକୁ କୁହାଯାଉଛି । ଆବେଦନକାରୀଙ୍କ ଓକିଲ ସମ୍ବିଧାନର ଧାରା ୨୧ (ଜୀବନ ଏବଂ ସ୍ୱାଧୀନତାର ସୁରକ୍ଷା) ଏବଂ ଧାରା ୧୯ ବାକ୍ ଏବଂ ବାକ୍ ସ୍ୱାଧୀନତା ଏବଂ ମୌଳିକ ଅଧିକାର ପ୍ରଦାନ କରୁଛି ବୋଲି କହିଥିଲେ । କିନ୍ତୁ ଜଷ୍ଟିସ୍ ଦତ୍ତା କହିଥିଲେ ଯେ ଆବେଦନକାରୀଙ୍କ ଅଟକ ରଖିବା ଦ୍ୱାରା ଧାରା ୨୧ର ଉଲଘଂନ ହେଉ ନାହିଁ । କାରଣ ତାଙ୍କୁ ଆଇନ ଅନୁଯାୟୀ ହେପାଜତକୁ ନିଆଯାଇଥିଲା । ଧାରା ୧୯ କେବଳ ଭାରତୀୟ ନାଗରିକଙ୍କ ପାଇଁ ଉପଲବ୍ଧ । ଏଠାରେ ବାସ କରିବାର ତମର କି ଅଧିକାର ରହିଛି ବୋଲି କୋର୍ଟ ପଚାରିଥିଲେ । ଆବେଦନକାରୀଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ ଯେ ଶ୍ରୀଲଙ୍କାରେ ଶରଣାର୍ଥୀ ଏବଂ ତାଙ୍କ ପତ୍ନୀଙ୍କ ଜୀବନ ବିପଦରେ ଅଛି । ଏହାପରେ କୋର୍ଟ ତାଙ୍କୁ ଅନ୍ୟ ଦେଶକୁ ଯିବାକୁ କହିଥିଲେ ।

### ଟ୍ୟୁମର୍ ରୋଗୀଙ୍କୁ...

ଗର୍ଭବତୀ ନାହାନ୍ତି, ବରଂ ତାଙ୍କ ପେଟରେ ଏକ ଟ୍ୟୁମର୍ ରହିଛି ଏବଂ ତାହା ଦିନକୁ ଦିନ ବଢ଼ିବାରେ ଲାଗିଛି । ତେଣୁ, ତାଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କାରେ ରୁନିଙ୍କୁ ସେହିଦିନ ଅଧିକ ଚିକିତ୍ସା ପାଇଁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ତାଙ୍କ ପେଟରୁ ଏ ପର୍ଯ୍ୟନ୍ତ ଟ୍ୟୁମର ବାହାର କରାଯାଇନଥିବା ଜଣାଯାଇଛି । ବର୍ତ୍ତମାନ ସେଠାରେ ସେ ଚିକିତ୍ସିତ ହେଉଛନ୍ତି । ଅପରପକ୍ଷେ, ଏଭଳି ଅବସ୍ଥାରେ ରୁନି ଓ ତାଙ୍କ ସ୍ୱାମୀ ମାନସିକ ଭାରସାମ୍ୟ ହରାଇ ଚିନ୍ତାରେ ରହିଛନ୍ତି ।

### ଭଡ଼ାଘରେ ୬ ଦିନ...

ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା । ପୀଡ଼ିତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରଥମେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ବାଲିଗୁଡା ଥାନା ଅଧିକାରୀ ସମ୍ବିତ୍ କୁମାର ସ୍ୱାଇଁ ଅଭିଯୁକ୍ତ ୩ ଜଣଙ୍କୁ ଗିରଫ କରିବା ପରେ ଏନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ସାମ୍ବାଦିକ ସମ୍ମିଳନୀରେ ବାଲିଗୁଡା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ ପ୍ରକାଶ କରିଛନ୍ତି ।

### ପ୍ରିୟଙ୍କାଙ୍କୁ ଜେରା...

ମଧ୍ୟ ନେଇପାରେ ବୋଲି କୁହାଯାଉଛି । ବିଶେଷକରି, ଜ୍ୟୋତି-ପ୍ରିୟଙ୍କାଙ୍କ ସମେତ ଓଡ଼ିଶା ଲିଙ୍କରେ ଭିତିରିଆ ଘଣ୍ଟାଚକଟା ଆରମ୍ଭ ହୋଇଥିଲା ବେଳେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ(ଏମ୍‌ଏଚ୍‌ଏ) ନିର୍ଦ୍ଦେଶକୁ ଅପେକ୍ଷା ରହିଛି ।

ଜ୍ୟୋତି ପୁରୀରେ ପହଞ୍ଚିବା ପରେ କୁଆଡ଼େ ଯାଇଥିଲେ? କେଉଁଠି ରହିଥିଲେ? କାହାକାହା ସହ ମିଶିଥିଲେ ? ଶ୍ରୀମନ୍ଦିରକୁ କେତେଥର ଯାଇଥିଲେ ? ପୁରୀରୁ ଥାଇ କାହା କାହା ସହ ଯୋଗାଯୋଗରେ ଥିଲେ? ପୁରୀ ପରେ ଅନ୍ୟ କେଉଁ ଜିଲ୍ଲାକୁ ଯାଇଥିଲେ କି? ଆଦି ସଂପର୍କରେ ଭିତିରିଆ ଖୋଳତାଡ଼ ଆରମ୍ଭ କରିଛି ଏନ୍‌ଆଇଏ । ସେହିପରି ପ୍ରିୟଙ୍କାକ ଆକାଉଣ୍ଟକୁ ପାକିସ୍ତାନ କିମ୍ବା ଅନ୍ୟ କେଉଁ ସହରରୁ ଟଙ୍କା ଆସିଛି କି ନାହିଁ ତାହାର ମଧ୍ୟ ଯାଞ୍ଚ କରାଯାଉଛି ।

### ୯ ଜଣଙ୍କୁ ‘ଅନ୍‌ଫଲୋ’...

କରୁଥିବା ସଂଖ୍ୟା ୨୧୬ରେ ପହଞ୍ଚିଛି । ଏହି ଦୁଇ ତିନି ଦିନ ମଧ୍ୟରେ ପ୍ରିୟଙ୍କା କାହାକୁ ଅନ୍‌ଫଲୋ କରିଛନ୍ତି, ତାକୁ ନେଇ ଉଠିଛି ପ୍ରଶ୍ନ ।

ପୂର୍ବରୁ ପ୍ରିୟଙ୍କା ନିଜ ପାକିସ୍ତାନ ଗସ୍ତର ରିଲ୍‌ସ ଓ ଭିଡିଓକୁ ଉଭୟ ୟୁଟ୍ୟୁବ୍ ଆକାଉଣ୍ଟ ଏବଂ ଇନ୍‌ଷ୍ଟାରୁ ଡିଲିଟ୍ କରିଥିଲେ । ଏବେ ନିଜ ଇନ୍‌ଷ୍ଟା ଆକାଉଣ୍ଟକୁ ମଧ୍ୟ ଲକ୍ କରିଛନ୍ତି । ତେବେ ପ୍ରିୟଙ୍କା ଦେଶ ପ୍ରଥମ ବୋଲି ସ୍ପଷ୍ଟ କରିଥିବା ବେଳେ ତାଙ୍କ ବାପା ସବୁପ୍ରକାର ତଦନ୍ତରେ ଝିଅ ସହଯୋଗ କରିବ ବୋଲି କହିଥିଲେ । ହେଲେ ତାଙ୍କ ସୋସିଆଲ ମିଡିଆ ସାଇଟ୍‌କୁ ନେଇ ଅନେକ ସନ୍ଦେହ ପ୍ରକଟ କରିଛନ୍ତି ।

ଏଭଳି ଏକ ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଏସ୍‌ପି ବିନୀତ୍ ଅଗ୍ରୱାଲ କହିଛନ୍ତି, ବର୍ତ୍ତମାନ ମଧ୍ୟ ଘଟଣାର ତଦନ୍ତ ଚାଲିଛି । ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି । ଆମେ ଉଭୟ ରାଜ୍ୟ ଏବଂ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସହ ଯୋଗାଯୋଗରେ ଅଛୁ । ଯାଞ୍ଚ ସରିଲା ପରେ ସମସ୍ତ ତଥ୍ୟ ଦିଆଯିବ । ହରିଆଣା ପୁଲିସ୍ କି ଏନ୍‌ଆଇଏର କୌଣସି ଅଧିକାରୀ ପୁରୀ ଆସିନାହାନ୍ତି ବୋଲି ଏସ୍‌ପି କହିଛନ୍ତି । ଅନ୍ୟ ଜଣେ ଅଧିକାରୀ କହିଛନ୍ତି, ତଦନ୍ତ ପାଇଁ ପୁରୀ ଆସିବା ଦରକାର ନାହିଁ । କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଯେ କୌଣସି ଜାଗାରୁ ତଦନ୍ତ କରିପାରିବେ ।

**ବରଯାତ୍ରୀ ଶୋଭଯାତ୍ରାରେ ତୁମୂଳକାଣ୍ଡ**

# ବାରଣ୍ଡାରେ ୧୦ ଘଣ୍ଟା ପଡ଼ିରହିଲେ ବରଯାତ୍ରୀ

ବିଞ୍ଝାରପୁର/ପ୍ରୀତିପୁର,୧୯।୫(ସମିସ): ବରଯାତ୍ରୀ ଶୋଭାଯାତ୍ରାରେ ନାଚକୁ କେନ୍ଦ୍ର କରି ଘଟିଛି ତୁମୁଳକାଣ୍ଡ । କନ୍ୟାଘର ଲୋକଙ୍କ ଆକ୍ରମଣରେ ଭାଙ୍ଗିଛି ବରଯାତ୍ରୀ ନେଇ ଆସିଥିବା ବସ୍ । ଫଳରେ ବିବାହ କାର୍ଯ୍ୟରେ ଯୋଗଦେବାକୁ ଆସି ହଟହଟା ହୋଇଛନ୍ତି ୬୦ରୁ ଉର୍ଦ୍ଧ୍ୱ ବରଯାତ୍ରୀ । ଏପରିକି, ବିବାହ ପରେ ମଧ୍ୟ ବରଯାତ୍ରୀ ଓ ବର କନ୍ୟାଙ୍କୁ ୧୦ ଘଣ୍ଟା ଧରି ଅଟକ ରହିବାକୁ ପଡ଼ିଛି ।




■ ବସ୍ ଭାଙ୍ଗିଦେଲେ କନ୍ୟାଘର ଗାଁ ଲୋକ
■ ଅଖିଆ ଅପିଆ ଘରକୁ ଫେରିଲେ ବରଯାତ୍ରୀ

ଏଭଳି ଘଟଣା ଘଟିଛି ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ୍ ଜରି ପଞ୍ଚାୟତରେ । ଗତକାଲି ରାତିଠାରୁ ପଡ଼ୋଶୀ ଘର ବାରଣ୍ଡାରେ ପଡ଼ି ରହିଥିଲେ ବର ଓ ବରଯାତ୍ରୀ । ତେବେ ପୁଲିସ୍ ହସ୍ତକ୍ଷେପ ପରେ ବରକନ୍ୟା ଫେରିଛନ୍ତି ।

ଅଭିଯୋଗ ଅନୁଯାୟୀ, ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଞ୍ଚଳର ରାକେଶ ପରିଡ଼ାଙ୍କ ପୁଅ ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରି ଅଞ୍ଚଳର ସୁରେନ୍ଦ୍ର ସାମଲଙ୍କ ଝିଅଙ୍କୁ ବିବାହ କରିବା ପାଇଁ ନିଜ ସମ୍ପର୍କୀୟଙ୍କ ସହ ଆସିଥିଲେ । ଅସ୍ତରଙ୍ଗରୁ ବର ଓ ବରଯାତ୍ରୀ ଜରିରେ ପହଞ୍ଚି ଶୋଭାଯାତ୍ରା ଆରମ୍ଭ କରିଥିଲେ । ଶୋଭାଯାତ୍ରାର କିଛି ସମୟ ପରେ କନ୍ୟାପକ୍ଷଙ୍କ ସମ୍ପର୍କୀୟ ଓ ଗ୍ରାମରେ କେତେକ ଯୁବକ ଉକ୍ତ ଶୋଭାଯାତ୍ରାରେ ବରଯାତ୍ରୀଙ୍କ ସହିତ ନୃତ୍ୟ କରିଥିଲେ । ଏହାକୁ ନେଇ ବରଯାତ୍ରୀ ଓ କନ୍ୟାପକ୍ଷଙ୍କ ମଧ୍ୟରେ ବଚସା ହୋଇଥିଲା । କଥା ବଢ଼ିବାରୁ କନ୍ୟାପକ୍ଷ ଲୋକ ବରଯାତ୍ରୀମାନଙ୍କୁ ମାଡ଼ ମାରିବା ସହ ସେମାନେ ଆସିଥିବା ବସ୍ (ଓଡି ୦୨ଏଏନ୍୮୪୬୯)କୁ କନ୍ୟାର ଦାଦାପୁଅ ଓ ତାର ସହଯୋଗୀମାନେ ଭାଙ୍ଗି ଦେଇଥିଲେ । ଏହାକୁ ନେଇ ଘଟଣା ସ୍ଥଳରେ ତୁମୁଳକାଣ୍ଡ ଘଟିଥିଲା । ବାଦବିବାଦ ପରେ ଯଦିଓ ବିବାହ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା, କିନ୍ତୁ ବରଯାତ୍ରୀମାନେ ଖାଇନଥିଲେ । ସକାଳୁ ବସ୍ ଚାଳକ ଓ ବରଯାତ୍ରୀ କ୍ଷତିପୂରଣ ଦାବି କରିଥିଲେ । ୬୦ରୁ ଉର୍ଦ୍ଧ୍ୱ ବରଯାତ୍ରୀଙ୍କ ସମେତ ବରକନ୍ୟା ଅଟକ ରହିଥିଲେ । ଘଟଣା ସମ୍ପର୍କରେ ବରପକ୍ଷ ଓ କନ୍ୟାପକ୍ଷ ବିଞ୍ଝାରପୁର ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ । ପୁଲିସ୍ ଅଭିଯୋଗ ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଅପରାହ୍ନରେ ବରଯାତ୍ରୀ ଓ ବରକନ୍ୟା ପୁଲିସ ହସ୍ତକ୍ଷେପ ପରେ ଅସ୍ତରଙ୍ଗ ଫେରିଥିଲେ । ତେବେ ଏହି ଘଟଣାକୁ ନେଇ ଆଜି ଦିନତମାମ ବିଞ୍ଝାରପୁର ଅଞ୍ଚଳରେ ଚର୍ଚ୍ଚା ଲାଗି ରହିଥିବା ବେଳେ ପୁଲିସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଛି ।


**AFFIDAVIT**
By Virtue of an Affidavit no 985 dt 2.5.25 before the Notary Public, Bhadrak I, SHREE MANISA NAYAK At/Po- Samantraypur, P. S- Pirahat ,Dist-Bhadrak,PIN- 756131 declare that I have changed my name from **SUSHREE SHREE MANISA NAYAK** to **SHREE MANISA NAYAK.** Henceforth I shall be known as **SHREE MANISA NAYAK** for all purposes.

**AFFIDAVIT**
By virtue of an affidavit sworn before In the Court Of Executive Magistrate,Daspalla dated 17/05/2025 I Debasis Pradhan,Adress Village-riramchandrapur, PO-Srirampur, P.S-Daspalla, Dist-Nayagarh, Pin-752084 declare that I have changed my name from **Rakesh Pradhan** to **Debasis Pradhan**. Henceforth, I Shall be known as **Debasis Pradhan** for all purpose.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 14/05/2025 I Sri. Guru Kanteri S/o- Adu Kanteri, Village - Gulpandi, Post - Malibelgaon, PS - Nandapur, Dist - Koraput declare that I have changed my name from Guru Hantal S/o- **Sahu Hantal** to **Guru Kanteri** . Henceforth, I shall be known as **Guru Kanteri** for all purpose.
Sd/- Guru Kanteri

**AFFIDAVIT**
By virtue of an affidavit sworn before the Executive Magistrate, Puri, SL. No: 2074 dated 04/04/2025, I **Juliyas Rani Sahu**, W/o Hemanta Kumar Sahu resident of Village At - Dhoba Sahi, Station Road, Ps- Sea Beach, Dist- Puri, Odisha, Pin-752002 declare that I have changed my name from **Juliyas Rani Tandi** to **Juliyas Rani Sahu**. Henceforth, she shall be known as **JULIYAS RANI SAHU** for all purposes.
Sd- JULIYAS RANI SAHU

**AFFIDAVIT**
I, **Manoj Parida**, H/o.: Rupeli Rupanita Dash, presently residing at Flat No.: 104, Sairaj Ashiyana, Kesura, PO./P.S.: Laxmisagar, Bhubaneswar, Dist.: Khorda, Odisha, PIN-751006, declare by this affidavit No.: 73AA 584737 dated 22.11.2024 that now onwards I shall be known as **MANOJ KUMAR PARIDA** for all future purposes.

**AFFIDAVIT**
By virtue of an Affidavit sworn before The Executive Magistrate, Bissam Cuttack, Vide Sl. No.1395/2025, dated-09/05/2025, I BUDU KUSHALIA, son of ARJUN KUSHALIA, Address Village-Kankubadi, Post-Kankubadi, P.S-Bissam Cuttack, District- Rayagada, Odisha, PIN- 765019 declare that I have changed my name from **JAGANNATH KUSHALIA** to **BUDU KUSHALIA**. Henceforth I shall be known as **BUDU KUSHALIA** for all purposes.

**AFFIDAVIT**
By Virtue of an affidavit sworn before Executive Magistrate, Bhubaneswar dated: 05.03.2025, I, Keshaba Mallick, address:- at- Kalingi, Po-Tajungia, PS-Brahmanigaon, Dist-Kandhamal, Odisha, Pin-762021, declare that I have changed my son's name from **Krish Mallick** to **Arijit Mallick**. Henceforth, he shall be known as **Arijit Mallick** for all purposes.
Keshaba Mallick

**AFFIDAVIT**
I, Rajeswari Patro, aged about 41 years, W/o-Pradeep Kumar Patro, resident of Gouda Sahi, Phulabani, Po- Phulbani, Ps- Phulbani Town, Dist-Kandhamal, Odisha, Pin-762001, do hereby declare by this affidavit No. 1046, dtd. 19/05/2025, that now onwards I shall be known as **RAJESWARI PATRA** for all future purposes.

**AFFIDAVIT**
I, **Rupeli Rupanita Parida**, W/o.: Manoj Kumar Parida, presently residing at Flat No.: 104, Sairaj Ashiyana, Kesura, PO./P.S.: Laxmisagar, Bhubaneswar, Dist.: Khorda, Odisha, PIN-751006, declare by this affidavit No.: 73AA 584756 dated 22.11.2024 that now onwards I shall be known as **RUPELI RUPANITA DASH** for all future purposes.

**AFFIDAVIT**
I, **Manoja Kumar Parida**, S/o.: Shyam Sunder Parida, Resident of, At: Kuansh, PO./P.S./Dist.: Bhadrak, PIN-756100, Odisha declare by this affidavit No.: 73AA 584738 dated 22.11.2024 that now onwards I shall be known as **MANOJ KUMAR PARIDA** for all future purposes.

**AFFIDAVIT**
By virtue of an affidavit before Executive Magistrate, Kabisuryanagar, Ganjam, I Sapana Gouda, S/o- Paramananda Gouda resident of Vill.-Sadabarta Nuagan, Po/Ps.-Kabisuryanagar, Dist.- Ganjam, Odisha state that my correct name is **Sapana Gouda** but in my Aadhaar card no. 2417 7243 6399 my name has been mentioned as **Swapna Gouda**. Hence **Sapana Gouda** and **Swapna Gouda** is same and one person of the above locality.

**AFFIDAVIT**
I, Ajaya Kumar Parida, S/o- Krushna Parida, resident of At/Po-Sabira, Ps- Soro, Dist-Balasore, Pin-756045, Odisha declare by this affidavit No. 448, dated-17/05/2025 that now onwards I shall be known as **AJAY KUMAR PARIDA** for all future purposes.

**LOST**
Manashis Nayak , Holding Bachelor of Engineering Degree in Computer Science Engineering ,has lost his degree certificate which is issued by Biju Patnaik University of Technology in year 2004. Anybody found, please contact: Manashis Nayak, 65 LB Housing Board Colony, Jayadev Nagar, Bhubaneswar, mob-9916425381

**SALE**
Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
**GADHWAL GROUP**
**M.: 9437015112**

**AFFIDAVIT**
By virtue of an affidavit sworn before Executive Magistrate, Gondia, Dhenkanal on date 19.04.2025, I **Purna Chandra Pradhan,** S/o- Nidhi Pradhan, Village- Makunda pur, PO- Karmul, PS- Gondia, Dist-Dhenkanal, declares that I have changed my son's name from **Sruti Ranjan Pradhan To Smruti Ranjan Pradhan.** Hence he will known as **Smruti Ranjan Pradhan** for all purposes.
Sd/- Purna Chandra Pradhan

**AFFIDAVIT**
I, Chakaradhar Behera, S/o- Gopinath Behera, resident of At- Bharatpur, Po- Ayatapur, Ps- Nachuni, Dist- Khurda, Pin Code- 752035, Odisha declared by this affidavit No. 888, dtd- 19/04/2025 that now onwards I shall be known as **CHAKRADHAR BEHERA** for all future purposes.

**AFFIDAVIT**
I, Mandakini Jena, W/o- Prakash Jena, resident of BH202 Sri Ram Nagar, Chakeisihani, Manchswar, Bhubaneswar, Pin-751010, Odisha declared by this affidavit No. 1037, dtd- 18/05/2025 that now onwards I shall be known as **KUNI JENA** for all future purposes.

**MARKFED - ODISHA**
OLD STATION ROAD, BHUBANESWAR - 751006
MARKFED-ODISHA
OFFICE OF THE AREA OFFICE, SAMBALPUR
Contact No. 9938384466
MARKFED invites Sealed Tender Call Notice from adhoc Rake Clearing & Transport Contractor in Odisha, Sambalpur City Rake Point for Clearing of 50 Kg/45Kg weight fertilizer in HDPE bags received from Rail Rakes at Sambalpur Railhead. Reputed & Financially Sound Contractor with minimum 5 (five) year experience in Fertilizer Rake Clearing are required to apply. The details Terms & Condition along with Tender Paper may be obtained from Area Office, MARKFED, Sambalpur from 19.05.2025 to 26.05.2025 in between 11 A M to 4 PM and submit the same on or before dt 30.05.2025 by 4 PM. beside government holiday. The sealed tender will be open on 31.05.2025 at 11.30AM .
Sd/- Area Manager
MARKFED, Sambalpur

**AFFIDAVIT**
I, Pragyan Nayak, D/o-gopal Chandra Nayak, resident of Plot No-1823, Ananta Nagar, Mahatab Road, Lingaraj, Old Town, Dist- Khurda, Pin-751002, Odisha declare by this affidavit No. 446, dated- 17/05/2025 that now onwards I shall be known as **PRAGNYA NAYAK** for all future purposes.

**AFFIDAVIT**
I, Krushna Chandra Parida, S/o- Narahari Parida, resident of At/Po-Sabira, Ps- Soro, Dist- Balasore, Pin-756045, Odisha declare by this affidavit No. 447, dated- 17/05/2025 that now onwards I shall be known as **KRUSHNA PARIDA** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Dhenkanal on date 24.02.2025, I **Mita Padhan**, W/o- Prakash Kumar padhan, Village-Chhadasingh, PO-Badanagena, PS-Sadar, Dist- Dhenkanal, declares that I have changed my name from **Rasmita Dehury to Mita Padhan.** Hence he will known as **Mita Padhan** for all purposes.
Sd/- Mita Padhan

## ସରକାରୀ ଶ୍ମଶାନ ଜମି ଜବରଦଖଲ

# ଝାରବନ୍ଧ ବ୍ଲକ୍‌ର ଅନେକ ଗାଁରେ ଶ୍ମଶାନ ନାହିଁ

**ବରଗଡ଼, ୧୯।୫(ସମିସ):**

ଗ୍ରାମାଞ୍ଚଳରେ ଜନସାଧାରଣଙ୍କ ସୁବିଧା ପାଇଁ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଲୋକେ ହାତପାହାନ୍ତାରେ ସୁବିଧା ପାଇ ପାରିବା ପାଇଁ ଗାଁ ଗାଁରେ ଶ୍ମଶାନ ଉଦ୍ଦେଶ୍ୟରେ ଜମି ସଂରକ୍ଷିତ ରଖିଛନ୍ତି। କିନ୍ତୁ ତାହା କେବଳ କାଗଜ କଲମରେ ସୀମିତ ରହିଛି। ସର୍ବସାଧାରଣ ଶ୍ମଶାନ ଜମିକୁ ଲୋକେ ଜବରଦଖଲ କରି ଚାଷ କରୁଛନ୍ତି।




ସରକାର ଯେଉଁ ଉଦ୍ଦେଶ୍ୟ ରଖି ଜମି ସଂରକ୍ଷିତ ରଖିଛନ୍ତି ତାହା ସର୍ବସାଧାରଣଙ୍କୁ ହସ୍ତାନ୍ତର ହୋଇନାହିଁ। ଝାରବନ୍ଧ ବ୍ଲକରେ ଥିବା ଡୁଙ୍ଗୁରିପାଲି, ଅନୁଗୁଳ, ରାଜେନ୍ଦ୍ରପୁର, ଜାମପାଲି ଆଦି ଗାଁ ଗୁଡ଼ିକରେ ଶ୍ମଶାନ ପାଇଁ ଜମି ରହିଛି। ଏହାସତ୍ତ୍ୱେ ଭୂମିହୀନ ପରିବାର ଶବଦାହ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ହାତଗଣତି କେତେକ ଗାଁରେ ଶ୍ମଶାନ ନିର୍ମାଣ ହୋଇଛି। ପ୍ରଶାସନ ଏଦିଗରେ ପଦକ୍ଷେପ ଗ୍ରହଣ କରି ଶ୍ମଶାନ ଜମି ଚିହ୍ନଟ କରିବା ସହିତ ପ୍ରତ୍ୟେକ ଗାଁରେ ଶ୍ମଶାନ ନିର୍ମାଣ କରିବାକୁ ଜନସାଧାରଣରେ ଚର୍ଚ୍ଚା ହେଉଛି।

## ଚହଲାରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

କୋକସରା, ୧୯।୫(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ରେଙ୍ଗାପାଲି ଗ୍ରାମର ଏକ ଚହଲାରୁ ସୋମବାର ସନ୍ଧ୍ୟାରେ ଅଗ୍ନିଶମ ବିଭାଗ ଦ୍ୱାରା ଜଣେ ବୃଦ୍ଧାଙ୍କ ମୃତ ଦେହ ଉଦ୍ଧାର ହେଉଛି। ମୃତ ବୃଦ୍ଧା ଜଣକ ରେଙ୍ଗାପାଲି କଟାପଡ଼ାର ମକର ଚଣ୍ଡିଙ୍କ ସ୍ତ୍ରୀ ସନ୍ତା ଚଣ୍ଡୀ(୬୩)। ସେ ଛେଳି ଚରାଇ ସନ୍ଧ୍ୟାରେ ଘରକୁ ଫେରୁଥିବାବେଳେ ବାଟରେ ଥିବା ଏକ ଚହଲାକୁ ଯାଇଥିଲେ। ତେବେ ଅସାବଧାନତା ହେତୁ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଏହାପରେ ସ୍ଥାନୀୟ ଲୋକେ ତାଙ୍କ ପରିବାରକୁ ଖବର ଦେଇଥିଲେ। ପରିବାର ଲୋକ କୋକସରା ଅଗ୍ନିଶମ ବିଭାଗକୁ ଖବର ଦେବାପରେ ଓଆଇସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ କର୍ମଚାରୀ ସୁନିଲ ରଞ୍ଜନ ବାରଲା, ରାଧେଶ୍ୟାମ ପ୍ରଧାନୀ, ଦିଗାମ୍ବର ଶବର, ସତ୍ୟମ୍ ଶିବମ ମାଝୀ ପ୍ରମୁଖ ପହଞ୍ଚି ଦିର୍ଘ ସମୟର ପରିଶ୍ରମ ପରେ ମୃତଦେହ ଉଦ୍ଧାର କରି କୋକସରା ଥାନା ପୁଲିସକୁ ଶବ ହସ୍ତାନ୍ତର କରିଥିଲେ।

## ଚିକିତ୍ସା ପାଇଁ ଅର୍ଥ ଅଭାବ

ପଦ୍ମପୁର, ୧୯।୫(ସମିସ): ପଦ୍ମପୁର ସବିଡିଭିଜନ ସୋହେଲା ବ୍ଲକ କୁଷ୍ଠ ପଡ଼ାର ବନ୍ତି ଭୁଏ ନିଜ ଚିକିତ୍ସା ପାଇଁ ସହରରେ ବୁଲି ବୁଲି ଭିକ ମାଗୁଛନ୍ତି। କିଛି ବର୍ଷ ହେବ ତାଙ୍କର ଡାହାଣ ଗୋଡ଼ ହରାଇଛନ୍ତି। ସେଥିପାଇଁ କୃତ୍ରିମ ଗୋଡ଼ ଲଗାଇବା ଏବଂ ଚିକିତ୍ସା ପାଇଁ ପ୍ରତ୍ୟେକ ଦିନ ବୁଲି ବୁଲି ଭିକ ମାଗୁଛି ବୋଲି କହିଛନ୍ତି। ପୁଅ ତାଙ୍କୁ ଘରୁ ବିତାଡ଼ିତ କରିଥିବାରୁ ସେ ଅସହାୟ ହୋଇ ପଡ଼ିଛନ୍ତି। ଆମ୍ବେଦକର ଯୋଦ୍ଧାର ଯୁବ ସଂଗଠକ ସୁଜନ ବାଗ ଏବଂ ଛାତ୍ର ଓ ଯୁବ ସାମୁଖ୍ୟର ଚନ୍ଦ୍ରହାସ୍ୟ ଜାଲ ତାଙ୍କର ଅସୁବିଧା ବିଷୟରେ ବୁଝିଥିଲେ। ସରକାରଙ୍କ ତରଫରୁ ଉତ୍ତମ ଚିକିତ୍ସା ଓ ଗୋଟିଏ ବ୍ୟାଟେରୀ ଗାଡ଼ି ଯୋଗାଇ ଦେବା ପାଇଁ ଅନୁରୋଧ କରିଛନ୍ତି।

## କାର୍ ଧକ୍କାରେ ଦୁଇ ବୁଲେଟ୍ ଆରୋହୀଙ୍କ ମୃତ୍ୟୁ

ଜୁନାଗଡ଼, ୧୯।୬(ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଚିଚେଇଗୁଡ଼ା ଗ୍ରାମର ବୁଲାଣି ନିକଟରେ ସୋମବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। କାର ଓ ବୁଲେଟ୍ ମୁହାଁମୁହିଁ ଧକ୍କାରେ ୨ ଜଣଙ୍କ ଜୀବନ ଯାଇଛି। ଦୁଇ ମୃତକ ହେଲେ ଭବାନୀପାଟଣାର ସାହିଲ ପଟ୍ଟନାୟକ ଓ ରୋହନ ଭୋଇ। ଉଭୟ ବୁଲେଟ୍‌ରେ ଧର୍ମଗଡ଼ ପଟୁ ଆସୁଥିବା ବେଳେ ଜୁନାଗଡ଼ ପଟୁ ଯାଉଥିବା କାର ଚିଚେଇଗୁଡ଼ା ଛକରେ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟଙ୍କୁ ଗୁରୁତର ଦୁଇ ଜଣଙ୍କୁ ପ୍ରଥମେ ଜୁନାଗଡ଼ ଡାକ୍ତରଖାନା ଓ ପରେ ଭବାନୀପାଟଣା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଜୁନାଗଡ଼ ପୁଲିସ କାର ଓ ବୁଲେଟ୍ ଜବତ କରି ମାମଲା ରୁଜୁ କରିଛି।

## ଦୁର୍ଘଟଣାରେ ପାଚିକାଙ୍କ ମୃତ୍ୟୁ

କୋକସରା, ୧୯।୫(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଥାନା ଭୁର୍ଷାଗୁଡ଼ା ଛକରେ ସୋମବାର ମଧ୍ୟାହ୍ନରେ ଦୁର୍ଘଟଣା ଘଟିଛି। ଗାଡ଼ି ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧା ଜଣକ ହେଲେ ଭୁର୍ଷାଗୁଡ଼ା ୟୁପି ସ୍କୁଲର ପଚିକା ହାରାବତୀ ଧଙ୍ଗଡ଼ାମାଝୀ(୬୫)। ସେ ରାସ୍ତା ପାର ହେଉଥିବା ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ଗାଡି ତାଙ୍କୁ ଧକ୍କା ଦେଇ ଫେରାର ମାରିଥିଲା। ସ୍ଥାନୀୟ ଯୁବକମାନେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର କିନ୍ତୁ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଆମପାଣି ଥାନା ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଆମପାଣି ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## କାର୍ ଧକ୍କାରେ ୩ ଗୁରୁତର

ମନମୁଣ୍ଡା, ୧୯।୫(ସମିସ): ବୌଦ୍ଧ ଜିଲ୍ଲା ୫୭ ନମ୍ବର ଜାତୀୟ ରାଜପଥର ନୂଆପାଲି ଛକରେ ସୋମବାର ମଧ୍ୟାହ୍ନରେ ଏକ ଦୁର୍ଘଟଣା ଘଟିଛି। ଏକ କାର୍ ଏବଂ ଗୋଟିଏ ସ୍କୁଟି ମଧ୍ୟରେ ଧକ୍କା ହୋଇଛି। ଏହାଦ୍ୱାରା ୩ଜଣ ଗୁରୁତର ହୋଇଛନ୍ତି। ଏମାନେ ହେଲେ ବୌଦ୍ଧ ଥାନା ବଡ଼ମାଳ ଗ୍ରାମର ଅଶ୍ୱଥାମା ବଗର୍ତ୍ତି (୩୩), ମନମୁଣ୍ଡା ଥାନା ଗୁନ୍ଦୁଲିଆ ପଞ୍ଚାୟତ କୁରୁମୁଣ୍ଡା ଗ୍ରାମର ଅଞ୍ଜଳି ଘିବିଲା (୪୮) ଏବଂ ରାମେଶ୍ୱର ଘୀବିଲା (୧୯)। ଆମ୍ବୁଲାନ୍ସ ଯୋଗେ ୩ ସ୍କୁଟି ଆରୋହୀଙ୍କୁ ପ୍ରଥମେ ମନମୁଣ୍ଡା ଓ ପରେ ସୋନପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

## ଭାରସାମ୍ୟ ହରାଇ କାର୍ ଦୁର୍ଘଟଣାଗ୍ରସ୍ତ

ଶଗଡ଼ା, ୧୮।୫(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା କେଉଟିପାଲି ଗ୍ରାମ ରାସ୍ତା ନିକଟରେ ସୋମବାର ସନ୍ଧ୍ୟାରେ ଏକ କାର ଭାରସାମ୍ୟ ହରାଇ ରାସ୍ତା ନିକଟରେ ଥିବା ସୋଲାର ପ୍ଲାଣ୍ଟ ବାଡ଼ରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ଗାଡିର ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଡ୍ରାଇଭର ସମେତ ଜଣେ ଯାତ୍ରୀ ଉଭୟ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ମନମୁଣ୍ଡା ଡାକ୍ତରଖାନାକୁ ପଠାଇ ଥିଲେ।

# ଶିକ୍ଷକ ପ୍ରଶିକ୍ଷଣ ଓ ସମର ସ୍କେପ୍ ଶିବିର ଉଦ୍‌ଯାପିତ

**ବରପାଲି, ୧୯।୫(ସମିସ):** ବରପାଲି ଏଞ୍ଜେଲ୍ସ ଏକାଡେମୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ସମର ସ୍କେପ୍ ୨୦୨୫ ସୋମବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ, ଉପାଧ୍ୟକ୍ଷ ସୁଶୀଳ ରଥ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ ଓ ଡୁଙ୍ଗୁରିପାଲି ସ୍କୁଲ ଅଧ୍ୟକ୍ଷ ଶିଶୁପାଳ କଳେତ ପ୍ରମୁଖ ଯୋଗ ଦେଇଥିଲେ। ଶିବିର ବିଭିନ୍ନ ଦିନରେ କ୍ରିଏଟିଭ ଡାଇରେକ୍ଟର ଡ.ଶ୍ରୀଷ୍ଟି ମୁଣ୍ଡ, ସ୍ମାଇଲ ଫେସ୍ କାଉନସିଲିଂ ଅନୁଷ୍ଠାନର ପ୍ରତିଷ୍ଠାତା ଅଶୋକ ପଟ୍ଟନାୟକ, କ୍ୟାରିୟର କାଉନସିଲର ଦୀପକ ନନ୍ଦ, ଚିତ୍ରଶିଳ୍ପୀ ସରୋଜ ରାଉତ, ସମ୍ବଲପୁର ଡିଆଇଇଟିର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ଗିରିଧାରୀ ହୋତା, ଅବସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର ପଣ୍ଡା ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ମାତୃଦିବସ ଅବସରରେ ବରପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନର୍ସିଂ ଅଧିକାରୀ ଏଲିନା ଜେନା ଯୋଗ ଦେଇ ଶିକ୍ଷୟିତ୍ରୀ ମାନଙ୍କ ସହ ସ୍ୱାସ୍ଥ୍ୟ ସଚେତନତା ଉପରେ ଆଲୋଚନା କରିଥିଲେ। ଶିବିର ପ୍ରତ୍ୟହ ଯୋଗ ଓ ଧ୍ୟାନ କାର୍ଯ୍ୟକ୍ରମରୁ ଆରମ୍ଭ ହେଉଥିଲା। ପ୍ରତିଦିନ ଦୁଇଘଣ୍ଟା ଧରି ୫୬ଜଣ ପିଲାଙ୍କୁ ନେଇ ମାନସିକ ଓ ବୌଦ୍ଧିକ ଦକ୍ଷତା ବୃଦ୍ଧି ନିମନ୍ତେ ସମର ସ୍କେପ୍ ୨୦୨୫ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭାଷାଜ୍ଞାନ, ଆବାସକସ, ଚିତ୍ର ଓ ଶିଳ୍ପକଳା, ସଙ୍ଗୀତ, ନୃତ୍ୟ, ବ୍ୟକ୍ତିତ୍ୱର ସାମଗ୍ରିକ ବିକାଶ ଆଦି ଉପରେ ପିଲାମାନଙ୍କୁ ମନୋରଞ୍ଜନଧର୍ମୀ ଶିକ୍ଷା ପ୍ରଦାନ କରାଯାଇଥିଲା। ଏଥିରେ କଳ୍ପନା ମହାପାତ୍ର, ଗଜାଲା ଅଞ୍ଜୁମ, ରଞ୍ଜିତା ମିଶ୍ର, ତୃଷ୍ଣାମୟୀ ତନ୍‌ସେନା, ସୋନାଲିକା ପରିଡ଼ା, ଲକ୍ଷ୍ମୀ ଅଗ୍ରୱାଲ, ସୀମାରାଣୀ ବେହେରା, ସବନମ୍ ପରବିନ, ବିନି ସାହୁ,



ବିଜୟଲକ୍ଷ୍ମୀ ଭୋଇ, ଛାୟାକାନ୍ତ ପଟେଲ, ଆଦିତ୍ୟ ପ୍ରସାଦ କର, ପଦ୍ମ ଲୋଚନ ଦାଶ, ଗୋପାଳ ନାଗ, ସରୋଜ ଥନାପତି, ସୁଦର୍ଶନ ସୁନା ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଯାପନୀ ଦିବସରେ ଶିକ୍ଷକ ଓ କାର୍ଯ୍ୟାଳୟ କର୍ମକର୍ତ୍ତାଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ରିଙ୍କୁ ଦର୍ଜୀଙ୍କ ଅଧିନାୟକତ୍ୱରେ ଶିକ୍ଷକ ଦଳ ବ୍ୟାଟିଂ କରି ୧୦ ଓଭରରେ ୭୯ରନ୍ କରିଥିଲେ। ଜବାବରେ ମୃତ୍ୟୁଞ୍ଜୟ ସାହୁଙ୍କ ଅଧିନାୟକତ୍ୱରେ କାର୍ଯ୍ୟାଳୟ କର୍ମକର୍ତ୍ତାଗଣ ୮.୧ ଓଭରରେ ୮୦ ରନ୍ କରି ବିଜୟୀ ହୋଇଥିଲେ। ଏହାଛଡ଼ା ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଏକ ଦଉଡ଼ି ଟଣା ଖେଳ ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ଝାଏଁରେ କଲାପଟା ସାହିତ୍ୟ ସଂସଦର ବାର୍ଷିକୋତ୍ସବ ପ୍ରସ୍ତୁତି



ବରପାଲି, ୧୯।୫(ସମିସ): ବରପାଲି ବ୍ଲକ ବନ୍ଧପାଲି ଝାଁଏରେ କଲାପଟା ସାହିତ୍ୟର ବାର୍ଷିକୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ସଭାପତି ଭରତ ମେହେରଙ୍କର ତତ୍ତ୍ୱାବଧାନରେ ସପ୍ତମ ବାର୍ଷିକ ମହୋତ୍ସବର ପ୍ରସ୍ତୁତି ପାଇଁ ଆଲୋଚନା ହୋଇଥିଲା। ଆସନ୍ତା ଗୁରୁବାରକୁ ଦିନ ଧାର୍ଯ୍ୟ କରାଯାଇଛି। ଉତ୍ସବ ଦିନ ହାସ୍ୟ କବି ସମ୍ମିଳନୀ ସହିତ ସମ୍ବଲପୁରୀ ନାଚଗୀତର ଆୟୋଜନ କରାଯିବ ବୋଲି ସମ୍ପାଦକ ଭରତ ନାଏକ ସୂଚନା ଦେଇଛନ୍ତି। ବୈଠକରେ ସମ୍ପାଦକ ଶ୍ରୀ ନାଏକଙ୍କ ସମେତ କୋଷାଧ୍ୟକ୍ଷ ଉମାକାନ୍ତ ସାହୁ, ମୋତିରାମ୍ ମେହେର, ଭାଗିରଥି ବିଭାର୍, ହରି ମେହେର୍, ଲଲିତ ମେହେର, ରୋହିତ ସାହୁ, ପ୍ରଦୀପ ମେହେର, ଚିନୁ ଚେଟି, ଯୋଗେଶ ବର୍ଗାଏ, ପ୍ରଦୀପ ରାଉତ୍, ଅଶ୍ୱିନୀ ସେଠ୍, ମୁକେଶ ଦାଶ, ଅନନ୍ତ ମହାପାତ୍ର, ବୈଦ୍ୟନାଥ ସାହୁ, ବାଳକୃଷ୍ଣ ମେହେର, କ୍ଷିରସିନ୍ଧୁ ଭୋଇ, କ୍ଷିର ସେଠ୍, ଓମ୍ ପ୍ରକାଶ ମେହେର୍ ପ୍ରମୁଖ ଉପସ୍ଥିତ ରହିଥିଲେ।

## ସରପଞ୍ଚଙ୍କୁ ଜାତିଆଣ ଆକ୍ଷେପ ଘଟଣାକୁ ଦୃଢ଼ ନିନ୍ଦା

ପଦ୍ମପୁର, ୧୯।୫(ସମିସ): ପଦ୍ମପୁର ଉପଖଣ୍ଡ ବାଦିବାହାଲ ଗାଁରେ ନାମଯଜ୍ଞ ହୋଇଯାଇଛି। ନାମଯଜ୍ଞକୁ ସରପଞ୍ଚ ରିତା ସୁନାକୁ ନିମନ୍ତ୍ରଣ କରାଯାଇଥିଲା। ସରପଞ୍ଚ ଓ ତାଙ୍କ ସ୍ୱାମୀ ଗୋବିନ୍ଦ ସୁନାଙ୍କୁ ପୂଜାସ୍ଥଳୀରେ ପୂଜାରୀ ପରମେଶ୍ୱର ମହାପାତ୍ର ଜାତିଆଣ ଆକ୍ଷେପ କରି ପୂଜା ସାମଗ୍ରୀ ଫିଙ୍ଗି ଦେଇଥିଲେ। ପରେ ବିଭିନ୍ନ ଗାଁରୁ ଶହ ଶହ ଲୋକ ଡାକି ବୈଠକରେ ଗୋବିନ୍ଦ ସୁନାଙ୍କୁ ଜାତିଆଣ ଆକ୍ଷେପ କରିଥିଲେ। ଏହା ବିରୋଧରେ ଆମ୍ବେଦକର ଯୋଦ୍ଧାର ଯୁବ ସଂଘଠକ ସୁଜନ ବାଗ ପାଇକମାଳ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିଲା। ତେଣୁ ଛାତ୍ର ଓ ଯୁବ ସାମୁଖ୍ୟର ସଂଯୋଜକ ଚନ୍ଦ୍ରହାସ୍ୟ ଜାଲ, ଆମ୍ବେଦକର ଯୋଦ୍ଧାର ଯୁବ ସଂଗଠକ ଆଇନ ଛାତ୍ର ସୁଜନ ବାଗ, ଏସ୍‌ସିଏସ୍‌ଟି ମିଳିତ ମଞ୍ଚ ଜିଲ୍ଲା ସଭାପତି ମନୋଜ କଳେତ, ଲଖେଘର ଗଣ୍ଡା ସମାଜର ପାଇକମାଳ ବ୍ଲକର କ୍ରିଷ୍ଣା ସୁନା, ମିଥୁନ ଯାଇ ପ୍ରମୁଖ ସୋହେଲାରେ ଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ସୋମବାର ଯାଇଥିଲେ। ଦୋଷୀକୁ ଶୀଘ୍ର ଗିରଫ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦୃଢ଼ ଦାବି ରଖିଥିଲେ। ପୁଲିସ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଅଭିଯୋଗକାରୀ ଚେତାବନୀ ଦେଇଛନ୍ତି।

## ସୁଜିତ ପଧାନ ଭାରତୀୟ ପରିସଂଖ୍ୟାନ ସେବାର ଉପନିର୍ଦ୍ଦେଶକ



ପଦ୍ମପୁର, ୧୯।୫(ସମିସ): ଭାରତୀୟ ପରିସଂଖ୍ୟାନ ସେବା (ଆଇଏସ୍‌ଏସ୍)ରେ କାର୍ଯ୍ୟରତ ସୁଜିତ ପଧାନ ସହାୟକ ନିର୍ଦ୍ଦେଶକ ପଦବୀରୁ ଉପନିର୍ଦ୍ଦେଶକ ପଦବୀକୁ ପଦୋନ୍ନତି ପାଇଛନ୍ତି। ଏହା ପୂର୍ବରୁ ଶ୍ରୀ ପଧାନ ବରେଲି ସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟରେ ସହାୟକ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ। ପଦୋନ୍ନତି ପରେ ସେ ନୂଆଦିଲ୍ଲୀ ସ୍ଥିତ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ (ଏମ୍‌ଓଏସ୍‌ପି)ରେ ଉପନିର୍ଦ୍ଦେଶକ ଭାବେ ପଦବୀ ଗ୍ରହଣ କରିଛନ୍ତି। ଶ୍ରୀ ପଧାନଙ୍କ ଏହି ପଦୋନ୍ନତିରେ ପଦ୍ମପୁର ଅଞ୍ଚଳରେ ଉଲ୍ଲାସ ଖେଳିଯାଇଛି। ସୂଚନାଯୋଗ୍ୟ, ଶ୍ରୀ ପଧାନ୍ ପଦ୍ମପୁର ବ୍ଲକ ମେଲଛାମୁଣ୍ଡା ଥାନା ଅଧୀନ ଜାମ୍‌ପାଲି ଗାଁର ଅବସରପ୍ରାପ୍ତ ଶିକ୍ଷକ ଚୈତନ୍ୟ ପଧାନ ତଥା ସୁବର୍ଣ୍ଣ କାନ୍ତି ପଧାନଙ୍କର କନିଷ୍ଠ ପୁତ୍ର ଅଟନ୍ତି। ସେ ପଦ୍ମପୁର ସ୍ଥିତ ନୂଆଁପାଲିରେ ମାମୁଁ ଶିବ ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ରହି ପାଠ ପଢୁଥିଲେ।

## ଦ୍ୱାଦଶାହରେ ସଂଯୁକ୍ତା ଦେବୀଙ୍କ ସ୍ମୃତିଚାରଣ

ପାଇକମାଳ, ୧୯।୫(ସମିସ): ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କ ବଡ଼ଭାଇ ବିଜୟ ପୁରୋହିତଙ୍କ ଧର୍ମପତ୍ନୀ ସଂଯୁକ୍ତା ପୁରୋହିତଙ୍କ ରବିବାର ଦ୍ୱାଦଶାହ ଅନୁଷ୍ଠିତ ହୋଇଛି। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା। ଆଜି ତାଙ୍କର ଦ୍ୱାଦଶାହରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ବିଜେପୁର ବିଧାୟକ ସନତ ଗଡ଼ତିଆ, ପୂର୍ବତନ ସାଂସଦ ପ୍ରଭାସ ସିଂ, ବିଶିଷ୍ଟ ସମାଜସେବୀ ଡ.ରାମକୃଷ୍ଣ ପୁରୋହିତ, ବିଜେପି ଜିଲ୍ଲା ସଭାପତି ଡ.ଅରୂପା ସାହୁ, ଜିଲ୍ଲା ସାଂସଦ ପ୍ରତିନିଧି ସୁରେଶ୍ୱର ଶତପଥୀ, ପ୍ରୀତମ ସିଂ, ଗୋବର୍ଦ୍ଧନ ଭୋଇ, ପ୍ରୀତମ ମେହେର, ପ୍ରୀତେଶ ବହିଦାର, ଯଦୁମଣି ପାଣିଗ୍ରାହୀ, ରାଜ ସାହୁ, ସରୋଜ ସାମଲ, ରଞ୍ଜନ ପଣ୍ଡା, ଅଧ୍ୟାପକ ସୁଶାନ୍ତ ମିଶ୍ର, ରାଧେଶ୍ୟାମ, ବିଶ୍ୱଜିତ ଏବଂ ଝାରସୁଗୁଡ଼ା, ବ୍ରଜରାଜନଗର, ସମ୍ବଲପୁର ଓ ବରଗଡ଼ ଅଞ୍ଚଳରୁ ବିଜେପିର କର୍ମକର୍ତ୍ତା, ସମାଜସେବୀ ଓ ସାମ୍ବାଦିକ ମାନେ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସାମ୍ବାଦିକ ବଡ଼ ଶତପଥୀ ସଂଯୁକ୍ତା ଦେବୀଙ୍କ ସ୍ମୃତି ଚାରଣ ଉଦ୍ଦେଶ୍ୟରେ ବୃକ୍ଷରୋପଣ କରିବା ପାଇଁ ପରିବାର ବର୍ଗଙ୍କୁ ଏକ ଚାରା ପ୍ରଦାନ କରିଥିଲେ।



## ୧୨ ଦିନ ପରେ ବିଦ୍ୟୁତ୍ ଆସିଲା

ବୌଦ୍ଧ, ୧୯।୫(ସମିସ): ବୌଦ୍ଧ ବ୍ଲକ ଟିକରପଡ଼ା ପଞ୍ଚାୟତ ବୁରାଗୋରା ଗାଁରେ ବଦ୍ୟୁତ୍ ସମସ୍ୟାର ସମାଧାନ ହୋଇଛି। ଗାଁରେ ଥିବା ଟ୍ରାନ୍ସଫର୍ମରଟି ଅତ୍ୟଧିକ ଲୋଡ୍ କାରଣରୁ ୧୨ ଦିନ ତଳେ ପୋଡ଼ିଯାଇଥିଲା। ଏହା ଫଳରେ ଏହି ସମସ୍ୟା ସୃଷ୍ଟି ହୋଇଥିଲା। ଏହି ସମସ୍ୟାର ସମାଧାନ ପାଇଁ ବୁରାଗୋରା ଗ୍ରାମ ବିକାଶ କମିଟି ଏକ ଗ୍ରାମସଭା କରିଥିଲା। ତେବେ ବକେୟା ବିଦ୍ୟୁତ୍ ବିଲ୍ ପୈଠ ନ କଲେ ନୂତନ ଟ୍ରାନ୍ସଫର୍ମର ଦିଆଯିବ ନାହିଁ ବୋଲି ବିଦ୍ୟୁତ୍ ବିଭାଗ ସଫା ସଫା ଶୁଣାଇବାକୁ ପଛାଇ ନ ଥିଲା। ଏହାପରେ ଗ୍ରାମ ବିକାଶ କମିଟିର ସଦସ୍ୟମାନେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ସହ ଘରକୁ ଘର ବୁଲିଥିଲେ। ବକେୟା ବିଲ୍‌ର କିଛି ପ୍ରତିଶତ ଟଙ୍କା ଆଦାୟ କରି ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପୈଠ କରିଥିଲେ। ଏହା ପରେ ଗ୍ରାମରେ ନୂଆ ଟ୍ରାନ୍ସଫର୍ମର ଲଗା ଯାଇଛି।

- **ଅଧିକ ଚାପରୁ ଟ୍ରାନ୍ସଫର୍ମର ପୋଡ଼ି ଯାଇଥିଲା**
- **ବକେୟା ବିଦ୍ୟୁତ୍ ବିଲ୍ ପଇଠ ପରେ ନୂଆ ଟ୍ରାନ୍ସଫର୍ମର ଲାଗିଲା**

# ୨ ବିଦ୍ୟୁତ୍ ଫିଡର୍ ଲାଇନର ଶୁଭାରମ୍ଭ

**ବରଗଡ଼, ୧୯।୫(ସମିସ):**

ବରଗଡ଼ ଜିଲ୍ଲାରେ ବିଦ୍ୟୁତ୍ ବିତରଣ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଟାଟା ପାୱାର୍ ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼ (ଟିପିଡବ୍ଲ୍ୟୁଓଡିଏଲ୍) ତରଫରୁ ଦୁଇଗୋଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହାତକୁ ନିଆଯାଇଛି। ଏହାକୁ ସୁଚାରୁରୂପେ ସମ୍ପାଦନ କରାଯାଇ ୭ ତାରିଖରେ ଏଥିରେ ବିଦ୍ୟୁତ୍ ସରବରାହ ସଂଯୋଗ କରାଯାଇଛି। ପ୍ରଥମଟି ବରଗଡ଼ ଜିଲ୍ଲା ସ୍ଥିତ ଅମ୍ବାଭୋନାରେ ୨୫ ବର୍ଗ କିମି ପର୍ଯ୍ୟନ୍ତ ଏକ ନୂତନ ୩୩ କେଭି ଭୁକ୍ତା ଫିଡର୍ ଏବଂ ଅନ୍ୟଟି ଡୁଙ୍ଗୁରୀ ୩୩ କେଭି ଫିଡର୍ ଲାଇନ୍





କରାଯାଇଛି। ଏହା ପୂର୍ବରୁ ଥିବା ଫିଡର୍ ଲାଇନ୍ ଘଞ୍ଚ ଜଙ୍ଗଲ ଦେଇ ଗତି କରୁଥିବାରୁ ରକ୍ଷଣାବେକ୍ଷଣ ପାଇଁ ବହୁ ଅସୁବିଧା ହେଉଥିଲା। ଫଳରେ ବିଦ୍ୟୁତ୍ ସରବରାହ ଏବଂ ବିତରଣରେ ବ୍ୟାଘାତ ଘଟୁଥିଲା। ଫିଡର୍ ଲାଇନ ଦୁଇଟିକୁ କାର୍ଯ୍ୟକ୍ଷମ କରିବା ପାଇଁ କମ୍ପାନୀ ତରଫରୁ ପ୍ରାୟ ୪ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହାଦ୍ୱାରା ପ୍ରାୟ ୩୦ ହଜାରରୁ ଅଧିକ ବିଦ୍ୟୁତ୍ ଉପଭୋକ୍ତା ଉପକୃତ ହେବେ। ଜନସାଧାରଣଙ୍କୁ ଅନବରତ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ ବିଭିନ୍ନ ପ୍ରକାର ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ହାତକୁ ନେଇଛି। ଗ୍ରାହକଙ୍କୁ ଉନ୍ନତମାନର ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଚେଷ୍ଟା ଜାରିରଖିଛି।

■ ଗାଁ ଭିତରେ କୋଇଲା ଟ୍ରକ୍ ଚଳାଚଳକୁ ବିରୋଧ

# ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କଲେ ଗ୍ରାମବାସୀ

**ଝାରସୁଗୁଡା, ୧୯।୫ (ସମିସ):** ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ପୌରପରିଷଦ ଅଧୀନରେ ଥିବା ୧୩ ଓ ୧୪ ନମ୍ବର ୱାର୍ଡର ସାନଜୋବ ଗାଁ ଭିତରେ କୋଇଲା ଟ୍ରକ ଚଳାଚଳକୁ ଲୋକେ ବିରୋଧ କରିଛନ୍ତି । ଗାଁ ଭିତରେ କୋଇଲା ଟ୍ରକ ଚଳାଚଳକ ବନ୍ଦ କରିବାକୁ ସୋମବାର ଝାରସୁଗୁଡା ଜିଲ୍ଲାପାଳଙ୍କୁ ଗ୍ରାମବାସୀ ଅନୁରୋଧ କରିଛନ୍ତି । ସାନଜୋବ ଗାଁ ଭିତରେ ଯାଇଥିବା ରାସ୍ତାରେ ପ୍ରତିଦିନ ଶହ ଶହ କୋଇଲା ବୋଝେଇ ଟ୍ରକ ଯିବାଆସିବା କରୁଛି । ଏହା ଫଳରେ ଦିନକୁ ଦିନ ଦୁର୍ଘଟଣା ଘଟୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ମହାନଦୀ କୋଇଲା ଖଣି କୋଇଲା ପରିବହନ ସକାଶେ ସାନଜୋବ ଗାଁ ବାହାରେ ରାସ୍ତା ନିର୍ମାଣ କରିଛି; କିନ୍ତୁ ସେହି ରାସ୍ତା ଦେଇ ଟ୍ରକ ଚଳାଚଳ କରୁନି । ଏହାକୁ ଗ୍ରାମବାସୀ ବିରୋଧ କରିବା ସହ ଗାଁ ମଧ ଦେଇ ସମ୍ପୂର୍ଣ୍ଣ ଭାବରେ ଟ୍ରକ୍ ଚଳାଚଳ ବନ୍ଦ କରିବା ପାଇଁ ଝାରସୁଗୁଡା ଜିଲ୍ଲାପାଳଙ୍କ ନିକଟରେ ଅନୁରୋଧ କରିଛନ୍ତି ।

# କୃତ୍ରିମ ଅଙ୍ଗ ପ୍ରତିରୋପଣ ଶିବିର ଉଦ୍‌ଯାପିତ

**ଝାରସୁଗୁଡା, ୧୯।୫ (ସମିସ):** ବ୍ରଜରାଜନଗର ମାରୱାଡ଼ି ଯୁବା ମଞ୍ଚ ପକ୍ଷରୁ ପୌର ପରିଷଦ କଲ୍ୟାଣ ମଣ୍ଡପରେ ୩ ଦିନ ଧରି ଆୟୋଜିତ ହେଉଥିବା ନିଃଶୁଳ୍କ କୃତ୍ରିମ ଅଙ୍ଗ ପ୍ରତିରୋପଣ, ସ୍ୱାସ୍ଥ୍ୟ ଏବଂ ନେତ୍ର ପରୀକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି । ଶ୍ରୀ ଭଗବାନ ମହାବୀର ବିକଳାଙ୍ଗ ସହାୟତା ସମିତିର ମିଳିତ ଆନୁକୂଲ୍ୟରେ ଏହି ଅଙ୍ଗ ପ୍ରତିରୋପଣ ଶିବିର ଆୟୋଜିତ ହୋଇଥିଲା । ମୂରଲୀ କ୍ରିଷ୍ଣା ଫାଉଣ୍ଡେସନ କ୍ରିଷ୍ଣା ବିକାଶ ମଲ୍ଟି ସ୍ପେସିଆଲଟି ହସ୍ପିଟାଲ ସହଯୋଗରେ ନିଃଶୁଳ୍କ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ୫୧ ଜଣ କୃତ୍ରିମ ଅଙ୍ଗ ପ୍ରତିରୋପଣ ପାଇଁ ପଞ୍ଜୀକରଣ କରିଥିଲେ । ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ୨୫୦ ରୁ ଅଧିକ ଜନସାଧାରଣ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ୭୭ ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପ୍ରତିରୋପଣ କରାଯାଇଥିଲା । ୬ ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ବ୍ରଜରାଜନଗର ପୌରାଧ୍ୟକ୍ଷ ଗୋପାଳ ସୀତାନି ଏବଂ ପୂର୍ବ ନଗରପାଳ ନନ୍ଦକିଶୋର ଅଗ୍ରୱାଲ, ମାରୱାଡ଼ି ଯୁବାମଞ୍ଚ ପୂର୍ବ ପ୍ରାନ୍ତୀୟ ଅଧ୍ୟକ୍ଷ ନରେଶ ଅଗ୍ରୱାଲ, ଅରୁଣ ଶର୍ମା ମଞ୍ଚାସୀନ ଥିଲେ । ଏହି ଅବସରରେ ଶିଶୁମାନଙ୍କ ମଧ୍ୟରେ ଏକ ଚିତ୍ରଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ଆକାଂକ୍ଷା ଅଗ୍ରୱାଲ, ଉଜ୍ୱଳ ସଂଘାଇ, ସିଦ୍ଧି ସଂଘାଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲା । ଯୁବାମଞ୍ଚ ଅଧ୍ୟକ୍ଷ ପଙ୍କଜ ବଂଶଲ ଅଧ୍ୟକ୍ଷତା କରିଥିବା ବେଳେ ଅଭିନବ ଅଗ୍ରୱାଲ, ଆଦିତ୍ୟ ସୀତାନି, ହନି ସଂଘାଇ ମଞ୍ଚ ପରିଚାଳନା କରିଥିଲେ । ମାରୱାଡ଼ି ଯୁବମଞ୍ଚର ବ୍ରଜରାଜନଗର ଶାଖା ସଭାପତି ପଙ୍କଜ ବଂଶଲ, ସମ୍ପାଦକ ଅନମୋଲ ଅଗ୍ରୱାଲ, ଯୋଗେଶ ଅଗ୍ରୱାଲ, ଆକାଶ ଅଗ୍ରୱାଲ, ପଙ୍କଜ ରୁଙ୍ଗଟା, କିଶୋର ଅଗ୍ରୱାଲ, ଆଦିତ୍ୟ ସୀତାନି, ପଙ୍କଜ ସଂଘଇ, ଅନମୋଲ ସଂଘଇ, ଶୁଭମ ଅଗ୍ରୱାଲ, ବିବେକ ସୋନି, ବିବେକ ରୁଙ୍ଗଟା, ରାହୁଲ ଅଗ୍ରୱାଲ, ଶୁଭମ ଶର୍ମା, ପବନ ଖେମକା, ମନୋଜ ଜୈନ ପ୍ରମୁଖ ସହଯୋଗ କରିଥିଲେ ।



ମେନ୍ ରାଇଡିଂ ଦାବିରେ କୋଇଲା ଖଣି ବନ୍ଦ

# ଆନ୍ଦୋଳନ ଯୋଗୁଁ ଏମ୍‌ସିଏଲ୍‌ର ବ୍ୟାପକ କ୍ଷତି

**ଝାରସୁଗୁଡା, ୧୯।୫(ସମିସ)**

ଝାରସୁଗୁଡା ବ୍ରଜରାଜନଗରସ୍ଥିତ ଏମ୍‌ସିଏଲ ଓରିଏଣ୍ଟ ଏରିଆ ୨ ନମ୍ବର କୋଇଲା ଖଣି ଭିତରକୁ ଯିବା ପାଇଁ ମେନ ରାଇଡିଂ (ଖଣି ଭିତରକୁ ଯାଉଥିବା ଲିଫ୍ଟ) ଦାବିରେ ଖଣି ବନ୍ଦ ସହ ଆନ୍ଦୋଳନ କରାଯାଇଛି । ଏହା ଫଳରେ ୩ ଘଣ୍ଟା ଧରି କୋଇଲା ଖଣିରେ କୋଇଲା ଉତ୍ତୋଳନ ବନ୍ଦ ହୋଇଯାଇଥିଲା । ଆନ୍ଦୋଳନ ଯୋଗୁଁ ଏମ୍‌ସିଏଲର ବ୍ୟାପକ ଟଙ୍କାର କ୍ଷତି ହୋଇଛି ।

୩ ବର୍ଷରୁ ଓରିଏଣ୍ଟ ଏରିଆ ୨ ନମ୍ବର ଭୂତଳ ଖଣିରେ ଥିବା ମେନ୍ ରାଇଡିଂ ଖରାପ ହୋଇଥିବା କାରଣରୁ ଶ୍ରମିକମାନେ ଖଣି ଭିତରକୁ ଚାଲି ଚାଲି ଯିବା ଆସିବା କରୁଛନ୍ତି । ଏହାକୁ ନେଇ ବାରମ୍ବାର ଅଭିଯୋଗ କରାଯିବା ସତ୍ତ୍ୱେ ଏଥିରେ ସୁଧାର ଆସୁନି । ଏହା ଫଳରେ ବିଭିନ୍ନ ସଙ୍ଗଠନ ଦ୍ୱାରା ସୋମବାର ୨ ନମ୍ବର ଖଣି ସମ୍ମୁଖରେ ଆନ୍ଦୋଳନ କରିବା ସହ ୩ଘଣ୍ଟା ଖଣି ବନ୍ଦ କରିଦିଆଯାଇଥିଲା । ଓରିଏଣ୍ଟ ଏରିଆ ମହାପ୍ରବନ୍ଧକ ଅଜୟ ନାମଯୋଶୀ ଆନ୍ଦୋଳନ ସ୍ଥଳକୁ ଯାଇ ଆଶ୍ୱାସନା ଦେବାପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା । ଏହି ଅବସରରେ ଶ୍ରମିକମାନେ କହିଛନ୍ତି ଯେ, ଯଦି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ମେନ୍ ରାଇଡିଂ ସ୍ଥାପନ କରା ନ ଯାଏ ତେବେ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବେ । ଏହାକୁ ନେଇ ଶ୍ରମିକ ନେତା ଓପି ସିଂହ କହିଛନ୍ତି ଯେ ଗତ ୩ ବର୍ଷ ଧରି ଏମସିଏଲ ଅଧିକାରୀମାନେ କେବଳ ପ୍ରତିଶ୍ରୁତି ଦେଉଛନ୍ତି । ଏଥର ଯଦି ଏହି କାମ କରା ନ ଯାଏ ତେବେ ଏକ ବଡ଼ ଆନ୍ଦୋଳନ କରାଯିବ । ସେହିପରି ଶ୍ରମିକ ନେତା ପ୍ରସନ୍ନ ଚୌଧୁରୀ କହିଛନ୍ତି ଯେ, ଭୂତଳ ଖଣି ଭିତରକୁ ଯିବା ପାଇଁ ଶ୍ରମିକଙ୍କୁ ପ୍ରାୟ ୧୦ କିଲୋମିଟର ଚାଲିବାକୁ ପଡୁଛି । ଏହା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଉଛି । ଶ୍ରମିକମାନେ କାମକୁ ଆସିପାରୁନାହାନ୍ତି । ତେଣୁ ଏହାକୁ ତୁରନ୍ତ ମରାମତି କରାଯିବା ଉଚିତ । ନଚେତ୍ ସେମାନେ ପ୍ରତିବାଦ କରିବେ । ତେବେ ଏହାର ଟେଣ୍ଡର କୌଣସି କାରଣରୁ ବାତିଲ ହୋଇ ପୁଣି ଥରେ ଆରମ୍ଭ ହୋଇଛି । ଏହା ସମ୍ପୂର୍ଣ୍ଣ ହେବା ମାତ୍ରେ ଏକ ନୂତନ ମୁଖ୍ୟ ରାଇଡିଂ ସ୍ଥାପନ କରାଯିବ ବୋଲି ଓରିଏଣ୍ଟ ସବ୍ ଏରିଆ ମ୍ୟାନେଜର ଅରବିନ୍ଦ ବର୍ମା ସୂଚନା ଦେଇଛନ୍ତି ।



## ବନପାଳଙ୍କ ଅକାଳ ବିୟୋଗ

**ରେଢ଼ାଖୋଲ ୧୯।୫ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡର ବନପାଳ ସୁପ୍ରିୟ ରଞ୍ଜନ ବଳିୟାର ସିଂହ (୪୨) ଆଉ ନାହାନ୍ତି । ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଅକାଳ ପରଲୋକ ଘଟିଛି । ସେ ରେଢ଼ାଖୋଲ କେନ୍ଦୁପତ୍ର ବନଖଣ୍ଡର ମୋଚିବାହଲ କେନ୍ଦୁପତ୍ର ବନାଞ୍ଚଳ ଅଧୀନ ବଡ଼ମାଲ ସିଜିରେ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ ।



## ସୁଗୁଡ଼ା ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର

**ଦେବଗଡ଼, ୧୯।୫ (ସମିସ):** ତିଲେଇବଣି ବ୍ଲକ ସୁଗୁଡ଼ା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୪୫ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ମଧ୍ୟରେ ୩୧ଟି ବ୍ୟକ୍ତିଗତ ଏବଂ ୧୪ଟି ସାମୂହିକ ଅଭିଯୋଗ ରହିଥିଲା । ବିଶେଷ କରି ମଧୁବାବୁ ପେନସନ, ସୁଭଦ୍ରା ଯୋଜନା, ନଳକୂପ, ଘରଡିହ ଜମିପଟ୍ଟା, ଜମି ଚିହ୍ନଟ କରିବା ନେଇ ଭିଯୋଗ ହୋଇଥିଲା । ଏସ୍‌ପି ଅନୀଲ ମିଶ୍ର, ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରି ରାଜେନ୍ଦ୍ର ମିଞ୍ଜ, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ତିଳେଇବଣି ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧା, ତହସିଲଦାର କର୍ଣ୍ଣ ମଲ୍ଲିକ, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।



## ଜେସିବି ଡ୍ରାଇଭରଙ୍କ ସନ୍ଦେହଜନକ ମୃତ୍ୟୁ

**ଝାରସୁଗୁଡା, ୧୯।୫(ସମିସ):** ଝାରସୁଗୁଡା ଜିଲ୍ଲା ରେଙ୍ଗାଲି ଥାନା କତରବଗା ଗାଁର ମହାଦେବ ବନ୍ଧର ମାଟି ଖନନ ବେଳେ ଜଣେ ଜେସିବି ଡ୍ରାଇଭରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ମୃତକ ହେଲେ ଲଖନପୁର ବ୍ଲକ ପଞ୍ଚଗାଁ ପଞ୍ଚାୟତ ରେଙ୍ଗାଲି ଗାଁର ଅର୍ଜୁନ ପଧାନ(୩୪) । ସେ କାମ ସାରି ଗଛମୂଳେ ଶୋଇଥିବାବେଳେ ଏକ ଟ୍ରାକ୍ଟର ତାଙ୍କ ଉପରେ ଚଢ଼ିଯିବାରୁ ମୃତ୍ୟୁ ହୋଇଥିବା ଚର୍ଚ୍ଚା ହେଉଥିବାବେଳେ ଅର୍ଜୁନଙ୍କ ବାହ୍ୟ ଶରୀରରେ କୌଣସି ବଡ଼ଧରଣର କ୍ଷତ ଚିହ୍ନ ନଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି । ଅନ୍ୟପଟେ ରେଙ୍ଗାଲି ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

## ସମାଜସେବୀ ସହଦେବ ପ୍ରଧାନଙ୍କ ପରଲୋକ




**ସମ୍ବଲପୁର, ୧୯।୫ (ସମିସ)** : ବୁର୍ଲା ସଦେଇପାଲିର ବରିଷ୍ଠ ନାଗରିକ ସମାଜସେବୀ ସହଦେବ ପ୍ରଧାନ (୯୩) ଙ୍କ ପରଲୋକ ହୋଇଯାଇଛି । ସେ ଦୀର୍ଘଦିନ ଧରି ବୁର୍ଲା ମେଡ଼ିକାଲରେ ଆଇସିୟୁରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ । ସେ ରକ୍ତଦାନ ସଂସ୍ଥା 'ତ୍ୟାଗ'ର ଅନ୍ୟତମ ପୃଷ୍ଠପୋଷକ ଥିଲେ । ସେ ଜଣେ ମେଳାପୀ, ମିଷ୍ଟଭାଷୀ ଓ ସମାଜସେବୀ ବ୍ୟକ୍ତି ଥିଲେ । ତାଙ୍କର ପାଞ୍ଚ ପୁଅ, ଦୁଇ ଝିଅ, ବୋହୂ, ଜ୍ୱାଇଁ ଓ ନାତିନାତୁଣୀ ଅଛନ୍ତି । ତାଙ୍କ ଶେଷକୃତ୍ୟ ବୁର୍ଲା ସ୍ୱର୍ଗଦ୍ୱାରରେ କରାଯାଇଥିବାବେଳେ ବଡ଼ ପୁଅ ଗାନ୍ଧୀ ପ୍ରଧାନ ମୁଖାଗ୍ନି ଦେଇଥିଲେ । 'ତ୍ୟାଗ' ସଭାପତି ଦୁର୍ଗା ପାଢ଼ୀଙ୍କ ସମେତ ବୁର୍ଲାର ଅନେକ ଗଣ୍ୟମାଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବାସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

## ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

**ଝାରସୁଗୁଡା, ୧୯।୫(ସମିସ):** ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ ବନ୍ଧଲି ଗ୍ରାମରେ ସୋମବାର ଭୋର ୪ଟାରେ ଜଣେ ମହିଳାଙ୍କ ପୋଖରୀରେ ବୁଡି ମୃତ୍ୟୁ ଘଟିଛି । ମୃତ ମହିଳା ଜଣକ ହେଲେ ଟିକେଶ୍ୱରୀ ହାତୀ (୩୮) । ସେ ପୋଖରୀକୁ ସ୍ନାନ କରିବା ପାଇଁ ଯାଇଥିଲାବେଳେ ଏହି ଅଘଟଣ ଘଟିଥିଲା । ସକାଳ ହେବା ପରେ ଗାଁ ଲୋକ ଶୌଚ ପାଇଁ ପୋଖରୀକୁ ଆସିବା ବେଳେ ଟିକେଶ୍ୱରୀଙ୍କ ମୃତ ଶରୀର ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ । ଖବର ପାଇ ପରିବାର ଲୋକ ଲଇକେରା ପୁଲିସକୁ ସୂଚନା ଦେଇଥିଲେ । ଅଗ୍ନିଶମ ବିଭାଗ ସହଯୋଗରେ ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ବ୍ୟବଚ୍ଛେଧ ପରେ ପରିବାର ଲୋକକୁ ଶବ ହସ୍ତାନ୍ତର କରାଯାଇଛି । ଏହି ଘଟଣାକୁ ନେଇ ଲଇକେରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

## 'ଉତ୍ସର୍ଗ' କାର୍ଯ୍ୟାଳୟରେ ଶୋକସଭା

**ସମ୍ବଲପୁର, ୧୯।୫ (ସମିସ) :** ଆଜି ପ୍ରଶାନ୍ତ ପାଟଯୋଶୀଙ୍କ ସଭାପତିତ୍ୱରେ 'ଉତ୍ସର୍ଗ' କାର୍ଯ୍ୟାଳୟରେ ଅନୁଷ୍ଠାନର ଶୁଭେଚ୍ଛୁ ଗୋପାଳରାମ କେଡିଆ ଓ ସଭ୍ୟା ଦେବଯାନୀ ମିଶ୍ରଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଅନୁଷ୍ଠାନର ସଭ୍ୟ ଗୋବିନ୍ଦ ଅଗ୍ରୱାଲ, ଶିବ ନାରାୟଣ ପାଣିଗ୍ରାହୀ, ଲମ୍ବୋଦର ମିଶ୍ର, ହରିଶଙ୍କର ପଣ୍ଡା ପ୍ରମୁଖ ଉଭୟ ଦିବଂଗତ ସଭ୍ୟଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହାସହ 'ଉତ୍ସର୍ଗ' ପକ୍ଷରୁ ଉଭୟ ପରିବାର ସଦସ୍ୟ ମାନଙ୍କୁ ସମବେଦନା ଜ୍ଞାପନ କରାଯାଇଥିଲା ।



## ପାଣ ସମାଜର ବୈଠକ ଓ କର୍ମକର୍ତ୍ତା ଚୟନ

**ଦେବଗଡ଼, ୧୯।୫ (ସମିସ):** ପ୍ରଧାନପାଟ ଜଳପ୍ରପାତ ନିକଟରେ ଧବଳେଶ୍ୱର ଭୋଜଙ୍କ ସଭାପତିତ୍ୱରେ ନିଳବେର୍ଣ୍ଣୀସାହି ପାଣ ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମସ୍ତ ପାଣ ସମାଜର ଲୋକମାନେ ଏକତ୍ରିତ ହୋଇ ସମାଜର ଉନ୍ନତି ଏବଂ ସମାଜର ଗରିବ ଶ୍ରେଣୀର ଲୋକମାନଙ୍କୁ ସାହାଯ୍ୟ କରିବାପାଇଁ ଆଲୋଚନା କରିଥିଲେ । ଏଥିସହ ସମାଜର ନିତି ନିୟମକୁ ଅବଲମ୍ବନ କରି ସମାଜକୁ କିପରି ଆଗକୁ ବଢେଇବା ସେଥିପ୍ରତି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ ପୁରୁଣା କମିଟିକୁ ଭାଙ୍ଗି ନୂତନ କମିଟି ମଧ ଗଠନ କରାଯାଇଥିଲା । ଏହି କମିଟିରେ ସଭାପତି ଭାବରେ ଅଇଁଠୁ ପାତ୍ର, ଉପସଭାପତି ଭାବେ ମକରଧ୍ୱଜ ହସ୍ତୀ, ସମ୍ପାଦକ ଭାବରେ ବନ୍ଧୁରାମ ପାତ୍ର, କୋଷାଧ୍ୟକ୍ଷ ଭାବେ ଦିବ୍ୟ ଲୋଚନ ପାତ୍ରଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା । ବୈଠକରେ ପ୍ରଜିତ୍ କୁମାର ଭୋଜ, ଲଳିତ ମୋହନ ଭୋଜ, ଧିର ଭୋଜ, ସୁମନ୍ତ ଭୋଜ, ଜଗ ରଣଜିତ, ଦୀର୍ଘୁ, ସଞ୍ଜିବ ନାଏକ, ଗଗନ ମହାନନ୍ଦ, ସୁଟୁ ହସ୍ତୀ, ପୁଟୁ ହସ୍ତୀ, ପଙ୍କଜ ପାତ୍ର, ମନୋଜ ଭୋଜ, ବାବୁଲି ଭୋଜ, ତପନ ଭୋଜ, ହୀମା ପାତ୍ରଙ୍କ ସମେତ ସମାଜର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ଆନ୍ତଃ ସ୍କୁଲ କ୍ରିକେଟ ପ୍ରତିଯୋଗିତାରେ କେଭି ବିଜୟୀ



**ଝାରସୁଗୁଡା, ୧୯।୫ (ସମିସ):** ମଣ୍ଡଳିଆ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍‌ରେ ଆୟୋଜିତ ଆନ୍ତଃ ସ୍କୁଲ କ୍ରିକେଟ୍ ପ୍ରତିଯୋଗିତାର ଷଷ୍ଠ ମ୍ୟାଚ କେନ୍ଦ୍ରୀୟ ବିଦ୍ୟାଳୟ ଝାରସୁଗୁଡ଼ା ଓ ବ୍ଲୁ କମ୍ବାଇନ ଝାରସୁଗୁଡ଼ା ମଧ୍ୟରେ ଖେଳା ଯାଇଛି । ଏହି ମ୍ୟାଚ୍‌ରେ କେନ୍ଦ୍ରୀୟ ବିଦ୍ୟାଳୟ ଝାରସୁଗୁଡ଼ା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୩୦ ଓଭରରେ ୩ଟି ୱିକେଟ ହରାଇ ୨୬୫ ରନ ସଂଗ୍ରହ କରିଥିଲା । ବ୍ଲୁ କମ୍ବାଇନ ଝାରସୁଗୁଡ଼ା ଦଳ ୧୬ ଓଭରରେ ୮ ୱିକେଟ ହରାଇ ୮୬ ରନ୍ ସଂଗ୍ରହ କରିଥିଲା । ଖରାପ ପାଗ ପାଇଁ ମ୍ୟାଚ୍‌କୁ ୧୬ ଓଭରରେ ପରିସମାପ୍ତି କରା ଯାଇଥିଲା । କେନ୍ଦ୍ରୀୟ ବିଦ୍ୟାଳୟ ଝାରସୁଗୁଡ଼ା ଦଳ ୧୪୫ ରନ୍ ରେ ବିଜୟ ହାସଲ କରିଛି । କେନ୍ଦ୍ରୀୟ ବିଦ୍ୟାଳୟ ଝାରସୁଗୁଡ଼ା ଦଳର ଆଦର୍ଶ ରାୟ ସର୍ବଶ୍ରେଷ୍ଠ ଖେଳାଳି ଘୋଷିତ ହୋଇଛନ୍ତି । ବେଦାନ୍ତ କୁଡ଼ାଲୋଇ କୋଲ ବ୍ଲକ ସିଏସଆର ମୁଖ୍ୟ ସଙ୍ଗୀତା ସାହୁ ଯୋଗ ଦେଇଥିଲେ । ଅନିରୁଦ୍ଧ କେୱଟ ଓ ଜୟ ସିଂ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ । ନାସିର ମଲ୍ଲିକ ଅନ୍ ଲାଇନ୍ ସ୍କୋରିଂ କରିଥିଲେ । ପ୍ରଜ୍ୱଳ ପଟେଲ, କମ୍ପାଉଣ୍ଡର ବେହେରା, ଅଶୋକ ପ୍ରଧାନ ସହଯୋଗ କରିଥିଲେ ।

## ରାସ୍ତା କାମରେ ଅନିୟମିତତା ନେଇ ବିଡିଓଙ୍କୁ ସ୍ମାରକପତ୍ର



**ରେଢ଼ାଖୋଲ, ୧୯।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ନାକ୍‌ଟିଦେଉଳ ବ୍ଲକ ଯାମୂଯୋରୀ ପଞ୍ଚାୟତର ବିନ୍ଦୁପୁର ଗ୍ରାମର ତଳସାହିରେ ନିର୍ମାଣାଧୀନ ଏକ କଂକ୍ରିଟ ରାସ୍ତା କାମରେ ଅନିୟମିତତା ଅଭିଯୋଗ ହୋଇଛି । ଏ ନେଇ ବିଡିଓଙ୍କୁ ସ୍ମାରକପତ୍ର ଦିଆଯାଇଛି । ସମାଜସେବୀ ନନ୍ଦ କିଶୋର ପ୍ରଧାନ ନାକଟିଦେଉଳ ବିଡିଓ ଏହି ଅଭିଯୋଗ ପତ୍ର ଦେଇଛନ୍ତି । ଅଭିଯୋଗରେ ଦର୍ଶାଇଛନ୍ତି ଯେ ବିନ୍ଦୁପୁର ଗ୍ରାମର ତଳସାହିରେ ଏକ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି ହେଲେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ବିନା ସୂଚନା ଫଳକରେ ଏବଂ ବିଭାଗୀୟ ଯନ୍ତ୍ରୀ ଯୋଗିନ୍ଦ୍ର ସେଠ୍ ଙ୍କ ଅନୁପସ୍ଥିତିରେ କରାଯାଇଛି । ଏଥିରେ ଯନ୍ତ୍ରୀ ଙ୍କ ଅନୁପସ୍ଥିତି ଯୋଗୁଁ କାର୍ଯ୍ୟ କରୁଥିବା ଲୋକ କମ୍ ସିମେଣ୍ଟ ଏବଂ ଅଧିକ ବାଲି କମ୍ ପରିମାଣର ଚିପ୍ସ ବ୍ୟବହାର କରି କାର୍ଯ୍ୟ କରିଛନ୍ତି । ଏ ଦିଗରେ ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି ।

## ମହିଳା କର୍ମଚାରୀଙ୍କୁ ଡ୍ରାଇଭରଙ୍କ ଅସଦାଚରଣ

**ସମ୍ବଲପୁର, ୧୯।୫(ସମିସ):** ଯୁଯୁମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ କାର୍ଯ୍ୟରତ ଡ୍ରାଇଭର ସବୁବେଳେ କର୍ମଚାରୀଙ୍କୁ ହଇରାଣ ସହ ଅସଦାଚରଣ କରିଥାନ୍ତି । ଗତ ୧୫ ତାରିଖରେ ମଧ ସେ ମହିଳା କର୍ମଚାରୀଙ୍କୁ ଅସଦାଚରଣ କରିଥିଲେ । ତେଣୁ ସ୍ଥାନୀୟ ଲୋକ ଏହି ଘଟଣା ଜାଣିବାକୁ ପାଇଥିଲେ । ପରେ ଲୋକେ ପଚାରିବାରୁ ସେ ଝଗଡ଼ା କରିଥିଲେ । ବାଧ୍ୟରେ ଲୋକେ ମାଡ ମାରିଥିଲେ । ପରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଚିକିତ୍ସା ମଧ କରିଥିଲେ । କିନ୍ତୁ ନିଜର ଭୁଲ ଯୋଗୁଁ ମାଡ ଖାଇଥିବା ଭାବି ସେ କୌଣସି ଅଭିଯୋଗ ଥାନାରେ କରିନଥିଲେ ।

# ଜିଏମ୍‌ୟୁ ରାଜନୀତି ବିଜ୍ଞାନ ବିଭାଗର ଜାତୀୟ ସମ୍ମେଳନ

**ସମ୍ବଲପୁର, ୧୯।୫ (ସମିସ)**

ଗଙ୍ଗାଧର ମେହେର ବିଶ୍ୱବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ଉଦୀୟମାନ ଭାରତ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ରାଜନୈତିକ ଦର୍ଶନର ପ୍ରାସଙ୍ଗିକତା' ବିଷୟକୁ ନେଇ ଦୁଇଦିନିଆ ଜାତୀୟ ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି । ଆଲୋଚନାଚକ୍ରରେ ସମସାମୟିକ ଭାରତ ପରିପ୍ରେକ୍ଷୀରେ ସର୍ଦ୍ଦାର ପଟେଲଙ୍କ ରାଜନୈତିକ ଚିନ୍ତାଧାରାର ସ୍ଥାୟୀ ଗୁରୁତ୍ୱକୁ ପୁନଃପରୀକ୍ଷଣ ଏବଂ ପ୍ରତିଫଳନ କରିବା ପାଇଁ ବିଦ୍ୱାନ, ଶିକ୍ଷାବିତ୍ ଏବଂ ନୀତି ବିଶେଷଜ୍ଞମାନେ ଏକତ୍ରିତ ହୋଇଥିଲେ । ଉଦ୍‌ଘାଟନୀ ଅଧିବେଶନରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ସ୍ୱାଗତ ଭାଷଣ ଦେଇ ରାଷ୍ଟ୍ର ନିର୍ମାଣ ଏବଂ ପଟେଲଙ୍କ ଦାର୍ଶନିକ ମୂଳଦୁଆ ଉପରେ ବୌଦ୍ଧିକ ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେମିନାରର ସଂଯୋଜକ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ସେମ୍ମଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡଃ କେଶବ ଚନ୍ଦ୍ର ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉଦ୍‌ଘାଟନୀ ଅଧିବେଶନରେ ହରିୟାଣା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଅଧ୍ୟକ୍ଷ ଏବଂ ବିଦ୍ୟା ଭାରତୀ ଉଚ୍ଚଶିକ୍ଷା ସଂସ୍ଥାନ (ଭିବିୟୁଏସ୍‌ଏସ୍)ର ଜାତୀୟ ଅଧ୍ୟକ୍ଷ ପ୍ରଫେସର କୈଳାସ ଚନ୍ଦ୍ର ଶର୍ମା ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରଫେସର ଶର୍ମା ସର୍ଦ୍ଦାର ପଟେଲଙ୍କ ରାଜନୈତିକ ଦୂରଦୃଷ୍ଟି ଏବଂ ରାଷ୍ଟ୍ର ନିର୍ମାଣ ପ୍ରୟାସ ଉପରେ ପ୍ରତିଫଳିତ କରିଥିଲେ, ଭାରତର ବିକଶିତ ଶିକ୍ଷା ଏବଂ ରାଜନୈତିକ ଦୃଶ୍ୟପଟ ସହିତ ପଟେଲଙ୍କ ଦୃଷ୍ଟିକୋଣ କିପରି ପ୍ରତିଫଳିତ ହେଉଛି ସେ ବିଷୟରେ ଧ୍ୟାନ ଆକର୍ଷଣ କରିଥିଲେ । ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଶ୍ୱିନୀ ମହାପାତ୍ର କହିଥିଲେ ଯେ ପଟେଲଙ୍କ ପାଇଁ, ରାଜ୍ୟ ଗଠନ ଜାତୀୟ ସଂହତି ପ୍ରକ୍ରିୟା ପୂର୍ବରୁ ହୋଇଥିଲା, ଏବଂ ପଟେଲଙ୍କ ରାଜନୈତିକ ଐତିହ୍ୟକୁ ପ୍ରଶଂସା କରିବା ପାଇଁ ରାଜ୍ୟ ନିର୍ମାଣ ଏବଂ ରାଷ୍ଟ୍ର ନିର୍ମାଣ ମଧ୍ୟରେ ପାର୍ଥକ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମ୍ମାନିତ ଅତିଥି ପ୍ରଫେସର ଅସୀମା ସାହୁ ଜାତୀୟ ସଂହତି, ସୁଶାସନ, ମୌଳିକ ଅଧିକାର ପ୍ରବର୍ତ୍ତନ, ଧର୍ମନିରପେକ୍ଷତା, ଲିଙ୍ଗଗତ ସମାନତା ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଶକ୍ତୀକରଣରେ ସର୍ଦ୍ଦାର ପଟେଲଙ୍କ ଅବଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଏହି ମୂଲ୍ୟବୋଧଗୁଡ଼ିକୁ 'ଆତ୍ମନିର୍ଭର ଭାରତ' ଭଳି ସମସାମୟିକ ବିଷୟବସ୍ତୁ ସହିତ ଯୋଡ଼ିଥିଲେ । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ପ୍ରଫେସର ଅଶୋକ ଆଚାର୍ଯ୍ୟ ମୁଖ୍ୟ ଭାଷଣ ଦେଇ କହିଥିଲେ ଯେ, ସର୍ଦ୍ଦାର ପଟେଲଙ୍କ 'ଜନତା' ଦୃଷ୍ଟିକୋଣ ବିଷୟରେ ଗଭୀର ଅନ୍ତର୍ଦୃଷ୍ଟି ପ୍ରଦାନ କରି ତାଙ୍କ ସମ୍ପ୍ରଦାୟର ଧାରଣା ସାମାଜିକ ବିଭାଜନକୁ ଅତିକ୍ରମ କରି ଲୋକଙ୍କ ସାମୂହିକ ପରିଚୟ ଉପରେ କେନ୍ଦ୍ରିତ ଥିଲା ବୋଲି କହିଥିଲେ । ଉଦ୍‌ଘାଟନୀ ଅଧିବେଶନରେ ସେମିନାରକୁ ସ୍ମରଣୀୟ କରିବା ପାଇଁ ଏକ ସ୍ମାରକୀ ଆନୁଷ୍ଠାନିକ ଭାବରେ ଉନ୍ମୋଚିତ ହୋଇଥିଲା ।



ଦୁଇଦିନିଆ ସେମିନାର ମଧ୍ୟରେ ବିଭିନ୍ନ ଶୈକ୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଭାରତର ଏକୀକରଣ, ପ୍ରଶାସନିକ ଏକୀକରଣ, ସଂଘୀୟତା, ଧର୍ମନିରପେକ୍ଷତା, ଅର୍ଥନୈତିକ ଚିନ୍ତାଧାରା ଏବଂ ତୃଣମୂଳ ଶାସନରେ ପଟେଲଙ୍କ ଭୂମିକା ଉପରେ ନିବନ୍ଧ ଉପସ୍ଥାପନା କରାଯାଇଥିଲା । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ବନିତା ମହାନନ୍ଦିଆ, ଶୁଭଲକ୍ଷ୍ମୀ ବାଇଧର, ଶୁଭଙ୍କରୀ ପତି, ପାର୍ଥସାରଥି ମଲ୍ଲିକ, ଅଞ୍ଜଳି ତ୍ରିପାଠୀ ପ୍ରମୁଖଙ୍କ ସହ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନେ ଯୋଡ଼ି ହୋଇଥିଲେ ।

ଜିଲ୍ଲା ୫୫୦ କିଷାନ ଜାତି ସମ୍ମିଳନୀ

# ୨୦୧୨ ନିୟମାବଳୀକୁ ବର୍ଜନ ଘୋଷଣା

**ଝାରସୁଗୁଡା, ୧୯।୫(ସମିସ):** ଝାରସୁଗୁଡା ଜିଲ୍ଲା ଲଇକେରା ବ୍ଲକ ଅନ୍ତର୍ଗତ ଜାମମାଲରେ ରାଜ୍ୟସ୍ତରୀୟ ୫୫୦ କିସାନ ଜାତି ସମାଜ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି । ଜାମମାଲ ଆଞ୍ଚଳିକ ଗୁଡ଼ି ସଭାପତି ପବିତ୍ର ମୋହନ ବୁଦୂଲାଙ୍କ ଅଧ୍ୟକ୍ଷତା ଓ ଉମାଶଙ୍କର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ମିଳନୀରେ ରାଉରକେଲାର ଆତ୍ମଘୋଷିତ ସଭାପତି ମୋହନଲାଲ୍ କିସାନଙ୍କୁ ଜୋରଦାର ଭର୍ତ୍ସନା କରାଯିବା ସହ ସରକାରୀ ଅନୁମୋଦିତ ନ ଥିବା ୨୦୧୨ ନିୟମାବଳି ଏବଂ ବିବାହରେ ପ୍ରଚଳିତ ଏନଓସିକୁ ସମ୍ପୂର୍ଣ୍ଣ ବର୍ଜନ ଘୋଷଣା କରାଯାଇଥିଲା ।ସମ୍ମିଳନୀରେ ଓଡ଼ିଶାରେ କେବଳ କୁଚିଣ୍ଡା ମହାଗୁଡି ୫୫୦ କିସାନ ଜାତି ସମାଜ ସରକାରୀ ପଞ୍ଜୀକୃତ ଲାଭକରିଥିବାବେଳେ ଅନ୍ୟ ଜିଲ୍ଲାରେ ଏହାର ଅପବ୍ୟବହାରକୁ ଘୋର ନିନ୍ଦା କରାଯାଇଥିଲା ।ପୂର୍ବ ପ୍ରଚଳିତ ଗଡ଼ଜାତ ଜୟପୁର ଷ୍ଟେଟ ଓ ଖାଲସା ଅଧିନସ୍ଥ ଅଞ୍ଚଳରେ କେବଳ ୫୫୦ ସଂଖ୍ୟା ଶବ୍ଦକୁ ବ୍ୟବହାର ପାଇଁ ଅନୁମତି ଥିବାବେଳେ ସୁନ୍ଦରଗଡ଼ ଜିଲ୍ଲାରେ ଏହାର ଅପବ୍ୟବହାର କରି ୫୫୦, ୯୯୦ ନାଗରା ନାମରେ ସାମାଜିକ ବିଶୃଙ୍ଖଳା ସୃଷ୍ଟି କରାଯାଉଥିବାରୁ ଏହା ବିରୋଧରେ ଅତିଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଲୋଚନା ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ରାଜ୍ୟ କୁଣହାଁ କିସାନ ସମାଜ ସଭାପତି ସୁନାସିର କିସାନ, ୫୫୦ କିସାନ ଜାତି ସମାଜ କୁଚିଣ୍ଡା ମହାଗୁଡି ସଭାପତି ଧରଣୀଧର ପିଙ୍ଗ, ପୂର୍ବତନ ଏସଡିସି ଅଧ୍ୟକ୍ଷ ଶୋଭାରାମ ପ୍ରଧାନ, ରାଜ୍ୟ ସ୍ତରୀୟ କିସାନ ସମାଜ ସଂଯୋଜକ ରାମଚନ୍ଦ୍ର ମାଝୀ, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିସାନ, ରାଜ୍ୟ ସ୍ତରୀୟ ସମ୍ପାଦକ ମହେନ୍ଦ୍ର ବାଗ, ଅବସରପ୍ରାପ୍ତ ପ୍ରଶାସକ ମକୁନ୍ଦ କିସାନ୍, ସମାଜ ର ବୟୋଜ୍ୟେଷ୍ଠ ଖଡୁ ପିଙ୍ଗ, ଭଗବାନ ବାଗ, ସବିତା କିସାନ, ସୁମତି ବାଗ ପ୍ରମୁଖ ଯୋଗଦେଇ କୁଣହାଁ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ କିସାନ, ମିର୍ଦ୍ଧା, କୋଡ଼ା ଓ ମାଟିଆ ସମାଜ କୁ ଏକତ୍ରିତ ଭାବେ ସଂଗଠିତ କରି ଶିକ୍ଷିତ ଓ ସମୃଦ୍ଧଶୀଳ ସମାଜ ଗଠନ କରିବାକୁ ଉଦବୋଧନ ଦେଇଥିଲେ । ଏହି ଅବସରରେ ସମ୍ମିଳନୀରେ ଝାରସୁଗୁଡ଼ା ଜିଲ୍ଲା ନୂତନ କମିଟି ଗଠନ କରାଯାଇ ପବିତ୍ରମୋହନ ବୁଦଲା ଙ୍କୁ ଜିଲ୍ଲା ସଭାପତି ଏବଂ ପ୍ରଦୀପ ବାଗଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା । ସଭାକୁ ମିତ୍ରଭାନୁ ବୁଦୂଲା, ଅନାଦି ବୁଦୂଲା ପ୍ରମୁଖ ପରିଚାଳନା କରିଥିଲେ ।ସଭାରେ ଜାମମାଲ, ରାଉତବାହାଲ, ଭାତଲଇଡ଼ା, ରେଙ୍ଗାଲବେଡା, କେନ୍ଦୁଡ଼ିହି, ଚନ୍ଦ୍ରପୁର, ତୁମ୍ବାଡ଼ିହି, ଭିମଯୋର୍, କର୍ଲା, ପରମାନପୁର ଇତ୍ୟାଦି ଗୁଡ଼ି ଅଞ୍ଚଳରୁ ସହସ୍ରାଧିକ ଲୋକ ଯୋଗଦାନ କରିଥିଲେ ।



ସମ୍ପୂର୍ଣ୍ଣା
ସକାଳ THE SAKALA
www.sakalaepaper.com

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଦିନରେ

- ୧୯୨୭- ସାଉଦି ଆରବ ବ୍ରିଟେନ୍‌ଠାରୁ ସ୍ୱାଧୀନ ହେଲା।
- ୧୯୩୨- ସ୍ୱାଧୀନତା ସଂଗ୍ରାମୀ ବିପିନ୍ ଚନ୍ଦ୍ର ପାଲ୍‌ଙ୍କ ଦେହାନ୍ତ।
- ୧୯୯୦- ହବଲ୍ ଟେଲିସ୍କୋପ୍ ମହାକାଶରୁ ପ୍ରଥମ ଫଟୋ ପଠାଇଲା।
- ୧୯୯୫- ରୁଷ୍‌ରେ ମାନବ ରହିତ ମହାକାଶ ଯାନର ସଫଳ ପ୍ରକ୍ଷେପଣ କରାଗଲା।
- ୨୦୦୩- ପାକିସ୍ତାନ, ଆତଙ୍କବାଦୀ ସଂଗଠନ ହିଜବୁଲ୍ ମୁଜାହିଦ୍ଦିନ୍ ଉପରେ ପ୍ରତିବନ୍ଧକ ଲଗାଗଲା।



# ରାଜ୍‌ଙ୍କ ସହ ସାମନ୍ଥାଙ୍କ ଫଟୋ ଭାଇରାଲ

ସାଉଥ୍‌ର ଆଗଧାଡ଼ିର ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ଏବେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ। ଏବେ ସେ ନିର୍ଦ୍ଦେଶକ ରାଜ୍ ନିଦିମୋରୁଙ୍କ ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ଅନେକବାର ସେ ରାଜ୍‌ଙ୍କ ସହ ଦେଖାଯାଇଥିଲେ ମଧ୍ୟ କେବେ ଫଟୋ ସେୟାର୍ କରି ନ ଥିଲେ। ଏବେ କିନ୍ତୁ ସେ ରାଜ୍‌ଙ୍କ ସହ ଫଟୋ ସେୟାର୍ କରିଛନ୍ତି। କିଛି ଦିନ ପୂର୍ବରୁ ସାମନ୍ଥା ସାମାଜିକ ଗଣମାଧ୍ୟମରେ 'ନୂଆ ଆରମ୍ଭ' ଲେଖି ଏକ ପୋଷ୍ଟ ସେୟାର୍ କରିଥିଲେ। ଏଥିରୁ ସେ ପୁଣି ଥରେ ଏକ ନୂଆ ସମ୍ପର୍କରେ ଥିବା ତାଙ୍କ ପ୍ରଶଂସକମାନେ ଅନୁମାନ କରୁଥିଲେ। ଏବେ ରାଜ୍‌ଙ୍କ ସହ ସେ ଫଟୋ ସେୟାର୍ କରି ଉଭୟ ପ୍ରେମ ସମ୍ପର୍କରେ ଥିବା କଥାକୁ ବିଧିବଦ୍ଧ ଭାବେ ଜଣାଇ ଦେଇଛନ୍ତି। ଏବେ ସାମନ୍ଥା ତାଙ୍କ ପ୍ରଡକ୍ସନ୍ ହାଉସ୍‌ରେ ନିର୍ମିତ 'ଶୁଭମ୍'ର ପ୍ରମୋସନରେ ବ୍ୟସ୍ତ ଅଛନ୍ତି। ତେବେ ସାମନ୍ଥା ଦୁଇଟି ଫଟୋ ସେୟାର୍ କରିଥିଲେ। ପ୍ରଥମ ଫଟୋରେ ସେ ରାଜ୍‌ଙ୍କ ସହ ଏକ ସିନେମା ହଲ୍‌ରେ ପୋଜ୍ ଦେଉଥିବାର ଦେଖାଯାଇଛି। ଦ୍ୱିତୀୟ ଫଟୋରେ ସେ ରାଜ୍‌ଙ୍କ ସହ କିଛି ଆଲୋଚନା କରୁଥିବାର ଦେଖାଯାଇଛି। ସାମନ୍ଥା ପୂର୍ବରୁ ନାଗା ଚୈତନ୍ୟଙ୍କୁ ବିବାହ କରିଥିଲେ। ଉଭୟଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଯିବା ପରେ ନାଗା, ଶୋଭିତା ଧୂଳିପାଲାଙ୍କୁ ବିବାହ କରିଛନ୍ତି। ଏବେ ସାମନ୍ଥା ମଧ୍ୟ ତାଙ୍କ ଜୀବନରେ ଆଗକୁ ବଢ଼ିଥିବା ତାଙ୍କ ପ୍ରଶଂସକମାନେ କହୁଛନ୍ତି। ତେବେ ରାଜ୍ ପୂର୍ବରୁ ବିବାହ କରିଛନ୍ତି। ତାଙ୍କର ଝିଅଟିଏ ମଧ୍ୟ ଅଛି।



# ପ୍ରସାଧାନ ସାମଗ୍ରୀରୁ ହୋଇପାରେ କର୍କଟ

ମହିଳାମାନେ ସୁନ୍ଦର ଦିଶିବା ପାଇଁ ବିଭିନ୍ନ ପ୍ରକାରର ପ୍ରସାଧାନ ସାମଗ୍ରୀ ବ୍ୟବହାର କରନ୍ତି। ହେଲେ ଏଭଳି ଜିନିଷରୁ କର୍କଟ ହେବା ଆଶଙ୍କା ଥାଏ ବୋଲି ନିକଟରେ ଏକ ଅଧ୍ୟୟନରୁ ପ୍ରକାଶ ପାଇଛି। ପ୍ରତିଦିନ ବ୍ୟବହାର କରାଯାଉଥିବା ସାମ୍ପୋ, ବଡି ଲୋଶନ, ସାବୁନ ଆଦିରେ ଫର୍ମାଲଡିହାଇଡ ନାମକ ଏକ ବିଷାକ୍ତ ରାସାୟନିକ ତତ୍ତ୍ୱ ଥାଏ ଯାହାକି କର୍କଟର କାରଣ ହୋଇଥାଏ। ଅଧ୍ୟୟନରେ ଲସ୍‌ଆଞ୍ଜେଲସ୍‌ର ୭୦ ବର୍ଷୀୟା ବୃଦ୍ଧାମାନଙ୍କୁ ସାମିଲ କରାଯାଇଥିଲା। ଏକ ମୋବାଇଲ୍ ଆପ୍ ଜରିଆରେ ସେମାନେ ଉପଯୋଗ କରୁଥିବା ପ୍ରସାଧାନ ସାମଗ୍ରୀଗୁଡ଼ିକ ଓ ସେଥିରେ ଥିବା ଉପାଦାନଗୁଡ଼ିକର ଫଟୋ ସେୟାର କରିଥିଲେ। ଏଥିରୁ ୫୩% ମହିଳା ବ୍ୟବହାର କରୁଥିବା ପ୍ରସାଧାନ ସାମଗ୍ରୀରେ ଫର୍ମାଲଡିହାଇଡ ପରି ବିଷାକ୍ତ ରାସାୟନିକ ପଦାର୍ଥ ରହିଥିବା ଜଣାପଡ଼ିଥିଲା। ତେବେ ମହିଳାମାନେ ଏହି ଉତ୍ପାଦକୁ ନିୟମିତ ତଥା ସପ୍ତାହରେ ବହୁବାର ବ୍ୟବହାର କରୁଥିବାରୁ ଏହା ଚିନ୍ତା ବଢ଼ାଇଥିଲା। ସାଧାରଣତଃ ପ୍ରସାଧାନ ସାମଗ୍ରୀଗୁଡ଼ିକୁ ଅଧିକ ସମୟ ସାଇତି ରଖିବାକୁ ଫର୍ମାଲଡିହାଇଡର ବ୍ୟବହାର କରାଯାଏ। ଏହା ସାମ୍ପୁ, ବଡି ଲୋଶନ, ଫେସ୍ କ୍ରିମ୍, ସାବୁନ୍, ଆଇଲ୍ୟାସ୍ ଅଠା ଆଦିରେ ମିଳିଥିଲା। ଏହାପୂର୍ବରୁ ଆମେରିକାର ପରିବେଶ ସୁରକ୍ଷା ସଂଗଠନ ଏହି ରାସାୟନିକ ପଦାର୍ଥ ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ଘୋଷଣା କରିସାରିଛି। ଦୀର୍ଘ ସମୟ ଏହି ରାସାୟନିକ ଦ୍ରବ୍ୟର ସଂସ୍ପର୍ଶରେ ରହିବା ଦ୍ୱାରା ତ୍ୱଚା ଏବଂ ଦୃଷ୍ଟିଶକ୍ତି ପ୍ରଭାବିତ ହୋଇପାରେ। କେବଳ ସେତିକି ନୁହେଁ, ଅନେକ ମାମଲାରେ ଏହା କର୍କଟର କାରଣ ମଧ୍ୟ ହୋଇପାରେ। ତେଣୁ ମହିଳାମାନେ ଯେକୌଣସି ପ୍ରସାଧାନ ସାମଗ୍ରୀ କିଣିବା ପୂର୍ବରୁ ଏଥିରେ ବ୍ୟବହାର କରାଯାଉଥିବା ଜିନିଷଗୁଡ଼ିକ ସମ୍ପର୍କରେ ଜାଣିବା ଉଚିତ। ଯଦି ଏଥିରେ DMDM Hydantoin, Quaternium-15 ପରି ତତ୍ତ୍ୱ ରହିଥାଏ, ତେବେ ଏହାକୁ ନ କିଣିବା ଭଲ। କାରଣ ଏହା ସ୍ୱାସ୍ଥ୍ୟ ଏବଂ ଚର୍ମ ପାଇଁ ହାନିକାରକ ହୋଇପାରେ। ସବୁବେଳେ ଆୟୁର୍ବେଦିକ କିମ୍ବା ହର୍ବାଲ ବିକଳ୍ପକୁ ପ୍ରାଥମିକତା ଦେବା ଜରୁରି ବୋଲି ଏହି ଅଧ୍ୟୟନରେ କୁହାଯାଇଛି।

# କେଶରେ ଝୁଲିଲେ ୨୫ ମିନିଟ୍

ଆଜିକାଲି ବିଶ୍ୱ ରେକର୍ଡରେ ସାମିଲ ହେବା ପାଇଁ ଲୋକେ ଅଜବ ତଥା ଭିନ୍ନ ଭିନ୍ନ କାରନାମା କରି ଦେଖାଉଛନ୍ତି। ଏହି କ୍ରମରେ ଆମେରିକାର ସର୍କସ କଳାକାର ଲେଲା ନୁନେ ନିଜ କେଶରେ ୨୫ ମିନିଟ୍ ୧୧ ସେକେଣ୍ଡରୁ ଅଧିକ ସମୟ ଝୁଲି ରହି ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ୩୯ ବର୍ଷୀୟା ଲେଲା ପୂର୍ବରୁ ଥିବା ୨୩ ମିନିଟ୍ ୧୯ ସେକେଣ୍ଡର ରେକର୍ଡକୁ ଭାଙ୍ଗିବାରେ ସଫଳ ହୋଇଛନ୍ତି। ୨୦୧୧ ମସିହାରେ ଅଷ୍ଟ୍ରେଲିଆର ସୁଥାକରନ ସିଭାଗନାନାଥୁରାଇ ଏହି ରେକର୍ଡ କରିଥିଲେ। ତେବେ ଲେଲା ଜଣେ ପେଶାଦାର ହେୟାର ହ୍ୟାଙ୍ଗର। ଏହି ଚ୍ୟାଲେଞ୍ଜ ଲାଗି ଦୁଇ ବର୍ଷ ହେଲାଣି ସେ ଅଭ୍ୟାସ ଚଳାଇଥିଲେ। ଗତବର୍ଷ ଜୁନ୍ ମାସରେ ସେ ଏହି ରେକର୍ଡ ଏକ ପ୍ରାକୃତିକ ପରିବେଶ ମଧ୍ୟରେ କରିଥିଲେ। ଅବଶ୍ୟ ସେ ଯେଉଁଳି ତାଙ୍କ ଲକ୍ଷ୍ୟରୁ ବିଚ୍ୟୁତ ନ ହୁଅନ୍ତି ସେଥିପାଇଁ ତାଙ୍କ ସାଙ୍ଗମାନେ ଗୀଟାର ବଜାଇବା ସହ କରତାଳି ଦେଇ ତାଙ୍କୁ ଉତ୍ସାହିତ କରୁଥିଲେ। ତେବେ ହେୟାର୍ ହ୍ୟାଙ୍ଗିଂ ହେଉଛି ଏକ ବିପଦପୂର୍ଣ୍ଣ ସର୍କସ କଳା। ଏ ଲାଗି ଶାରୀରିକ ଶକ୍ତି ସହ ଏକ ବିଶେଷ ଟେକ୍ନିକ୍‌ର ଆବଶ୍ୟକତା ଥାଏ। ଅଧିକାଂଶ ହେୟାର ହ୍ୟାଙ୍ଗର କେଶ ବାନ୍ଧିବାର ନିଆରା ତରିକା ଜାଣିଥାନ୍ତି। ଏହି ଟେକ୍ନିକ୍‌ରେ କେଶରେ ଶରୀରକୁ ଝୁଲାଇବା ସହ ଆଘାତ ଯେପରି ଲାଗିବ ନାହିଁ ତାଉପରେ ଗୁରୁତ୍ୱ ଦିଆଯାଏ। ସେହିପରି ଲେଲା ଶରୀର ସହିତ ମାନବ ମସ୍ତିଷ୍କ ଶକ୍ତିର ପ୍ରଦର୍ଶନ କରିବାକୁ ଚାହୁଁଥିଲେ। ଅନ୍ୟପକ୍ଷରେ ତାଙ୍କର ସାମର୍ଥ୍ୟ ଓ ଦକ୍ଷତାକୁ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି।






# ଆଖୁ ଘାସବଛା ଯନ୍ତ୍ର



ପନିପରିବା ହେଉ କି ଡାଲିଜାତୀୟ ଫସଲ ବୃଦ୍ଧି ପାଇଁ ଅନାବନା ଘାସ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଫସଲରୁ ଘାସ ନିୟନ୍ତ୍ରଣ ପାଇଁ ବିଭିନ୍ନ କୃଷି ଉପକରଣ ରହିଛି। ସେମିତି ଆଖୁଚାଷ ପାଇଁ ଚାଷୀଙ୍କୁ ସୁବିଧା ଯୋଗାଉଛି ସୁଗାରକେନ୍ ୱିଡର ବା ଆଖୁ ଘାସବଛା ଯନ୍ତ୍ର। ଏହି ଉପକରଣ ଆଖୁ ଫସଲରୁ ଘାସ ନିୟନ୍ତ୍ରଣ ପାଇଁ ବେଶ୍ ଉପଯୋଗୀ। ସୁଗାରକେନ୍ ୱିଡରକୁ ଟ୍ରାକ୍ଟର ସହିତ ସଂଯୋଗ କରି ବ୍ୟବହାର କରାଯାଇଥାଏ। ଏହା ଏକ ଉଚ୍ଚକ୍ଷମତା ସମ୍ପନ୍ନ କୃଷି ଉପକରଣ। କୃଷିକାର୍ଯ୍ୟ ପାଇଁ ଏହାର ପ୍ରଦର୍ଶନ ମଧ୍ୟ ବେଶ୍ ଅବିଶ୍ୱସନୀୟ। ଏହାର ନିର୍ମାଣ ଏପରି କରାଯାଇଛି ଯେ, ଏହା ଆଖୁ ଫସଲକୁ କୌଣସି କ୍ଷତି ନ ପହଞ୍ଚାଇ ଘାସ ସଫା କରିଦିଏ। ଏହାଦ୍ୱାରା ଶୀଘ୍ର ସଫାକାର୍ଯ୍ୟ ହୋଇପାରୁଥିବାରୁ ମୃତ୍ତିକାର ଉର୍ବରଶକ୍ତି ବୃଦ୍ଧି ପାଏ। ଏହି ଉପକରଣ କେବଳ ଆଖୁ ଫସଲରୁ ଅନାବନା ଘାସ ନିୟନ୍ତ୍ରଣ କରେ ତାହା ନୁହେଁ, ବରଂ ଏଥିରେ ଆଖୁ ଲଗାଇବା କାମ କରାଯାଇପାରେ। ସାଧାରଣତଃ ବୁଣାକାମ ପାଇଁ ମଜୁରୀ ଅଭାବ ହେଉଥିବାବେଳେ ଏହି ଉପକରଣ ଏବେ ସେ ଚିନ୍ତା ଦୂର କରିଛି। ବିଶେଷ କଥା ଯେ, ଏହି ଉପକରଣ ବ୍ୟବହାର ପାଇଁ ଚାଷୀଭାଇଙ୍କ ପାଖେ ୪୫ ଅଶ୍ୱଶକ୍ତି ବିଶିଷ୍ଟ ଟ୍ରାକ୍ଟର ଥିବା ଆବଶ୍ୟକ।

# କୀଟନାଶକ ବିକଳ୍ପ ହଳଦୀ

**ହଳଦୀ ଭାରତୀୟ ସଂସ୍କୃତି ଓ ପରମ୍ପରାର ପ୍ରତୀକ। ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ, ଆଣ୍ଟିଇନ୍‌ଫ୍ଲାମେଟରୀ, ଆଣ୍ଟିଫଙ୍ଗାଲ ଗୁଣ ଥାଏ। ହଳଦୀ ଔଷଧୀୟ ଗୁଣରେ ଭରପୂର। ଖାଦ୍ୟର ସ୍ୱାଦ ବୃଦ୍ଧି ପାଇଁ ହଳଦୀ ବ୍ୟବହାର ବିଷୟରେ ତ ସମସ୍ତେ ଜାଣନ୍ତି; ହେଲେ ଗଛ ବୃଦ୍ଧି ପାଇଁ ହଳଦୀ ପ୍ରାକୃତିକ ମହୌଷଧି ରୂପେ କାମ କରିଥାଏ। ହଳଦୀ ଗୁଣ୍ଡ, ଅର୍କ, ତୈଳ ଫସଲ ପାଇଁ ପ୍ରାକୃତିକ କୀଟନାଶକ, ମାଟି କଣ୍ଡିସନର୍, ପତ୍ର ସିଞ୍ଚନ ଭାବେ ପ୍ରୟୋଗ କରାଯାଇପାରିବ।**



**ପୋକ ନିୟନ୍ତ୍ରଣକାରୀ:** ଫସଲରେ ହଳଦୀ ସିଞ୍ଚନ କଲେ ପୋକ ସଂଖ୍ୟା ହ୍ରାସ ପାଇଥାଏ। ଏକ ଲିଟର ପାଣିରେ ଏକ ବଡ଼ ଚାମଚ ହଳଦୀ ପାଉଡର ମିଶାଇ ଗଛରେ ସିଞ୍ଚନ କରିପାରିବେ। ସେହିପରି ହଳଦୀରୁ ଅର୍କ ବନାଇ ଫସଲରେ ସିଞ୍ଚନ ଜରୁରି। ଅନ୍ୟ ପ୍ରାକୃତିକ କୀଟନାଶକ ଯଥା- ନିମ ତେଲ ସହିତ ହଳଦୀକୁ ମିଶାଇ ବ୍ୟବହାର ଦ୍ୱାରା ଲାଭପ୍ରଦ ହୋଇଥାଏ।

**ଉପକାରୀ ଜୀବାଣୁ ବୃଦ୍ଧି:** ହଳଦୀରେ ଥିବା କରକ୍ୟୁମିନ ମାଟିରେ ଉପକାରୀ ଜୀବାଣୁ ବଂଶ ବିସ୍ତାର କରି ମାଟିକୁ ସୁସ୍ଥ ରହିଥାଏ। ଏହା ପରିବେଶ ଅନୁକୂଳ। ଗଛ ଲଗାଇବା ପୂର୍ବରୁ ଏହାର ମୂଳକୁ ଏକ ଲିଟର ପାଣିରେ ଏକ ଚାମଚ ହଦଳୀ ଗୁଣ୍ଡ ମିଶାଇ ଏଥିରେ ଭିଜାଇ ରଖି ଜମିରେ ଲଗାଇଲେ ଗଛ ସୁସ୍ଥ ହୁଏ। ବିହନ ବୁଣିବା ପୂର୍ବରୁ ଏକ କପ୍ ପାଣିରେ ହଳଦୀ ମିଶାଇ ସେଥିରେ ଉପଚାର ପାଇଁ କିଛି ଘଣ୍ଟା ଭିଜାଇ ରଖିବା ଦ୍ୱାରା ଗଜା ଭଲ ହୋଇଥାଏ।

**କୃଷି ବିଶେଷଜ୍ଞଙ୍କ ପରାମର୍ଶ ଜରୁରି :** ହଳଦୀ ଗୁଣ୍ଡ ଉପଯୋଗ କରିବା ପୂର୍ବରୁ ଫସଲ ଏବଂ ପୋକ ବିଷୟରେ ସଠିକ୍ ତଥ୍ୟ ସଂଗ୍ରହ କରିବା ଜରୁରି। ଫସଲରେ କେତେ ମାତ୍ରାର ହଳଦୀ ଗୁଣ୍ଡ ବ୍ୟବହାର କରିବା ଆବଶ୍ୟକ ସେନେଇ କୃଷି ବିଶେଷଜ୍ଞଙ୍କଠାରୁ ପରାମର୍ଶ ନେଇ ପାରିବେ। ହଳଦୀ ଗୁଣ୍ଡ ଉପଯୋଗ କରିବା ପରେ ଫସଲକୁ ନିୟମିତ ରୂପେ ଯାଞ୍ଚ କରିବାର ଆବଶ୍ୟକତା ମଧ୍ୟ ରହିଛି।

# ଏ ମାସର ଚାଷ



**ଆମ ରାଜ୍ୟର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭରଶୀଳ। ସ୍ଥାନୀୟ ପାଣିପାଗ ଅନୁଯାୟୀ ଚାଷ ଭଲ ହୁଏ। ତେଣୁ ମାଟିର ଆର୍ଦ୍ରତାକୁ ବିନିଯୋଗ କରି କେଉଁ ପନିପରିବା ଚାଷ କରି ପାରିବେ ଆସନ୍ତୁ ଜାଣିବା।**

- ଶୁଖିଲା ଖତ, ୧୦ରୁ ୧୫ ପ୍ରତିଶତ ବାଲି କିମ୍ବା କୋକୋପିଟ୍ ବ୍ୟବହାର କରି ମାଟି ପ୍ରସ୍ତୁତ କରାଯାଏ। ଗୁଣ୍ଡମାଟିରେ ଚାରା ଲଗାଇଲେ ଅଧିକ ଲାଭ ମିଳେ। ତେଣୁ ଜଳସେଚନର ସୁବନ୍ଦୋବସ୍ତ କରି ଏ ମାସରେ ଲାଉ, ଜହ୍ନି, ମକା, ବାଦାମ, ଆଦି ଚାଷ କରିପାରିବେ। ନର୍ସରୀରେ ବିହନ ବୁଣି ଚାରା ତିଆରି କରି ବା ସବୁଠୁ ଭଲ ଉପାୟ। ତାପମାତ୍ରା ଅଧିକ ରହୁଥିବାରୁ ଫସଲରେ ପୋକ ନିୟନ୍ତ୍ରଣ ପାଇଁ ଉପାୟ ଆପଣାଇବା ଜରୁରି।
- ୧୮ ଇଞ୍ଚ ଗ୍ରୋବ୍ୟାଗ୍ କିମ୍ବା କୁଣ୍ଡରେ କଲରା ଚାଷ କରିପାରିବେ। ବ୍ରୋକୋଲି ଫସଲରେ ଜଳଯୋଗାଇବା ସହିତ ପ୍ରତି ଦୁଇ ସପ୍ତାହରେ ଥରେ ଗଛ ମୂଳରେ ଜୈବିକ ସାର ପ୍ରୟୋଗ କରିବା ଦ୍ୱାରା ଜୁନ୍ ମାସରେ ବ୍ରୋକୋଲି ଅମଳ ହୋଇଥାଏ।
- ଚଉଡ଼ା କୁଣ୍ଡରେ ଶୁଖିଲା ଖତ ଦେଇ ଟମାଟୋ, କାକୁଡ଼ି, ଲାଉ, ପୁଦିନା, ଛଞ୍ଚିନ୍ରା, କାଙ୍କଡ, କୁନ୍ଦୁରି, ଶାଗଜାତୀୟ ଯଥା- ପାଳଙ୍ଗ, ଖଡ଼ା, କଳମ, ମୂଳା, ବିଟ୍, ସାରୁ, ଓଲୁଅ, ଚାଷ କରିପାରିବେ।
- ସେହିପରି ବିଲାତି ବାଇଗଣଗଛରେ ଧଳାମାଛି ପରିଚାଳନା ପାଇଁ ଏକର ପିଛା ୮ରୁ ୧୦ଟି ହଳଦିଆ ଅଠାଯୁକ୍ତ ଯନ୍ତା ଲଗାନ୍ତୁ। ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ୧୫୦୦ ପିପିଏମ୍ ଆଜାଡିରାକ୍ଟିନ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଭେଣ୍ଡି ଫସଲରେ ସାହେବୀ ରୋଗର ପରିଚାଳନା ପାଇଁ ଏକର ପ୍ରତି ୮ରୁ ୧୦ଟି ହଳଦିଆ ଅଠାଯୁକ୍ତ ଯନ୍ତା ଲଗାନ୍ତୁ। ଏକର ପ୍ରତି ୪୦ ଗ୍ରାମ୍ ଥିୟାମିଥୋକ୍ସାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ଅମଳ ହୋଇଥିବା ଧାନ, ଚିନାବାଦାମ, ମୁଗ ଏବଂ ବିରିକୁ ସାଇତି ରଖିବା ପାଇଁ ପ୍ରଥମେ ଭଲ ଭାବରେ ଶୁଖାଇ ଦିଅନ୍ତୁ ଓ ସାଇତା ଜାଗାକୁ ସଫା କରିଦିଅନ୍ତୁ।
- ସର୍ବଦା ପ୍ରାମାଣିକ ବିହନର ବ୍ୟବହାର କରନ୍ତୁ। ପ୍ରତି ୩ ବର୍ଷ ପରେ ଏହାକୁ ପରିବର୍ତ୍ତନ କରନ୍ତୁ। ଉନ୍ନତମାନ ବିହନ/ଅଧିକ ଅମଳକ୍ଷମ ବିହନ ବ୍ୟବହାର କଲେ ଅମଳ ୧୫ ପ୍ରତିଶତ ବୃଦ୍ଧି ହୋଇପାରିବ।
- ଫଳ ବଗିଚାରେ ନିୟମିତ ଜଳସେଚନ କରନ୍ତୁ। ଗଛମୂଳରେ ନଡ଼ା, ଶୁଖିଲା ପତ୍ର, କରତଗୁଣ୍ଡ ଆଦି ଦ୍ୱାରା ଜୈବିକ ଆଚ୍ଛାଦନ ସହ ବୁନ୍ଦା ଜଳସେଚନର ବ୍ୟବସ୍ଥା କରନ୍ତୁ।
- ଗୃହପାଳିତ ପଶୁ ପକ୍ଷୀମାନଙ୍କୁ ଘର ଭିତରେ ରଖନ୍ତୁ। ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରନ୍ତୁ। ଘାସ ଚରିବା ପାଇଁ ପଶୁମାନଙ୍କୁ କେବଳ ସକାଳ ଏବଂ ସନ୍ଧ୍ୟା ସମୟରେ ଛାଡନ୍ତୁ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୨୫ ● ପାଉଣ୍ଡ ୧୧୪.୪୭
- ୟୁରୋ ୯୬.୪୫ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୭,୫୫୦ (ଭୁବନେଶ୍ୱର)
- ରୁପା : ୧,୦୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୦୫୯.୦୦
- ନିଫ୍ଟି ୨୪,୯୪୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ସ୍ଥାୟୀ ଜମା ସୁଧହାର କମାଇଲା ଏସ୍‌ବିଆଇ

**୨୦ ବେସିସ୍ ପଏଣ୍ଟ ହ୍ରାସ**

ନୂଆଦିଲ୍ଲୀ,୧୯।୫(ଏଜେନ୍ସି): ଦେଶର ସବୁଠାରୁ ବଡ଼ ରଷ୍ଟ୍ରାୟତ୍ତ ବ୍ୟାଙ୍କ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ତା'ର ଗ୍ରାହକମାନଙ୍କୁ ଆଉ ଏକ ଝଟ୍‌କା ଦେଇଛି। ଷ୍ଟେଟ ବ୍ୟାଙ୍କ ଲଗାତାର ଦ୍ୱିତୀୟ ଥର ପାଇଁ ତା'ର ସ୍ଥାୟୀ ଜମା ବା ଫିକ୍ସଡ ଡିପୋଜିଟ୍(ଏଫ୍‌ଡି)ରେ ୨୦ ବେସିସ୍ ପଏଣ୍ଟ ହ୍ରାସ ଘଟାଇଛି। ଏ ସମ୍ପର୍କରେ ବ୍ୟାଙ୍କ ତା'ର ୱେବ୍‌ସାଇଟ୍‌ରେ ସୂଚନା ଦେଇଛି। ବ୍ୟାଙ୍କ ୩ କୋଟି ଟଙ୍କାରୁ କମ୍ ଏଫ୍‌ଡି ଉପରେ ସୁଧ ହାର ହ୍ରାସ କରିଛି। ଏହି ହ୍ରାସ ସାଧାରଣ ଗ୍ରାହକଙ୍କ ସହିତ ବରିଷ୍ଠ ନାଗରିକଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ। ବିଭିନ୍ନ ଅବଧିର ଏଫ୍‌ଡି ଉପରେ ନୂତନ ସୁଧ ହାର ଚଳିତମାସ ୧୬ ତାରିଖଠାରୁ ଲାଗୁ ହୋଇଛି। ଏଫ୍‌ଡି ହାରରେ କ୍ରମାଗତ ଦ୍ୱିତୀୟ ହ୍ରାସ ପରେ, ବ୍ୟାଙ୍କର ସାଧାରଣ ଗ୍ରାହକମାନେ ଏବେ ବାର୍ଷିକ ୩.୩୦ ରୁ ୬.୭୦ ପ୍ରତିଶତ ହାରରେ ସୁଧ ପାଉଛନ୍ତି। ବରିଷ୍ଠ ନାଗରିକ ଏଫ୍‌ଡି ଉପରେ ବ୍ୟାଙ୍କରୁ ବାର୍ଷିକ ୩.୮୦ ରୁ ୭.୨୦ ପ୍ରତିଶତ ସୁଧ ନେଉଛନ୍ତି।

ଏହାପରେ ଗ୍ରାହକମାନେ ୭ ରୁ ୪୫ ଦିନର ଏଫ୍‌ଡି ଉପରେ ୩.୩୦%, ୧ ବର୍ଷରୁ କମ୍ ଏଫ୍‌ଡି ଉପରେ ସର୍ବାଧିକ ୬.୩୦% ଏବଂ ୧ ରୁ ୨ ବର୍ଷ ଏଫଡି ଉପରେ ୬.୫୦% ସୁଧ ପାଇବେ, ଯେତେବେଳେ କି ପୂର୍ବରୁ ଏହା ୬.୭୦% ପର୍ଯ୍ୟନ୍ତ ଥିଲା। ସେହିପରି, ସାଧାରଣ ଲୋକଙ୍କୁ ଏବେ ୫ ରୁ ୧୦ ବର୍ଷର ଏଫ୍‌ଡି ଉପରେ କେବଳ ୬.୩୦% ସୁଧ ମିଳିବ। ଏସ୍‌ବିଆଇ ଦ୍ୱାରା ସୁଧହାରରେ ଏହି ହ୍ରାସ ଭାରତୀୟ ରିଜର୍ଭ ବ୍ୟାଙ୍କର ଏପ୍ରିଲ ମୁଦ୍ରା ନୀତି ନିଷ୍ପତ୍ତି ପରେ ନିଆଯାଇଛି, ଯେଉଁଥିରେ ରେପୋ ହାର ୦.୨୫% ହ୍ରାସ ପାଇ ୬% ହୋଇଥିଲା। ଦେଶରେ ଋଣକୁ ଶସ୍ତା କରିବା ଏବଂ ଆର୍ଥିକ କାର୍ଯ୍ୟକଳାପକୁ ବୃଦ୍ଧି କରିବା ଲକ୍ଷ୍ୟରେ ଆର୍‌ବିଆଇ ଏହି ପଦକ୍ଷେପ ନିଆଯାଇଥିଲା, କିନ୍ତୁ ଏହା ଜମା ଉପରେ ସୁଧ ହାରକୁ ମଧ୍ୟ ପ୍ରଭାବିତ କରିଛି।

**ରୋବର୍ଟ କିୟୋସାକିଙ୍କ ଚେତାବନୀ**

# ଚଳିତବର୍ଷ ଭୟଙ୍କର ମାନ୍ଦାବସ୍ଥା

- ଉଡ଼ିଯିବ ୧୩୭ ଲକ୍ଷ କୋଟି
- ଆମେରିକାର ଛାତ୍ର ଋଣ ବଜାରରୁ ଆରମ୍ଭ ହେବ ସମସ୍ୟା

ନୂଆଦିଲ୍ଲୀ,୧୯।୫(ଏଜେନ୍ସି)

ଦୀର୍ଘ ବର୍ଷେ ହେବ ଘୋର ସଙ୍କଟ ପରିସ୍ଥିତି ଦେଇ ଗତି କରୁଥିବା ଦେଶର ସେୟାର ବଜାର ପାଇଁ ଖରାପ ଖବର। କାରଣ ଇକ୍ୱିଟି ବଜାରର ଏହି ଦୁଃସମୟ ଶେଷ ହୋଇନାହିଁ। ବର୍ଷକ ପରେ ବଜାର କାରବାରରୁ କିଛି ରୋଜଗାର କରି ଶାନ୍ତିରେ ନିଶ୍ୱାସ ମାରୁଥିବା ନିବେଶକଙ୍କ ପାଇଁ ଆଗକୁ ଆହୁରି ଖରାପ ସମୟ ଅଛି। ଏ ନେଇ ସତର୍କ କରାଇଛନ୍ତି 'ରିଚ୍ ଡାଡ୍ ପୁଅର ଡାଡ୍'ର ପ୍ରସିଦ୍ଧ ଲେଖକ ରବର୍ଟ କିୟୋସାକି। କାରଣ ଚଳିତବର୍ଷ ସାରା ବିଶ୍ୱରେ ପୁଣି ଥରେ ଦେଖାଦେବ ଭୟଙ୍କର ମାନ୍ଦାବସ୍ଥା। ଏଥିଯୋଗୁ ଇକ୍ୱିଟି ବଜାରରୁ ଉଡ଼ିଯିବ ୧୩୭ ଲକ୍ଷ କୋଟି ଟଙ୍କା। ଏହି ସମସ୍ୟା ଆମେରିକାର ଛାତ୍ର ଋଣ ବଜାରରୁ ଆରମ୍ଭ ହେବ ବୋଲି ସେ କହିଛନ୍ତି। ସେ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟ କରିଛନ୍ତି।

ଏହି ବଡ଼ ଆର୍ଥିକ ମାନ୍ଦାବସ୍ଥାରେ ଗୋଟିଏ ଝଟ୍‌କାରେ ୧.୬ ଟ୍ରିଲିୟନ ଡଲାର (ପ୍ରାୟ ୧୩୭ ଲକ୍ଷ କୋଟି ଟଙ୍କା) କ୍ଷତି ହୋଇପାରେ। ତଥାପି, କିୟୋସାକି ଏହି ସଙ୍କଟକୁ କିପରି ଏଡାଯାଇପାରିବ ତାହା ମଧ୍ୟ କହିଛନ୍ତି। କିୟୋସାକି ତାଙ୍କ ପୁସ୍ତକ 'ରିଚ୍ ଡ୍ୟାଡ୍ ପୁଅର ଡ୍ୟାଡ୍'ରେ ଆର୍ଥିକ ଅସୁବିଧା ବିଷୟରେ ଲେଖିଛନ୍ତି। ଏଥିରେ ସେ ପୂର୍ବରୁ କିପରି ଆର୍ଥିକ ସଙ୍କଟ ଦେଖାଦେଇଥିଲା ତାହା ବ୍ୟାଖ୍ୟା କରିଛନ୍ତି। ସେ ଲେଖିଛନ୍ତି, ୧୯୯୮ ମସିହାରେ, ୱାଲ ଷ୍ଟ୍ରିଟ୍ ଲଙ୍ଗ ଟର୍ମ କ୍ୟାପିଟାଲ ମ୍ୟାନେଜମେଣ୍ଟ (ଏଲ୍‌ଟିସିଏମ୍) ନାମକ ଏକ ହେଜ୍ ଫଣ୍ଡକୁ ସଞ୍ଚୟ କରିବା ପାଇଁ ଏକାଠି ହୋଇଥିଲେ। ୨୦୦୮ ମସିହାରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ୱାଲ ଷ୍ଟ୍ରିଟ୍‌କୁ ରକ୍ଷା କରିଥିଲେ। କିୟୋସାକିଙ୍କ ମତରେ ପ୍ରତ୍ୟେକ ଥର ଏହି ଆର୍ଥିକ ସଙ୍କଟ ଅଧିକ ବିପଜ୍ଜନକ ହେଉଛି। କାରଣ ଏହାର ପ୍ରକୃତ କାରଣ କେବେ ସମାଧାନ ହୋଇ ନ ଥିଲା। ଏହି ସମସ୍ୟା ୧୯୭୧ ମସିହାରେ ଆରମ୍ଭ ହୋଇଥିଲା। ସେତେବେଳେ ଆମେରିକାର ରାଷ୍ଟ୍ରପତି ରିଚାର୍ଡ ନିକ୍ସନ ସୁନା ମାନକରୁ ଡଲାରକୁ ବାହାର କରିଦେଇଥିଲେ। କିୟୋସାକି କୁହନ୍ତି ଯେ ଏହା ଅର୍ଥର ପ୍ରକୃତ ମୂଲ୍ୟକୁ ଦୂର କରିଦିଏ। ଏହିଠାରୁ ସମସ୍ୟା ଆରମ୍ଭ ହୋଇଥିଲା, ଯାହା ଏବେ ଆହୁରି ବୃଦ୍ଧି ପାଇଛି। କିୟୋସାକିଙ୍କ ବନ୍ଧୁ ଏବଂ ଆର୍ଥିକ ବିଶେଷଜ୍ଞ ଜିମ୍ ରିକାର୍ଡସ୍ ମଧ୍ୟ ଏଥିରେ ସହମତ। ସେ ବିଶ୍ୱାସ କରନ୍ତି ଯେ ଆମେରିକାରେ ଦିଆଯାଇଥିବା ଷ୍ଟୁଡେଣ୍ଟ ଛାତ୍ର ଋଣର ୧.୬ ଟ୍ରିଲିୟନ ଡଲାର ବୁଡ଼ିଯାଇପାରେ। ଅର୍ଥାତ୍ ଏହାକୁ ଅସୁଲ କରିବା ଅସମ୍ଭବ, ଯାହା ପରବର୍ତ୍ତୀ ଆର୍ଥିକ ସଙ୍କଟକୁ ନେଇପାରେ।




କିୟୋସାକି ଏହି ସଙ୍କଟକୁ କିପରି ଏଡାଯାଇପାରିବ ତାହା ମଧ୍ୟ ବ୍ୟାଖ୍ୟା କରିଛନ୍ତି। ସେ ବିଶ୍ୱାସ କରନ୍ତି ଯେ ଆପଣଙ୍କୁ ସରକାର କିମ୍ବା ସେୟାର ବଜାରରୁ କୌଣସି ସାହାଯ୍ୟ ମିଳିବନାହିଁ। ତୁମକୁ ନିଜକୁ ସାହାଯ୍ୟ କରିବାକୁ ପଡିବ। କିୟୋସାକି ଲୋକମାନଙ୍କୁ ସୁନା, ରୁପା ଏବଂ ବିଟକଏନ୍ ଭଳି ପ୍ରକୃତ ଜିନିଷ କିଣିବାକୁ ପରାମର୍ଶ ଦେଇଛନ୍ତି। ସେ ବିଶ୍ୱାସ କରନ୍ତି ଯେ ଯଦି ଆପଣ ଆର୍ଥିକ ଭାବରେ ସଶକ୍ତ ହେବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ନିଜେ କିଛି କରିବାକୁ ପଡିବ। ଅନ୍ୟ କାହା ଉପରେ ବିଶ୍ୱାସ କରନ୍ତୁନାହିଁ।

# କମିଲା ଆମେରିକାର ରେଟିଂ; ପୁଣି ସୁନା ଦର ଉପରମୁହାଁ

**ଦିନକରେ ୨ ହଜାର ମହଙ୍ଗା**

**ଜାନୁଆରୀଠାରୁ ମୂଲ୍ୟ ୧୭ ହଜାର ବଢ଼ିଛି**

ନୂଆଦିଲ୍ଲୀ,୧୯।୫(ଏଜେନ୍ସି)




ମାତ୍ର କିଛି ଦିନର ବ୍ୟବଧାନ ପରେ ପୁଣି ଉପରମୁହାଁ ହୋଇଛି ସୁନା ଦର। ଗତ ଦୁଇଟି ବ୍ୟବସାୟିକ ଦିବସରେ ଘରୋଇ ବଜାରରେ ସୁନା ମୂଲ୍ୟରେ ବୃହତ୍ ବୃଦ୍ଧି ଘଟିଛି। ଏମିତିକି ମାତ୍ର ଗୋଟିଏ ଦିନରେ ବଜାରରେ ସୁନା ମୂଲ୍ୟରେ ୨୦୦୦ ଟଙ୍କା ବୃଦ୍ଧି ଘଟିଛି। ଶୁକ୍ରବାର ଦିନ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୧୪୦୦ ଟଙ୍କା ବୃଦ୍ଧି ପାଇଛି। ଏହା ବ୍ୟତୀତ, ରୂପା କିଲୋଗ୍ରାମ ପିଛା ୫୦୦ ଟଙ୍କା ବୃଦ୍ଧି ପାଇ ୯୮,୫୦୦ ଟଙ୍କାରେ ପହଞ୍ଚିଛି। ତେବେ ବିଶ୍ୱର ସବୁଠାରୁ ଧନୀ ରାଷ୍ଟ୍ର ଆମେରିକାର ରେଟିଂରେ ହ୍ରାସ ଯୋଗୁ ବିଶ୍ୱ ବଜାରରେ ସୁନା ମୂଲ୍ୟରେ ହ୍ରାସ ଘଟିଛି। ଲଗାତାର ଦ୍ୱିତୀୟ ଦିନ ପାଇଁ ସୁନାର ମୂଲ୍ୟରେ ଏଭଳି ବୃଦ୍ଧି ଘଟିଛି। ଏଥିରେ ବିଶେଷ କଥା ହେଉଛି ଦୁଇ ଦିନରେ ସୁନାର ମୂଲ୍ୟରେ ୧୯୮୦ ଟଙ୍କା ବୃଦ୍ଧି ଘଟିଛି। ଏଥିଯୋଗୁ ଦେଶର ରାଜଧାନୀ ଦିଲ୍ଲୀରେ ସୁନାର ମୂଲ୍ୟ ୯୭ ହଜାର ଟଙ୍କା ଅତିକ୍ରମ କରିଛି। ବିଶେଷଜ୍ଞଙ୍କ ମତରେ, ସମ୍ପ୍ରତି ଆମେରିକୀୟ ରେଟିଂ ଏଜେନ୍ସି ଆମେରିକାର ରେଟିଂ ହ୍ରାସ କରିଛି। ଯାହ ପାଇଁ ସୁନା ମୂଲ୍ୟ ବୃଦ୍ଧି ପାଉଛି। ବିଶେଷଜ୍ଞଙ୍କ ମତରେ, ଆଗାମୀ ଦିନରେ ସୁନା ମୂଲ୍ୟରେ ଆହୁରି ବୃଦ୍ଧି ଦେଖାଯାଇପାରେ। ତଥାପି, ଦେଶରେ ମୁଦ୍ରାସ୍ଫୀତି ହ୍ରାସର ସଙ୍କେତ ମିଳିଛି। ଅଲ୍ ଇଣ୍ଡିଆ ସରାଫା ଆସୋସିଏସନ୍ ଅନୁଯାୟୀ, ଦେଶର ରାଜଧାନୀ ଦିଲ୍ଲୀରେ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ୫୮୦ ଟଙ୍କା ବୃଦ୍ଧି ପାଇ ୯୭,୦୩୦ ଟଙ୍କା ହୋଇଛି। ଶୁକ୍ରବାର ୯୯.୯ ପ୍ରତିଶତ ଶୁଦ୍ଧତା ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ୯୬,୪୫୦ ଟଙ୍କାରେ ବନ୍ଦ ହୋଇଥିଲା। ଏ ସମ୍ପର୍କରେ ଆବାନ୍ସ ଫାଇନାନ୍ସିଆଲ୍ ସର୍ଭିସେସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ତନ ମେହେଟ୍ଟା କହିଛନ୍ତି, ଆମେରିକାର ଟ୍ରେଜେରୀ ହାର ୪.୫ ପ୍ରତିଶତ ପାଖାପାଖି ପହଞ୍ଚିଛି, ଯାହା ଶୁକ୍ରବାର ଦିନ ବୃଦ୍ଧିକୁ ଆହୁରି ବୃଦ୍ଧି କରୁଛି। କାରଣ ରେଟିଂ ଏଜେନ୍ସି ମୁଡିଜ୍ ଆମେରିକାର କ୍ରେଡିଟ୍ ରେଟିଂକୁ ଏଏଏ ଏବଂ ଏଏ୧ ହ୍ରାସ କରିଛି। ଏହାବ୍ୟତୀତ, ବଜାରରେ ରୁପା ମୂଲ୍ୟ ପ୍ରତି କିଲୋଗ୍ରାମ ପିଛା ୫୦୦ ଟଙ୍କା ବୃଦ୍ଧି ପାଇ ୯୮୫୦୦ ଟଙ୍କାରେ ପହଞ୍ଚିଛି। ଏହି ସମୟରେ, ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)ରେ ସର୍ବାଧିକ କାରବାର ହୋଇଥିବା ସୁନା ଫ୍ୟୁଚର୍ସ କଣ୍ଟ୍ରାକ୍ଟ ୧୧୮୨ ଟଙ୍କା କିମ୍ବା ୧.୨୮ ପ୍ରତିଶତ ବୃଦ୍ଧି ପାଇ ୧୦ ଗ୍ରାମ ପିଛା ୯୩,୬୨୩ ଟଙ୍କାରେ ପହଞ୍ଚିଛି। କମୋଡିଟି ଏକ୍ସଚେଞ୍ଜରେ ଜୁଲାଇ ଡେଲିଭରି ପାଇଁ ରୂପା ଫ୍ୟୁଚର୍ସ କିଲୋଗ୍ରାମ ପିଛା ୬୬୨ ଟଙ୍କା ବୃଦ୍ଧି ପାଇ ୯୫,୯୮୦ ଟଙ୍କାରେ ପହଞ୍ଚିଛି। ଅପରପକ୍ଷେ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୯୫,୧୦୦ ଟଙ୍କା ଏବଂ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୭,୫୫୦ ଟଙ୍କାରେ ପହଞ୍ଚିଛି।

# ଗୁଜରାଟରେ ଫାଲ୍‌କନ୍‌ର 'ଫ୍ରୋଜନ୍ ପଟାଟୋ' ୟୁନିଟ୍

**ସ୍ୱରାଷ୍ଟ୍ର ମନ୍ତ୍ରୀ କଲେ ଉଦ୍‌ଘାଟନ**

ଭୁବନେଶ୍ୱର,୧୯।୫(ଏଜେନ୍ସି)



ଭାରତୀୟ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ଫାଲ୍‌କନ୍ ଏଗ୍ରି ଫ୍ରିଜ୍ ଫୁଡସ୍ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ଅତ୍ୟାଧୁନିକ ସ୍ୱୟଂ ଚାଳିତ ଫ୍ରୋଜନ୍ ପଟାଟୋ ଉତ୍ପାଦର ପ୍ରସ୍ତୁତକାରୀ ୟୁନିଟ୍ ଗୁଜରାଟର ମେହେସାନାଠାରେ ଆରମ୍ଭ ହୋଇଛି। ଏହାକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉଦଘାଟନ କରିଛନ୍ତି। ଉଦଘାଟନ ଉତ୍ସବରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ଗୁଜରାଟ ସରକାରଙ୍କ ଶିଳ୍ପ ମନ୍ତ୍ରୀ ବଳବନ୍ତ ସିଂ ରାଜପୁତ, ରାଜ୍ୟସଭା ସାଂସଦ ମୟଙ୍କ ଭାଇ ନାୟକ, ମେହେସାନା ସାଂସଦ ହରି ଭାଇ ପଟେଲ ଓ ଫାଲ୍‌କନ୍ ଗ୍ରୁପ ଅଧ୍ୟକ୍ଷ ତାରା ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଅତ୍ୟାଧୁନିକ ସୁବିଧା ସମ୍ପନ୍ନ ପ୍ଲାଣ୍ଟ ଉଦଘାଟନ ଅବସରରେ ଫାଲ୍‌କନ୍ ଗ୍ରୁପ ଓ ଗୁଜୁରାଟ ସରକାରଙ୍କ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏଥିପାଇଁ ପ୍ରାୟ ଏକହଜାର ପଚାଶ କୋଟି ଟଙ୍କା ବିନିଯୋଗ ହୋଇଛି। ଯାହାକି ଗୁଜୁରାଟକୁ ଫ୍ରୋଜନ୍ ପଟାଟୋ ପ୍ରସ୍ତୁତକାରୀ କେନ୍ଦ୍ର ଭାବେ ବିଶ୍ୱରେ ପରିଚିତ କରାଇବ। ୪ ଦଶନ୍ଧି ରୁ ଅଧିକ ସମୟ ଧରି ଫାଲ୍‌କନ୍ ଗ୍ରୁପ ଗୁଣାତ୍ମକ, ବିଶ୍ୱସନୀୟତା ଓ ନୂତନ ଜ୍ଞାନ କୌଶଳ ପ୍ରୟୋଗ ରେ ଅଗ୍ରଣୀ ଭୂମିକା ନେଇଛି।

ପଶୁ ପୋଷଣ ଠାରୁ ଆରମ୍ଭ କରି ମେରାଇନ ଏକ୍ସପୋର୍ଟସ, ରିଅଲ ଇଷ୍ଟେଟ, ଖଣି, ଟ୍ରେନିଂ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଫାଲ୍‌କନ୍ ଗ୍ରୁପ ତାର ଗୁଣବତ୍ତା ବଜାୟ ରଖୁଛି। ଫାଲ୍‌କନ୍ ଏଗ୍ରି ଫ୍ରିଜ୍ ଏହି ଗୁଣବତ୍ତା ବଜାୟ ରଖୁବ। ଯାହା ଦ୍ୱାରା ବିଶ୍ୱ ଦରବାରରେ ଭାରତ ଫ୍ରୋଜନ୍ ଫୁଡ୍ସ ରପ୍ତାନୀ କ୍ଷେତ୍ରରେ ଅଗ୍ରଣୀ ରହିବ। ଭାରତର କୃଷି ଶକ୍ତିକୁ ପ୍ରକ୍ରିୟା କରଣ ଆଳୁ ରପ୍ତାନୀ ନୂଆ ଦିଗ ଦେବ। ସେହିପରି ଫ୍ରୋଜନ୍ ଗ୍ରୁପର ଉପ ସଭାପତି ପାର୍ଥଜିତ ପଟ୍ଟନାୟକ ନିଜ ବକ୍ତବ୍ୟରେ କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ପିଢି ଅନୁଯାୟୀ ସଂସ୍କାର ଆଣିବା ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାରତ ଅଗ୍ରଣୀ ଭୂମିକା ନେବା ଫାଲ୍‌କନ୍ ଗ୍ରୁପର ଲକ୍ଷ୍ୟ। ଫାଲ୍‌କନ୍ ଏଗ୍ରି ଫ୍ରିଜ୍‌ର ନିର୍ଦ୍ଦେଶକ ତଥା ମୁଖ୍ୟ ପରିଚାଳନା ଅଧିକାରୀ ମନିଷ ତିବ୍ରେୱାଲ୍ ଏହି ଅବସରରେ କହିଛନ୍ତି, ପ୍ଲାଣ୍ଟ ଭିତ୍ତିଭୂମି ନିର୍ମାଣ ରେ ଅଧିକ ନିବେଶ କରାଯାଇଛି। ଯେଉଁଥିପାଇଁ ବିଶ୍ୱ ସ୍ତରୀୟ ଗୁଣବତ୍ତା ବଜାୟ ରହିପାରିବ। କେବଳ ଉତ୍ପାଦନ ନୁହେଁ ଦେଶ ଗଠନ ମୁଖ୍ୟ ଲକ୍ଷ୍ୟ।

# ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୩ରୁ

ଭୁବନେଶ୍ୱର,୧୯।୫(ସମିସ)




ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ୧୧ ତମ ସଂସ୍କରଣ ଚଳିତମାସ ୨୩ରୁ ସ୍ଥାନୀୟ ଜନତା ମଇଦାନଠାରେ ଆରମ୍ଭ ହେବାକୁ ଯାଉଛି। ଗୁପ୍ତା ଏଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ସହଯୋଗରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ମେଳା ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୪୫୦ ଷ୍ଟଲ୍ ସ୍ଥାନ ପାଇବା ସହ କେବଳ ରିଅଲ ଇଷ୍ଟେଟ୍ କ୍ଷେତ୍ର ନିମନ୍ତେ ସ୍ୱତନ୍ତ୍ର ଭାବେ ୧୦୦ଟି ଷ୍ଟଲ୍ ରହିବ। ଏଥର ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଆଫଗାନିସ୍ତାନ, ଇରାନ୍, ଥାଇଲ୍ୟାଣ୍ଡ, ଦୁବାଇ ଏବଂ ଜର୍ମାନୀ ଭଳି ରାଷ୍ଟ୍ରରୁ ବିଭିନ୍ନ ସଂସ୍ଥା ଅଂଶଗ୍ରହଣ କରିବେ। ଚଳିତଥର ବିଶେଷ କରି ଆଫଗାନିସ୍ତାନରୁ ୧୦୦ ପ୍ରକାରର ଡ୍ରାଏ ଫ୍ରୁଟ୍, ଜର୍ମାନୀ ଲ୍ୟାମ୍ପ, ଇରାନ୍‌ର ଖଜୁରା ଡେଟ୍ସ ଏବଂ ଥାଇଲ୍ୟାଣ୍ଡର ଜୁଏଲେରୀ ଓ ଫୁଟ୍‌ୱେର ସ୍ଥାନ ପାଇବ ବୋଲି ଗୁପ୍ତା ଏଭେଣ୍ଟ ମ୍ୟାନେଜମେଣ୍ଟର ଏମ୍‌ଡି ସୁଜିତ୍ ଗୁପ୍ତା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏଥିରେ ନିର୍ଦ୍ଦେଶିକା ପାୟଲ ଗୁପ୍ତା, ସଚିନ୍ ସିଂହ,ଦୀପକ ମହାନ୍ତି ଏବଂ ରଶ୍ମି ରଞ୍ଜନ କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ଥିଲେ ।

# ତୁର୍କୀକୁ ମିଳିବନି ଅଲିଗଡ଼ ତାଲା

ଅଲିଗଡ଼, ୧୯।୫ (ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ସମୟରେ ତୁର୍କିର ପାକ୍ ସମର୍ଥନ ଭାରତୀୟ ବ୍ୟବସାୟୀଙ୍କୁ ଅସନ୍ତୁଷ୍ଟ କରିଛି। ଏହାର ସିଧା ପ୍ରଭାବ ଏବେ ତୁର୍କିଏର ସୁରକ୍ଷା ଓ ତାଲା ଉଦ୍ୟୋଗ ଉପରେ ଦେଖିବାକୁ ମିଳିବ। ଭାରତର 'ତାଲା ଓ ତାଲିମ' ଲାଗି ପ୍ରସିଦ୍ଧ ଅଲିଗଡ଼ ସହରର ବ୍ୟବସାୟୀମାନେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁସାରେ ତୁର୍କିଏକୁ ତାଲା ଓ ହାର୍ଡୱେର ସପ୍ଲାଇ ସମ୍ପୂର୍ଣ୍ଣ ବନ୍ଦ କରାଯିବ। ଅଲିଗଡ଼ ତାଲା ଓ ହାର୍ଡୱେର ୟୁନିୟନର କହିବା କଥା ହେଉଛି ତୁର୍କିଏ ପାକିସ୍ତାନକୁ ସମର୍ଥନ କରି ଭାରତର ସମ୍ମାନକୁ ଆଘାତ ଦେଇଛି। ଏଣୁ ୟୁନିୟନ ପଦାଧିକାରୀ କହିଛନ୍ତି ଯେ ଏବେ ତୁର୍କିଏକୁ ଗୋଟିଏ ବି ତାଲା, ଡୋର ଲକ୍ କି ସିକ୍ୟୁରିଟି ସିଷ୍ଟମ ପଠା ଯିବ ନାହିଁ। ବ୍ୟବସାୟୀମାନେ କହିଛନ୍ତି ଯେ ସେମାନଙ୍କ ବ୍ୟବସାୟ ଦେଶଠୁ ବଡ଼ ନୁହେଁ। ଯଦି ଦେଶର ଅପମାନ କରାଯିବ ଆମେ ସେ ଦେଶକୁ କୌଣସି ମୂଲ୍ୟରେ ମଧ୍ୟ ଆମ ମାଲ ପଠାଇବୁ ନାହିଁ। ଏଥି ପାଇଁ ହୁଏତ କ୍ଷତିବି ସହିବାକୁ ପଡିପାରେ ହେଲେ ଏଥି ପାଇଁ ଆମେ ପ୍ରସ୍ତୁତ ବୋଲି ପଦଧିକାରୀ କହିଛନ୍ତି। ସୂଚନା ଅନୁସାରେ ଅଲିଗଡରୁ ପ୍ରତିବର୍ଷ ତୁର୍କିଏକୁ କୋଟି କୋଟି ଟଙ୍କାର ତାଲା ଓ ହାର୍ଡୱେର ସାମଗ୍ରୀ ରପ୍ତାନୀ କରାଯାଉଥିଲା।

**ଟେଲିକମ୍ କମ୍ପାନୀଙ୍କୁ ଝଟ୍‌କା**

# ଏଜିଆର୍ ଛାଡ଼ ଦେବାକୁ ମନାକଲେ ସୁପ୍ରିମକୋର୍ଟ

**ଭିଆଇ, ଏୟାରଟେଲ୍, ଟାଟା ଟେଲି ସର୍ଭିସେସ୍ ହତାଶ**

ନୂଆଦିଲ୍ଲୀ,୧୯।୫(ଏଜେନ୍ସି)



ଖାରଜ ହୋଇଛି ସୁପ୍ରିମକୋର୍ଟରେ ଆବେଦନ। ଟେଲିକମ୍ କମ୍ପାନୀଗୁଡ଼ିକୁ ଲାଗିଛି ବଡ଼ ଝଟ୍‌କା ଲାଗିଛି। ଭୋଡାଫୋନ୍ ଆଇଡିଆ, ଏୟାରଟେଲ୍ ଓ ଟାଟା ଟେଲି ସର୍ଭିସେସ୍‌କୁ ସର୍ବୋଚ୍ଚ ଅଦାଲତଙ୍କ ନିକଟରୁ ମିଳିନି କୌଣସି ଆଶ୍ୱସ୍ତି। ଏହି ତିନି ଟେଲିକମ୍ ଅପରେଟରଙ୍କୁ ଆଡ୍‌ଜଷ୍ଟେଡ୍ ଗ୍ରସ୍ ରେଭେନ୍ୟୁ (ଏଜିଆର) ବକେୟା ଛାଡ଼ କରିବା ନିମନ୍ତେ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି। ଏ ସମ୍ପର୍କରେ ଜଷ୍ଟିସ୍ ଜେ ବି ପାରଦିବାଲା ଓ ଜଷ୍ଟିସ୍ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଭୁଲ ଭାବରେ ଆବେଦନକୁ ପ୍ରସ୍ତୁତ କରାଯାଇଛି। ଭୋଡାଫୋନ୍ ପାଇଁ ପକ୍ଷ ରଖୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀଙ୍କୁ ଖଣ୍ଡପୀଠ କହିଛନ୍ତି ଯେ, ଏହି ଆବେଦନ ଦେଖି ଖଣ୍ଡପୀଠ ଆଶ୍ଚର୍ଯ୍ୟ। ଏକ ବହୁରାଷ୍ଟ୍ରୀୟ କମ୍ପାନୀଠାରୁ ଏଭଳି ଆଶା କରାଯାଇ ନ ପାରେ। ଆମେ ଏହାକୁ ଖାରଜ କରିଛୁ।


ତେବେ ଟେଲିକମ୍ କମ୍ପାନୀଗୁଡିକୁ ସହାୟତା ପ୍ରଦାନ ପ୍ରସଙ୍ଗରେ ଅଦାଲତ ସରକାରଙ୍କ ରାସ୍ତାରେ ଆସିବେନି ବୋଲି ସୁପ୍ରିମକୋର୍ଟ ରୋକ୍‌ଠୋକ୍ କହିଛନ୍ତି। ଆବେଦନରେ ଭୋଡାଫୋନ୍ ଆଇଡିଆ ନିଜ ଏଜିଆର ବକେୟାରେ ସୁଧ, ଜରିମାନା ଓ ଜରିମାନା ଉପରେ ସୁଧ ବାବଦରେ ୩୦ ହଜାର କୋଟି ଟଙ୍କା ଛାଡ଼ ପାଇଁ ଅନୁରୋଧ କରିଥିଲା । ରୋହତଗୀ ପୂର୍ବରୁ କହିଥିଲେ ଯେ ଟେଲିକମ୍ କ୍ଷେତ୍ରରେ ପ୍ରତିଯୋଗିତା ବଜାୟ ରଖିବା ପାଇଁ ଆବେଦନକାରୀ କମ୍ପାନୀ ଅସ୍ତିତ୍ୱରେ ରହିବା ଜରୁରୀ।

ଭୋଡାଫୋନ୍ ଆଇଡିଆ ଯୁକ୍ତି ରଖିଥିଲା ଯେ ଏଜିଆର ନିଷ୍ପତ୍ତି ଦ୍ୱାରା ଲଗାଯାଇଥିବା କଟକଣା ଯୋଗୁଁ ଭବିଷ୍ୟତରେ ସରକାରୀ ସହାୟତା ମିଳିପାରିବ ନାହିଁ। ଭିଆଇ ନିଜ ସ୍ପେକ୍ଟ୍ରମ୍ ବକେୟାକୁ ଇକ୍ୱିଟିରେ ପରିବର୍ତ୍ତନ କରି ସରକାରଙ୍କୁ ଅଂଶଧନ ଦେଇଛି। ଏବେ କମ୍ପାନୀରେ ସରକାରଙ୍କ ପାଖରେ ମୋଟ ୪୯ ପ୍ରତିଶତ ଇକ୍ୱିଟି ସେୟାର ରହିଛି। କମ୍ପାନୀ ଉପରେ ଏବେ ବି ସରକାରଙ୍କ ଏଜିଆର ଓ ସ୍ପେକ୍ଟ୍ରମ ମାମଲାରେ ୧.୯୫ ଲକ୍ଷ କୋଟି ଟଙ୍କା ବକେୟା ରହିଛି। କମ୍ପାନୀ ଏହା ମଧ୍ୟ କହିଛି ଯେ ସରକାରଙ୍କ ସମର୍ଥନ ବିନା ସେ ଆର୍ଥିକବର୍ଷ ୨୦୨୫-୨୬ ପରେ କାର୍ଯ୍ୟ କରିପାରିବନାହିଁ। ଦେବାଳିଆ ଘୋଷଣା ପାଇଁ କମ୍ପାନୀ କୁ ନ୍ୟାସନାଲ୍ କମ୍ପାନୀ ଲ୍ ଟ୍ରିବୁନାଲର ଦ୍ୱାରସ୍ଥ ହେବାକୁ ପଡ଼ିପାରେ।

ଅନ୍ୟପଟେ ଏୟାରଟେଲ୍ ଓ ଭାରତୀ ହେକ୍ସାକମ୍ ଯୁକ୍ତି ରଖିଥିଲା ଯେ ବିନା ଛାଡ଼ରେ ବକେୟା ଜାରି ରହିବା ଦ୍ୱାରା କେବଳ କମ୍ପାନୀର ପରିଚାଳନାରେ ନୁହେଁ ବରଂ ପୂରା ଟେଲିକମ୍ କ୍ଷେତ୍ର ଉପରେ ପ୍ରଭାବ ପଡ଼ିବ। ଆବେଦନରେ କୁହାଯାଇଛି ଯେ ସୁଧ ଓ ଜରିମାନା କାରଣରୁ ମୂଳ ପୈଠ ରାଶି ୯୨୩୫ କୋଟି ଟଙ୍କାରୁ ବଢି ୪୩,୯୮୦ କୋଟି ଟଙ୍କା ହୋଇଛି ।

# ଭାରତକୁ ବିଶ୍ୱର ଆଲୁମିନିୟମ ହବ୍ କରିବା ପାଇଁ ବେଦାନ୍ତ ଅଧ୍ୟକ୍ଷଙ୍କ ଆହ୍ୱାନ

ଭୁବନେଶ୍ୱର,୧୯।୫(ସମିସ): ବେଦାନ୍ତ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଚଳିତ ବିଶ୍ୱ ବାଣିଜ୍ୟ ଯୁଦ୍ଧରେ ଆଲୁମିନିୟମ ଏବଂ ଇସ୍ପାତର ରଣନୈତିକ ଭୂମିକା ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି, ଭାରତକୁ ବିଶ୍ୱର ଆଲୁମିନିୟମ ହବ୍ ଭାବରେ ପ୍ରତିଷ୍ଠା କରିବାର ସୁଯୋଗକୁ ଗୁରୁତ୍ୱ ଦେଇଛନ୍ତି। ତାଙ୍କ ଲିଙ୍କଡିନ୍ ପୋଷ୍ଟରେ ଶ୍ରୀ ଅଗ୍ରୱାଲ ବିଶେଷକରି ଆମେରିକା ଏବଂ ଏହାର ବାଣିଜ୍ୟିକ ଅଂଶୀଦାରମାନଙ୍କ ମଧ୍ୟରେ କିପରି ବାଣିଜ୍ୟ ଅଚଳାବସ୍ଥାରେ ଆଲୁମିନିୟମ ଏବଂ ଇସ୍ପାତ ପ୍ରମୁଖ ସାମଗ୍ରୀ ଭାବରେ ଉଭା ହୋଇଛ ତାହା ସେ ପୋଷ୍ଟ କରିଛନ୍ତି। ଆମେରିକା କାନାଡା ଏବଂ ମେକ୍ସିକୋ ଭଳି ଘନିଷ୍ଠ ସହଯୋଗୀ ସମେତ ସମସ୍ତ ଦେଶରୁ ଇସ୍ପାତ ଏବଂ ଆଲୁମିନିୟମ ଆମଦାନୀ ଉପରେ ୨୫% ଅଧିକ ଶୁଳ୍କ ଲାଗୁ କରିବା ସହିତ, ବିଶ୍ୱ ଧାତୁ ବଜାର ବ୍ୟାପକ ବାଧାପ୍ରାପ୍ତ ହେଉଛି। ପ୍ରତିକ୍ରିୟାରେ, ଭାରତ ଏହାର ଘରୋଇ ଶିଳ୍ପକୁ ସୁରକ୍ଷା ଦେବା ପାଇଁ ଇସ୍ପାତ ଆମଦାନୀ ଉପରେ ୧୨% ସୁରକ୍ଷା ଶୁଳ୍କ ଲାଗୁ କରିଛି। ଶ୍ରୀ ଅଗ୍ରୱାଲ ଏହି ପଦକ୍ଷେପକୁ ପ୍ରଶଂସା କରି କହିଛନ୍ତି, ମୁଁ ସରକାରଙ୍କର ସକ୍ରିୟ ଭାବରେ ଇସ୍ପାତ ଉପରେ ଏକ ସୁରକ୍ଷା ଶୁଳ୍କ ଲାଗୁ କରିବା ପାଇଁ ପ୍ରଶଂସା କରୁଛି। ମୁଁ ନିଶ୍ଚିତ ଯେ ସରକାର ଆଲୁମିନିୟମ ପାଇଁ ସମାନ ପଦକ୍ଷେପ ବିଚାର କରିବେ। ସେ ଜୋର ଦେଇ କହିଛନ୍ତି ଯେ ଆଲୁମିନିୟମ, ଏହାର ହାଲୁକା ଏବଂ ପୁନଃଚକ୍ରଣୀୟ ପ୍ରକୃତି ଯୋଗୁଁ, ରଣନୈତିକ ମୂଲ୍ୟରେ ଇସ୍ପାତକୁ ପଛରେ ପକାଇବାକୁ ପ୍ରସ୍ତୁତ। ବିମାନବନ୍ଦର ହେଉକି ରେଳବାଇ, ଘର, ଯାନବାହାନ କିମ୍ବା ମୋବାଇଲ୍ ଫୋନ୍ ହେଉ ଆଧୁନିକ ଅର୍ଥନୀତି ଏହି ଦୁଇଟି ଧାତୁ ଉପରେ ନିର୍ମିତ। କିନ୍ତୁ ଆଲୁମିନିୟମର ଚାହିଦା ଅଛି, ଏବଂ ଭାରତର ବିପୁଳ ବକ୍ସାଇଟ୍ ଭଣ୍ଡାର ସହିତ, ଆମେ ବିଶ୍ୱ ସ୍ତରରେ ନେତୃତ୍ୱ ନେବା ପାଇଁ ଭଲ ସ୍ଥିତିରେ ଅଛୁ, ବୋଲି ସେ କହିଛନ୍ତି।




### ଆଇପିଏଲ୍-୧୮ : ମାର୍ଶ ଓ ମାର୍କରାମଙ୍କ ଅର୍ଦ୍ଧଶତକ ବେକାର

# ହାଇଦରାବାଦ୍‌ଠାରୁ ହାରି ଲକ୍ଷ୍ନୌ ବିଦା

ଲକ୍ଷ୍ନୌ,୧୯।୫ (ଏଜେନ୍ସି)

ଏଠାରେ ସୋମବାର ଅନୁଷ୍ଠିତ ଆଇପିଏଲ୍‌ର ୬୧ତମ ଲିଗ୍ ମ୍ୟାଚ୍‌ରେ ଦଳଗତ ଖେଳ ପ୍ରଦର୍ଶନ କରି ସନ୍‌ରାଇଜର୍ସ ହାଇଦରାବାଦ୍ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ମିଚେଲ ମାର୍ଶ (୬୫) ଓ ଆଇଡେନ୍ ମାର୍କରାମ (୬୧)ଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲ୍‌ଏସ୍‌ଜି) ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୦୫ ରନ୍ କରିଥିଲା। ଜବାବରେ ହାଇଦରାବାଦ୍ ୧୮.୨ ଓଭରରେ ୪ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୨୦୬ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ଓପନର ଅଭିଷେକ ଶର୍ମା ୧୮ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିବା ପରେ ୨୦ ବଲ୍‌ରୁ ୪ ଚୌକା ଓ ୬ ଛକା ସହାୟତାରେ ସର୍ବାଧିକ ୫୯ ରନ୍ କରିଥିଲେ। ରବି ବିଷ୍ଣୋଇଙ୍କ ଗୋଟିଏ ଓଭରରୁ ସେ ୪ଟି ଛକା ସହ ୨୬ ରନ୍ ଉଠାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇସାନ କିଶାନ ୩୫ ରନ୍ କରି ଆଉଟ ହେବା ପରେ ହାଇଦରାବାଦ୍ ୧୪୦ ରନ୍‌ରେ ତୃତୀୟ ୱିକେଟ ହରାଇଥିଲା। ଏହା ପରେ ହେନ୍‌ରିକ୍ କ୍ଲାସେନ ଓ କାମିନ୍ଦୁ ମେଣ୍ଡିସ୍ ଚତୁର୍ଥ ୱିକେଟ୍‌ରୁ ୩୬ ବଲ୍‌ରେ ୫୫ ରନ୍ ଉଠାଇ ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ମ୍ୟାଚ୍ ଜିତିବାକୁ ଆଉ ୧୧ ରନ୍ ଥିଲାବେଳେ କ୍ଲାସେନ ୨୮ ବଲ୍‌ରୁ ୪୭ ରନ୍ କରି ଆଉଟ ହୋଇଥିଲେ। ତାଙ୍କ ଆଉଟ ହେବାର ୨ ରନ୍ ପରେ ୨୧ ବଲ୍‌ରୁ ୩୨ ରନ୍ କରିଥିବା ମେଣ୍ଡିସ୍ ରିଟାୟର୍ଡ ହୋଇଥିଲେ। ଏମାନଙ୍କ ପରେ ହାଇଦରାବାଦ୍ ଆଉ କୌଣସି ୱିକେଟ ନ ହରାଇ ୬ ୱିକେଟରେ ମ୍ୟାଚ୍ ଜିତିନେଇଥିଲା। ବିବାଦରେ ରହିବାକୁ ପସନ୍ଦ କରୁଥିବା ଦିବେଶ ସିଂ ରାଠି ସର୍ବାଧିକ ୨ଟି ୱିକେଟ ପାଇଥିଲେ।



ଆଇଡେନ୍ ମାର୍କରାମ


ମିଚେଲ ମାର୍ଶ

ହାଇଦରାବାଦ୍‌ର ବିଜୟ ଫଳରେ ଏଲ୍‌ଏସ୍‌ଜି ୫ମ ଦଳ ଭାବେ ଆଇପିଏଲ୍ ପ୍ଲେ ଅଫ୍‌ରୁ ବାଦ୍ ପଡ଼ିଛି। ଆଜିର ବିଜେତା ହାଇଦରାବାଦ୍, ଚେନ୍ନାଇ, ରାଜସ୍ଥାନ ଓ ଡିଫେଣ୍ଡିଂ ଚାମ୍ପିଅନ କୋଲକାତା ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିଥିଲେ। ୧୨ତମ ମ୍ୟାଚ୍ ପରେ ଏଲ୍‌ଏସ୍‌ଜି ୧୦ ଓ ହାଇଦରାବାଦ ୯ ପଏଣ୍ଟ ସଂଗ୍ରହ କରି ଯଥାକ୍ରମେ ୭ମ ଓ ୮ମ ସ୍ଥାନରେ ରହିଛନ୍ତି। ପୂର୍ବରୁ ଟସ୍ ହାରିବା ପରେ ଏଲ୍‌ଏସ୍‌ଜି ପ୍ରଥମେ ବ୍ୟାଟିଂ କରି ଭଲ ଆରମ୍ଭ କରିଥିଲା। ଦଳର ଦୁଇ ବିଦେଶୀ ଓପନର ମାର୍ଶ ଓ ମାର୍କରାମ ପ୍ରଥମ ୱିକେଟରେ ୧୦.୩ ଓଭରରୁ ୧୧୫ ରନ୍ ଉଠାଇ ଭଲ ଆରମ୍ଭ ଦେଇଥିଲେ। କିନ୍ତୁ ଏମାନେ ଏକାଧିକଥର ଜୀବନଦାନ ପାଇଥିଲେ। ପ୍ରଥମେ ଆଉଟ ହୋଇଥିବା ମାର୍ଶ ୩୯ ବଲ୍‌ରୁ ୬ ଚୌକା ଓ ୪ ଛକା ସହାୟତାରେ ସର୍ବାଧିକ ୬୫ ଓ ମାର୍କରାମ ୩୮ ବଲ୍‌ରୁ ୪ଟି ଲେଖାଏଁ ଚୌକା ଓ ଛକା ସହ ୬୧ ରନ୍ କରିଥିଲେ। ସେହିପରି ଦଳର ଅନ୍ୟତମ ବିଦେଶୀ ଖେଳାଳି ନିକୋଲସ ପୂରନ ୨୬ ବଲ୍‌ରୁ ୪୫ ରନ୍ କରିବା ଏବଂ ଶେଷ ୨ ଓଭରରେ ୩୫ ରନ୍ ସଂଗୃହୀତ ହେବା ଫଳରେ ଏଲଏସ୍‌ଜି ଦୁଇଶହ ରନ୍ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ଅନ୍ୟ ମୁକାବିଲା ଭଳି ଦଳର ୩ ବିଦେଶୀ ଖେଳାଳି ପୁଣିଥରେ ବ୍ୟାଟିଂ ସଫଳତା ପାଇଥିଲେ।


### ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୨ | ୯ | ୩ | ୦ | ୧୮ | +୦.୭୯୫ |
| ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ | ୧୨ | ୬ | ୫ | ୧ | ୧୩ | +୦.୨୬୦ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ | ୧୨ | ୫ | ୭ | ୦ | ୧୦ | -୦.୫୦୬ |
| ହାଇଦରାବାଦ୍ | ୧୨ | ୪ | ୭ | ୧ | ୯ | -୦.୬୭୪ |
| ରାଜସ୍ଥାନ | ୧୩ | ୩ | ୧୦ | ୦ | ୬ | -୦.୭୦୧ |
| ଚେନ୍ନାଇ | ୧୨ | ୩ | ୯ | ୦ | ୬ | -୦.୯୯୨ |



### ଆଇପିଏଲ୍‌ରେ ଆଜି
**ଚେନ୍ନାଇ** ବନାମ **ରାଜସ୍ଥାନ**
ଦିଲ୍ଲୀ / ରାତି ୭.୩୦
ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

## ନେତୃତ୍ୱରେ ଆୟରଙ୍କ ବିରଳ କୀର୍ତ୍ତିମାନ



ଜୟପୁର, ୧୯।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ରବିବାର ଖେଳାଯାଇଥିବା ଏକ ମ୍ୟାଚରେ ପଞ୍ଜାବ କିଙ୍ଗ୍‌ସ ୧୦ ରନରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ଏଥିସହ ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ପଞ୍ଜାବ ପ୍ଲେ-ଅଫ୍‌ରେ ପହଞ୍ଚିଛି। ଫଳରେ ଆୟର ପୁଣିଥରେ ତାଙ୍କ ନେତୃତ୍ୱର ପରାକାଷ୍ଠା ଦେଖାଇ ଆଉ ଏକ ଦଳକୁ ପ୍ଲେ-ଅଫ୍‌ରେ ପ୍ରବେଶ କରାଇବାରେ ସହାୟତା କରିଛନ୍ତି। ଏଥିସହ ଆଇପିଏଲ୍ ଇତିହାସରେ ପ୍ରଥମ ଅଧିନାୟକ ଭାବେ ସେ ୩ଟି ଭିନ୍ନ ଭିନ୍ନ ଦଳକୁ ପ୍ଲେ-ଅଫ୍‌ରେ ପହଞ୍ଚାଇବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏଥିପୂର୍ବରୁ ଗତବର୍ଷ ଆୟରଙ୍କ ନେତୃତ୍ୱରେ କୋଲକାତା ନାଇଟ୍ ରାଇଡର୍ସ ଚାମ୍ପିଅନ ହୋଇଥିଲା। ସେହିଭଳି ତାଙ୍କ ନେତୃତ୍ୱରେ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟ ପ୍ଲେ-ଅଫ୍ ଖେଳିଥିଲା।

## ଆର୍‌ସିବି ଦଳରେ ୬ ଫୁଟ୍ ୮ ଇଞ୍ଚର ମୁଜାରାବାନୀ ସାମିଲ




ବେଙ୍ଗାଲୁରୁ, ୧୯।୫ (ଏଜେନ୍ସି): ଆଇପିଏଲ୍‌ର ବଳକା ମ୍ୟାଚ୍ ଲାଗି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଜିମ୍ବାୱେର ଡେଙ୍ଗା ଦ୍ରୁତ ବୋଲର ବ୍ଲେସିଙ୍ଗ ମୁଜାରାବାନୀଙ୍କ ସହ ଚୁକ୍ତି କରିଛି। ୬ ଫୁଟ୍ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ମୁଜାରାବାନୀ ଦକ୍ଷିଣ ଆଫ୍ରିକାର ଲୁନ୍‌ଗି ଏନ୍‌ଗିଡିଙ୍କ ସ୍ଥାନରେ ବେଙ୍ଗାଲୁରୁ ଦଳରେ ସାମିଲ ହୋଇଛନ୍ତି। ଲର୍ଡ୍ସରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଫାଇନାଲ ମ୍ୟାଚ୍ ଲାଗି ଏନ୍‌ଗିଡି ପୂର୍ବ ପ୍ରସ୍ତୁତି କରିବା ଲାଗି ଆର୍‌ସିବିର ଶେଷ ଲିଗ୍ ମ୍ୟାଚ୍ ସମେତ ପ୍ଲେ-ଅଫ୍ ଖେଳିବେ ନାହିଁ ବୋଲି ଜଣାପଡ଼ିଛି। ତେବେ ମେ ୨୩ରେ ସନ୍‌ରାଇଜର୍ସ ହାଇଦରାବାଦ୍ ବିପକ୍ଷ ମ୍ୟାଚରେ ସେ ଉପଲବ୍ଧ ହେବେ। ବର୍ତ୍ତମାନ ସୁଦ୍ଧା ଆଇପିଏଲ୍ ଖେଳି ନ ଥିବା ମୁଜାରାବାନୀଙ୍କ ସହ ୭୫ ଲକ୍ଷ ଟଙ୍କାରେ ବେଙ୍ଗାଲୁରୁ ଚୁକ୍ତି କରିଛି। ଏନ୍‌ଗିଡି ଏଥିପୂର୍ବରୁ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ କ୍ୟାମ୍ପରେ ଜଣେ ନେଟ୍ ବୋଲର ଭାବେ ସାମିଲ ଥିଲେ।

## ସୱାଇ ମାନସିଂରୁ ହଟିଲା ପାକିସ୍ତାନ କ୍ରିକେଟର୍‌ଙ୍କ ଫଟୋ

ଜୟପୁର, ୧୯।୫ (ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନାର ପ୍ରଭାବ କ୍ରୀଡ଼ା ଉପରେ ମଧ୍ୟ ପ୍ରତ୍ୟେକ୍ଷ ଭାବେ ପଡ଼ିଛି। ସ୍ଥାନୀୟ ସୱାଇ ମାନ ସିଂ ଷ୍ଟାଡିୟମରେ ଥିବା 'ୱାଲ୍ ଅଫ୍ ଗ୍ଲୋରୀ'ରୁ ପାକିସ୍ତାନ କ୍ରିକେଟର୍‌ଙ୍କ ଫଟୋକୁ ସୋମବାର ହଟାଇ ଦିଆଯାଇଛି। ଏହି ଷ୍ଟାଡିୟମ ୧୯୬୯ରେ ପ୍ରତିଷ୍ଠା ହୋଇଥିଲା ଏବଂ ଏହାର ଗୌରବମୟ ଇତିହାସକୁ ଦୃଷ୍ଟିରେ ରଖି 'ୱାଲ୍ ଅଫ୍ ଗ୍ଲୋରୀ'ରେ ଫଟୋ ରହିବା କୌଣସି କ୍ରିକେଟର୍‌ଙ୍କ ଲାଗି ବହୁତ ସମ୍ମାନର ବିଷୟ ହୋଇଥାଏ। ଏହି ଷ୍ଟାଡିୟମରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ପ୍ରତ୍ୟେକ କ୍ରିକେଟର୍‌ଙ୍କ ଫଟୋ ଏହି ୱାଲ୍ ଅଫ୍ ଗ୍ଲୋରୀରେ ସ୍ଥାନ ପାଇଥାଏ। ପାକିସ୍ତାନ ଏହି ଷ୍ଟାଡିୟମରେ ଗୋଟିଏ ଟେଷ୍ଟ ଓ ୪ଟି ଏକଦିବସୀୟ ମ୍ୟାଚ୍ ଖେଳିଛି। ଯେଉଁଥିରେ ମୋଟ୍ ଉପରେ ୨୫ଜଣ ପାକିସ୍ତାନ କ୍ରିକେଟର୍ ଏଠାରେ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଥିଷଲ ଏବଂ ସମସ୍ତଙ୍କ ଫଟୋ ଏଠାରେ ସ୍ଥାନ ପାଇଥିଲା। ଏବେ କିନ୍ତୁ ଦୁଇଦେଶ ମଧ୍ୟରେ ଉତ୍ତେଜନା ଚରମସୀମାରେ ଥିବାବେଳେ ରାଜସ୍ଥାନ କ୍ରିକେଟ୍ ବୋର୍ଡ ଶେଷରେ ପାକିସ୍ତାନ ଖେଳାଳିଙ୍କ ଫଟୋ 'ୱାଲ୍ ଅଫ୍ ଗ୍ଲୋରୀ'ରୁ ହଟାଇଦେଇଛି। ଯେଉଁଥିରେ ପାକିସ୍ତାନର ହିନ୍ଦୁ କ୍ରିକେଟର୍ ଦାନିଶ କାନେରିଆ ମଧ୍ୟ ବାଦ୍ ପଡ଼ିନାହାନ୍ତି।

## ଫ୍ରେଞ୍ଚ ଓପନ ପୂର୍ବରୁ ସିନର୍, ଆଲ୍‌କାରାଜ ନଂ-୧ ଓ ୨

ପ୍ୟାରିସ୍,୧୯।୫ (ଏଜେନ୍ସି): ଚଳିତମାସ ୨୫ରୁ ଜୁନ୍ ମାସ ୮ ତାରିଖଯାଏ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ପ୍ରକାଶିତ ଏଟିପି ର୍‍ୟାଙ୍କିଙ୍ଗ୍‌ରେ ବିଶ୍ୱର ଦୁଇ ଉଦୀୟମାନ ଖେଳାଳି ଇଟାଲୀର ଜାନିକ୍ ସିନ୍ନର ଓ ସ୍ପେନ୍‌ର କାର୍ଲୋସ ଆଲକାରାଜ ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ଗତକାଲି ଶେଷ ହୋଇଥିବା ଇଟାଲିଆନ୍ ଓପନରେ ସିନ୍ନରଙ୍କୁ ହରାଇ ଆଲାକାରାଜ ୭ମ ମାଷ୍ଟର୍ସ-୧୦୦୦ ଟାଇଟଲ ବିଜୟୀ ହୋଇଥିଲେ। ୩ ମାସର ଡୋପିଙ୍ଗ୍ ବ୍ୟାନ୍ ପରେ ସିନ୍ନରଙ୍କ ଏହା ଥିଲା ପ୍ରଥମ ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟରେ କିଂବଦନ୍ତୀ ଖେଳାଳି ନୋଭାକ ଜୋକୋଭିଚ୍ ୬ଷ୍ଠ ସ୍ଥାନରେ ରହିଛନ୍ତି। ତାଙ୍କ ଉପରକୁ ଜର୍ମାନୀୟ ଆଲେକ୍‌ଜାଣ୍ଡର ଜ୍ୱେରେଭ ତୃତୀୟ, ଆମେରିକାର ଟେଲର ଫ୍ରିଜ୍ ଚତୁର୍ଥ ଓ ଗ୍ରେଟ ବ୍ରିଟେନର ଜ୍ୟାକ୍ ଡ୍ରାପର ପଞ୍ଚମ ସ୍ଥାନରେ ରହିଛନ୍ତି।



### ସାବାଲେଙ୍କା ନଂ-୧

ମହିଳା ବିଭାଗ ବା ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ରେ ଆରିନା ସାବାଲେଙ୍କା ପୂର୍ବପରି ନଂ-୧ ପୋଜିସନ ବଜାୟ ରଖିଛନ୍ତି। ଆମେରିକାର କୋକୋ ଗଫ୍ ନଂ-୨ରେ ରହିଛନ୍ତି। ମେ ୨୫ରୁ ଜୁନ୍ ୮ ତାରିଖଯାଏ ଖେଳାଯିବାକୁ ଥିବା ଫ୍ରେଞ୍ଚ ଓପନ ପୂର୍ବରୁ ଏହି ର୍‍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ଏଠାରେ କ୍ରମାଗତ ଚତୁର୍ଥ ତଥା ମୋଟରେ ୫ମ ଟାଇଟଲ ଜିତିବାକୁ ଆଶାୟୀ ଥିବା ପୋଲାଣ୍ଡର ଇଗା ସ୍ୱିଆଟେକ୍ ୫ମ ସ୍ଥାନକୁ ଖସି ଆସିଛନ୍ତି। ଆମେରିକାର ଜେସିକା ପେଗୁଲା ତୃତୀୟ, ଇଟାଲୀର ଯଶମିନ୍ ପାଓଲିନି ଚତୁର୍ଥରେ ରହିଛନ୍ତି।

## ଏଚ୍‌ଆଇଏଲ୍ ଲାଗି ପଞ୍ଜୀକରଣ ଆରମ୍ଭ



ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ଫ୍ରାଞ୍ଚାଇଜଭିତ୍ତିକ ହକି ପ୍ରତିଯୋଗିତା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଆଗାମୀ ୨୦୨୬ ଅର୍ଥାତ୍ ୭ମ ସଂସ୍କରଣ ଲାଗି ଖେଳାଳି ପଞ୍ଜୀକରଣ ପ୍ରକ୍ରିୟା ସୋମବାରଠାରୁ ଆରମ୍ଭ ହୋଇଛନ୍ତି। ଅଗଷ୍ଟ ୨୦ ତାରିଖ ୨୦୨୫ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ପଞ୍ଜୀକରଣ ପ୍ରକ୍ରିୟା ଚାଲିବ ବୋଲି ଆୟୋଜକ ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି। ପୁରୁଷ ବିଭାଗରେ ଭାରତ ସମେତ ନେଦରଲାଣ୍ଡସ, ବେଲ୍‌ଜିୟମ, ୟୁକେ, ଜର୍ମାନୀ, ସ୍ପେନ, ଆର୍ଜେଣ୍ଟିନା, ଆୟର୍ଲାଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ମାଲେସିଆ ଓ ଦକ୍ଷିଣ କୋରିଆର ଖେଳାଳି ନାମ ପଞ୍ଜୀକରଣ କରିବାକୁ ଯୋଗ୍ୟ ହୋଇଛନ୍ତି। ମହିଳାରେ ଆୟୋଜକ ଭାରତ, ନେଦରଲାଣ୍ଡସ, ଆର୍ଜେଣ୍ଟିନା, ବେଲ୍‌ଜିୟମ, ଚାଇନା, ଅଷ୍ଟ୍ରେଲିଆ, ସ୍ପେନ, ୟୁକେ, ନ୍ୟୁଜିଲାଣ୍ଡ, ଆୟର୍ଲାଣ୍ଡ, ଚିଲି, ଜାପାନ, ଆମେରିକା ଓ ସ୍କଟଲାଣ୍ଡର ଖେଳାଳି ପଞ୍ଜୀକରଣ କରିପାରିବେ। ଗତ ସିଜନରେ ସାରା ବିଶ୍ୱର ଏକ ହଜାରରୁ ଊର୍ଦ୍ଧ୍ୱ ଖେଳାଳି ନାମ ପଞ୍ଜୀକରଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଆଗାମୀ ସିଜନରେ ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବିଭାଗରେ ୮ଟି ଓ ମହିଳାରେ ୪ଟି ଦଳ ଅଂଶଗ୍ରହଣ କରିବେ। ମହିଳା ଲିଗ୍‌ର ପ୍ରଥମ ସଂସ୍କରଣରେ ଓଡ଼ିଶା ୱାରିୟର୍ସ ଟାଇଟଲ୍ ହାସଲ କରିବାରେ ସଫଳ ହୋଇଥିଲା। ସେହିଭଳି ପୁରୁଷରେ ରାର୍ହ ବେଙ୍ଗଲ ଟାଇଗର୍ସ ବାଜିମାତ୍ କରିନେଇଥିଲା।

## ଏସିଆ କପ୍‌ରୁ ଓହରିନାହିଁ ଭାରତ: ବିସିସିଆଇ

ନୂଆଦିଲ୍ଲୀ,୧୯।୫ (ଏଜେନ୍ସି): ଏସିଆ କପ୍ ହେଉ କିମ୍ବା ଏସୀୟ କ୍ରିକେଟ ପରିଷଦ ଦ୍ୱାରା ଆୟୋଜିତ କୌଣସି ଇଭେଣ୍ଟରୁ ଭାରତ ଓହରି ନାହିଁ କିମ୍ବା ଅଂଶଗ୍ରହଣ ନ କରିବାକୁ ନିଷ୍ପତ୍ତି ନେଇନାହିଁ। ଶ୍ରୀଲଙ୍କାରେ ଆସନ୍ତାମାସ ହେବାକୁ ଥିବା ମହିଳା ଏସିଆ କପ୍ ଇମର୍ଜିଂ କ୍ରିକେଟ ଟୁର୍ଣ୍ଣାମେଣ୍ଟରୁ ଭାରତ ଓହରିଯାଇଛି ଓ ସେପ୍ଟେମ୍ବର ୨୫ରୁ ଆରମ୍ଭ ହେବାକୁ ଥିବା ପୁରୁଷ ଏସିଆ କପ୍‌ରେ ଖେଳିବ ନାହିଁ ନିଷ୍ପତ୍ତି ନେଇଛି ବୋଲି ଆଜି କିଛି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ଏହି ରିପୋର୍ଟରେ ଆଦୌ ସତ୍ୟତା ନାହିଁ କିମ୍ବା ବିସିସିଆଇ ଏହି ଦୁଇଟି ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ଆଦୌ ଆଲୋଚନା କରିନାହିଁ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ସ୍ପଷ୍ଟୀକରଣ ଦେଇ କହିଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ବିଭ୍ରାନ୍ତିକର ଓ ମିଥ୍ୟା ବୋଲି ସାଇକିଆ କହିଛନ୍ତି। ବିସିସିଆଇ ଏବେ ଆଇପିଏଲ୍ କିପରି ବିନା ବାଧାରେ ଶେଷହେବ ଏବଂ ଭାରତର ଉଭୟ ପୁରୁଷ ଓ ମହିଳା ଦଳର ଇଂଲଣ୍ଡ ଗସ୍ତ ନେଇ ଚିନ୍ତାରେ ରହିଛି। ଏଣୁ ଏସିଆ କପ୍ ସମ୍ପର୍କରେ ଆମେ ନିଷ୍ପତ୍ତି ନେବା ତ ଦୂରର କଥା, ଆଦୌ ଆଲୋଚନା କରିନାହୁଁ।

ଏହି ରିପୋର୍ଟରେ କୁହାଯାଇଛି ପାକିସ୍ତାନ ଏବେ ଏସୀୟ କ୍ରିକେଟ ପରିଷଦ (ଏସିସି)ର ନେତୃତ୍ୱ ନେଉଛି। ପାକିସ୍ତାନର ଆଭ୍ୟନ୍ତରୀଣ ମନ୍ତ୍ରୀ ମୋହସିନ ନକ୍‌ଭୀ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ସଭାପତି ରହିବା ସହ ଏସିସିର ଅଧ୍ୟକ୍ଷ ମଧ୍ୟ ଅଛନ୍ତି। ପାକିସ୍ତାନର ଜଣେ ରାଜନେତା ଓ ମନ୍ତ୍ରୀ ଏସିସିର ଅଧ୍ୟକ୍ଷ ଥିବାରୁ ଭାରତ ଏସିସି ଦ୍ୱାରା ଆୟୋଜିତ ହେବାକୁ ଥିବା କୌଣସି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଭାଗନେବ ନାହିଁ। ଏହା ଫଳରେ ସନ୍ତ୍ରାସବାଦକୁ ସମର୍ଥନ କରୁଥିବା ପାକିସ୍ତାନ କ୍ରିକେଟରେ ଏକଘରିକିଆ ହୋଇ ରହିବ। ଏଣୁ ପାକିସ୍ତାନ ଦ୍ୱାରା ଆୟୋଜନ କରାଯାଉଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଭାରତ ବୟକଟ୍ କରିଛି ବୋଲି ଏହି ରିପୋର୍ଟରେ କୁହାଯାଇଥିଲା। ଏହି ରିପୋର୍ଟ ପ୍ରକାଶ ପାଇବା ପରେ ବିସିସିଆଇର ନିଷ୍ପତ୍ତି ଯାହା ହେଉନା କାହିଁକି, ପହଲଗାମ୍‌ରେ ପର୍ଯ୍ୟଟକଙ୍କ ହତ୍ୟାକରାଯିବା ପରେ ଭାରତ ଏବେ ପାକିସ୍ତାନ ସହ କୌଣସି ପ୍ରକାଶ କ୍ରିକେଟ ଖେଳିବ ନାହିଁ ବୋଲି ଏକ ପ୍ରକାର ସ୍ପଷ୍ଟ ହୋଇଯାଇଛି। ଚଳିତ ଇମର୍ଜିଂ ମହିଳା ଏସିଆ କପ୍ ଓ ପୁରୁଷ ଏସିଆ କପ୍‌ର ଆୟୋଜନ ଅଧିକାର ଭାରତ ନିକଟରେ ରହିଛି। ୨୦୨୩ରେ ପୁରୁଷ ଏସିଆ କପ୍ ପାକିସ୍ତାନରେ ଆୟୋଜିତ ହେବାର ଥିଲା। କିନ୍ତୁ ଏହି ସମୟରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ହେବାରୁ ପାକିସ୍ତାନରେ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ଶ୍ରୀଲଙ୍କାକୁ ସ୍ଥାନାନ୍ତରିତ କରାଯାଇଥିଲା। ଏଥିରେ ଶ୍ରୀଲଙ୍କାକୁ ହରାଇ ଭାରତ ଟାଇଟଲ ଜିତିଥିଲା।

## ଝାଡ଼ଖଣ୍ଡ କ୍ରିକେଟ୍ ସଂଘ ନିର୍ବାଚନରେ ସୌରଭ, ନଦୀମଙ୍କ ବାଜିମାତ୍

ରାଞ୍ଚି, ୧୯।୫ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ଦୁଇ ପୂର୍ବତନ ଖେଳାଳି ସୌରଭ ତିୱାରୀ ଓ ଶାହବାଜ ନଦୀମ ଅବସର ପରେ କ୍ରୀଡ଼ା ରାଜନୀତିରେ ପାଦ ଥାପିଛନ୍ତି। ସଦ୍ୟ ଅନୁଷ୍ଠିତ ଝାଡ଼ଖଣ୍ଡ ରାଜ୍ୟ କ୍ରିକେଟ୍ ସଂଘ (ଜେଏସ୍‌ସିଏ) ନିର୍ବାଚନରେ ସୌରଭ ସମ୍ପାଦକ ଓ ନଦୀମ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ମହେନ୍ଦ୍ର ସିଂ ଧୋନି ଭାରତୀୟ ଦଳର ନେତୃତ୍ୱ ନେଉଥିବାବେଳେ ତିୱାରୀ ୩ଟି ଏକଦିବସୀୟ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ ମଧ୍ୟ ମୋଟ୍ ୪୯ ରନ କରି ନିରାଶ କରିଥିଲେ। ସେହିଭଳି ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତ ଯେତେବେଳେ ୨୦୦୮ରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା ସେହି ଦଳରେ ସୌରଭ ପ୍ରମୁଖ ସଦସ୍ୟ ରହିଥିଲେ। ଅପରପକ୍ଷରେ ବାମହାତୀ ସ୍ପିନ ଅଲ୍‌ରାଉଣ୍ଡର ନଦୀମ ଭାରତ ପକ୍ଷରୁ ମାତ୍ର ୨ଟି ଟେଷ୍ଟ ଖେଳି ୮ଟି ୱିକେଟ୍ ନେଇଥିଲେ। ଉଭୟ ଗତ ବର୍ଷ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ।

## ରାଜ୍ୟ ଶିଶୁ ଚେସ୍ ପ୍ରତିଯୋଗିତା
# ରିୟାନ୍ସ, ଅନ୍ୱେଷା ଚାମ୍ପିଅନ

ଭୁବନେଶ୍ୱର,୧୯।୫ (ସମିସ): ସୁନ୍ଦରଗଡ଼ର ରିୟାନ୍ସ ଅଗରୱାଲ ଓପନ ବିଭାଗରେ ଓ ଖୋର୍ଦ୍ଧାର ଅନନ୍ୟା ଅନ୍ୱେଷା ମିଶ୍ର ବାଳିକା ବିଭାଗରେ ୭ ବର୍ଷରୁ କମ୍ ରାଜ୍ୟ ଶିଶୁ ଚେସ୍ ଚାମ୍ପିଅନ୍ ହୋଇଛନ୍ତି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ସ୍ଥିତ ସମ୍ମିଳନୀ କକ୍ଷରେ ରବିବାର ଶେଷ ହୋଇଥିବା ଏହି ପ୍ରତିଯୋଗିତା ଅଲ୍ ଓଡ଼ିଶା ଚେସ ସଂଘ ଓ ମାଷ୍ଟର ଚେସ୍ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଏଥିରେ ଉଭୟ ବିଭାଗରେ ପ୍ରଥମ ୪ଟି ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ଜୁନ୍ ୧ରୁ ୫ ତାରିଖଯାଏ ଏହି ପ୍ରତିଯୋଗିତା ଆୟୋଜିତ ହେବ।




ବାଳିକା ବିଭାଗରେ ଅନନ୍ୟା ୮ ରାଉଣ୍ଡ ଖେଳରୁ ୮ ପଏଣ୍ଟ ପାଇ ଏକାକୀ ପ୍ରଥମ ସ୍ଥାନରେ ରହିଥିଲେ। ଖୋର୍ଦ୍ଧାର ଅନ୍ୟତମ ଖେଳାଳି ପ୍ରତ୍ୟାକ୍ଷା ସମ୍ଭାବୀ ପଣ୍ଡା ୭ ପଏଣ୍ଟ ପାଇ ରନର୍ସ ଅପ୍ ହୋଇଛନ୍ତି। କଟକର ଅର୍ଣ୍ଣବୀ ପଣ୍ଡା ୫.୫ ପଏଣ୍ଟ ସହ ତୃତୀୟ, ଖୋର୍ଦ୍ଧାର ୩ ଖେଳାଳି ଦେବାଂଶୀ ସାହୁ, ଆରାଧ୍ୟା ମହାରଣା ଓ ଆଦିଶା କାନୁନଗୋ ଯଥାକ୍ରମେ ୪ରୁ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କ ପଛକୁ କଟକର ଗରୀମା ସାହୁ ୭ମ, ଖୋର୍ଦ୍ଧାର ଦୁଇ ଖେଳାଳି ସମିରା ସ୍ୱାଇଁ ଓ ଆଧିଶ୍ରୀ ବୁଡେକ ୮ମ ଓ ୯ମ, ଗଞ୍ଜାମର ଅନାଇଶା ସିଂ ୧୦ମ ସ୍ଥାନ ଅଧିକାର କରିଛନ୍ତି।

ବାଳକ ବିଭାଗରେ ରିୟାଂଶ ଓ ଖୋର୍ଦ୍ଧାର ପ୍ରଜ୍ଞାନ ମିଶ୍ର ୮ ରାଉଣ୍ଡ ଖେଳ ଶେଷରେ ୭.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ରିୟାଂଶ ପ୍ରଥମ ଓ ପ୍ରଜ୍ଞାନ ଦ୍ୱିତୀୟରେ ରହିଥିଲେ। ଖୋର୍ଦ୍ଧାର ଦୁଇ ଖେଳାଳି କାବ୍ୟାଂଶ ଚକ୍ରବର୍ତ୍ତୀ, କଟକର ଶିବାଂସଜିତ ସାସ୍ମଲ, ଗୌରବ ଗୌରୀନନ୍ଦନ ଦାଶ, କଟକର କ୍ରିସିତ୍ ପଣ୍ଡା, ଖୋର୍ଦ୍ଧାର ଜିଜ୍ଞାଂଶ କୁମାର ସାହୁ, ମୟୂରଭଞ୍ଜର ବୀରଭଦ୍ର ବ୍ରହ୍ମ, ଖୋର୍ଦ୍ଧାର ଆଦିତ୍ୟ ସାହୁ ଓ କଟକର ଶ୍ରୀୟଂଶ ସାହୁ ଯଥାକ୍ରମେ ତୃତୀୟରୁ ଦଶମସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ ମାଷ୍ଟର୍ସ ଚେସ୍ ଫାଉଣ୍ଡେସନର ଅଧ୍ୟକ୍ଷ ବିକ୍ରମ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅଲଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଓ ସମ୍ପାଦକ ଇଂ ଦେବଦତ୍ତ ଭଞ୍ଜ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ
# ମୃତ୍ୟୁଞ୍ଜୟଙ୍କ ଶତକ; ଖୋର୍ଦ୍ଧା ବିଜୟୀ

କଟକ,୧୯।୫(ସମିସ)


ମୃତ୍ୟୁଞ୍ଜୟ ମହାପାତ୍ର


ଜଗଦୀଶ ମହାପାତ୍ର


ଧ୍ରୁବଜ୍ୟୋତି ପହରିୟା


ସ୍ୱୟଂ ପଣ୍ଡା

ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ କଟକରେ ଜାରି ରହିଛି। ସୋମବାର ବିଡ଼ାନାସୀ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଖୋର୍ଦ୍ଧା ୧୬୧ ରନରେ ନୟାଗଡ଼କୁ ପରାସ୍ତ କରିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ଖୋର୍ଦ୍ଧା ସମସ୍ତ ୱିକେଟ ବିନିମୟରେ ୨୩୭ ରନ କରିଥିଲା। ମୃତ୍ୟୁଞ୍ଜୟ ମହାପାତ୍ର ୯୭ ବଲରୁ ୧୦୧ ରନର ଅପରାଜିତ ଇନିଂସ ଖେଳିଥିଲେ। ନୟାଗଡ଼ର ରିକି ମହାନ୍ତି ୪ଟି ୱିକେଟ ଅକ୍ତିଆର କରିଥିଲେ। ତେବେ ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ କରିଥିବା ନୟାଗଡ଼ ମାତ୍ର ୭୬ ରନରେ ଅଲଆଉଟ ହୋଇଥିଲା। ବିଜୟୀ ଖୋର୍ଦ୍ଧା ତରଫରୁ ଅଭିଜିତ ମହାନ୍ତି ଓ ପିୟୂଷ ବଳିଆରସିଂହ ଯଥାକ୍ରମେ ୪ଟି ଏବଂ ୩ଟି ୱିକେଟ ଦଖଲ କରିଥିଲେ। ଶତକୀୟ ପାଳି ଖେଳିଥିବା ମୃତ୍ୟୁଞ୍ଜୟଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

ରେଭେନ୍ସା ଗ୍ରାଉଣ୍ଡରେ ଭୁବନେଶ୍ୱର-ବି ୭ ୱିକେଟରେ ନବରଙ୍ଗପୁରକୁ ହରାଇଛି। ଜଗଦୀଶ ମହାପାତ୍ରଙ୍କ ୫ ୱିକେଟ ସଫଳତା ଯୋଗୁଁ ନବରଙ୍ଗପୁରର ଇନିଂସ୍ ୧୨୫ ରନରେ ସୀମିତ ରହିଥିଲା। ଜବାବରେ ହିମାଂଶୁ କୁମାର (୫୩ ରନ)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଭୁବନେଶ୍ୱର-ବି ୨୫ ଓଭରରେ ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଜଗଦୀଶଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏଠାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ କିଟ୍ ୮ ୱିକେଟରେ ବୌଦ୍ଧକୁ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା ବୌଦ୍ଧ ମାତ୍ର ୮୦ ରନରେ ଅଲଆଉଟ ହୋଇଥିଲା। ତନୁଷ ଦେ ସର୍ବାଧିକ ୧୮ ରନ କରିଥିବାବେଳେ କିଟ୍‌ର ସ୍ୱୟଂ ପଣ୍ଡା ୧୩ ରନ ବିନିମୟରେ ୪ଟି ୱିକେଟ ଦଖଲ କରିଥିଲେ। ଜବାବରେ ୧୭ ଓଭରରେ ୨ ୱିକେଟ ହରାଇ କିଟ୍ ବିଜୟୀ ହୋଇଥିଲା। ୪ ୱିକେଟ ସଫଳତା ପାଇଥିବା ସ୍ୱୟଂ ୨୬ ରନର ପାଳି ଖେଳିବା ସହ ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ।

ଅନ୍ୟ ଦୁଇ ମ୍ୟାଚ୍‌ରେ ଝାରସୁଗୁଡା ୪୩ ରନରେ ଯାଜପୁରକୁ, ସୋନପୁର ୮ ରନ୍‌ରେ ଭଦ୍ରକକୁ ହରାଇଥିଲା। ରାୟଗଡ଼ା ଏବଂ ସମ୍ବଲପୁର-ବି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ସୋନପୁରର ଧ୍ରୁବଜ୍ୟୋତି ପହରିୟା (୪ ୱିକେଟ୍) ଓ ଝାରସୁଗୁଡ଼ାର ନୀରବ ଅଗରୱାଲ (୩ ୱିକେଟ) ଶ୍ରେଷ୍ଠ ଖେଳାଳି ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS